# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ପ୍ରଜାପିତା ବ୍ରହ୍ମାକୁମାରୀ ସଂଗଠନ ସମାରୋହରେ ବିଷ୍ଣୁଦେବ | ୬



ଫିଲ୍ମ ଫ୍ଲପ୍ ହେଲେ ଅଭିନେତା ଡିପ୍ରେସନକୁ ଚାଲିଯାଆନ୍ତି: ଅମୀର | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୨୭ Vol. 21 No-327 25 FEBRUARY 2025 TUESDAY BHUBANESWAR ମଙ୍ଗଳବାର, ୨୫ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ରାମଲାଲାଙ୍କ ଦର୍ଶନ ପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଅଯୋଧ୍ୟାରେ ହେବ ଅତିଥି ଭବନ





- ରାମଲାଲାଙ୍କୁ ଦର୍ଶନ ସହ କଲେ ପୂଜାର୍ଚ୍ଚନା
- ୟୁପି ମୁଖ୍ୟମନ୍ତ୍ରୀଙ୍କ ସହ ଜମିପାଇଁ କଥା ହେବି
- ଜମି ମିଳିବା ପରେ ତୁରନ୍ତ କାମ ଆରମ୍ଭ

ଅଯୋଧ୍ୟା/ଭୁବନେଶ୍ୱର,୨୪।୨ (ବ୍ୟୁରୋ): ଅଯୋଧ୍ୟାରେ ଓଡ଼ିଶାବାସୀଙ୍କ ଲାଗି ନିର୍ମାଣ କରାଯିବ ଅତିଥି ଭବନ। ଏଥିପାଇଁ ମୁଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ କଥା ହେବି। ଏ ନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ଅଯୋଧ୍ୟାରେ ରାମଲାଲାଙ୍କ ଦର୍ଶନ କରିବା ସହ ଓଡ଼ିଶା ଓ ଦେଶର ଉନ୍ନତି କାମନା କରି ଶ୍ରୀ ମାଝୀ ପୂଜାର୍ଚ୍ଚନା କରିବା ପରେ କହିଥିଲେ ଯେ ଓଡ଼ିଶାରୁ ବହୁ ଲୋକ ଅଯୋଧ୍ୟା ଆସି ରାମଲାଲାଙ୍କ ଦର୍ଶନ କରୁଛନ୍ତି। ଏଣୁ ସେମାନଙ୍କ ରହିବା ଲାଗି ଓଡ଼ିଶା ସରକାର ଅତିଥିଭବନ ନିର୍ମାଣ କରିବେ। ଉତ୍ତରପ୍ରଦେଶ ସରକାର ଜମି ଯୋଗାଇ ଦେବାପରେ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ରବିବାର ଶ୍ରୀ ମାଝୀ ସଙ୍ଗମରେ ବୁଡ଼ ପକାଇବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ ଯେ ମୁଁ ପ୍ରୟାଗରାଜ ଆସି ନିଜକୁ ଭାଗ୍ୟବାନ ମନେ କରୁଛି। ପବିତ୍ର ସଙ୍ଗମରେ ବୁଡ଼ ପକାଇଛି ଓ ଓଡ଼ିଶା ତଥା ଦେଶର ମଙ୍ଗଳ କାମନା କରି ପ୍ରାର୍ଥନା କରିଛି। ଏହି ମହାକୁମ୍ଭ ମେଳା ପାଇଁ ଉତ୍ତରପ୍ରଦେଶ ସରକାର ଉତ୍ତମ ବ୍ୟବସ୍ଥା କରିଛନ୍ତି ଓ ଶ୍ରଦ୍ଧାଳୁଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ବିକଶିତ ଭାରତକୁ ଆଗେଇ ନେବାପାଇଁ ଏହା ଏକ ବଳିଷ୍ଠ ମାଧ୍ୟମ ବୋଲି ଶ୍ରୀ ମାଝୀ • ପୃଷ୍ଠା ୫ ଦେଖନ୍ତୁ

## ଅନ୍ନଦାତାଙ୍କ ଖାତାକୁ ଗଲା ପିଏମ୍ କିଷାନ ଟଙ୍କା

# ୯.୫ କୋଟି ଚାଷୀ ଉପକୃତ



ନୂଆଦିଲ୍ଲୀ,୨୪।୨: ଚାଷୀଙ୍କ ମୁହଁରେ ଖୁସିର ଲହରୀ। ଖାତାକୁ ଆସିଲା ପିଏମ୍ କିଷାନ ଟଙ୍କା। ବିହାରର ଭାଗଲପୁରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୯ତମ କିସ୍ତି ଡିବିଟି ମାଧ୍ୟମରେ ଚାଷୀଙ୍କ ଆକାଉଣ୍ଟକୁ ପଠାଇଛନ୍ତି। ଦେଶର ୯.୫ କୋଟି ଚାଷୀଙ୍କ ଖାତାକୁ ୨ହଜାର ଟଙ୍କା ଲେଖାଏଁ ପଠାଯାଇଛି। ଏଥିପାଇଁ ପ୍ରାୟ ୨୦ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଥିଲା। ପିଏମ୍ କିଷାନ ଯୋଜନାରେ ଦେଶର ଅନ୍ନଦାତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି କେନ୍ଦ୍ର ସରକାର। ପୂର୍ବରୁ ଏହି ଯୋଜନାର ୧୮ତମ କିସ୍ତି ୨୦୨୪ ଅକ୍ଟୋବର ୫ ତାରିଖରେ ପ୍ରଦାନ କରାଯାଇଥିଲା। ମହାରାଷ୍ଟ୍ରରୁ ଏହି ରାଶି ପ୍ରଦାନ କରିଥିଲେ ପ୍ରଧାନମନ୍ତ୍ରୀ। ଏହି ଯୋଜନାରେ ପ୍ରତିବର୍ଷ ୩ଟି କିସ୍ତିରେ ୬ ହଜାର ଟଙ୍କା • ପୃଷ୍ଠା ୫ ଦେଖନ୍ତୁ

### ଓଡ଼ିଶାର ୩୫ଲକ୍ଷ ଚାଷୀଙ୍କୁ ସହାୟତା



ଭୁବନେଶ୍ୱର,୨୪।୨(ଭାସ୍କର ନ୍ୟୁଜ): ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୧୯ତମ କିସ୍ତି ପ୍ରଦାନ କରିଛନ୍ତି। ଏଥିରେ ଓଡ଼ିଶାର ୩୪.୯୮ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। ସେମାନଙ୍କୁ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସୂଚନା ଦେଇଛନ୍ତି କୃଷି ବିଭାଗର ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ ପାଢୀ। ସେ କହିଛନ୍ତି, ଏହି ଯୋଜନାରେ ଓଡ଼ିଶାର ଅନେକ ଚାଷୀ ସାମିଲ ହୋଇଛନ୍ତି। ପୂର୍ବବର୍ଷ ତୁଳନାରେ ମଧ୍ୟ ଚଳିତବର୍ଷ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହି ସୁବିଧା ପାଇବା ପାଇଁ ଅଧିକ ଚାଷୀ ଏବେ ନିର୍ଦ୍ଦିଷ୍ଟ ପୋର୍ଟାଲ ମାଧ୍ୟମରେ ପଞ୍ଜିକରଣ କରିପାରିବେ ବୋଲି ଡକ୍ଟର ପାଢୀ କହିବା ସହ କହିଛନ୍ତି ଯେ ଯେପରି ଜଣେ ବି ଚାଷୀ ଏହି ଯୋଜନାରୁ ବାଦ୍ ନ ପଡ଼ନ୍ତି ସେଥିନେଇ ପଦକ୍ଷେପ ନିଆଯାଉଛି। ଚାଷୀମାନଙ୍କୁ ଆର୍ଥିକ ସହାୟତା ଓ କୃଷି କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସର ଏହା ଏକ ଅଂଶ ବୋଲି ଡକ୍ଟର ପାଢୀ କହିଥିଲେ।

## ସଂକ୍ଷେପରେ...

### ନବ ଜାତକକୁ ଜନ୍ମ ଦେଲା ବାଘୁଣୀ ଅଙ୍କିତା

ଭୁବନେଶ୍ୱର/ବାରଙ୍ଗ,୨୪।୨ (ଭାସ୍କର ନ୍ୟୁଜ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବାଘୁଣୀ ଅଙ୍କିତା ଏକ ନବଜାତକକୁ ଜନ୍ମ ଦେଇଛି। ୧୦୩ ଦିନର ଗର୍ଭଧାରଣ ପରେ ସୋମବାର ସକାଳେ ଅଙ୍କିତା ଏକ ଛୁଆ ଜନ୍ମ କରିଛି। ତେବେ ଜନ୍ମିତ ଶାବକର ଲିଙ୍ଗ ଚିହ୍ନଟ କରାଯାଇନାହିଁ। ଏହି ଛୁଆ ଜନ୍ମ ହେବା ସହିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମୋଟ ବାଘ ସଂଖ୍ୟା ୨୮ରେ ପହଞ୍ଚିଛି। ସେଥିମଧ୍ୟରେ ୧୬ ପୁରୁଷ, ୧୧ ମହିଳା ଓ ଜଣେ ଲିଙ୍ଗ ଚିହ୍ନଟ ହୋଇନଥିବା ବାଘ ରହିଛନ୍ତି।

### ମାଉଜର ଦେଖାଇ ୧୦ଲକ୍ଷ ଲୁଟ୍

ଅନୁଗୋଳ,୨୪।୨(ଭାସ୍କର ନ୍ୟୁଜ): ଅନୁଗୋଳ ସଦର ଥାନାଠାରୁ ଅଳ୍ପ ଦୂର ସରସ୍ୱତୀ ଶିଶୁମନ୍ଦିର ନିକଟରେ ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କୁ ମାଉଜର ଦେଖାଇ ୧୦ଲକ୍ଷ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ମ୍ୟାନେଜର ଜଣକ ବ୍ୟାଙ୍କକୁ ଟଙ୍କା ଡିପୋଜିଟ କରିବାକୁ ଯାଉଥିବାବେଳେ ଏହି ଲୁଟ୍ ହୋଇଥିଲା। ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

### ୧୪୪୮ଟି କଇଁଛ ଜବତ

ଖୋର୍ଦ୍ଧା,୨୪।୨(ଭାସ୍କର ନ୍ୟୁଜ): ସୋମବାର ଖୋର୍ଦ୍ଧା ଗୋଡ଼ିପଡ଼ା ଟୋଲ ପ୍ଲାଜା ନିକଟରୁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟର ଅଧିକାରୀମାନେ ୧୪୪୮ଟି କଇଁଛ ଜବତ କରିଛନ୍ତି। ଏହି ଘଟଣାରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ବଳରେ ଜଣେ ଅଭିଯୁକ୍ତକୁ ଗିରଫ କରାଯିବା ସହ ତା'ର ଗାଡ଼ିକୁ ଜବତ କରାଯାଇଛି। ବନ ବିଭାଗ କର୍ମଚାରୀ ଅଭିଯୁକ୍ତକୁ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି।

ସେନ୍‌ସେକ୍ସ: ୭୪,୪୫୪.୪୧
ସର୍ବାଧିକ: ୩୨.୮ ଡିଗ୍ରୀ
ସର୍ବନିମ୍ନ: ୨୧.୨ ଡିଗ୍ରୀ

### ୨୪।୨।୨୦୨୫ ର ମତାମତ

ପ୍ରଧାନମନ୍ତ୍ରୀ କିଷାନ ସହାୟତା ଦ୍ୱାରା ଚାଷୀମାନେ ଉପକୃତ ହେଉଛନ୍ତି କି ?




### ଆଜିର ପ୍ରସଙ୍ଗ

ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିରେ ବିଳମ୍ୱ ଠିକ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ୨୦୨୨-୨୩ର ରେକର୍ଡ ଭାଙ୍ଗିଲା

# ୮ ଦିନରେ ୬.୯୮ଲକ୍ଷ କଇଁଛ ଦେଲେ ଅଣ୍ଡା



ବ୍ରହ୍ମପୁର,୨୪।୨(ଭାସ୍କର ନ୍ୟୁଜ): ବିଶ୍ୱର ସର୍ବବୃହତ ଗଣ ଅଣ୍ଡାଦାନ ସ୍ଥଳୀର ମାନ୍ୟତା ପାଇଥିବା ଋଷିକୂଲ୍ୟା ମୁହାଣ ସଂଲଗ୍ନ ବାଲୁକା ଶଯ୍ୟାରେ ଅଲିଭ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ କାର୍ଯ୍ୟ ଶେଷ ହୋଇଛି। ଚଳିତବର୍ଷ ଅଲିଭ ରିଡଲେ ସର୍ବକାଳୀନ ରେକର୍ଡ କରିଛନ୍ତି। ଚଳିତବର୍ଷ ମୋଟ ୬ ଲକ୍ଷ ୯୮ହଜାର ୭୧୮ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ପୂର୍ବରୁ କେବେ ଏତେ ସଂଖ୍ୟକ କଇଁଛ ଓଡ଼ିଶା ଉପକୂଳରେ ଅଣ୍ଡାଦାନ କରିନଥିଲେ। ୨୦୨୨-୨୩ରେ ୬ଲକ୍ଷ ୩୭ହଜାର କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିବାବେଳେ ଚଳିତବର୍ଷ ଏହା ରେକର୍ଡ ଭାଙ୍ଗି ଦେଇଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଗଣ ଅଣ୍ଡାଦାନ ପାଇଁ ପାଗ ଅନୁକୂଳ ରହିଥିଲା। ଏଣୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ୧୬ ତାରିଖଠାରୁ ୮ଦିନ ଧରି ଗୋଖରକୁଦାଠାରୁ ବଟେଶ୍ୱର ପର୍ଯ୍ୟନ୍ତ ଲମ୍ବିଥିବା ବିସ୍ତୀର୍ଣ୍ଣ ବେଳାଭୂମିରେ ଏହି କଇଁଛ ଅଣ୍ଡାଦାନ କରିଥିଲେ। ଅଲିଭ ରିଡ୍‌ଲେଙ୍କ ସଙ୍ଗମ ସରିବା ପରେ ଯେଉଁ ସ୍ଥାନକୁ ସେମାନେ ସୁରକ୍ଷିତ ମନେ କରିବେ, ସେହି ସ୍ଥାନରେ ଅଣ୍ଡାଦାନ କରିଥାନ୍ତି। ମାଈ କଇଁଛ ସମୁଦ୍ରକୂଳକୁ ଆସି ନିଜର ସୁରକ୍ଷିତ ସ୍ଥାନ ବାଛି ଅଣ୍ଡା ଦେଇଥାଏ। ଗୋଟିଏ ମାଈ ଅଲିଭ ରିଡଲେ ୮୦ରୁ ୧୬୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ। ଗଣ ଅଣ୍ଡାଦାନ ସରିବାର ୫୦ଦିନ ପରେ ଅଣ୍ଡା ଫୁଟି ଛୁଆ ବାହାରିଥାନ୍ତି। ଏହି ସମୟରେ ବନ ବିଭାଗ ପକ୍ଷରୁ ଋଷିକୂଲ୍ୟା ମୁହାଣ ବେଳାଭୂମିକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଥାଏ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

# ସବୁ ଦୁର୍ନୀତି ମାମଲାର ପ୍ରାଥମିକ ତଦନ୍ତ ଜରୁରି ନୁହେଁ



ନୂଆଦିଲ୍ଲୀ,୨୪।୨: ଦୁର୍ନୀତି ନିବାରଣ ଆଇନ ବଳରେ ରୁଜୁ ହୋଇଥିବା ସବୁ ମାମଲାରେ ପ୍ରାଥମିକ ତଦନ୍ତ ବାଧ୍ୟତାମୂଳକ ନୁହେଁ। ଏପରି କି ପ୍ରାଥମିକ ତଦନ୍ତ ଅଭିଯୁକ୍ତଙ୍କ ନ୍ୟସ୍ତ ଅଧିକାର ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ୨୦୨୪ ମାର୍ଚ୍ଚରେ କର୍ଣ୍ଣାଟକ ହାଇକୋର୍ଟ ଜଣେ ସରକାରୀ ଅଧିକାରୀଙ୍କ ବିରୋଧରେ ଏକ ଦୁର୍ନୀତି ମାମଲାରେ ଲୋକାୟୁକ୍ତ ପୋଲିସର ଏଫ୍‌ଆଇଆର୍ ରଦ୍ଦ କରି ତାଙ୍କ ସପକ୍ଷରେ ରାୟ ଦେଇଥିଲେ। ରାଜ୍ୟ ସରକାର ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କର୍ଣ୍ଣାଟକ ସରକାରଙ୍କ ଆବେଦନର ଶୁଣାଣି କରି ନିକଟରେ ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ପ୍ରାଥମିକ ତଦନ୍ତର ଉଦ୍ଦେଶ୍ୟ ମିଳିଥିବା ତଥ୍ୟର ସତ୍ୟତା ଯାଞ୍ଚ କରିବା ନୁହେଁ, ବରଂ ଯେଉଁ ତଥ୍ୟ ହସ୍ତଗତ ହୋଇଛି, ସେଥିରୁ ଏହା ଧର୍ତ୍ତବ୍ୟ ଅପରାଧ କି ନୁହେଁ ତାହା ସ୍ଥିର କରିବା। ଦୁର୍ନୀତି ନିବାରଣ ଆଇନ ବଳରେ ରୁଜୁ ହୋଇଥିବା କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ମାମଲାରେ ପ୍ରାଥମିକ ତଦନ୍ତର ଆବଶ୍ୟକତା ରହିଥାଏ। କିନ୍ତୁ ସବୁ କ୍ଷେତ୍ରରେ ମାମଲା ରୁଜୁ ପୂର୍ବରୁ ପ୍ରାଥମିକ ତଦନ୍ତ କରାଯିବା ଏକ ବାଧ୍ୟତାମୂଳକ ଆବଶ୍ୟକତା ନୁହେଁ। ଖଣ୍ଡପୀଠ ଆହୁରି କହିଛନ୍ତି, ଯଦି ଜଣେ ବରିଷ୍ଠ ଅଧିକାରୀଙ୍କ ନିକଟରେ ସୂଚନା ସମ୍ବଳିତ ବିସ୍ତୃତ ରିପୋର୍ଟର ଉତ୍ସ ଉପଲବ୍ଧ ରହିଥାଏ ଏବଂ ସେହି ତଥ୍ୟକୁ ଭିତ୍ତିକରି ଅନ୍ୟ ଜଣେ ଅଧିକାରୀଙ୍କୁ ଦୁର୍ନୀତିଜନିତ ଧର୍ତ୍ତବ୍ୟ ଅପରାଧରେ ଅଭିଯୁକ୍ତ କରାଯାଇପାରିବ, ସେହି ସ୍ଥଳେ ପ୍ରାଥମିକ ତଦନ୍ତକୁ ଏଡ଼ାଇ ଦିଆଯାଇପାରେ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଆଲୋଚ୍ୟ ମାମଲାରେ ସରକାରୀ ଅଧିକାରୀ ଜଣକଙ୍କ ନିକଟରେ ଅଜ୍ଞାତ ସୂତ୍ରରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟ ଏହାର ସମସ୍ତ ଦିଗକୁ ଅନୁଧ୍ୟାନ କରି କହିଛନ୍ତି, ଦୁର୍ନୀତି ନିର୍ବାରଣ ଆଇନ ଅଧୀନରେ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ପୂର୍ବରୁ ପ୍ରାଥମିକ ତଦନ୍ତର ଆବଶ୍ୟକତା ନ ଥିଲା। ଏଠାରେ ଇନ୍‌ଫର୍ମେସନ୍ ରିପୋର୍ଟକୁ ପ୍ରାଥମିକ ତଦନ୍ତର ବିକଳ୍ପ ଭାବେ ଗ୍ରହଣ କରାଯାଇପାରିବ। ୨୦୨୩ ଡିସେମ୍ବର ୪ରେ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଭୁଲ୍ ଦର୍ଶାଇବା ସହ ଏହି ଆଇନର ଧାରା ୧୭ (ତଦନ୍ତ ପାଇଁ ଅଧିକୃତ ବ୍ୟକ୍ତିଙ୍କ କ୍ଷମତା)ର ଉଲ୍ଲଂଘନ ଜଣେ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା କରାଯାଇଥିବା କହିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ପଞ୍ଜୀକୃତ ଏଫ୍‌ଆଇଆର୍‌କୁ ଖଣ୍ଡପୀଠ ବଳବତ୍ତର ରଖିବା ସହ ହାଇକୋର୍ଟ ରାୟକୁ ଖାରଜ କରିଦେଇଛନ୍ତି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



କାହାର ମରମ ପୋଡ଼ି ଗଲାବେଳେ
ରାଜନୀତି ସରଗରମ,
ସୋସାଲ ମିଡ଼ିଆ ଉଠୁଛି ପଡୁଛି
ସମ୍ଭାଳି ହେଉନି ଜୁଲମ !
ସାମ୍ବାଦିକ ଛାଡ଼ି କଲମ,
ବୁମ୍ ଖଣ୍ଡେ ଖଣ୍ଡେ ହାତରେ ଧରିକି
କରୁଛନ୍ତି ଜିନା ହାରାମ !!

## ଆଇନମନ୍ତ୍ରୀଙ୍କ ସୂଚନା

# ରଥଯାତ୍ରା ପୂର୍ବରୁ ହେବ ଅଳଙ୍କାର ଗଣତି



ଭୁବନେଶ୍ୱର,୨୪।୨(ଭାସ୍କର ନ୍ୟୁଜ): କେବେ ସରିବ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାରର ମରାମତି ? କେବେ ହେବ ରତ୍ନ ଅଳଙ୍କାରର ଗଣତି ? ଏ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା ଲାଗି ରହିଥିବାବେଳେ ରତ୍ନଭଣ୍ଡାର ମରାମତି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ରତ୍ନଭଣ୍ଡାର ଆକଳନଠାରୁ ଅଧିକ ମରାମତି ଖୋଜୁଛି। ରତ୍ନଭଣ୍ଡାର ମରାମତି ବିଳମ୍ବ ହେଉଥିବାରୁ ଅଳଙ୍କାର ଗଣତି ମଧ୍ୟ ବିଳମ୍ବିତ ହେଉଛି। ମରାମତି କାମ ସରିବା ପରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ଆରମ୍ଭ କରାଯିବ। ରତ୍ନଭଣ୍ଡାର ସଂପୂର୍ଣ୍ଣ ମରାମତି ପାଇଁ ଆହୁରି ମାସେ କିମ୍ବା ଦୁଇମାସ ସମୟ ଲାଗିବ। ତେବେ ରଥଯାତ୍ରା ପୂର୍ବରୁ ଗଣତି ପ୍ରକ୍ରିୟା ଶେଷ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ସେହିପରି ମରାମତି ପାଇଁ ଏଏସ୍‌ଆଇକୁ ମନ୍ଦିର ପ୍ରଶାସନ ସମୟ ଦେଉନଥିବା ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇ ଆଇନମନ୍ତ୍ରୀ • ପୃଷ୍ଠା ୫ ଦେଖନ୍ତୁ

## ପାଣିପାଗ ବିଭାଗର ସୂଚନା

# ୪ ଡିଗ୍ରୀ ବଢିବ ପାରଦ



ଭୁବନେଶ୍ୱର,୨୪।୨(ଭାସ୍କର ନ୍ୟୁଜ): ହଟିଲା ବର୍ଷା ସତର୍କତା। ଜାରି ହେଲା ତାପମାତ୍ରା ସମ୍ପର୍କିତ ସୂଚନା। ଆଗାମୀ ୪ ଦିନ ମଧ୍ୟରେ ସାରା ରାଜ୍ୟରେ ପାରଦ ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ। ଏ ନେଇ ସୋମବାର ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି। ସେ କହିଛନ୍ତି, ଆଗାମୀ ୪ ଦିନ ପାଇଁ ତାପମାତ୍ରାରେ ପରିବର୍ତ୍ତନର କୌଣସି ସୂଚନା ନାହିଁ। ତେବେ ୪ ଦିନ ପରେ ତାପମାତ୍ରା ବୃଦ୍ଧି ପାଇବ। ଅନ୍ୟପକ୍ଷରେ ଗାଙ୍ଗେୟ ପଶ୍ଚିମବଙ୍ଗରୁ ଦକ୍ଷିଣ ଛତିଶଗଡ଼ ପର୍ଯ୍ୟନ୍ତ ପଶ୍ଚିମ ଦିଗରେ ଏକ ଟ୍ରାଫ୍ ରହିଥିବାରୁ ଉତ୍ତର ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ତେବେ ଦକ୍ଷିଣ ଓଡ଼ିଶାରେ ପାଗ ଶୁଖିଲା ରହିଛି। ଗଞ୍ଜାମର କିଛି ଅଂଶ ଘନକୁହୁଡ଼ିରେ ଘୋଡ଼ାଇ ହୋଇଥିବାବେଳେ ଭଦ୍ରକରେ ମଧ୍ୟ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହୋଇଛି। ମୟୂରଭଞ୍ଜର କପ୍ତିପଦାରେ ୫ ସେମି ବର୍ଷା ରେକର୍ଡ ହୋଇଥିବାବେଳେ କେନ୍ଦ୍ରାପଡ଼ାର ରାଜନଗରରେ ୨ ସେଣ୍ଟିମିଟର ବର୍ଷା ରେକର୍ଡ ହୋଇଛି। କିଛି ଅଞ୍ଚଳରେ ସର୍ବନିମ୍ନ • ପୃଷ୍ଠା ୫ ଦେଖନ୍ତୁ

# ଦୁର୍ଘଟଣାରେ ୧୩ ମୃତ




ପାଟନା/ଭୋପାଳ, ୨୪।୨: ସୋମବାର ଭୋର ସମୟରେ ବିହାରର ପାଟନା ଓ ମଧ୍ୟପ୍ରଦେଶର ଜବଲପୁରରେ ସଡ଼କ ଦୁର୍ଘଟଣା ଘଟି ୧୩ଜଣଙ୍କ ଜୀବନ ଯାଇଛି। ପ୍ରଥମ ଘଟଣାଟି ମଧ୍ୟପ୍ରଦେଶ ଜବଲପୁର ୭ ନମ୍ବର ଜାତୀୟ ରାଜପଥରେ ଘଟିଛି। ଏଥିରେ ପ୍ରୟାଗରାଜରୁ ଜବଲପୁର ଅଭିମୁଖେ ଯାଉଥିବା ଏକ ବସ୍ ଏକ କାର୍‌କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୬ଜଣଙ୍କର ମୃତ୍ୟୁ ହୋଇଛି। ସେମାନେ ସମସ୍ତେ କର୍ଣ୍ଣାଟକର ବୋଲି ସୂଚନା ଦିଆଯାଇଛି। ଦୁର୍ଘଟଣା ପରେ ବସ୍ ଚାଳକ ଫେରାର ହୋଇଯାଇଛି। ଖବରପାଇ ପୋଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତାହତ ଓ ଆହତଙ୍କୁ ଉଦ୍ଧାର କରିଥିଲେ। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ କାର୍‌ଟି ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ସମସ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷରେ ବିହାରର ମସୌହିର ନୁରା • ପୃଷ୍ଠା ୫ ଦେଖନ୍ତୁ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ସ୍ଥିତ ସାଇ ବିହାରରେ ଥିବା ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସପାଲ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟ ଶିଶୁ ବିଭାଗର ଡାକ୍ତର ନିକୁଞ୍ଜ ବିହାରୀ ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଡ. ବିଷ୍ଣୁ ପ୍ରସାଦ କର ଓ ଆଇଆରଇଏଲ ସ୍କୁଲର ବରିଷ୍ଠ ଶିକ୍ଷକ ବାଲଦେବ୍ ବାରିକ ଯୋଗଦେଇ ସ୍କୁଲର ଆଭିମୁଖ୍ୟ ଉପରେ କହିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସ୍କୁଲର ଉପାଧ୍ୟକ୍ଷା ସୁନିତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କମିଟି ସଦସ୍ୟ ରବିନ୍ଦ୍ର କୁମାର ସାହୁ ଓ ସହିସ୍ତା ଖତୁନ ସଂଯୋଜନା ଓ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷା ଆଶାରାଣୀ ଗୌଡ଼, ଆଶାଲତା ଗୌଡ଼, ପୁଷ୍ପାଞ୍ଜଳି ପାଢ଼ୀ, ଡି. ସ୍ୱାତି ଓ ଶିକ୍ଷକ ହେମନ୍ତ କୁମାର ବେହେରା ପରିଚାଳନାରେ ସହଯୋଗ କରିଥିଲେ।



# ଚିକିଟି ପୌର ପରିଷଦରେ ସିରିଏଲ୍ ଉଦ୍‌ଘାଟନ



ଚିକିଟି (ଭାସ୍କର ନ୍ୟୁଜ୍) : ଏହି ପୌର ପରିଷଦରେ ହୋଇଥିବା ସିରିଏଲ ଉଦ୍‌ଘାଟନରେ ସ୍ଥାନୀୟ ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରା ଓ ବ୍ରହ୍ମପୁର ସାଂସଦ ଡା.ପ୍ରଦୀପ କୁମାର ପାଣିଗ୍ରାହି, ଯୋଗଦାନ କରି ପ୍ରଥମେ ଲକ୍ଷ୍ମୀପୁର ଛକ ଠାରେ ବାହ୍ୟମଳ ପରିଚାଳନା ୟୁନିଟ ସତୁରି ଲକ୍ଷ ବ୍ୟୟ ବିନିମୟରେ ନିର୍ମିତ ହୋଇଥିବା ବେଳେ, ଚିକିଟି ପେଣ୍ଠ ଠାରେ ଥିବା ଖଡ଼ିକା ବନ୍ଧକୁ ଉନ୍ନତିକରଣ ହୋଇ ସାରିଥିବା ବେଳେ ଦୁଇଗୋଟି ପ୍ରକଳ୍ପକୁ ଉଦଘାଟନ କରିଥିଲେ। ଏହି କ୍ରମରେ ସ୍ଥାନୀୟ ତହସିଲଦାର ବିଶ୍ୱରଞ୍ଜନ କହଁର, ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସାସ୍ୱତୀ ଷଡ଼ଙ୍ଗୀ, ବିଡ଼ିଓ ଲକ୍ଷ୍ମନ ଚରଣ ସୋରେନ, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀଙ୍କ ସହ ବହୁ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ।

# କବିସୂର୍ଯ୍ୟନଗର ଏନଏସି ଅଧ୍ୟକ୍ଷାଙ୍କ ଉପରେ ଅନାସ୍ଥା ପ୍ରସ୍ତାବ

## ଜିଲ୍ଲାପାଳଙ୍କୁ ଅନୁରୋଧ କଲେ ୧୫ କାଉନସିଲର



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଏସ୍. ଲକ୍ଷ୍ମୀ ସେଠୀଙ୍କ ମନମୁଖୀ କାର୍ଯ୍ୟ, ଦୁର୍ନୀତି, ଭ୍ରଷ୍ଟାଚାର ଓ ଦୁର୍ବ୍ୟବହାର କରୁଥିବା ଯୋଗୁଁ ଅନାସ୍ଥା ପ୍ରସ୍ତାବ ଗ୍ରହଣ ନିମନ୍ତେ ୧୫ଜଣ କାଉନସିଲର ସୋମବାର ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି। ଏମାନଙ୍କ କହିବା ଅନୁଯାୟୀ ପ୍ରତି ମାସରେ ଅଧ୍ୟକ୍ଷା ସାଧାରଣ ବୈଠକ ଡାକୁନଥିବା, କାଉନସିଲ୍ ବୈଠକରେ ଗୃହୀତ ପ୍ରସ୍ତାବର ନକଲ ବୈଠକର ତିନିଦିନ ମଧ୍ୟରେ କାଉନସିଲରଙ୍କୁ ନଦେବା, ସେ କୌଣସି କମିଟି ଗଠନ କରିନଥିବା, ୨୦୨୩-୨୦୨୪ ଓ ୨୦୨୪-୨୦୨୫ ଏହି ଦୁଇ ବର୍ଷର ବଜେଟ ମଞ୍ଜୁରୀ ନକରି ପରିଷଦର ଅର୍ଥ କାରବାର କରିଚାଲିଥିବା, ଟେଣ୍ଡର ନକରି ଏକ ସଂସ୍ଥାକୁ କ୍ରମାଗତ ଭାବେ ତିନି ବର୍ଷ ପର୍ଯ୍ୟନ୍ତ ସହର ପରିମଳ କାର୍ଯ୍ୟ କରିବା ପାଇଁ ବେଆଇନ ଆଦେଶ ଦେଇ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରି ଚାଲିଛନ୍ତି, ସହରର ଉନ୍ନୟନ କାର୍ଯ୍ୟ କାଉନସିଲ୍ ବୈଠକରେ ମଞ୍ଜୁର ନକରି ଅଧ୍ୟକ୍ଷା ତାଙ୍କ ମନ ଇଚ୍ଛାରେ ନିଜ ସମ୍ପର୍କୀୟ ମାନଙ୍କ ସହ ଜଡ଼ିତ ରହି ନିମ୍ନମାନର କାର୍ଯ୍ୟ କରି ଅର୍ଥ ହରିଲୁଟ୍ କରି ଚାଲିଥିବା ମଧ୍ୟ ଅଭିଯୋଗ କରାଯାଇଛି। ବିନା ଟେଣ୍ଡରରେ ପୋଖରୀ କାର୍ଯ୍ୟ କରାଇବା, ପରିଷଦର ଆୟ ବ୍ୟୟ ତାଲିକା ପ୍ରତିମାସରେ କାଉନସିଲ୍ ବୈଠକରେ ମଞ୍ଜୁରୀ ନକରିବା ନେଇ ଅଭିଯୋଗ କରାଯାଇଛି। ଏଣୁ ବାଧ୍ୟ ହୋଇ ଆମ୍ଭେ ପରିଷଦର ନିର୍ବାଚିତ ୱାର୍ଡ଼ ସଦସ୍ୟ ଓ ସଦସ୍ୟାମାନେ ଗୋଟିଏ ବୈଠକ କରି ଉପରୋକ୍ତ ଅଭିଯୋଗ ଗୁଡ଼ିକ ବିଷୟରେ ଆଲୋଚନ କରି ଓଡ଼ିଶା ମ୍ୟୁନିସିପାଲ ଆଇନ ଧାରା ୫୪ ପ୍ରକାରେ ପରିଷଦର ଅଧ୍ୟକ୍ଷାଙ୍କୁ ଅନାସ୍ଥା ପ୍ରସ୍ତାବ ମାଧ୍ୟମରେ କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦରୁ ବାହାର କରିବା ପାଇଁ ସେମାନେ ସମସ୍ତେ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ କାଉନସିଲର ମନୋରଞ୍ଜନ ମହାପାତ୍ର, ମଙ୍ଗୁଲୁ ଦାସ, ଲକ୍ଷ୍ମୀ ପ୍ରିୟା ସାହୁ, ଦେବାଶିଷ ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

# ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ



ବେଲପାହାଡ଼ (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟରେ ୩୪ତମ ବାର୍ଷିକ ଉତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଥିଲେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଜି ଭାରତ ବର୍ଷ ଅର୍ଥନୈତିକ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ପଞ୍ଚମ ସ୍ଥାନରେ ପହଞ୍ଚି ପାରିଛି। ତେବେ ଆସନ୍ତା ୨୦୪୭ ବର୍ଷ ଯାଏ ଆମ ଭାରତ ଦେଶକୁ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ କ୍ଷେତ୍ରରେ ବିଶ୍ୱର ସର୍ବଶ୍ରେଷ୍ଠ ଦେଶରେ ପରିଗଣିତ କରିବା ତଥା ଓଡ଼ିଶାକୁ ଶ୍ରେଷ୍ଠ ପ୍ରଦେଶରେ ପରିଗଣିତ କରିବାରେ କେବଳ ଛାତ୍ରଛାତ୍ରୀମାନେ ହିଁ ଶ୍ରେଷ୍ଠ ବିନ୍ଧାଣୀର କାର୍ଯ୍ୟଭାର ତୁଲାଇ ପାରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଆହ୍ୱାନ କରିଥିଲେ। ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଆଶିଷ ଦାଶଙ୍କ ଅଧ୍ୟକ୍ଷତା କରିବା ସହ ମହାବିଦ୍ୟାଳୟର ଆରମ୍ଭରୁ ସଙ୍ଘର୍ଷ ଓ ବର୍ତ୍ତମାନ ସଫଳତା ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଭଲ ମଣିଷଟିଏ ହେବାକୁ ମାର୍ଗଦର୍ଶନ କରିଥିଲେ। ସାଂସ୍କୃତିକ ପରିଷଦର ଉପାଧ୍ୟକ୍ଷ ବରିଷ୍ଠ ଅଧ୍ୟାପକ ଦିଲୀପ ପଟେଲ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଇଂରାଜୀ ଅଧ୍ୟାପକ ଶହଦେବ ବେହେରା ମଞ୍ଚ ପରିଚାଳନା କରିଥିଲେ ଓ ଅଧ୍ୟାପିକା ପିଙ୍କୁ ଅମିନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡିଗ୍ରୀ ମହାବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୨୩-୨୪ ବର୍ଷ ପରୀକ୍ଷାରେ ସମ୍ବଲପୁର ୟୁନିଭରସିଟିସ୍ତରରେ ଶ୍ରେଷ୍ଠ ସ୍ଥାନ ତାଲିକାରେ ଶିକ୍ଷା ବିଭାଗରେ ଚିନ୍ମୟୀ ପଧାନ ଚତୁର୍ଥ, ବାଣିଜ୍ୟ ବିଭାଗରେ ଆଇମନ୍ ଖାତୁନ ପଞ୍ଚମ, ମହିମା ଗରାଇ ସପ୍ତମ, ୨୦୨୨-୨୩ ବର୍ଷ ପରୀକ୍ଷାରେ ଇତିହାସ ବିଭାଗରେ ଯୋଗେଶ୍ୱର ମୁଣ୍ଡା ଅଷ୍ଟମ ସ୍ଥାନ ଅର୍ଜନ କରି ପୁରସ୍କୃତ ହୋଇଥିଲେ। ସେହିପରି ୨୦୨୨-୨୩ ବର୍ଷ ପରୀକ୍ଷାରେ ଆକାଶ ସିଂ, ପୌରବୀ ବେହେରା, ଯୋଗେଶ୍ୱର ମୁଣ୍ଡା, ଡୋଲି ପ୍ରଧାନ, ଟିକେଶ୍ୱରୀ ମେହେର, ୨୦୨୩-୨୪ ବର୍ଷ ପରୀକ୍ଷାରେ ଆଇମନ୍ ଖାତୁନ, ଚିନ୍ମୟୀ ପଧାନ, ଅଶ୍ମା ଖାତୁନ, ନିକିତା ବେହେରା, ରଶ୍ମୀ ନାଥ ଯଥାକ୍ରମେ ମହାବିଦ୍ୟାଳୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମନୁ ସାଓ ଲିଟେରାରୀ ଚମ୍ପିଆନ୍ ହୋଇ ପୁରସ୍କୃତ ହୋଇଛନ୍ତି। ସର୍ବଭାରତୀୟ ଏନସିସି ସୁଟିଂରେ ଶ୍ରଦ୍ଧା କୁମାରୀ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମାତୃଭାଷା ଓଡ଼ିଆ ପରୀକ୍ଷାରେ ସର୍ବୋଚ୍ଚ ଅଙ୍କ ଅଧିକାର କରିଥିବା ନିକିତା ବେରିହାଙ୍କୁ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ବରାଳଙ୍କ ଦ୍ୱାରା ପ୍ରଦତ୍ତ ପାଞ୍ଚ ହଜାର ଅର୍ଥ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ରରେ ଝରଣା ମୁଣ୍ଡା, ନୋବଲ କିଶାନ, ମାଙ୍ଗିଲାଲ ବଦ୍ରା, ଲିଙ୍ଗରାଜ ସାହୁ, ବିକାଶ ମେହେର, ଲିଙ୍ଗରାଜ ମେହେର, ଅଭିଶେଖ ନାୟକ ପ୍ରମୁଖ ପୁରସ୍କୃତ ହୋଇଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ପ୍ରଦର୍ଶିତ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶହ ଶହ ଦର୍ଶକ ଭରପୁର ଉପଭୋଗ କରିଥିଲେ। ଆୟୋଜନରେ ଡିଗ୍ରୀ ମହାବିଦ୍ୟାଳୟର ବୃନ୍ଦାବନ ନାହାକ, ଅଶୋକ କନ୍ଧେର, ନିରଦ ପ୍ରଧାନ, ଅନୁରାଧା ପ୍ରସାଦ, ପ୍ରୀତି ଦାଶ, ଦେବକୀରାଣୀ ବେହେରା, ରିଙ୍କୁ ନାଏକ, ମନୋରଞ୍ଜନ ଜେନା, ତୁଷାରକାନ୍ତି ଘୋଷ, ଚେତନା ପ୍ରଧାନ, ରାଣୀ ମହାତୋ, ସୁନୀଲ ପ୍ରଧାନ, ବେଦବ୍ୟାସ ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ପରଜଙ୍ଗରେ ପଞ୍ଚାୟତ ସମିତି ବୈଠକ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସଭାଗୃହ ଠାରେ ୬ଷ୍ଠ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସମିତି ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୂର୍ବ ପାଠର ବିବରଣୀ ଭାରପ୍ରାପ୍ତ ଜିପିଓ ବିପିନି ବିହାରୀ ସାମଲଙ୍କ ଦ୍ୱାରା ପଠନ ହୋଇଥିବା ବେଳେ, ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟାମାନଙ୍କ ସହିତ ଉନ୍ନୟନ କାର୍ଯ୍ୟ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବିଡ଼ିଓ ସୌଭାଗ୍ୟ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ କାର୍ଯ୍ୟର ସୁବିଧା ଅସୁବିଧା ସମୀକ୍ଷା କରାଯାଇ ତା' ଉପରେ ବିଧାୟକ ସର୍ବ ସମ୍ମୁଖରେ ଆଲୋକପାତ କରିଥିଲେ। ମୁଖ୍ୟତଃ ନୂତନ ଭାବେ ଲୋକାର୍ପିତ ହୋଇଥିବା ଏକ ନୂତନ ଯୋଜନା ଅନ୍ତୋଦୟ ଗୃହ ଯୋଜନାକୁ ବିଡ଼ିଓ ନିଜ ବ୍ଲକରେ ହିତାଧିକାରୀ ଚିହ୍ନଟ କରାଯାଇ କାର୍ଯ୍ୟକାରୀ କରିବାକୁ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟାଙ୍କୁ ତ୍ୱରାନ୍ୱିତ ନିମନ୍ତେ ଜଣାଇଥିଲେ। ପ୍ରତ୍ୟେକ ପଞ୍ଚାୟତରୁ ସରକାରଙ୍କ ନିୟମ ମୁତାବକ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରି କୋଡିଏ ଜଣ ଲେଖାଏଁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ସେହିପରି ଗାଁ ଗହଳିରେ ସ୍ୱାସ୍ଥ୍ୟ ଉପରେ ଯାହାକି, ସିକଲିନ ରୋଗୀ ଚିହ୍ନଟ ପାଇଁ ବ୍ୟାପକ ଟେଷ୍ଟିଂର ଆବଶ୍ୟକତା ଅଛି ବୋଲି ଜିଲ୍ଲାପରିଷଦ ସଭ୍ୟ ଶ୍ରୀ ପ୍ରଧାନ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀ ଓ ପ୍ରତିନିଧି, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟାଙ୍କ ସମେତ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

# ଏପ୍ରିଲ ୭ରୁ କୋରାପୁଟରେ ନାଟ୍ୟ ମହୋତ୍ସବ




କୋରାପୁଟ, (ଭାସ୍କର ନ୍ୟୁଜ) : କୋରପୁଟ ସାଂସ୍କୃତିକ ପରିଷଦ ପରିସରରେ ଓଡିଶା ନାଟ୍ୟ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏପ୍ରିଲ ୭ରୁ ୧୪ଯାଏ କୋରାପୁଟ ସାଂସ୍କୃତିକ ପରିଷଦ ମଞ୍ଚ ପରିସରରେ ଦକ୍ଷିଣାଞ୍ଚଳ ନାଟ୍ୟ ମହୋତ୍ସବ କରାଯିବ ବୋଲି ସଂଘ ସମ୍ପାଦକ ଶୁଭକାନ୍ତ ପାଢୀ ସୂଚନା ଦେଇଛନ୍ତି । ଏଥିରେ କୋରାପୁଟ, ନବରଙ୍ଗପୁର, ମାଲକାନିଗିରି, ରାୟଗଡା, ଗଜପତି ଓ ଗାମ ଆଦି ୬ଜିଲ୍ଲାର ବିଭିନ୍ନ ନାଟ୍ୟ ସଂଗଠନ ପକ୍ଷରୁ ଦୈନିକ ୨ଟି ଲେଖାଏଁ ମୋଟ ୧୬ ନାଟକ ପରିବେଷଣ କରାଯିବ । ଲୁକ୍କାୟିତ ଭାବେ ଥିବା ନାଟ୍ୟ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟ ଥିବା ଓଡିଶା ନାଟ୍ୟ ସଂଘର ଦକ୍ଷିଣାଞ୍ଚଳ ଉପସଭାପତି ମନୋଜ ଦଣ୍ଡପାଟ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ସାଂସ୍କୃତିକ ପରିଷଦର ସଭାପତି ଶିବ ପ୍ରସାଦ ରଥ, ସମ୍ପାଦକ ଅତନୁ ପଟ୍ଟନାୟକ, ଏବଂ ଓଡିଶା ନାଟ୍ୟ ସଂଘର ଯୁଗ୍ମ ସମ୍ପାଦକ ସମୀର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସୁନାବେଡା ଉତ୍କଳ ସାଂସ୍କୃତିକ ପରିଷଦ ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ସେନାପତି ଧନ୍ୟବାଦ ଦେଇଥିଲେ ।

# ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ସର୍ବୋଦୟ ଶିବିର




- ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ ପଡ଼ିବ ସଂଗଠନର ଭିତ୍ତିଭୂମି
- ତୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟାକୁ ନେଇ ଜୋରଦାର ହେବ ଆନ୍ଦୋଳନ
- ବିଚାରଗତ ଲଢେଇରେ ସାମିଲ କରାଯିବ ବୁଦ୍ଧିଜୀବୀ ମାନଙ୍କୁ

ବରଗଡ଼, (ଭାସ୍କର ନ୍ୟୁଜ୍) : ବରଗଡ଼ ଟାଉନହଲ ଠାରେ ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ ପକ୍ଷରୁ ସର୍ବୋଦୟ ସଂକଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ କଂଗ୍ରେସର ପତାକାକୁ ସଂଗଠନର ଜାତୀୟ ଉପାଧ୍ୟକ୍ଷ ସଚିନ ନାୟକ ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ। ଉଦ୍ଘାଟନୀ ଅଧିବେଶନରେ ମୁଖ୍ୟବକ୍ତା ଭାବରେ ସମ୍ବଲପୁରର ବିଶିଷ୍ଟ ସାମ୍ବାଦିକ ଶିବ ପ୍ରସାଦ ନନ୍ଦ ଯୋଗଦେଇ ସମ୍ବିଧାନ ଓ ଦେଶର ଗଣତନ୍ତ୍ରର ସୁରକ୍ଷା ପାଇଁ ବିଚାରଗତ ଲଢେଇର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜନ ଆନ୍ଦୋଳନ ଓ ଗଣତନ୍ତ୍ରର ସୁରକ୍ଷା ସମ୍ପର୍କିତ ଅଧିବେଶନରେ ବିଶିଷ୍ଟ କୃଷକ ନେତା ଶ୍ରୀ ଲିଙ୍ଗରାଜ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ନେଇ ଜନ ଆନ୍ଦୋଳନ ଗଢ଼ି ପାରିଲେ ଗଣତନ୍ତ୍ର ସୁରକ୍ଷିତ ହେବ ବୋଲି କହିଥିଲେ। କଳାପାଣି କଲେଜର ପୂର୍ବତନ ଅଧ୍ୟକ୍ଷ ଡ ମୋହନ ସାହୁ ଓ ସୋହେଲା କଲେଜର ପୂର୍ବତନ ଅଧ୍ୟକ୍ଷ ଡ ଟେକଚାନ୍ଦ ଦୁଅନ ଶିବିରରେ ଯୋଗଦେଇ କ୍ଷମତାର ବିକେନ୍ଦ୍ରିକରଣ ଓ ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସ ପାଇଁ ଆହ୍ୱାନ ଦେଇଥିଲେ। ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ସ୍ୱାଧୀନତା ସଂଗ୍ରାମ ଓ ଭାରତ ନିର୍ମାଣରେ କଂଗ୍ରେସର ଭୂମିକା ଉପରେ ଆଲୋକପାତ କରିଥିବା ବେଳେ ସଚିନ ନାୟକ ସମ୍ବିଧାନର ସୁରକ୍ଷା ବିଷୟ ଉପରେ ଆଲୋଚନା ରଖିଥିଲେ। ସଂଗଠନର ରାଜ୍ୟ ସଂଯୋଜକ ବିଜୟ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ପାଣ୍ଡବ କର୍ଣ୍ଣ, କିଶୋର ସାହୁ, ଅନନ୍ତ ଶୟନ ପାଢ଼ୀ, ଗଣେଶ ସାହୁ, ସୁନୀତା ବାଗ, ବାସନ୍ତୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନକୁ ଜିଲ୍ଲାର ସମସ୍ତ ପଞ୍ଚାୟତରେ ମଜଭୁତ କରିବା ସହିତ ଲୋକଙ୍କ ଦୈନନ୍ଦିନ ସମସ୍ୟାକୁ ନେଇ ଆନ୍ଦୋଳନ ଗଢିତୋଳିବା ପାଇଁ ନିଷ୍ପତି ହୋଇଛି। କଂଗ୍ରେସ ଦଳ ଯେଉଁ ରାଜନୈତିକ ବିଚାର ଉପରେ ଦଣ୍ଡାୟମାନ, ସେହି ବିଚାରକୁ ଅଧିକ ସଂଖ୍ୟକ ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ ହେବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଆସନ୍ତା କାଲି ଜିରା ନଦୀର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ପୂର୍ବାହ୍ନରେ ଧନୁଯାତ୍ରା ପଡିଆରେ ଜିରା ବଞ୍ଚାଅ ଆନ୍ଦୋଳନକୁ ଆରମ୍ଭ କରାଯିବ ବୋଲି ସଂଗଠନ ପକ୍ଷରୁ ପାଣ୍ଡବ କର୍ଣ୍ଣ ଓ କିଶୋର ସାହୁ ଜଣାଇଛନ୍ତି।

# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅବ୍ୟବସ୍ଥା : ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକର କୁରୁଜଙ୍ଗ ଗ୍ରାମପଞ୍ଚାୟତରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଲାଗିରହିଥିବାରୁ ଲୋକମାନେ ହଇରାଣ ହରକତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସେମାନେ ରାଜସ୍ୱ ନିରୀକ୍ଷକଙ୍କୁ ବାରମ୍ବାର କହିଲେ ମଧ୍ୟ ତାହାର କୌଣସି ସୁଫଳ ମିଳୁନାହିଁ। ତେଣୁ ଲୋକମାନେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ଲୋକେ କହିଛନ୍ତି ଯେ ଖଜଣା କାଟିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଗଲେ ଅଧିକାଂଶ ସମୟରେ କର୍ମଚାରୀ ରହୁନାହାନ୍ତି। ଫଳରେ ଲୋକେ ନିରାଶ ହୋଇ ଫେରୁଛନ୍ତି। ଯଦି କେତେବେଳେ କର୍ମଚାରୀ ରହୁଛନ୍ତି ସେ ସମୟରେ ଲୋକଙ୍କୁ କହୁଛନ୍ତି ଜନସେବା କେନ୍ଦ୍ରକୁ ଯାଇ ଖଜଣା କାଟ। ଏହାଦ୍ୱାରା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ କ୍ଷୀରୋଦ କୁମାର ସାମଲ, ଅଭିମନ୍ୟୁ ସାହୁ, ଗୋଲକ ଚନ୍ଦ୍ର ସାହୁ, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ ଗାଡ଼ି ଧକ୍କାରେ ୩ ଗାଡି ଚୁରମାର୍, ଡ୍ରାଇଭର ଅଟକ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ପୋଲିସ ଗାଡି ଧକ୍କାରେ ୩ଟି ଗାଡି ଚୁରମାର୍ ହୋଇଛି । ସେଥିରେ ୨ ଟି କାର୍ ରହିଥିବା ବେଳେ, ଗୋଟିଏ ଟ୍ରାଭେଲର୍ ମିନିବସ୍ ରହିଛି । ସଂପୃକ୍ତ ପୋଲିସ ଗାଡିର ଡ୍ରାଇଭରକୁ ଅଟକ ରଖିଛି ପୋଲିସ । ଘଟଣା ଟି ଘଟିଛି, ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବି.ଡି.ପୁର ଗାଁ ନିକଟରେ । ରବିବାର ଭୋର ସମୟରେ ଏହି ଘଟଣା ଘଟିଛି। ଥାନା ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ, ସଂପୃକ୍ତ ପୋଲିସ୍ ଗାଡ଼ିଟି ସମ୍ବଲପୁର ବରେଇପାଲି ଥାନାର ଓଡି - ୦୫ ଏପି ୨୭୦୨ । କୌଣସି ଏକ ଘଟଣାର ତଦନ୍ତ ପାଇଁ ବରେଇପାଲୀ ଥାନାର କିଛି ତଦନ୍ତକାରୀ ଅଫିସର୍ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ । ହେଲେ ସମ୍ବଲପୁରରୁ ଭଞ୍ଜନଗର ଦେଇ ଜଗନ୍ନାଥପ୍ରସାଦ ଅଭିମୁଖେ ଯାଉଥିବା ବେଳେ, ବିଡିପୁର ଗାଁ ନିକଟରେ ରାସ୍ତା କଡ଼ରେ ଥିବା ଏକ କାର୍‌କୁ ପ୍ରଥମେ ଧକ୍କା ଦେଇଥିଲା, ପୋଲିସ ଗାଡିଟି ପରେ ପରେ ଧକ୍କା ହୋଇଥିବା କାର୍ ପୁଣି ଆଗରେ ଥିବା ଆଉ ଏକ କାର୍ ଏବଂ ଶେଷରେ ଏକ ଟ୍ରାଭେଲର ମିନିବସ୍‌କୁ ଧକ୍କା ଦେଇଥିଲା । ଏଥିରେ କେହି ଆହତ ହୋଇନଥିବା ଜଣାପଡିଛି। ଖବର ପାଇ ଜଗନ୍ନାଥ ପ୍ରସାଦ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଗାଡ଼ିରେ ଥିବା ପୋଲିସ କର୍ମଚାରୀ ମାନେ, ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ଏବଂ ଗାଡ଼ିର ଡ୍ରାଇଭର ମଦନ କୁଏଲ୍‌କୁ, ଥାନାରେ ଅଟକ ରଖିଛି ପୋଲିସ । ଏନେଇ ଥାନା କେଶ୍ ନମ୍ବର ୧୧୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ପୋଲିସ । ଅନ୍ୟପକ୍ଷରେ ଦୁର୍ଘଟଣା ଗ୍ରସ୍ତ ପୋଲିସ ଗାଡି ଭିତରେ ଗୋଟିଏ ବ୍ୟବହୃତ ବିଦେଶୀ ମଦ ଥିବା ବୋତଲ ଏବଂ କିଛି ମିକ୍ସର୍ ଥିବା ଦେଖିବାକୁ ମିଳିଥିଲା।



# ମିଛ ଦସ୍ତାବିଜ ପଇଠ କରି ଋଣ ନେବାକୁ ଚେଷ୍ଟା



- ରାସନ କାର୍ଡ କଟିଯିବା ଭୟରେ ଯୋଗାଣ ନିରୀକ୍ଷକ କାର୍ଯ୍ୟାଳୟରେ ଲମ୍ବା ଦରଖାସ୍ତ
- କାର୍ଡ ଫେରାଇଛନ୍ତି ୧୨ଜଣ ଆୟକରଦାତା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ରାସନ କାର୍ଡ ଛାଟ ପାଇ ବହୁ ଅଭାବୀ ପରିବାରଙ୍କୁ ଏବେ ଜଟିଳ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ବେକାର ଯୁବକ ଚାକିରି ନ ପାଇ ବ୍ୟବସାୟ କରିବା ପାଇଁ ବ୍ୟାଙ୍କରୁ ଋଣ କରିଛନ୍ତି। ତେବେ ଋଣ ପାଇଁ ସେମାନେ ନିଜ ଆୟଠାରୁ ବହୁ ଅଧିକ ଆୟ ଦର୍ଶାଇ ସେ ସମ୍ପର୍କିତ ମିଛ ଦସ୍ତାବିଜ ଦାଖଲ କରିଛନ୍ତି। ଅପରପକ୍ଷେ ଆୟକରଦାତା ହୋଇଥିବାରୁ ଏବେ ସେମାନଙ୍କ ପରିବାରର ରାସନ କାର୍ଡ କଟିଯାଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତରେ ୭ଶହ ୫ଜଣ ଆୟକରଦାତା ଅଛନ୍ତି ବୋଲି ସୂଚନା ମିଳିବା ପରେ ସରକାରୀ ଛାଟ ପୂର୍ବରୁ ୧୨ଜଣ ଆପେ ଆପେ ଫେରାଇ ଦେଇଯାଇଛନ୍ତି। ଫଳରେ ଅନେକ ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀ ହେବାକୁ ଯୋଗ୍ୟ ହୋଇଥିଲେ ବି ଆୟକର ନିୟମ ପାଇଁ ଅଯୋଗ୍ୟ ଘୋଷିତ ହୋଇ ଚିନ୍ତାରେ ଅଛନ୍ତି। ବ୍ୟାଙ୍କରୁ ଋଣ ଆବେଦନବେଳେ ତିନି ବର୍ଷର ଆୟକର ପୈଠ ଏବଂ ଅଧିକ ଋଣ ପାଇଁ ଅଧିକ ଆୟ ରହିଥିବା ଆବଶ୍ୟକ। ତେଣୁ ବହୁ ଯୁବକଯୁବତୀ ନିଜ ଆୟକୁ ଅଧିକ ଦର୍ଶାଇ ଆୟକର ଦସ୍ତାବିଜ ବ୍ୟାଙ୍କରେ ଦାଖଲ କରିଛନ୍ତି। ଏବେ ଖାଦ୍ୟ ସୁରକ୍ଷା ଆଇନରେ ଅନେକ ଅଯୋଗ୍ୟ ହିତାକାରୀଙ୍କୁ ବାଦ ଦେବାକୁ ସରକାର କେୱାଇସି ବ୍ୟବସ୍ଥା ବାଧ୍ୟତାମୂଳକ କରିଛନ୍ତି। ସରକାରୀ ଚାକିରିଆ, ଆୟକର ଦାତା, ଚାରିଚକିଆ ଯାନ ମାଲିକ, ବୃହତଚାଷୀ ହିତାଧିକାରୀ ତାଲିକାରୁ ବାଦ ପଡିଛନ୍ତି। ଆୟକର ଦାତାଙ୍କ ପରିବାରର ରାସନ କାର୍ଡ ଫେରାଇବାକୁ ଯୋଗାଣ ବିଭାଗ ନିର୍ଦ୍ଦେଶ ଦେଇଛି। ଫଳରେ ଚାପ ଗ୍ରସ୍ତ ହୋଇ ମିଛ ଆୟକର ଦାଖଲ କରିଥିବା ଯୁବକଙ୍କ ଭୁଲ ଯୋଗୁଁ ତାଙ୍କ ପରିବାରର ଅନ୍ୟ ସଦସ୍ୟ ମାନେ ରାସନ ସୁବିଧାରୁ ବଂଚିତ ହେବାକୁ ଯାଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନିର୍ଦ୍ଦିଷ୍ଟ ପଂଚାୟତରୁ ଜଣେ ମହିଳା କୁଡ଼ିଆ ଘରେ ରହିଥିବା ସୁବାସିନୀ ବିଶ୍ୱାଳଙ୍କ ପରିବାର ଏହାର ଏକ ଉଦାହରଣ। ତାଙ୍କ ସ୍ୱାମୀ ଜଣେ ଅଟୋ ରିକ୍ସା ଚାଳକ। ପରିବାରର ଜମି କହିଲେ ଦଶ ଗୁଣ୍ଠ । ମାତ୍ର ପୁଅ ଦେବେନ୍ଦ୍ର ଋଣ ପାଇବା ପାଇଁ ମିଥ୍ୟା ଆୟକର ଦାଖଲ କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ବ୍ୟାଙ୍କ ତରଫରୁ ଲକ୍ଷାଧିକ ଟଙ୍କାଟିଏ ବି ଆଜି ପର୍ଯ୍ୟନ୍ତ ଋଣ ମିଳିପାରି ନାହିଁ କି ତାଙ୍କ ବ୍ୟାଙ୍କ ଖାତାରେ କୌଣସି ବଡ଼ଧରଣର ନେଣଦେଣ ମଧ୍ୟ ହୋଇ ନଥିବାର ସୂଚନା ମିଳିଛି । ମାତ୍ର ଏହି ପରିବାରକୁ ରାସନ କାର୍ଡ ଫେରାଇବା ପାଇଁ ନିର୍ଦ୍ଦେଶ ଆସିଛି। ଏଭଳି ସମସ୍ୟା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବହୁ ପରିବାର ସରକାରୀ ରାସନ ହିତାଧିକାରୀ ତାଲିକାରୁ ବାଦ ପଡ଼ିବାକୁ ଯାଉଛନ୍ତି। ଏ ବିଷୟରେ ଅସ୍ତରଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ଶିବପ୍ରସାଦ ମହାନ୍ତି ପଚାରିବାରୁ ସେ କହିଥିଲେ, ଏହା ସରକାରଙ୍କ ନିର୍ଦ୍ଦେଶ। ତେଣୁ ତାଙ୍କ ହାତରେ କିଛି ନାହିଁ । ପରିବାର କାର୍ଡ ନ ଫେରାଇଲେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଛିଣ୍ଡା ନଦୀ ଉପରେ ପଡ଼ିଛି ମାଟି ମାଫିଆଙ୍କ ଲୋଲୁପ ଦୃଷ୍ଟି



କଣ୍ଟାପଡା, (ଭାସ୍କର ନ୍ୟୁଜ୍ ) : କଣ୍ଟାପଡା ତହସିଲ ଅଧିନସ୍ତ ପୋସ୍ତଲ ବ୍ରାହ୍ମଣ ବାଟି ଉତ୍ତାରଣ ଦେଇ ଯାଇଥିବା ଛିଣ୍ଡା ନଦୀ ପଠା ଉପରେ ମାଟି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ମାଟି ଖୋଳିବା ନିମନ୍ତେ ଗଛ ଗୁଡିକ ନଷ୍ଟ କରି ମାଟି ଖୋଳୁଛନ୍ତି। ଏମିତିକି ରାସ୍ତା ପାଖରେ ନଥିବା ନଦୀ ପଠାକୁ ୭ ରୁ ୮ ଫୁଟ ଖୋଳିଦେବା ପରେ ଭାରିଜାନ ଯାତାୟାତ କଲେ ସେହି ଜାଗାରେ ରାସ୍ତା ଦବୁଛି। ମାଟି ମାଫିଆ ମାନେ ନିଜ ପକେଟକୁ ଗରମ କରିବାକୁ ଯାଇ ନଦୀ ପଠାକୁ ଛାଡି ନାହାନ୍ତି। ଏଭଳି ଅଭିଯୋଗ ଆସିଛି ଉକ୍ତ ତହସିଲ ଅଧିନସ୍ତ ଉତ୍ତାରଣ ପଞ୍ଚାୟତ ପଣ୍ଡା ବଗିଚା ଥରିଅଲିଙ୍ଗୀ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା ଛିଣ୍ଡା ନଦୀକୁ ତାଡ଼ି ନିଆଯାଇଛି। ଏ ନେଇ ଗୋବିନ୍ଦପୁର ପୋଲିସ ଓ କଣ୍ଟାପଡା ତହସିଲଦାର ମାଟି ମାଫିଆ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଏ ନେଇ କଣ୍ଟାପଡା ତହସିଲଦାର ଓ ଗୋବିନ୍ଦପୁର ପୋଲିସ ମାଟି ମାଫିଆକୁ ଗିରଫ କରିବା ସହିତ ମାଟି ଖୋଳାରେ ବ୍ୟବହୃତ ହେଉଥିବା ଜେସିବି ଓ ମାଟି ବୋହୁଥିବା ଟ୍ରାକ୍ଟରକୁ ଜବତ କରିବାକୁ ଦାବି ହେଉଛି।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧଉଳି ଶାନ୍ତିସ୍ତୁପ ପାଦ ଦେଶରେ ଚାଲିଥିବା ଷଷ୍ଠ ଆନ୍ତର୍ଜାତୀୟ ଧଉଳି କଳା ମହୋତ୍ସବରେ ଶିଶୁ ଚିତ୍ରକଳା ପ୍ରତିଯୋଗିତାରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ଜଣାଶୁଣା କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ପୁରସ୍କୃତ ହେବାର ଗୌରବ ଅର୍ଜନ କରିଛନ୍ତ । ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ତାଙ୍କୁ ମାନପତ୍ର ଓ ପଦକ ଦେଇ ପୁରସ୍କୃତ କରାଯାଇଥିଲା । ସୂଚନାଯୋଗ୍ୟ ବିଭିନ୍ନ ରାଷ୍ଟ୍ରୀୟ ଉତ୍ସବ ପାଳନ ଏବଂ ଅନ୍ୟାନ୍ୟ ଦିବସ ପାଳନ ଅବସରରେ ଶାନ୍ତନୁ ତାଙ୍କର ଚିତ୍ରକଳା ମାଧମରେ ଜନସଚେତନତା ଉଦ୍ଦେଶ୍ୟରେ ସଦାସର୍ବଦା ମନଛୁଆଁ ବାର୍ତ୍ତା ଦେଇଥାନ୍ତି । ସେ ପରିବେଶଧର୍ମୀ ଚିତ୍ର ଆଙ୍କିବା ଉପରେ ବେଶ୍ ଗୁରୁତ୍ୱ ଦେଇଥାନ୍ତ । ଶାନ୍ତନୁ ଏବେ ଭୁବନେଶ୍ୱର ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି ।



### ଷଷ୍ଠ ଓଡ଼ିଶା ଟ୍ରାଭେଲ୍ ବଜାର ଆରମ୍ଭ

## ଓଡ଼ିଶାର ଐତିହ୍ୟ ବିଶ୍ୱ ମଞ୍ଚରେ ନିଜର ପରିଚୟ ସୃଷ୍ଟି କରିଛି: କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ସୋମବାର ଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏହି ତିନି ଦିନିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର ବିଶ୍ୱର ଅଂଶୀଦାରମାନଙ୍କ ମଧ୍ୟରେ ବ୍ୟବସାୟିକ ସହଯୋଗକୁ ପ୍ରୋତ୍ସାହିତ କରିବା । କାର୍ଯ୍ୟକ୍ରମକୁ ଉଦଘାଟନ କରି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଓଡ଼ିଶାର ସ୍ୱତନ୍ତ୍ରତା ଉପରେ ଆଲୋକପାତ କରିଥିଲେ। ସାଂସ୍କୃତିକ ଐତିହ୍ୟ ଓ ବିଶ୍ୱପ୍ରସିଦ୍ଧ ମନ୍ଦିରରେ ସମୃଦ୍ଧ ଓଡ଼ିଶା ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିଛି। ଏହାର ଅନନ୍ୟ ସଂସ୍କୃତି, ନୃତ୍ୟ, ହସ୍ତଶିଳ୍ପ ଏବଂ ଖାଦ୍ୟ ଓଡ଼ିଶାକୁ ଏକ ଅନନ୍ୟ ଏବଂ ଅତୁଳନୀୟ ସ୍ଥାନରେ ପରିଣତ କରିଛି । ଜାତୀୟ ପର୍ଯ୍ୟଟନ ମଞ୍ଚରେ ପ୍ରଦର୍ଶିତ ହେବା ପାଇଁ ଓଡ଼ିଶା ସରକାର କଣ୍ଟେଣ୍ଟ ଯୋଗାଇ ଦେବା ଦରକାର। ଆମକୁ ବିଶ୍ୱ ବଜାରରେ ଓଡ଼ିଶାର ସ୍ୱାଦ ପ୍ରତିଷ୍ଠା କରିବାକୁ ପଡ଼ିବ। ପର୍ଯ୍ୟଟନ ଅଭିଜ୍ଞତା ବୃଦ୍ଧି, ପର୍ଯ୍ୟଟନ ଉତ୍ପାଦ ପ୍ରଦାନର ସମ୍ପ୍ରସାରଣ ଏବଂ ସାମଗ୍ରିକ ଭିତ୍ତିଭୂମି ବିକାଶ ଅଭିବୃଦ୍ଧିର ପ୍ରମୁଖ କାରଣ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟନ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରକୃତି ପର୍ଯ୍ୟଟନ, ଐତିହ୍ୟ ପର୍ଯ୍ୟଟନ ଏବଂ ଆଧ୍ୟାତ୍ମିକ ପର୍ଯ୍ୟଟନ ସମେତ ଓଡ଼ିଶାରେ ବିଭିନ୍ନ ପର୍ଯ୍ୟଟନ ଅନୁଭୂତି ରହିଛି। ଆମର ପର୍ଯ୍ୟଟନ ସମ୍ଭାବନା ମୁଖ୍ୟତଃ ଅବ୍ୟବହୃତ ରହିଛି । ଏହି ସମ୍ଭାବନାକୁ ଉପଲବ୍ଧି କରିବା ପାଇଁ ବର୍ତ୍ତମାନ ନୂତନ ଚିନ୍ତାଧାରା ବିକଶିତ କରିବାର ସମୟ ଆସିଛି ଏବଂ ଓଡ଼ିଶାରେ ବ୍ୟବସାୟ କରିବା ପାଇଁ ଆମେ ଘରୋଇ କ୍ଷେତ୍ରକୁ ସ୍ୱାଗତ କରୁଛୁ । ଏଥିରେ ମୁଖ୍ୟ ଶାସନ ସଚିବ ଆଇଏଏସ୍ ମନୋଜ ଆହୁଜା ଅର୍ଥନୈତିକ ବିକାଶରେ ପର୍ଯ୍ୟଟନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପର୍ଯ୍ୟଟନ ଓଡ଼ିଶାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆମେ ବିଶ୍ୱାସ କରୁଛୁ। ସେହିପରି ପର୍ଯ୍ୟଟନ ବିଭାଗର କମିଶନର-କମ-ସଚିବ ବଲୱନ୍ତ ସିଂହ ଓଡ଼ିଶାର ବିବିଧ ପର୍ଯ୍ୟଟନ ସ୍ଥଳୀ ଏବଂ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ସରକାରଙ୍କ ଦୃଷ୍ଟିକୋଣକୁ ଆଲୋକପାତ କରିଥିଲେ। ପର୍ଯ୍ୟଟନ ବିଭାଗନିର୍ଦ୍ଦେଶକ ଆଇଏଏସ୍ ସମର୍ଥ ବର୍ମା ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରିବାଦିଗରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ଫିକି ପର୍ଯ୍ୟଟନ କମିଟିର ସହ-ଅଧ୍ୟକ୍ଷ ତଥା ଏଚ୍ଆରଏଓର ଲାଇଫ୍ ଟାଇମ୍ ଅଧ୍ୟକ୍ଷ ଜେ.କେ ମହାନ୍ତି ଆସନ୍ତା ବର୍ଷର କାର୍ଯ୍ୟକ୍ରମରୁ ଟ୍ରାଭେଲ ଏଜେଣ୍ଟ ଏବଂ ଟୁର୍ ଅପରେଟରଙ୍କୁ ଅତି କମ୍ରେ ୭ ରାତି ଓଡ଼ିଶାରେ ରହିବାକୁ ଆମନ୍ତ୍ରଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଆଇଏଟିଓ ଓଡ଼ିଶା ଚାପ୍ଟର ଅଧ୍ୟକ୍ଷ ଗଗନ ଷଡ଼ଙ୍ଗୀ, ସ୍ୱତନ୍ତ୍ର ଗନ୍ତବ୍ୟ ସ୍ଥଳ ସିଇଓ ନିତେଶ କକ୍କର, ଟେରାନୋଭା ରିପ୍ରେଜେଣ୍ଟେସନ୍ (ଇସ୍ରାଏଲ୍)ର ମୁଖ୍ୟ କାହାଣୀକାର ଡଭ କାଲ୍ମାନ୍, ହୋରାଇଜନ୍ ହୋଲିଡେଜ୍ କଶ୍ମୀରା ଠାକର, ନବଗୁଞ୍ଜରା ଟ୍ରାଭେଲ୍ସ ଏମ୍ଡି ତିମିର ବରଣ ପଟ୍ଟନାୟକ ଏବଂ ସେଲିବ୍ରିଟି ସେଫ୍ ରଣବୀର ବ୍ରାରଙ୍କ ସମେତ ଅନେକ ଶିଳ୍ପନେତା ଓଡ଼ିଶାର ପ୍ରାକୃତିକ, ସାଂସ୍କୃତିକ ଓ ଐତିହ୍ୟ ସୌନ୍ଦର୍ଯ୍ୟ ଉପରେ ସେମାନଙ୍କ ଅନନ୍ୟ ଅନୁଭୂତି ଓ ବୁଝାମଣା ବାଣ୍ଟିଥିଲେ। ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ୭୦ ଜଣ ବିକ୍ରେତା ଓ ଘରୋଇ କ୍ଷେତ୍ରର ୩,୦ରୁ ଅଧିକ ପୂର୍ବ ନିର୍ଦ୍ଧାରିତ ବି୨ବି ବୈଠକ ଏବଂ ଅନ୍ତର୍ଜାତୀୟ ଟୁର୍ ଅପରେଟର, ଏହି ଇଭେଣ୍ଟର ଉଦ୍ଦେଶ୍ୟ ହେଉଛି ଦୀର୍ଘମିଆଦୀ ବ୍ୟବସାୟିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା । ଭିତରକନିକା, ରଘୁରାଜପୁର, ପୁରୀ-କୋଣାର୍କ ଓ ହୀରା ତ୍ରିକୋଣ ସମେତ ପ୍ରମୁଖ ଗନ୍ତବ୍ୟସ୍ଥଳକୁ ପରିଚିତ ଯାତ୍ରାର ଆୟୋଜନ କରାଯାଇ ଓଡ଼ିଶାର ଅନନ୍ୟ ଆକର୍ଷଣର ପ୍ରାରମ୍ଭିକ ଅନୁଭୂତି ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ-ଏକାମ୍ର ବାବୁ ସିଂହ, ମାନବ ମଜୁମଦାର, ଫିକିର ବରିଷ୍ଠ ଉପଦେଷ୍ଟା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱତନ୍ତ୍ର ହସ୍ତତନ୍ତ ପ୍ରଦର୍ଶନୀ ଉଦ୍‌ଘାଟିତ

## 'ମହିଳା ବୁଣାକାର ଓଡ଼ିଶା ବୟନ ଅର୍ଥନୀତିର ମେରୁଦଣ୍ଡ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହିଳା ବୁଣାକାରମାନେ ହେଉଛନ୍ତି ଓଡ଼ିଶା ବୟନ ଅର୍ଥନୀତିର ମେରୁଦଣ୍ଡ । ପୁରାତନ ଓ ନୂତନ ବୟନ କଳାର ଅଭିନବ ସମିଶ୍ରଣ ଦ୍ୱାରା ସେମାନେ ପ୍ରସ୍ତୁତ କରୁଛନ୍ତି ଆକର୍ଷଣୀୟ ବୟନ ଉତ୍ପାଦ । ସ୍ଥାନୀୟ ଏକାମ୍ର ହାଟରେ ମହିଳା ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀର ସ୍ୱତନ୍ତ୍ର ପ୍ରଦର୍ଶନୀ କୁ ଉଦ୍ଘାଟନ କରି ଏହା କହିଛନ୍ତି ମୁଖ୍ୟ ଅତିଥି ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ । ସମାରୋହରେ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ ଯୋଗଦେଇ କହିଛନ୍ତି, ମହିଳା ବୁଣାକାରଙ୍କ ଶ୍ରମ ଓ ବୟନଭିତ୍ତିକ ନବସୃଜନ ଓଡ଼ିଶାକୁ ନୂଆ ପରିଚୟ ଦେଇଛି । ସେମାନଙ୍କ ପ୍ରଚେଷ୍ଟାକୁ ଅଧିକ ପ୍ରେରିତ କରିବା ସହ ଆର୍ଥିକ ସଶକ୍ତିକରଣ ଦିଗରେ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ମଞ୍ଚ । ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ସଂସ୍ଥା ଦ୍ୱାରା ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ୧୦ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଚାଲିବ । ଦିବା ୧୧ରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହିବ । ଏଥର ମୋଟ ୩୩ଟି ଷ୍ଟଲ ଖୋଲା ଯାଇଛି । ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ବରଗଡ଼, କଟକ, ସୋନପୁର, ଆଠଗଡ଼, ବୌଦ୍ଧ, ବଲାଙ୍ଗିର, ଖୋର୍ଦ୍ଧା, ବାରିପଦା, ବାଲେଶ୍ୱର, ବ୍ରହ୍ମପୁର, ନୟାଗଡ଼, ଢେଙ୍କାନାଳ, କୋରାପୁଟ, ସୁନ୍ଦରଗଡରୁ ଅଂଶଗ୍ରହଣ କରିଥିବା ମହିଳା ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ହସ୍ତତନ୍ତ ଉତ୍ପାଦ ଯଥା ଶାଢ଼ି, ପୋଷାକ ସାମଗ୍ରୀ, କପଡ଼ା, ଘର ସାଜସଜ୍ଜା ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିଛି । ଉତ୍ସବରେ ବୟନଶିଳ୍ପ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଇନ୍ଦିରା ବେହେରା, ଯୁଗ୍ମ ସଚିବ ମମତା ନାୟକ, ରେଶମ ଚାଷର ଅତିରିକ୍ତ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ବୟନ ଶିଳ୍ପର ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ, ଉପ-ନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ସଂସ୍ଥାର ଅଧିକାରୀ ଓ କର୍ମକର୍ତ୍ତା, ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରୟାଗରାଜ ମହାକୁମ୍ଭରେ ବୁଡ଼ ପକାଇଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପବିତ୍ର ତ୍ରିବେଣୀ ସଙ୍ଗମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ବୁଡ଼ ପକାଇଛନ୍ତି । ସପ୍ତଲୋକକୁ ସ୍ମରଣ କରି ସେ ସାତ ଥର ବୁଡ଼ ପକେଇଛନ୍ତି । ଶରୀର ଭିତରେ ଥିବା ସାତ ଗୋଟି ଚକ୍ର ଏହି ସପ୍ତଲୋକର ପ୍ରତୀକ । ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିବା ସହ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ନିମନ୍ତେ ସେ ପ୍ରାର୍ଥନା କରିଛନ୍ତି । ଗାଁ ଗାଁରେ ପ୍ରଗତିର ଗଙ୍ଗା ବହିବା ସହ ରାଜ୍ୟରେ ଶାନ୍ତି ଓ ଉନ୍ନତି ପାଇଁ କାମନା କରିଛନ୍ତି । ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସରେ ପ୍ରୟାଗରାଜର ତ୍ରିବେଣୀ ସଙ୍ଗମ କେବଳ ପ୍ରିୟତମ ନୁହେଁ ମୁକ୍ତିର ଏକ ପବିତ୍ର ତୀର୍ଥସ୍ଥାନ । ଏହି ପବିତ୍ର ସ୍ନାନ ସମୟରେ ସାଥିରେ ତାଙ୍କ ସହଧର୍ମିଣୀ ତଥା ସାଂସଦ ଶ୍ରୀମତୀ ସଂଗୀତା କୁମାରୀ ସିଂହଦେଓ ଓ ସୁପୁତ୍ରୀ ନିଭ୍ରିତି କୁମାରୀ ମେଓ୍ୱାର ମଧ୍ୟ ଉପସ୍ଥିତ ଥିଲେ ।

## ରାଜଧାନୀକୁ ଜଗିବ ଏଆଇ କ୍ୟାମେରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀକୁ ଜଗିବ ଏଆଇ କ୍ୟାମେରା । ଅପରାଧୀଙ୍କ ଗତିବିଧି ଉପରେ ରହିବ ନଜର ଏଆଇ କ୍ୟାମେରା । ଖୁବ୍‌ଶୀଘ୍ର ଏଭଳି ପଦକ୍ଷେପ ନେବାକୁ ଯାଉଛି କମିସନରେଟ ପୋଲିସ । ବିଭିନ୍ନ ଛକ ବଜାରରେ ଏବଂ ଟ୍ରାଫିକ ପୋଷ୍ଟରେ ପ୍ରାଥମିକ ପର୍ଯ୍ୟାୟରେ ଲାଗିବ ଏଆଇ କ୍ୟାମେରା । ସ୍ମାର୍ଟ ସିଟିରେ ପାଖାପାଖି ୧୦୦୦ଟି କ୍ୟାମେରା ରହିଛି । ଆହୁରି ଅଧିକ କ୍ୟାମେରା ଲଗାଇବା ପାଇଁ ରାଜ୍ୟ ସରକାରଙ୍କୁ ଏନେଇ ଚିଠି ଲେଖି ଜଣାଇବ କମିସନରେଟ ପୋଲିସ । ସେପଟେ ଆପର୍ଟମେଂଟ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ତାଗିଦ କଲେ ପୋଲିସ କମିସନର । ଯଥା ଶୀଘ୍ର ଆପାର୍ଟମେଂଟ ଓ ଏଟିଏମ କାଉଂଟରକୁ ପୋଲିସ କଣ୍ଟ୍ରୋଲ ରୁମ ସହ ସଂଯୋଗ କରିବାକୁ କହିଛନ୍ତି ପୋଲିସ କମିସନର ସୁରେଶ ଦେବଦତ୍ତ ସିଂ ।

### ୨୮ରେ ମୋଟୁ ଠାରେ ବିଶାଳ ଗଣ ସମ୍ମିଳନୀ

## ବିଶାଳ ଗଣସମ୍ମିଳନୀକୁ ବିଜେଡିର ସମର୍ଥନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୋଲାଭରମ ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ମାଲକାନଗିରି ଜିଲ୍ଲାର ମୋଟୁ ଠାରେ ଏକ ବିଶାଳ ଗଣ ସମ୍ମିଳନୀ ଆସନ୍ତା ଫେବୃଆରୀ ୨୮ ତାରିଖରେ ଅନୁଷ୍ଠିତ ହେବ ବୋଲି ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ମୁଖପାତ୍ର ଭୃଗୁ ବକ୍ସିପାତ୍ର ସୂଚନା ଦେଇଛନ୍ତି । ଶ୍ରୀ ବକ୍ସିପାତ୍ର କହିଥିଲେ, ପୋଲାଭରମ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ, ମାଲକାନଗିରି ଜିଲ୍ଲାର ମୋଟୁ ଓ ପଡିଆ ବ୍ଲକର ୧୨ଟି ପଂଚାୟତ ମଧ୍ୟରେ ଆସୁଥିବା ପ୍ରାୟ ଅନେକ ଗ୍ରାମ ଜଳମଗ୍ନ ହେବ । ଏହି ପ୍ରକଳ୍ପ ଆରମ୍ଭ ହେବା ଦିନ ଠାରୁ ବିଜୁ ଜନତା ଦଳ ବିରୋଧ କରିଆସୁଛି । ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ, ସେ ବାରମ୍ବାର ପତ୍ର ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ପୋଲାଭରମ ସମ୍ପର୍କରେ କେନ୍ଦ୍ର କି ଆନ୍ଧ୍ର କୌଣସି ଏକପାଖିଆ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ନିଦ୍ଦେର୍ଶ ଦେଇଛନ୍ତି । ଏହା ସତ୍ତ୍ୱେ, କେନ୍ଦ୍ର ସରକାର ଗତ ଦୁଇଟି ବଜେଟରେ ପୋଲାଭରମ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରାୟ ୧୭,୦୦୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି । ବିଜୁ ଜନତା ଦଳ ସବୁ ସମୟରେ ପୋଲାଭରମ ବିରୋଧରେ ସ୍ୱର ଉତ୍ତୋଳନ କରିଆସୁଛି । ପୋଲାଭରମ ପ୍ରସଙ୍ଗରେ, ବିଜୁ ଜନତା ଦଳ ସର୍ବଦା ସକ୍ରିୟ ରହିଥିବା ବେଳେ ମୋଟୁ ଠାରେ ପୋଲାଭରମ ମିଳିତ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଆୟୋଜିତ ହେବାକୁ ଥିବା ବିଶାଳ ଗଣ ସମ୍ମିଳନୀକୁ ବିଜୁ ଜନତା ଦଳ ସମର୍ଥନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛି ବୋଲି ଶ୍ରୀ ବକ୍ସିପାତ୍ର ସୂଚନା ଦେଇଥିଲେ ।

## ମହାକୁମ୍ଭ ସମ୍ବନ୍ଧିତ ଫଟୋ ପ୍ରଦର୍ଶନୀ, ରାକେଶଙ୍କ ଧାର୍ମିକ ଚେତନାକୁ ପ୍ରଶଂସା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ସମାବେଶ 'ମହାକୁମ୍ଭ-୨୦୨୫' ପବିତ୍ର ବୁଡ଼ ପାଇଁ ଲକ୍ଷ ଲକ୍ଷ ଲୋକ ପ୍ରୟାଗରାଜ ଯାଉଥିବାବେଳେ ଏହି ଧାର୍ମିକ ସମାବେଶର ଅଭିନବ ଚିତ୍ରାଙ୍କନ ନିଶ୍ଚୟ ଭାବେ ଭାରତ ତଥା ଓଡିଶାର ସାଂସ୍କୃତିକ ଓ ଧାର୍ମିକ ଚେତନାକୁ ନୂତନ ଦୃଷ୍ଟିକୋଣରେ ଦେଖିବାକୁ ସହାୟକ ହେବ । ଏଭଳି ଫଟୋ ପ୍ରଦର୍ଶନୀ ମାଧ୍ୟମରେ ଭକ୍ତି, ଆସ୍ଥା ଏବଂ ଲୋକସଂସ୍କୃତିର ଅନନ୍ୟ ମେଳ ଦର୍ଶକଙ୍କୁ ଅନୁଭବ କରାଇବ। ଫୋଟୋ ସାମ୍ବାଦିକ ରାକେଶ ରାଉଳଙ୍କ ଏହି ପ୍ରୟାସ ବାସ୍ତବରେ ଓଡ଼ିଆ ସଂସ୍କୃତିର ଏକ ଜୀବନ୍ତ ଚିତ୍ର ସୃଷ୍ଟି କରିଛି । ଏହିପରି ଭାବନାମୟ ତଥା ଆଧ୍ୟାତ୍ମିକ ଦୃଶ୍ୟ ଓଡ଼ିଆ ମାନସିକତାକୁ ଏକ ଅନ୍ୟ ମଞ୍ଚରେ ଆଣି ପହଞ୍ଚେଇ ପାରିବ। ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ହେଉଥିବା ମହାକୁମ୍ଭ ସମ୍ବନ୍ଧିତ ଫଟୋ ପ୍ରଦର୍ଶନୀକୁ ବିଜେପି ଉପ ସଭାପତି ଗୋଲକ ମହାପାତ୍ର ଓ ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏତଦବ୍ୟତୀତ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ବାଦ ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟାୟକ, ବିଜେପି ମୁଖପାତ୍ର ସଜ୍ଜନ ଶର୍ମାଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରି ଫଟୋ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏହି ଅବସରରେ ଏପରି ଏକ ମହତ୍ କାର୍ଯ୍ୟ କରିଥିବାରୁ ଫଟୋଗ୍ରଫର୍ ରାକେଶ ରାଉଳଙ୍କ ଭୂୟସୀ ପ୍ରଶଂସା କରିବା ସହ ଯେଉଁମାନେ ମହାକୁମ୍ଭ ଭଳି ମହାନ ଧର୍ମୀୟ ପରିବେଶରେ ନିଜକୁ ସାମିଲ କରି ପାରିନାହାଁନ୍ତି ସେମାନେ ଏଠାକୁ ଆସି କିଛିମାତ୍ରାରେ ସେହି ଅନୁଭୂତି ଲାଭ କରିପାରିବେ ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ କି ପିଏନ୍ଭି ଫାଉଣ୍ଡେସନ, ମାଇଁ ସିଟି ଲିଙ୍କସ୍ ଓ ଓଡ଼ିଶା ଲିଙ୍କସ୍‌ର ମିଳିତ ସହଯୋଗରେ ଆୟୋଜିତ ହେଉଥିବା ଏହି ପ୍ରଦର୍ଶନୀ ଆସନ୍ତା ୨୬ରେ ମହାଶିବରାତ୍ରି ପର୍ଯ୍ୟନ୍ତ ସକାଳ ୧୦ ଘଟିକାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ।

### ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଜାତୀୟସ୍ତରୀୟ ଭଜନ ସମାରୋହ

## ଯୋଗଦେବେ ମୁମ୍ବାଇ, କୋଲକତା, ଲକ୍ଷ୍ନୌର ୬ କଳାକାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଲିଙ୍ଗରାଜ ଲାଇବ୍ରେରୀ ହଲ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟ ଓ ସାଧାରଣ ସାମ୍ପାଦକ ସନତ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଜାତୀୟସ୍ତରୀୟ ଏହି ଭଜନ ସମାରୋହ ଚଳିତବର୍ଷ ୩୬ବର୍ଷ ପାଳନ କରିବ। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ଉଦ୍ୟମ ହୋଇଛି। ମୁମ୍ବାଇର ଖ୍ୟାତନାମା କଣ୍ଠଶିଳ୍ପୀ ଉଷା ଉଥପ, ଅନୁରାଧା ପଡ଼ୱାଲ, ଅଭିଜିତ ଘୋଷାଲ, କୁମାର ସଞ୍ଜୟ, ପ୍ରତ୍ୟୋଷ ଶର୍ମା, ମଧୁମିତା ପାଉଲଙ୍କ ସମେତ ଓଡ଼ିଶାର ୨୫ରୁ ଉର୍ଦ୍ଧ୍ୱ ଖ୍ୟାତନାମା କଣ୍ଠଶିଳ୍ପୀ ଯୋଗଦାନ କରିବେ। ଉକ୍ତ ଦିନ ଭୋର ୪ ଘଟିକାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ରନାମ, ଭାଗବତ, ଗୀତା ପାଠ, ଶିବ ଚେତନା, ହରି ଭଜନ, ରାମ ଚରିତ ପାରାୟଣ କରାଯିବ। ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହେବ। ଏହାପରେ ଜାତୀୟସ୍ତରୀୟ ଭଜନ ସମାରୋହ ଆୟୋଜନ କରାଯିବ। ଚଳିତବର୍ଷ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ୨୨ତମ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯିବ। ଏହି ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ଉଷା ଉଥପ, ଅନୁରାଧା ପଡ଼ୱାଲ, ଅଭିଜିତ ଘୋଷାଲ, କୁମାର ସଞ୍ଜୟ, ପ୍ରତ୍ୟୋଷ ଶର୍ମା, ମଧୁମିତା ପାଉଲ, ଡ. ମୃତ୍ୟୁଞ୍ଜୟ ମହାପାତ୍ର, ପ୍ରସନ୍ନ କୁମାର ସ୍ୱାଇଁ, ଜିତୁ ଦାସ, ପଙ୍କଜ ଲୋଚନ ମହାନ୍ତି, ଭାଗବତ ସାହୁ, ଚନ୍ଦ୍ରୟନନ୍ଦ ବଡ଼ଜେନା, ମାଧବାନନ୍ଦ ବେହୁରା, କେ ମୁରୁଗାସନ, ରାଜୀବ ଶେଖର ସାହୁ, ପ୍ରେମାନନ୍ଦ, ଡ. ବଦ୍ରୀନାଥ ପଟ୍ଟନାୟକ, ଦୀପକ ଦାଶ, ସତ୍ୟ ରଞ୍ଜନ ସେନାପତି, ଡ. ଶଙ୍କର ଆଚାର୍ଯ୍ୟ, ଡ. ତିରୁପତି ପାଣିଗ୍ରାହୀ, ଶ୍ରୀବତ୍ସ ପତି ଓ ଇପ୍ସିତା ଦାସ ପ୍ରମୁଖ ୨୩ଜଣଙ୍କୁ ଏକାମ୍ରଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯବ। ଏନେଇ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ ସନତ ମିଶ୍ର, ଉପସଭାପତି ଶିବାନନ୍ଦ ରାୟ, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଲଲତେନ୍ଦୁ ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, କେଦାରନାଥ ମହାପାତ୍ର, ବାବନଚନ୍ଦ୍ର ମହାପାତ୍ର, ପ୍ରମୋଦ ମହାନ୍ତି ଓ ପ୍ରତାପ ପଟ୍ଟନାୟକ ପ୍ରମୁଖ ସୂଚନା ଦେଇଛନ୍ତି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ, ସ୍ଥାନୀୟଏକାମ୍ର ବିଧାୟକ ତଥା ଅନୁଷ୍ଠାନର ଉପସଭାପତି ବାବୁ ସିଂ, ପୂର୍ବତନ ବିଜେପି ସଭାପତି ତଥା ଅନୁଷ୍ଠାନର ଉପସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ସେମାନେ କହିଛନ୍ତି।

## ଅଗ୍ରୀମ ସ୍କୁଲ ଫି ଆଦାୟ କରି ଡିଏମ୍ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ହଟହଟ୍ଟା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ଥାନୀୟ ବସୁଆଘାଇ ସ୍ଥିତ ଡିଏମ୍ ପବ୍ଲିକ ସ୍କୁଲରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ମାତ୍ର ଦୁଇ ମାସର ଅଧ୍ୟକ୍ଷ ସ୍କୁଲରେ ବିଭିନ୍ନ ପ୍ରକାରର ବିଶୃଙ୍ଖଳା କରିବା ସହ ଛାତ୍ରଛାତ୍ରୀ ଏବଂ ଶିକ୍ଷକ୍ଷକୁ ମୋବାଇଲ ସିମ କାର୍ଡ ସହ ତୁଳନା କରି କହିଥିଲେ ଯେ 'ଆଗଦିଅ ଆଉ ପଛେନିଅ । ଏପରି ଏକ ଦାୟିତ୍ୱହୀନ ଦ୍ୱିଅର୍ଥ ବୋଧକ ମନ୍ତବ୍ୟ ଦେଇ ନିଜର ହୀନ ମାନସିକତାକୁ ପରିପ୍ରକାଶ କରିବା ସହ ମାର୍ଚ୍ଚ ମାସର ସ୍କୁଲ ଫି ଫେବୃଆରୀ ମାସରେ ଅଗ୍ରୀମ ଦେବାପାଇଁ ବାରମ୍ବାର ନୋଟିସ ଜାରି କରି ହଟହଟ୍ଟା ହୋଇଛନ୍ତି । ସ୍କୁଲ କର୍ତ୍ତୃପକ୍ଷ ୬୦୦ରୁ ଉର୍ଦ୍ଧ ପିଲାଙ୍କର ଆଡମିଟ କାର୍ଡ ଅଟକ ରଖି ବାର୍ଷିକ ପରୀକ୍ଷାରୁ ବଞ୍ଚିତ କରିବା ସହ ସେମାନଙ୍କୁ ମାନସିକ ନିର୍ଯାତନା ଦେବା ହେତୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଥିଲା, ତାକୁ ନେଇ ଶତାଧିକ ଅଭିଭାବକ ସ୍କୁଲ ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ନାୟକଙ୍କ ସହ ଆଲୋଚନା ପାଇଁ ଯାଇଥିବା ବେଳେ ସହ ଅଧ୍ୟକ୍ଷା ଇନ୍ଦୁମତି ରଥଙ୍କ ଉଗ୍ର ରୂପ ଏବଂ ଏକଥନୀୟ ବ୍ୟବହାରରେ ମ୍ରିୟମାଣ ହୋଇଥିଲେ । ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ନାୟକ ଅଭିଭାବକଙ୍କୁ ବେଖାତିର କରିବା ସହ ଆଲୋଚନା ଏବେ ନୁହେଁ, ଦିନ ୧୨ଟା ପରେ ହେବ, ଆମେ ତମ କଥାରେ କରିପାରିବୁ ନାହିଁ ବୋଲି କହି ଘଉଡ଼ାଇ ଦେଇଥଲେ । ଅନ୍ତର ଦୁଃଖରେ ଭାଙ୍ଗି ପଡିବା ସହ ଉପାୟ ଶୂନ୍ୟ ହୋଇ ଅଭିଭାବକ ଅଧ୍ୟକ୍ଷଙ୍କ ଚାମ୍ବର ସମ୍ମୁଖରେ ଧାରଣାରେ ବସିବାକୁ ବାଧ ହୋଇଥିଲେ । ପୋଲିସ ପ୍ରଶାସନ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ଚେୟାରମ୍ୟାନ ନୟନତାରା ଆଚାର୍ଯ୍ୟ ବୁଝାସୁଝା କରିବା ସହ ଅଧ୍ୟକ୍ଷ ନୂଆ ଆସିଛନ୍ତି ଏବଂ ଦାୟିତ୍ୱହୀନ ଭାବେ ନୋଟିସ ପଠାଇଛନ୍ତି । ଏଥିସହ ଅଧ୍ୟକ୍ଷା ରାଗି କହି କ୍ଷମା ପ୍ରାର୍ଥନା କରିଥିଲେ ଏବଂ କହିଥିଲେ ଯେ କୌଣସି ପିଲା ପରୀକ୍ଷାରୁ ବଞ୍ଚିତ ହେବନାହିଁ, ମୁଁ ସମସ୍ତଙ୍କୁ ପରୀକ୍ଷା ଦେବା ପାଇଁ ଅନୁମତି ପ୍ରଦାନ କରୁଛି । ଏଥିନେଇ ଅଭିଭାବକମାନେ ଚେୟାରମ୍ୟାନଙ୍କୁ ସାଧୁବାଦ ଅର୍ପଣ କରିବା ସହ ଧାରଣା ଧର୍ମଘଟରୁ ନିବୃତ୍ତ ହୋଇଥିଲେ ବୋଲି ସ୍କୁଲ ଅଭିଭାବକ ସଂଘ ପ୍ରକାଶ କରିଛି ।

## କପିକରି ଧରାପଡିଲେ ୮ ପରୀକ୍ଷାର୍ଥୀ

କଟକ(ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ୮ ପରୀକ୍ଷାର୍ଥୀ କପି କରି ଧରାପଡିଛନ୍ତି । ଇଂରାଜୀ ପରୀକ୍ଷାରେ କପି କରି ଧରାପଡିଲେ ୮ ଜଣ ପରୀକ୍ଷାର୍ଥୀ ସିସିଟିଭିରେ ଧରାପଡିଥିବା ବୋର୍ଡ ସଭାପତି ସୂଚନା ଦେଇଛନ୍ତି । ଧରାପଡିଥିବା ପରୀକ୍ଷାର୍ଥୀଙ୍କ ସହ ଅନ୍ୟ କେହି ସାମିଲ ନଥିବା ବୋର୍ଡ ପକ୍ଷରୁ କୁହାଯାଇଛି । କପି ରୋକିବାକୁ ୪୨ଟି ସ୍କ୍ୱାଡ, ୭୨ଟି ଫ୍ଲାଇଂ ସ୍କ୍ୱାଡ ଗଠନ ହୋଇଛି । ସମ୍ବେଦଶନଶୀଳ ଓ ଅତି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ଏଆଇ କ୍ୟାମେରା ବ୍ୟାବସ୍ଥା କରାଯିବା ସହିତ ସବୁ ନୋଡାଲ ସେ ଉରେ ଲାଇଭ ଷ୍ଟ୍ରିମିଂ କରାଯାଇଛି । ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଖଞ୍ଜା ଯାଇଛି । ସୂଚନାଥାଉକି ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ଏଆଇ ଦ୍ୱାରା କେତେକ ପରୀକ୍ଷା କେନ୍ଦ୍ରରୁ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସିଥିବା ବେଳେ ତ୍ରୁଟି ସୁଧାରିବାକୁ ସଜାଗ ହୋଇଛି ବୋର୍ଡ । ପରୀକ୍ଷା ସୁପରିଚାଳନା ପାଇଁ ଏଥର ବିଶେଷ ବ୍ୟବସ୍ଥା କରାଯାଇଛି ।

## ଆତ୍ମହତ୍ୟା ଉଦ୍ୟମ ବେଳେ କଟିଲା ଗୋଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଟିଆ ଷ୍ଟେସନରେ ଅଭାବନୀୟ ଘଟଣା। ଆତ୍ମହତ୍ୟା ଉଦ୍ୟମ ବେଳେ କଟିଲା ଗୋଡ। ଘଟଣା ସ୍ଥଳରେ ଇନଫୋସିଟି ପିସିଆର୍ ଓ ଜିଆରପି ପୋଲିସ ପହଞ୍ଚିଥିଲେ। ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲ୍ ପଠାଇଛି ପୋଲିସ। ଉକ୍ତ ବ୍ୟକ୍ତିଙ୍କ ପରିଚୟ ଜଣାପଡିନି ।

## 'କାନ୍ତକବି ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଅବିସ୍ମରଣୀୟ ସାଧକ'



କଟକ(ଭାସ୍କର ନ୍ୟୁଜ): କାନ୍ତକବି ଲାକ୍ଷ୍ମୀକାନ୍ତ ମହାପାତ୍ରାଙ୍କ ତିରୋଧାନ ଦିବସ ଉପଲକ୍ଷେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ 'କାନ୍ତକବିଙ୍କ ସାହିତ୍ୟରେ ସମାଜ ଚେତନା' ବିଷୟରେ ଏକ ଆଲୋଚନା ଓ ସାମାଜିକ ମନନ କବିତା ପାଠୋତ୍ସବ ସଂସର୍କର ସେତୁ' ପକ୍ଷରୁ ଆୟୋଜିତ ହୋଇଯାଇଛି । ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ଅଧ୍ୟାପକ ଡକ୍ଟର ବିଜୟଲକ୍ଷ୍ମୀ ଦାଶ ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇଥିଲେ । ସଂପର୍କର ସେତୁ' ପତ୍ରିକାର ସଂପାଦକ ଭାଗ୍ୟରବି ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । । ମୁଖ୍ୟ ଆଲୋଚକ କାନ୍ତକବିଙ୍କ ସାହିତ୍ୟରେ ଜାତୀୟତାବୋଧ, ସାମାଜିକ ଚେତନା ତଥା ଜୀବନର ବାସ୍ତବତା କିପରି ପରିପ୍ରକାଶ ଘଟିଛି ଆଲୋଚନା କରିବା ସହ କାନ୍ତକବିଙ୍କ କାଳଜୟୀ ସୃଷ୍ଟି କଣାମାମୁଁ ଉପରେ ବିଶଦ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀମାନେ କବିତା ପାଠ କରିବା ପରେ ସୂର୍ଯ୍ୟକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁରୂପଭାବେ 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୨ତମ ଓ ସାହିତ୍ୟିକ ମାଧବ ଚନ୍ଦ୍ର ଶତପଥୀଙ୍କ ୮ମ ଶ୍ରାଦ୍ଧବାର୍ଷିକୀ କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଖାନନଗରସ୍ଥ ସମିତି ସଭାଗୃହରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସଂପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଅଧ୍ୟାପିକା ପ୍ରତିମା ଶତପଥୀ, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ବିଦ୍ୟୁତ କୁମାର ଲାଲା ଯୋଗ ଦେଇଥିଲେ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଅବିସ୍ମରଣୀୟ ସାଧକ ଏବଂ ହାସ୍ୟ ବ୍ୟଙ୍ଗ ସ୍ରଷ୍ଟା ମାଧବ ଶତପଥୀ ଥିଲେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ସର୍ବଶ୍ରୀ ମାଧବ ମିଶ୍ର, ସନ୍ଧ୍ୟା ଶତପଥୀ, ଶ୍ୟାମସୁନ୍ଦର ସାହୁ, ଜ୍ୟୋତିପ୍ରକାଶ କର, ନିବାସ ଚନ୍ଦ୍ର ମିଶ୍ର, ସଚ୍ଚିଦାନନ୍ଦ କର, ସାରଦା ପ୍ରସାଦ ସାହୁ, ଅଧ୍ୟାପକ ଅଶୋକ କୁମାର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଗଠନ ସଂପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ସୁଭଦ୍ରା ଶକ୍ତି ମେଳା

## ମନ ମୋହୁଛି ବାରିପଦା ମୁଢିମାଂସ ସାଙ୍ଗକୁ ମାଛ ଆମ୍ବିଳ





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ସମୃଦ୍ଧ ଐତିହ୍ୟ, କାରିଗରୀ ଏବଂ ମହିଳା ନେତୃତ୍ୱାଧୀନ ଉଦ୍ୟୋଗର ଅଭୁତପୂର୍ବ ପ୍ରଦର୍ଶନ, ଭୁବନେଶ୍ୱରର ଜନତା ମଇଦାନରେ ଚାଲିଥିବା ସୁଭଦ୍ରା ଶକ୍ତି ମେଳା ୨୦୨୫ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଚାଲିଛି। ୩୦୦ରୁ ଅଧିକ ଷ୍ଟଲ୍ ସହିତ ଏହି ମେଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଏବଂ ଉତ୍ପାଦକ ଗୋଷ୍ଠୀ (ପିଜି) ମାନଙ୍କ ପାଇଁ ହସ୍ତତନ୍ତ, ହସ୍ତଶିଳ୍ପ, ଜୈବିକ ଉତ୍ପାଦ, ଘରୋଇ ସାମଗ୍ରୀ, ମା ମାନଙ୍କ ହାତ ତିଆରି ଖାଦ୍ୟ ଓ ମସଲା ସମେତ ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦର୍ଶନ କରିବାରେ ଏକ ବୃହତ ମଞ୍ଚ ସାଜିଛି। ମେଳାର ଆକର୍ଷଣ ମଧ୍ୟରେ ମା ମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ସମ୍ଭାର । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଏସ୍ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ଓଡ଼ିଆ ପାରମ୍ପରିକ ବ୍ୟଞ୍ଜନର ପ୍ରକୃତ ସ୍ୱାଦ ପରିବେଷଣ କରାଯାଉଛି। ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲା ତାର ନିଜସ୍ୱ ପରମ୍ପରା ଏବଂ ଖାଦ୍ୟ ପରିଚୟ ରହିଛି । ସାରା ଓଡ଼ିଶାରେ ଏପରି ଏକ ପ୍ରିୟ ଖାଦ୍ୟ ହେଉଛି ମୟୂରଭଞ୍ଜର ମୁଢି ମାଂସ । ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୩୮,୨୦୦ ଟଙ୍କାର ବିକ୍ରୟ ସହିତ, ମେଳାର ତୃତୀୟ ଦିବସରେ ମୟୁରଭଞ୍ଜର ରସଗୋବିନ୍ଦପୁର ବ୍ଲକର ମୟୂର ମୁଢ଼ି ଉତ୍ପାଦକ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ମୁଢ଼ି ମାଂସ ଦର୍ଶକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଛି । ଏଥି ସହିତ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୭୦୦ରୁ ଅଧିକ ଦର୍ଶକ ଦିଗନ୍ତ ପରିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ମାଛ ଆମ୍ବିଳର ମଜା ଉଠାଇଛନ୍ତି, ଯାହା ଏସ୍ଏଚ୍‌ଜି-ନେତୃତ୍ୱାଧୀନ ଖାଦ୍ୟ ଉଦ୍ୟୋଗର ଲୋକପ୍ରିୟତାକୁ ପ୍ରମାଣିତ କରୁଛି। ସୁପରିଚିତ ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ଆଗମନ ତୃତୀୟ ଦିନର ଉତ୍ସାହକୁ ଆହୁରି ବଢ଼ାଇଥିଲା । ସେ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ଏସ୍ଏଚ୍‌ଜି ସଦସ୍ୟମାନଙ୍କ ଦ୍ୱାରା ମେଳାରେ ପ୍ରଦର୍ଶିତ ବିଭିନ୍ନ ଉତ୍ପାଦର ପ୍ରଶଂସା କରିଥିଲେ। ତୃତୀୟ ଦିନ ଶେଷ ସୁଦ୍ଧା ୧୭ହଜାରରୁ ଅଧିକ ଦର୍ଶକଙ୍କ ଆଗମନ ହୋଇଥିବା ବେଳେ ଏବଂ ଦିନ ଶେଷ ସୁଦ୍ଧା ୪୭ ଲକ୍ଷର ମୋଟ ବିକ୍ରୟ ରେକର୍ଡ କରାଯାଇଥିଲା। ବିବିଧ ଆକର୍ଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉତ୍ସାହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଟ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।

-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।

- ଉତ୍କଳମଣି ଗୋପବନ୍ଧୁ ଦାସ



# ସରୁଛି ସର୍ବବୃହତ୍ ଧାର୍ମିକ ସମାରୋହ
# ଅନ୍ତିମ ବୁଡ଼ ପାଇଁ ସଜାଗ ରହୁ ପ୍ରଶାସନ

ସମଗ୍ର ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ସମାବେଶ ମହାକୁମ୍ଭ ମେଳା ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଶେଷ ହେବାକୁ ଯାଉଛି। ଦୀର୍ଘ ୧୪୫ ବର୍ଷର ବ୍ୟବଧାନରେ ପଡ଼ିଥିବା ଏହି ବିଶାଳ ଆଧ୍ୟାତ୍ମିକ ମେଳାରେ ଅଦ୍ୟାବଧି ୬୦ କୋଟିରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ଗଙ୍ଗା ନଦୀରେ ବୁଡ଼ ପକାଇ ସାରିଥିବା ବେଳେ ପ୍ରତିଦିନ ଦେଶ ବିଦେଶରୁ ହିନ୍ଦୁ ଧର୍ମାବଲମ୍ବୀଙ୍କ ସୁଅ ଏବେ ବି ସେଠାକୁ ଛୁଟି ଚାଲିଛି। ଦେଶର ଅଗ୍ରଗଣ୍ୟ ରାଷ୍ଟ୍ରନାୟକଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପ୍ରମୁଖ ରାଜନେତା, ବୁଦ୍ଧିଜୀବୀ, ବିଭିନ୍ନ ବର୍ଗର ନାଗରିକ ମହାକୁମ୍ଭରେ ବୁଡ଼ ପକାଇଛନ୍ତି। ମକର ସଂକ୍ରାନ୍ତି, ମୌନି ଅମାବାସ୍ୟା, ମାଘ ପଞ୍ଚମୀ, ମାଘ ସପ୍ତମୀ ଭଳି ପବିତ୍ର ତିଥିରେ ପ୍ରୟାଗରାଜରେ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିବା ବେଳେ କେତେକ ଅଘଟଣର ଖବର ମଧ୍ୟ ହସ୍ତଗତ ହୋଇଛି। ଆଉ ଦୁଇଦିନ ପରେ ପବିତ୍ର ମହାଶିବରାତ୍ରୀ ହିଁ ମହାକୁମ୍ଭ ମେଳାର ଅନ୍ତିମ ଦିବସ ହୋଇଥିବାରୁ ସେଦିନର ଗହଳି ଅଣାୟତ୍ତ ହେବାର ଆଶଙ୍କା କରାଯାଉଛି। ସେହି ଦୃଷ୍ଟିରୁ ରାଜ୍ୟ ପ୍ରଶାସନ ଯେକୌଣସି ପ୍ରକାର ଅଘଟଣର ମୁକାବିଲା କରିବାକୁ ଏବେ ଠାରୁ ସଜାଗ ଓ ସତର୍କ ରହିବାର ଆବଶ୍ୟକତା ରହିଛି। ଗତ ୪୩ଦିନ ଧରି ଚାଲିଥିବା ମହାକୁମ୍ଭ ମେଳାକୁ ନେଇ କେତେକ ରୋଚକପୂର୍ଣ୍ଣ ତଥ୍ୟ ଏବେ ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ ପ୍ରୟାଗରାଜକୁ ଆସି ଗଙ୍ଗାନଦୀରେ ବୁଡ଼ ପକାଇବା ଲାଗି ଭକ୍ତଙ୍କ ଏତେ ଆଗ୍ରହ ଥିଲା ଯେ ସେମାନେ ୩୦୦ ପ୍ରତିଶତ ଅଧିକ ଟଙ୍କା ଦେଇ ବିମାନ ଟିକେଟ କିଣିଥିଲେ। ସେହିପରି ଡଙ୍ଗା ଓ ଟେଣ୍ଟ ପାଇଁ ୬୭ ପ୍ରତିଶତ ଭକ୍ତ ଚାରିଗୁଣ ଅଧିକ ଅର୍ଥ ପଇଠ କରିଥିଲେ। ଅଟୋ, ଇ-ରିକ୍ସା, ବାଇକ୍ ଆରୋହୀ ଓ ଡଙ୍ଗା ବାଲା ମଧ୍ୟ ଯାତ୍ରୀମାନଙ୍କ ଠାରୁ ମନଇଚ୍ଛା ଭଡ଼ା ଆଦାୟ କରିଥିଲେ। ଡଙ୍ଗାବାଲା ୨୦ଗୁଣ ଅଧିକ ଭଡ଼ା ଆଦାୟ କରୁଥିବା ସ୍ଥଳେ ବାଇକ୍ ମାଲିକ ଯାତ୍ରୀଙ୍କୁ ଦୁଇ କିଲୋମିଟର ବାଇକ୍‌ରେ ନେବାକୁ ୫୦୦ଟଙ୍କା ଦାବି କରୁଛନ୍ତି। ଏହାସତ୍ତ୍ୱେ ଭକ୍ତଙ୍କ ଆଗ୍ରହକୁ ଏହା କମାଇପାରୁନାହିଁ ଏବଂ ଯେକୌଣସି ପ୍ରକାରେ ଗଙ୍ଗାରେ ବୁଡ଼ ପକାଇବାକୁ ସେମାନେ ସବୁକିଛି ତ୍ୟାଗ ସ୍ୱୀକାର କରି ଆଗେଇ ଆସୁଛନ୍ତି। ଭୟଙ୍କର ଜନଗହଳିରୁ ଫାଇଦା ଉଠାଇବାକୁ ଲୁଟେରା ଗୋଷ୍ଠୀ ମଧ୍ୟ ସକ୍ରିୟ ହୋଇ ଉଠିଛନ୍ତି। ସେମାନେ ଶ୍ରଦ୍ଧାଳୁଙ୍କ ଠାରୁ ମନଇଚ୍ଛା ଅର୍ଥ ଲୁଟ୍ କରୁଥିବାର ଦେଖାଯାଉଛି। ମହାକୁମ୍ଭରେ ଏବେ ପ୍ରତି ୧୦ଜଣରୁ ୯ ଯାତ୍ରୀ ଲୁଟ୍‌ର ଶିକାର ହେଉଥିବାର ଖୋଦ୍ ସରକାରୀ କର୍ତ୍ତୃପକ୍ଷ ମଧ୍ୟ ସ୍ୱୀକାର କରିଛନ୍ତି। ଅନ୍ୟ ଏକ ରୋଚକପୂର୍ଣ୍ଣ ତଥ୍ୟ ହେଉଛି ଯେ, ୭୫ଟି ଜେଲ୍‌ରେ ବନ୍ଦୀ ଥିବା ପାଖାପାଖି ୯୦ ହଜାର କଏଦୀ କୁମ୍ଭ ଜଳରେ ସ୍ନାନ କରିବାକୁ ସୁଯୋଗ ପାଇଛନ୍ତି। ପ୍ରୟାଗରାଜର ତ୍ରିବେଣୀ ସଙ୍ଗମରୁ ଆସିଥିବା ଜଳକୁ ସାଧାରଣ ଜଳରେ ମିଶାଇ କଏଦୀଙ୍କୁ ଗାଧୋଇବା ପାଇଁ ଦିଆଯାଇଛି। ମାନସିକ ଶାନ୍ତି ସହ ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ଉଦ୍ରେକ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି। ଉତ୍ତରପ୍ରଦେଶ ଦେଶର ପ୍ରଥମ ରାଜ୍ୟ ଭାବେ ଏଭଳି ପଦକ୍ଷେପ ନେଇଛି। ତେବେ ବିଭିନ୍ନ ଅପରାଧ ପାଇଁ ଦଣ୍ଡ ଭୋଗୁଥିବା କଏଦୀଙ୍କୁ ଏହା ପ୍ରକୃତରେ ମାନସିକ ଶାନ୍ତି ଯୋଗାଇ ପାରିଲେ, ଉତ୍ତରପ୍ରଦେଶ ସରକାରଙ୍କ ଏହି ପଦକ୍ଷେପର ସାର୍ଥକତା ପ୍ରମାଣିତ ହେବ।

# ଆହତ ପୃଥିବୀ



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ଆଜକୁ ପ୍ରାୟ ୨୦ ବର୍ଷ ତଳର କଥା। ପ୍ରକୃତିର କରାଳ ଗତିଚକ୍ର ଯୋଗୁ ବିଳମ୍ବିତ ମୌସୁମୀ ଅନେକଙ୍କ ମନରେ ଭୟ, ଆତଙ୍କ ଓ ଆଶଙ୍କାର ପ୍ରାଚୀର ଛିଡା କରାଇ ଦେଇଥିଲା। "Justice delayed is Justice denied"ଭଳି ବିଳମ୍ବିତ ମୌସୁମୀ କୃଷକ ସମାଜକୁ ଭାରାକ୍ରାନ୍ତ ଓ ବ୍ୟତିବ୍ୟସ୍ତ କରିବା ସହ ଏହା ପ୍ରକୃତିର କୃଷକ ସମାଜ ପ୍ରତି ଏକ କ୍ରୂର ଉପହାସ ବୋଲି ବିଭିନ୍ନ ସମ୍ବାଦ ପତ୍ରର ପୃଷ୍ଠା ମଣ୍ଡନ କରିଥିଲା। କିନ୍ତୁ ଏହି ନିର୍ବାକ ମୌସୁମୀର ପ୍ରତିକୂଳ ଅବସ୍ଥାର କାରଣ ବିଷୟରେ ଏ ନିର୍ବୋଧ ସମାଜ ବୁଝିପାରିନଥିଲା କି ଅଦ୍ୟାବଧି ବୁଝିପାରିନାହିଁ ମଧ୍ୟ, ନାଁ ସବୁ ଜାଣି ଛଳନାର ଖେଳ ଖେଳୁଛି। ସମଗ୍ର ବିଶ୍ୱବାସୀ ଆଜି ନିଜ ହାତରେ ଏ ପୃଥିବୀର ଅନ୍ତଚିରି ତାକୁ ଅନ୍ତଃସାର ଶୂନ୍ୟ କରି ପକାଉଛନ୍ତି। ଏ ରୁଗ୍‌ଣ ମାନସିକତା କାହିଁ କି ? ପରିବେଶକୁ ଅହରହ ବିନାଶ କରି, କଳୁଷିତ କରି ତା'ର ଭୟାବହ ପରିଣତି ବିଷୟରେ ଆମେ ଏବେ ସୁଦ୍ଧା ଅଜ୍ଞ ହୋଇ ରହିଛୁ। ଆମ ପରିବେଶକୁ ଆମେ ପ୍ରତ୍ୟହ ପ୍ରଦୂଷଣ କରିବାରେ ବ୍ୟସ୍ତ। ଆମେ ବାବୁମାନେ ନିତିଦିନ ବଜାରକୁ ନିଜର ନିତ୍ୟ ବ୍ୟବହାର ଜିନିଷ ପଦାର୍ଥ ଆଣିବା ପାଇଁ ଶୂନ୍ୟ ହସ୍ତରେ ଯାଉ ଏବଂ ଦୋକାନୀ ଠାରୁ ପଲିଥିନ କ୍ୟାରି ବ୍ୟାଗରେ ଜିନିଷ ପତ୍ର ଆଣି ଯେଉଁଠି ମନ ସେଇଠି ଫିଙ୍ଗି ଦେଇଥାଉ। ସାମାନ୍ୟ ବ୍ୟାଗଟିଏ ଘରୁ ନେଇ ଯିବା ପାଇଁ ଆମେ ଭୁଲି ଯାଇଥାଉ। ଜରି ଗୋଟାଳି ଏହି ପରିତ୍ୟକ୍ତ ପ୍ଲାଷ୍ଟିକକୁ କବାଡ଼ି ମୂଲ୍ୟରେ ବିକ୍ରୟ କରିଥାଏ। ପଲିଥିନ ଶିଳ୍ପ ପୁନଃ ପ୍ରକ୍ରିୟା (Recycling) ଦ୍ୱାରା ପ୍ରସ୍ତୁତ କରୁଥିବା ପଲିଥିନ ବାୟୁ ଓ ଜଳକୁ କେତେ ପ୍ରଦୂଷିତ କରେ ତାହା ଆମେ ଜାଣୁନୁ। ଯେତେବେଳେ ଏହା ବଜାରରେ ବହୁଳ ଭାବରେ ବ୍ୟବହୃତ ହୁଏ ସେତେବେଳେ ମାଟି ପ୍ରଦୂଷିତ ହେବାର ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଗୋଟିଏ ଆଧୁନିକ ପରିବାର ବର୍ଷକ ମଧ୍ୟରେ ଯେତେ ପଲିଥିନ ବ୍ୟବହାର କରି ଫୋପାଡି ଦେଇଥାଏ ତାହା ଏକ ଏକର ଜମିର ଫସଲ ନଷ୍ଟ କରିବା ସହ ଚିରଦିନ ପାଇଁ ମାଟିର ଉର୍ବରତା ନଷ୍ଟ କରି ଦେଇଥାଏ। ଏହି ପଲିଥିନ ଗୁଡିକ ମାଟିର ଅଭ୍ୟନ୍ତରକୁ ଯାଇ ବୃଷ୍ଟି ଜଳକୁ ଭୂଗର୍ଭକୁ ଛାଡିବାରେ ବାଧାସୃଷ୍ଟି କରିଥାଏ। ଏଗୁଡିକୁ ମାଟିରେ ଥିବା ବ୍ୟାକଟେରିଆମାନେ ବର୍ଷ ବର୍ଷ ଧରି ନଷ୍ଟ କରି ପାରନ୍ତିନି। ଆମ ଓଡ଼ିଶା ସରକାର ଆଇନ ପ୍ରଣୟନ କରି ପଲିଥିନ ବ୍ୟବହାର ବନ୍ଦ କରିବା ସହ କୋଡିଏ ମାଇକ୍ରୋଥିନ୍‌ର କ୍ୟାରିବ୍ୟାଗ (ଯାହାକି ପୁନଃ ପ୍ରକ୍ରିୟା କରଣ ହୋଇନଥିବ ଓ ତତ୍ ସହିତ 'ଭିରଜିନ୍' ପ୍ରଚଳନ ପାଇଁ ଅନୁମତି ଦେଲେ। କିନ୍ତୁ ଆଇନ ନାଳିଫିତା ତଳେ ରହିଲା ଓ ପୂର୍ବପରି ପଲିଥିନ ବିକ୍ରି ଚାଲିଲା। ଆଜିର ଆଧୁନିକ ଯୁଗରେ ପ୍ୟାକେଟ୍ ଖାଦ୍ୟକୁ ବେଶୀ ଶୁଦ୍ଧ ଓ ସଭ୍ୟତାର ନିଦର୍ଶନ ବୋଲି ଧରାଯାଏ। ସେହି କ୍ରମରେ ଆମେ ବ୍ୟବହାର କରୁଥିବା ପାଉଚ ପାଣି ଓ ପାଣି ବୋତଲ କେତେଦୂର ପ୍ରଦୂଷଣ ମୁକ୍ତ ତାହା ଆମେ ସମସ୍ତେ ଜାଣୁ। ସେହିପରି ଖାଦ୍ୟ-ବସ୍ତ୍ର ଇତ୍ୟାଦିକୁ ପ୍ୟାକ କରିବା ପାଇଁ ଯେତେ ପଲିଥିନ ବ୍ୟବହୃତ ହୁଏ ତାହା ମଧ୍ୟ ମୁଣ୍ଡବ୍ୟଥାର କାରଣ ଅଟେ। ସିକିମ ସରକାର ଅନେକ ଦିନ ହେଲା ଏହି ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି ଏବଂ ଜନସାଧାରଣଙ୍କ ଅବଗତି ନିମନ୍ତେ ସର୍ବସାଧାରଣ ସ୍ଥାନରେ ବିଜ୍ଞାପନ କରିଛନ୍ତି। କିନ୍ତୁ ଆମ ଓଡିଶା ସରକାର ବହୁ ପଛରେ। ବର୍ତ୍ତମାନ ଆମ ସରକାରଙ୍କ ପୌରପ୍ରଶାସନ ପକ୍ଷରୁ ପ୍ରତିଦିନ ସକାଳୁ ଆବର୍ଜନା ସଂଗ୍ରହ କରାଯାଇଥାଏ। ଏହି ଆବର୍ଜନାର ପୁନଃ ନିୟୋଜନ ପାଇଁ ବୈଜ୍ଞାନିକମାନଙ୍କ ଦ୍ୱାରା ଅନେକ ଚେଷ୍ଟା ଚାଲିଛି। ଏହି ଆବର୍ଜନାକୁ ମିଶାଇ ବ୍ୟାଙ୍ଗାଲୋରରେ ଏକ ଅତ୍ୟାଧୁନିକ ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ଅପରପକ୍ଷରେ ଏହି ପଲିଥିନ୍ ବ୍ୟାଗ ବ୍ୟବହୃତ ଯୋଗୁ ଝୋଟ ଭଳି ଏକ ବୁନିୟାଦି ଶିଳ୍ପର ଭବିଷ୍ୟତ ଆଜି ଅନ୍ଧାର। ସମଗ୍ର ଭାରତ ବର୍ଷରେ ଝୋଟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଷଷ୍ଠରେ ଅଛି। ଦେଶରେ ଥିବା ୭୮ଟି ଝୋଟ ଶିଳ୍ପରେ ପ୍ରାୟ ୩.୭୦ ଲକ୍ଷ ଲୋକ ପ୍ରତ୍ୟକ୍ଷ ଭାବେ ଓ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପରୋକ୍ଷ ଭାବରେ ନିର୍ଭରଶୀଳ। ଏକଦା କାଗଜ ଠୁଙ୍ଗା ତିଆରି କରି ନିଜ ଗୁଜୁରାଣ ମେଣ୍ଟାଉଥିବା ବହୁ ପରିବାର ବର୍ତ୍ତମାନ ନିଃସ୍ୱ ଓ ହତାଶ।

ଏହି ଆହତ ପୃଥିବୀକୁ ବଞ୍ଚାଇବାକୁ ହେଲେ ଆମକୁ ବହୁଳ ପରିମାଣରେ ବୃକ୍ଷରୋପଣ ଓ ସଂରକ୍ଷଣ ନିତ୍ୟାନ୍ତ ଜରୁରି। ମନୁଷ୍ୟର ଜୀବନ ଧାରଣ ନିମନ୍ତେ ଶ୍ୱାସପ୍ରଶ୍ୱାସ ପ୍ରକ୍ରିୟା ଏକ ନିୟମିତ ଧାରା। ଏଥିପାଇଁ ସେ ପ୍ରଶ୍ୱାସରେ ବାୟୁମଣ୍ଡଳରୁ ନେଉଥିବା ଅମ୍ଳଜାନକୁ ନିଃଶ୍ୱାସରେ ଅଙ୍ଗାରକାମ୍ଳ ଆକାରରେ ପରିତ୍ୟାଗ କରିଥାଏ। ତେଣୁ ବୃକ୍ଷର ଦିବାକାଳର ବର୍ଜ୍ୟବାୟୁ ପ୍ରାଣୀଙ୍କ ଜୀବନ ପାଇଁ ଅତ୍ୟନ୍ତ ଉପାଦେୟ। ବୃକ୍ଷ ନଥିଲେ ସଂସାରରେ ଜୀବନ ତିଷ୍ଠିବା ଅସମ୍ଭବ ହୋଇଥାନ୍ତା। ଏହା ପରିବେଶ ମଧ୍ୟରେ ପ୍ରାଣୀ ଜଗତର ଜୀବନଯାପନ ପ୍ରଣାଳୀକୁ ସନ୍ତୁଳନ ଅବସ୍ଥାରେ ରଖିବା ପାଇଁ ସମ୍ପୂର୍ଣ୍ଣ ସହାୟକ ହୋଇଥାଏ। ମାନବ ସଭ୍ୟତାକୁ ବଞ୍ଚାଇ ରଖିବାରେ ଜଙ୍ଗଲ ପ୍ରମୁଖ ଭୂମିକା ନିର୍ବାହ କରୁଥିବାରୁ ଏହାର ସୁରକ୍ଷା ଦିଗରେ ପ୍ରାଧାନ୍ୟ ଦେବାର ବେଳ ଆସିଛି। ଆଧୁନିକ ଯୁଗର ଶ୍ରୀଅଙ୍ଗକୁ ଆହୁରି ସୌନ୍ଦର୍ଯ୍ୟକରଣ କରିବା ପାଇଁ ଅବାଧ ବୃକ୍ଷ କଟା ଚାଲୁଛି, ରାସ୍ତା ପ୍ରଶସ୍ତିକରଣ ହେଉଛି। କିନ୍ତୁ ସେହି ଅନୁସାରେ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ବୃକ୍ଷରୋପଣ ସେହି ପରିମାଣର ହେଉନାହିଁ କାହିଁକି ? ସ୍ମରଣଯୋଗ୍ୟ ଯେ ୧୯୯୯ ମସିହାର ମହାବାତ୍ୟାରେ କେବଳ ଆମ ରାଜଧାନୀ ଭୁବନେଶ୍ୱରରୁ ନିହାତି କମ୍‌ରେ ୮ରୁ ୧୦ଲକ୍ଷ ବୃକ୍ଷ ଭାଙ୍ଗି ପଡିଥିଲା। ବାତ୍ୟାମୁହଁରୁ ଯାହା କିଛି ବର, ଓସ୍ତ, ନିମ୍ବ ଏବଂ ଜାମୁକୋଳି ଗଛ ବର୍ତ୍ତି ଯାଇଥିଲା ତାହା ବର୍ତ୍ତମାନ କଟା ସରିଲାଣି। ଆମ ସରକାର କୃଷ୍ଣଚୂଡ଼ା, ଆକାଶିଆ ଗଛ ଲଗାଉଛନ୍ତି କିନ୍ତୁ ସେଗୁଡିକ କେତେଦୂର ପରିବେଶ ତଥା ଆହତ ପୃଥିବୀକୁ ରକ୍ଷା କରିପାରିବ ତାହା ଦେଖିବାର କଥା ! ବିଭିନ୍ନ ସଂସ୍ଥା ବୃକ୍ଷରୋପଣ କାର୍ଯ୍ୟକ୍ରମ କରୁଛନ୍ତି ନିଜର ଫଟୋଉଠାଇ ଖବରକାଗଜରେ ବାହାର କରିଦେଲେ ତାଙ୍କ କାମ ଶେଷ କିନ୍ତୁ ଲଗାଇଥିବା ବୃକ୍ଷ ବଞ୍ଚିଲା କି ମଲା ସେ ଚିନ୍ତା ସେମାନଙ୍କର ନଥାଏ ! କେବଳ ଭୁବନେଶ୍ୱର ପାଇଁ ୨୫ଲକ୍ଷ ବୃକ୍ଷର ଚାହିଦା ରହିଛି। ତେଣୁ ହେକ୍ଟର ପିଛା ୧୫୦ଟି ଗଛ ରୋପଣ କଲେ ଏହା ଠିକ୍ ଆସିବ। ଏବେ ୨୦ଲକ୍ଷ ହେକ୍ଟର ଉଜୁଡା ଜଙ୍ଗଲର ପୁନରୁଦ୍ଧାର ପାଇଁ ପ୍ରୟାସ ଜାରି ରହିବା ସହ ଜଙ୍ଗଲରେ ନିଆଁ ରୋକିବାକୁ ଏସ୍‌ଡିପି ପ୍ରସ୍ତୁତ ରହିବ ବୋଲି ସରକାରୀ ନିଷ୍ପତ୍ତି ହୋଇଛି।

ଆମ ପୃଥିବୀର ବିଭିନ୍ନ ସହରରେ ଦିନକୁ ଦିନ ଯାନବାହନ ସଂଖ୍ୟା ବୃଦ୍ଧି ସବୁଜ ବଳୟର ପ୍ରତିଦ୍ୱନ୍ଦ୍ୱୀ ସାଜି ଚାଲିବାରୁ ଏହା ଯେଉଁ ପ୍ରଦୂଷଣ ସୃଷ୍ଟି କରୁଛି ତାହା ଜୀବନ ପାଇଁ କାଳ ହେଉଛି। ସମୁଦ୍ର କୂଳରେ ଯେଉଁ ଘଞ୍ଚ ଜଙ୍ଗଲ ଥିଲା ତାହାର ଆକାରରେ ଏବେ ହ୍ରାସ ଘଟିଲାଣି। ଏହି ଲୁଣା ଜଙ୍ଗଲ ପ୍ରାଚୀର ସଦୃଶ ହୋଇଥିବାରୁ ଝଡ଼ ବାତ୍ୟାକୁ ପ୍ରତିରୋଧ କରିବାରେ ସକ୍ଷମ ହେବା ସହ ଗ୍ରୀଷ୍ମ ଋତୁର ତାପମାତ୍ରାକୁ ଶୋଷି ନେବାରେ ସାହାଯ୍ୟ କରିଥାଏ। ଆମ ଭାରତର ସମୁଦାୟ ଭୂଇଁର ୩୫ ପ୍ରତିଶତ ଭୂଇଁ ଭୀଷଣ ଭାବରେ ପରିବେଶ ପ୍ରଦୂଷଣର ଶିକାର ଅଟନ୍ତି। ଏକ ଆକଳନ କହେ ପ୍ରାୟ ସମୁଦାୟ କ୍ଷେତ୍ରର ୧୧ ପ୍ରତିଶତ ଭୂଇଁ ବୃକ୍ଷ ଛାଇ ତଳେ ରହିଛି। ପୃଥିବୀ ପୃଷ୍ଠରୁ ଜଙ୍ଗଲ ନାଶ, ରାସ୍ତାଘାଟରେ ପଟୁ ପଙ୍କ ଅବରୋଧ, ନାଳ ନର୍ଦ୍ଦମାର ପଚାପାଣି ଏବଂ ଅଳିଆ ଆବର୍ଜନା ସଫା କରିବାରେ ଅବହେଳା ପ୍ରଦର୍ଶନ ଜୀବନର ମୂଲ୍ୟବୋଧ ପ୍ରତି ସବୁବେଳେ ସତର୍କତାର ସୂଚନା ଦେଇଚାଲିଛି। ଭାରତ ହେଉଛି ଉଷ୍ମ ବାୟୁମଣ୍ଡଳର ଦେଶ। ଦିନ ଥିଲା ଯେତେବେଳେ ଏହି ଉପମହାଦେଶ ମଧ୍ୟରେ ଘଞ୍ଚ ଜଙ୍ଗଲ ଭରି ରହିଥିଲା। ଲମ୍ବା ଲମ୍ବା ସୁନ୍ଦର ବୃକ୍ଷଲତାରେ ଦେଶର କଳେବର ଡାଙ୍କିହୋଇ ଆଖିକୁ ସୌନ୍ଦର୍ଯ୍ୟର ମୋହରେ ବଶିଭୂତ କରି ପକାଉଥିଲା। ଆଜି ଜଙ୍ଗଲର ବିନାଶ ଫଳରେ ପୃଥିବୀର ଜଳବାୟୁ ବଦଳି ଯାଇଛି। ପୃଥିବୀର ପ୍ରତ୍ୟେକ ରାଷ୍ଟ୍ରଏଥିପ୍ରତି ସଜାଗ ଦୃଷ୍ଟି ଦେଇ ପରିବେଶ ପ୍ରଦୂଷଣ ଆୟତ କରିବା ପାଇଁ ଆଗଭର ହେବା ସହ ଏହି ଶସ୍ୟ ଶ୍ୟାମଳା ପୃଥିବୀକୁ ଧ୍ୱଂସ ମୁଖରୁ ବଞ୍ଚାଇବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ହେବା ଦରକାର।

# ଶିକ୍ଷା ପାଇଁ ଋଣ, ବିନା ବନ୍ଧକରେ ମିଳିପାରିବ କି ?



ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨

ଆଜିର ସମୟରେ ପିଲାମାନଙ୍କ ପାଠପଢ଼ା ହେଉ ବା ଗବେଷଣା କ୍ଷେତ୍ରରେ ଉଚ୍ଚତର ଅଧ୍ୟୟନ ନିମିତ୍ତ ପ୍ରାୟତଃ ଋଣ କରିବାକୁ ଚାହିଁଥାନ୍ତି। ଭାରତର ବିଭିନ୍ନ ଜାତୀୟକରଣ, ବ୍ୟବସାୟିକ, ଗ୍ରାମୀଣ ଓ ଅନ୍ୟାନ୍ୟ ବ୍ୟାଙ୍କମାନେ ମଧ୍ୟ ନିର୍ଦ୍ଦିଷ୍ଟ ନୀତିନିୟମକୁ ବିଚାର କରି ଶିକ୍ଷା ପାଇଁ ଋଣ ପ୍ରଦାନ କରିଥାନ୍ତି। ଅନେକ ସମୟରେ ଶିକ୍ଷା ପାଇଁ ଋଣ ନେବା ସମୟରେ ବ୍ୟାଙ୍କ ପକ୍ଷରୁ ଅସହଯୋଗ ମିଳୁଥିବାର କେହି କେହି କୁହନ୍ତି। ଅନ୍ୟପଟେ ଶିକ୍ଷା ପାଇଁ ଋଣ ନେଇ ଏହା ଅନ୍ୟତ୍ର ବିନିଯୋଗ କରି ସେପରି ମଧ୍ୟ କିଛି କିଛି ଖବର ପ୍ରକାଶ ପାଇଥାଏ। ଭାରତର ବିଭିନ୍ନ ବ୍ୟାଙ୍କମାନେ ଆଜିକାଲି ବେଶ ସହଜରେ ଶିକ୍ଷା ପାଇଁ ଋଣ ପ୍ରଦାନ କରୁଛନ୍ତି। କେନ୍ଦ୍ର ସରକାର ଏକ ମଜଭୁତ ଅର୍ଥନୀତିକୁ ଗୁରୁତ୍ୱ ଦେଉଥିବାବେଳେ ପିଲାମାନଙ୍କ ଉଚ୍ଚଶିକ୍ଷା ନିମିତ୍ତ ଶିକ୍ଷାଋଣ ନେଇ ଅନେକ ଅସଙ୍ଗତିର ସମାଧାନ ସବୁ କରିଦେଇଛନ୍ତି। ଶିକ୍ଷା ପାଇଁ ଋଣ ଚାହୁଁଥିବା କଲେଜ ପଢୁଆ ପିଲାମାନେ ମଧ୍ୟ ନିଜେ ନିଜର ମୋବାଇଲ ଫୋନର ସୂଚନା ବ୍ୟବସ୍ଥା ଦ୍ୱାରା ଏ ନେଇ ଅନଲାଇନରେ ସମସ୍ତ ପ୍ରକାର ଯୋଗାଯୋଗ କରି ନିଜର ଜ୍ଞାତବ୍ୟ ତଥ୍ୟ ପାଇପାରୁଛନ୍ତି। ଭାରତର ବିଭିନ୍ନ ବ୍ୟାଙ୍କ ଶିକ୍ଷା ପାଇଁ ଋଣ ଦେଉଥିଲେ ମଧ୍ୟ ସବୁଠାରୁ ବିଶ୍ୱସନୀୟର ସହ ପ୍ରଥମେ ରହିଛି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ। ମେଧାବୀ ଓ ଗବେଷଣାରେ ରତ ଉଚ୍ଚଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷାଋଣ ଦେଇ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କେବଳ ଅର୍ଥନୀତି ନୁହେଁ ଭାରତର ଶିକ୍ଷାନୀତିକୁ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନ ଦେଉଛି। ତେବେ ବିନା ବନ୍ଧକରେ ଶିକ୍ଷା ପାଇଁ ଋଣ ସମ୍ଭବ କିମ୍ବା ନାହିଁ ଏ ନେଇ ଛୋଟିଆ ଆଲୋଚନାଟି ରଖୁଛୁ।

ବ୍ୟାଙ୍କମାନେ ଋଣ ସୁରକ୍ଷାକୁ ଦୃଷ୍ଟିରେ ରଖି ସାଧାରଣତଃ ଋଣ ଦେବାବେଳେ କିଛି ବନ୍ଧକ ରଖନ୍ତି। ମାତ୍ର ଆର୍ଥିକ ଭାବେ ଦୁର୍ବଳ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାଋଣ କୌଣସି ବନ୍ଧକ ନରଖିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶନାମା ରହିଛି। ଶିକ୍ଷାଋଣରେ ଛାତ୍ରଛାତ୍ରୀଙ୍କ ସହ ତାଙ୍କ ପିତାମାତା ଓ ଅଭିଭାବକଙ୍କୁ ସହ ଆବେଦନକାରୀ ଭାବରେ ନିଆଯାଇଥାଏ। ସାଧାରଣତଃ ସାଢ଼େ ସାତ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେବା ପାଇଁ କେବଳ ଗ୍ୟାରେଣ୍ଟି ଓ ତା'ଠାରୁ ଅଧିକ ଋଣ କ୍ଷେତ୍ରରେ ବନ୍ଧକ ଆବଶ୍ୟକ ହୋଇଥାଏ। ତେବେ ଆଜିକାଲି ଅନେକ ବ୍ୟାଙ୍କ ଆଇ.ଆଇ.ଟି, ଆଇ.ଆଇ.ଏମ୍ ଓ ଏନ.ଆଇ.ବି. ଭଳି ଉଚ୍ଚ ମାନ୍ୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଅଧିକ ପରିମାଣରେ ଋଣ ପାଇଁ ମଧ୍ୟ ବନ୍ଧକ ଛାଡ଼ କରୁଛନ୍ତି।

ଅନେକଙ୍କ ଭିତରେ ସୁଧ ପ୍ରସଙ୍ଗକୁ ନେଇ ଟିକିଏ ସମସ୍ୟା ରହିଥାଏ। ବାସ୍ତବ କଥା ହେଉଛି ସ୍ୱାଧୀନ ଭାବେ ସୁଧର ହାର ସ୍ଥିର କରିବା ପାଇଁ ବ୍ୟାଙ୍କମାନଙ୍କର ଅଧିକାର ରହିଛି। ଋଣ ପାଇଁ ମାନକ ସୁଧହାର (ବେଞ୍ଚମାର୍କ ଲେଣ୍ଡିଂ ରେଟ) ସହ ରିସ୍କ ପ୍ରିମିୟମ ମିଶାଇ ଏହି ସୁଧହାର ସ୍ଥିର କରାଯାଇଥାଏ। ଆଜି ଦିନରେ ମୁଖ୍ୟ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଶିକ୍ଷାଋଣ ଉପରେ ପ୍ରାୟ ୯ରୁ ୧୪ ପ୍ରତିଶତ ସୁଧ ଧାର୍ଯ୍ୟ କରୁଛନ୍ତି। ଉଚ୍ଚ ମାନ୍ୟତା ପ୍ରାପ୍ତ ପାଠ୍ୟକ୍ରମ ଶିକ୍ଷାନୁଷ୍ଠାନ ତଥା ଅତ୍ୟନ୍ତ ମେଧାବୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ବ୍ୟାଙ୍କମାନେ ସୁଧ କୋହଳ କରିବାର ଦେଖାଯାଏ। ସାଧାରଣତଃ ଋଣ ପରିଶୋଧ ଆରମ୍ଭ ନହେବା ପର୍ଯ୍ୟନ୍ତ ସରଳ ସୁଧ ହିସାବ କରାଯାଇଥାଏ।

ସର୍ବପ୍ରଥମେ ଜାଣନ୍ତୁ ଋଣର ପରିମାଣ କିପରି ହିସାବ କରାଯାଏ। ଶିକ୍ଷା ଋଣର ପରିମାଣ ନିରୂପଣ କରିବା ପାଇଁ ବ୍ୟାଙ୍କମାନେ ଯେଉଁସବୁ ଖର୍ଚ୍ଚ ବିଚାରକୁ ନିଅନ୍ତି, ସେଗୁଡ଼ିକ ହେଲା ପାଠ୍ୟକ୍ରମ ପାଇଁ ଟ୍ୟୁସନ ଫିସ, ହଷ୍ଟେଲ ଫିସ, ବହି, କମ୍ପ୍ୟୁଟର ଓ ଲାବେରେଟୋରୀ ଖର୍ଚ୍ଚ ଇତ୍ୟାଦି। ବିଲଡିଂ ଫଣ୍ଡ ଜମା ବା କସନ ମନି ଆଦି କଲେଜ ଟ୍ୟୁସନ ଫିସର ଶତକଡ଼ା ଦଶ ଭାଗ ମଧ୍ୟରେ ଥିଲେ, ତାହା ମଧ୍ୟ ବିଚାରକୁ ନିଆଯାଇପାରେ। ଏହାଛଡ଼ା ବିଦେଶରେ ପଢ଼ିବାକୁ ଯାଇଥିଲେ ଯାତ୍ରା ଖର୍ଚ୍ଚ ମଧ୍ୟ ହିସାବକୁ ନିଆଯାଏ। ମୋଟ ଆକଳନ କରାଯାଇଥିବା ଖର୍ଚ୍ଚରୁ ମାର୍ଜିନ କାଟି ଋଣର ପରିମାଣ ସ୍ଥିର କରାଯାଏ। ଆଇ.ବି.ଏ. ଦ୍ୱାରା ପ୍ରସ୍ତୁତ ସ୍କିମ ଅନୁସାରେ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାଋଣ ପାଇଁ ମାର୍ଜିନ ନିଆଯାଏ ନାହିଁ। ୪ଲକ୍ଷରୁ ସାଢ଼େ ୭ଲକ୍ଷ ଋଣ ପର୍ଯ୍ୟନ୍ତ ଦେଶ ଭିତରେ ଶିକ୍ଷା ପାଇଁ ୫ ପ୍ରତିଶତ ଓ ବିଦେଶରେ ଶିକ୍ଷା ପାଇଁ ୧୫ ପ୍ରତିଶତ ମାର୍ଜିନ ଧାର୍ଯ୍ୟ କରାଯାଇଛି। ଶିକ୍ଷାନୁଷ୍ଠାନରୁ ମିଳୁଥିବା ଶିକ୍ଷାବୃତ୍ତିକୁ ମାର୍ଜିନ ହିସାବରେ ବିବେଚନା କରାଯାଇପାରିବ।

ଋଣ ପରିଶୋଧର ବ୍ୟବସ୍ଥାଟି ହେଉଛି ସାଧାରଣତଃ ପାଠ୍ୟକ୍ରମ ଅବଧି ଶେଷ ହେବାର ୧ ବର୍ଷ ପରଠାରୁ ଋଣ ପରିଶୋଧ ଆରମ୍ଭ ହୋଇଥାଏ ଏବଂ ପରିଶୋଧ ଅବଧି ୧୫ ବର୍ଷ ପର୍ଯ୍ୟନ୍ତ ରହିଥାଏ। ଏହି ବ୍ୟବସ୍ଥାରେ ଆୟକର ରିହାତିର ସୁଯୋଗ ରହିଛି। ଶିକ୍ଷାଋଣ ପାଇଁ ଦିଆଯାଉଥିବା ସୁଧ ଉପରେ ଆୟକର ରିହାତିର ବ୍ୟବସ୍ଥା ଅଛି। ଆଜିକାଲି ବିଭିନ୍ନ ବ୍ୟାଙ୍କ ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାଋଣକୁ ସହଜ ଓ ସରଳ କରିବା ପାଇଁ ସର୍ତ୍ତରେ କିଛି କିଛି ପରିବର୍ତ୍ତନ କରୁଛନ୍ତି। ଏଣୁ ଋଣ ନେବା ପୂର୍ବରୁ ଏସବୁ ଯୋଜନାର ସର୍ତ୍ତଗୁଡ଼ିକୁ ଭଲ ଭାବେ ଅନୁଧ୍ୟାନ କରିବା ଜରୁରି। ଶିକ୍ଷା ପାଇଁ ଋଣ ନେବା ସମୟରେ ଆପଣ ଆଇନ ଅନୁମୋଦିତ ସମସ୍ତ ପ୍ରାମାଣିକ ତଥ୍ୟ ଓ ସୂଚନା କେବଳ ନିଜ ସୁବିଧା ପାଇଁ ନୁହେଁ ବ୍ୟାଙ୍କ ସହ ଦେଶର ଜଣେ ଯଥାର୍ଥ ନାଗରିକ ଭାବେ ଆପଣଙ୍କ ଦାୟିତ୍ୱ ନିର୍ବାହ କରନ୍ତୁ। ଯାହାଦ୍ୱାରା ପରବର୍ତ୍ତୀ ସମୟରେ ଶିକ୍ଷା ଋଣ ନେଇଥିବା ପିଲାଟି ଯେପରି କୌଣସି ଅସୁବିଧାକୁ ସାମ୍ନା ନକରେ।

# ଦୟା...



ମନୋଜ କୁମାର ବେହେରା
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

"ନ ଚ ବିଦ୍ୟାସମୋ ବନ୍ଧୁଃ ନ ଚ ବ୍ୟାଧିମମୌ ରିପୁଃ। ନ ଚାପତ୍ୟସମୋ ସ୍ନେହଃ ନ ଚ ଧର୍ମୋ ଦୟାପରଃ" ଅର୍ଥାତ୍ ବିଦ୍ୟା ଭଳି ବନ୍ଧୁ ନାହିଁ, ବ୍ୟାଧି ଭଳି କୋଉ ଶତ୍ରୁ ନାହିଁ, ପୁତ୍ର ଭଳି ସ୍ନେହ ନାହିଁ ଆଉ ଦୟାଠୁ ଶ୍ରେଷ୍ଠ କୌଣସି ଧର୍ମ ନାହିଁ। ଅନ୍ୟମାନଙ୍କୁ ଦୁଃଖୀ ଦେଖିକରି ସେମାନଙ୍କର ଦୁଃଖ ଦୂର କରିବାର ଭାବନାକୁ ଦୟା କୁହନ୍ତି। ପ୍ରାୟଃ କୁହାଯାଏ କି ମନୁଷ୍ୟର ଅନ୍ୟ ପ୍ରାଣୀ ଅଥବା ଜୀବଙ୍କ ଉପରେ ଦୟା କରିବା ଜରୁରି। ଦୟା ଶକ୍ତିଶାଳୀ ଦୁର୍ବଳ ଉପରେ କରିଥାଏ କିନ୍ତୁ ପ୍ରକୃତରେ ଏହି ପ୍ରକାରରୁ ଆମେ ଅନ୍ୟ ପ୍ରାଣୀଙ୍କ ସହିତ ସମାନ ଜୀବନର ଅଧିକାରକୁ ପ୍ରାପ୍ତ କରିବା ପାଇଁ ଆସିନେ। ତାଙ୍କ ଉପରେ ଦୟା ନୁହେଁ ଅଧିକନ୍ତୁ ତାଙ୍କର ସହିତ ମୈତ୍ରୀ ସମ୍ବନ୍ଧ ମଧ୍ୟ ସ୍ଥାପିତ କରିବା ଦରକାର ଆଉ ଏହାର ମାଧ୍ୟମରେ ଆମେ ଅନ୍ୟ ପ୍ରାଣୀଙ୍କ ସହିତ ସାମଞ୍ଜସ୍ୟ ବନେଇ ସମାନ ଜୀବନ ପ୍ରାପ୍ତ କରିପାରିବା। ଭଗବାନ ମଧ୍ୟ ଆମ ଉପରେ ଦୟା କରିଥାନ୍ତି, ଭଗବାନଙ୍କ ଦୟା ସମସ୍ତଙ୍କୁ ଶୁଦ୍ଧ କରିବା ପାଇଁ ହୋଇଥାଏ। ଭକ୍ତମାନେ ଏହି ଦୟାକୁ ଦୁଇ ଭେଦ ମାନିଥାନ୍ତି। କୃପା ଆଉ ଦୟା। ମାତ୍ର ମନୁଷ୍ୟର ପାପକୁ ଶୁଦ୍ଧ କରିବା ପାଇଁ ସେମାନଙ୍କର ମନର ବିରୁଦ୍ଧ ପରିସ୍ଥିତିକୁ ପଠେଇବା କୃପା ଅଟେ। ଆଉ ଅନୁକୂଳ ପରିସ୍ଥିତରେ ପଠେଇବା ଦୟା ଅଟେ। ସନ୍ଥ ମହାତ୍ମା ଲୋକ ଅନ୍ୟଙ୍କର ଦୁଃଖରୁ ଦୁଃଖୀ ଆଉ ଅନ୍ୟଙ୍କର ସୁଖରୁ ସୁଖୀ ହୋଇଥାନ୍ତି। କିନ୍ତୁ ବାସ୍ତବରେ ସନ୍ଥଙ୍କ ଭିତରେ ନା ଅନ୍ୟଙ୍କର ଦୁଃଖରୁ ଦୁଃଖ ହୋଇଥାନ୍ତି ନା ହିଁ ନିଜର ଦୁଃଖରେ ଦୁଃଖ ହୋଇଥାନ୍ତି। କାହିଁକି ସେମାନେ ସେଥିରେ ମଧ୍ୟ ଭଗବାନଙ୍କ କୃପାକୁ ହିଁ ଦେଖିଥାନ୍ତି। ଅନ୍ୟ ଉପରେ ଦୁଃଖ ଆସିଲା ପରେ ତାକୁ ସୁଖୀ କରିବା ପାଇଁ ସେମାନଙ୍କର ଦୁଃଖ ସ୍ୱୟଂ ନିଜ ଉପରେ ନେଇ ଯାଆନ୍ତି। ଯେମିତି ଇନ୍ଦ୍ର କ୍ରୋଧ ପୂର୍ବକ ବିନା ଅପରାଧରେ ଦଧିଚି ଋଷିଙ୍କ ମୁଣ୍ଡ କାଟି ଦେଇଥିଲେ। ପରେ ଯେତେବେଳେ ଇନ୍ଦ୍ର ନିଜର ରକ୍ଷା ପାଇଁ ତାଙ୍କୁ ତାଙ୍କର ହାଡ ମାଗିଲେ, ସେତେବେଳେ ଦଧିଚି ସହର୍ଷ ପ୍ରାଣ ଛାଡିକରି ତାଙ୍କୁ ନିଜର ହାଡ ଦେଇଥିଲେ। ଏହିପରି ସନ୍ଥ ମହାପୁରୁଷ ଅନ୍ୟଙ୍କ ଦୁଃଖକୁ ସହି ପାରନ୍ତି ନାହିଁ। ତାଙ୍କୁ ସୁଖ ପହଞ୍ଚେଇବା ପାଇଁ ସେ ନିଜର ସୁଖ ସାମଗ୍ରୀ ଆଉ ପ୍ରାଣ ପର୍ଯ୍ୟନ୍ତ ଦେଇ ଦେଇଥାନ୍ତି। ତେଣିକି ସେମାନେ ଅହିତ କରିବା ବାଲା ହୋଇଥାଆନ୍ତୁ ନା କାହିଁକି। ସେଥିପାଇଁ ସନ୍ଥ ମହାତ୍ମାଙ୍କର ଦୟା ବିଶେଷ ଶୁଦ୍ଧ ହୋଇଥାଏ। ସାଧାରଣ ମନୁଷ୍ୟ ଦୟାରେ ଟିକିଏ ମଳିନତା ଥାଏ। ସେ କୌଣସି ଜୀବର ହିତ ପାଇଁ ଯେତେବେଳେ ଚେଷ୍ଟା କରିଥାଏ, ଆଉ ସେ ଭାବୁଥାଏ କି ମୁଁ କେତେ ଦୟାଳୁ ମୁଁ ଏହି ଜୀବକୁ ସୁଖ ପହଞ୍ଚେଇ ଦେଲି। ଆଉ ମୁଁ କେତେ ଭଲ, ଏହି ପ୍ରକାର ଅଭିମାନ କରି ଯେଉଁ ଦୟା କରିଥାଏ ତାହା ବାସ୍ତବରେ ସେତେଟା ଫଳଦାୟୀ ହୋଇନଥାଏ। ଦୟା ନିଃସ୍ୱାର୍ଥ ଭାବରୁ ହେବା ଆବଶ୍ୟକ। ଯଦି ଆପଣଙ୍କ ଭିତରେ ଦୟା ନାହିଁ ତା'ହେଲେ ଅଧିକନ୍ତୁ ନିଜ ଉପରେ ବିଚାର କରିବା ଜରୁରି ଆଉ ନିଜକୁ ବଦଳେଇବାର ପ୍ରୟାସ କରିବା ଆବଶ୍ୟକ। ଯଦି ଆମେ ମନୁଷ୍ୟ ତା'ହେଲେ ମନୁଷ୍ୟତା ମଧ୍ୟ ଆମ ଭିତରେ ହେବା ଜରୁରି।

# 'ମଧୁରେଣ ସମାପୟେତ୍'



ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ମୋ: ୯୪୩୭୧୨୪୦୭୪

'ଶରୀରମ୍ ବ୍ୟାଧି ମନ୍ଦିରମ୍' ଅର୍ଥାତ୍ ଆମ ଶରୀର ହେଉଛି ରୋଗର ଆଶ୍ରୟସ୍ଥଳୀ। କିନ୍ତୁ କୌଣସି ମନୁଷ୍ୟ ଏହି ରୋଗ ରୂପକ ଆଶ୍ରୟ ପ୍ରାର୍ଥୀକୁ ତା'ର ଶରୀରରେ ଆଶ୍ରୟ ଗ୍ରହଣ କରିବା ନିମିତ୍ତ ସ୍ୱାଗତ କରିନଥାଏ। ବିଶେଷଜ୍ଞଙ୍କ ମତ ଅନୁଯାୟୀ ଅଧିକାଂଶ ଔଷଧ ହେଉଛି ଉପଯୁକ୍ତ ଆହାରର ଏକ ସୂକ୍ଷ୍ମ ସଂସ୍କରଣ ମାତ୍ର ଏହାର ଅର୍ଥ ମନୁଷ୍ୟ ତା'ର ଖାଦ୍ୟକୁ ଯଦି ଯଥାର୍ଥ ଉପଯୁକ୍ତ ଭାବରେ ଚୟନ ଓ ନିୟନ୍ତ୍ରଣ କରେ ତା'ର ଶରୀରରେ ବ୍ୟାଧି ପ୍ରବେଶ କରିପାରିବ ନାହିଁ। କିମ୍ବା ପ୍ରବେଶ କରିଥିବା ବ୍ୟାଧି ଅନେକ ସମୟରେ ପଳାୟନ କରିଥାଏ। ଅନେକ ମଧ୍ୟ ଏହି ମତରେ ଏକ ମତ ହୁଅନ୍ତି ଯେ ଜଣେ ଉପଯୁକ୍ତ ଓ ନିର୍ଦ୍ଧାରିତ ସମୟରେ ନିର୍ଦ୍ଧାରିତ ମାତ୍ରାରୁ ପୁଷ୍ଟିକାରକ ଖାଦ୍ୟ ଖାଇଲେ ତାଙ୍କ ଠାରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ହୋଇଥାଏ। ତେବେ ଇନ୍ଦ୍ରିୟ ଆଶ୍ରୟୀ ମନୁଷ୍ୟମାନେ ସର୍ବଦା ବେଶ ସ୍ୱାଦକର ଖାଦ୍ୟର ସନ୍ଧାନ କରୁଥିବାବେଳେ ବଜାରରେ ଅନେକ କ୍ଷତିକାରକ ଉପାଦାନ ବିଶିଷ୍ଟ ଖାଦ୍ୟ ମଧ୍ୟ ଭରପୁର ରହିଛି। ଏହି ବଜାରରେ ଉପଲବ୍ଧ ଖାଦ୍ୟରେ ସ୍ୱାଭାବିକ ଭାବରେ ଲୁଣ ଠାରୁ ଚିନି, ମସଲା ଠାରୁ ଚର୍ବି ଆଦି ଭଳି ଭଳି ସ୍ୱାଦ ବର୍ଦ୍ଧକ ଉପାଦାନ ମଧ୍ୟ ବିପଦ ସୀମା କରିଥାଏ।

ଆମେ ଭାରତୀୟମାନେ 'ମଧୁରେଣ ସମାପୟେତ୍' ଉକ୍ତିଟିକୁ ନେଇ ବୋଧହୁଏ ଟିକେ ଅଧିକ ଆବେଗ ପ୍ରବଣ। ସେଥିପାଇଁ ତ ଜୀବନର ଛୋଟ ଛୋଟ ଖୁସିର ମୁହୂର୍ତ୍ତଗୁଡ଼ିକୁ ଉପଭୋଗ କରିବା ବେଳେ ମିଠା ଖୋଜିଥାଉ। କିନ୍ତୁ ସବୁବେଳେ 'କୁଛ ମିଠା ହୋ ଯାଏ...' ମଧୁର ପରିଣାମ ଦେଇନଥାଏ। ନିର୍ଦ୍ଧାରିତ ମାତ୍ରା ଠାରୁ ଅଧିକ ମିଠା ପିଲାଠୁ ବୟସ୍କ ସମସ୍ତଙ୍କ ପାଇଁ କ୍ଷତିକାରକ। ତେବେ ଆଜିର ସମୟରେ ଶିଶୁ ଖାଦ୍ୟଠୁ ଆରମ୍ଭ କରି ସ୍ୱାସ୍ଥ୍ୟକର ପାନୀୟ, ସୁଗାର ଫ୍ରି ବୋଲି ଲେଖା ହୋଇଥିବା ଅନେକ ଖାଦ୍ୟରେ ଅତିରିକ୍ତ ମିଠା ମିଶୁଛି ବୋଲି ଆନ୍ତର୍ଜାତିକ ଖାଦ୍ୟ ସୁରକ୍ଷା ସଂସ୍ଥାଗୁଡ଼ିକ ଅଭିଯୋଗ କରୁଛନ୍ତି।

ଶିଶୁଖାଦ୍ୟରେ ମାତ୍ରାଧିକ ମିଠା ! ଜୀବନର ଗୁଣାତ୍ମକ ମାନ ବୃଦ୍ଧି କରିବା ଏବଂ ସୁସ୍ଥ ଭବିଷ୍ୟତ ଗଢ଼ି ତୋଳିବାରେ ଯୋଗଦାନ କରିବା। ଏହି ଆପ୍ତବାକ୍ୟ ଉପରେ ସଦାସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ଏକ ବହୁରାଷ୍ଟ୍ରୀୟ କମ୍ପାନୀ ଏବେ ଏହାର ଶିଶୁ ଖାଦ୍ୟକୁ ନେଇ ବିତର୍କିତ ହୋଇଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଛି। କାରଣ ଭାରତରେ ଏହି ସଂସ୍ଥା ଦ୍ୱାରା ପ୍ରସ୍ତୁତ ହେଉଥିବା ଶିଶୁ ଖାଦ୍ୟରେ ଅତିରିକ୍ତ ପରିମାଣରେ ଚିନି ଶର୍କରା ମିଶୁ ଥିବାରୁ ଅଭିଯୋଗ ରହୁଥିବା ବେଳେ ମାତ୍ର ବିଟ୍ରେନ, ସ୍ୱିଜରଲାଣ୍ଡ, ଜର୍ମାନି ଭଳି ୟୁରୋପୀୟ ଦେଶଗୁଡ଼ିକରେ ସେହି ସମାନ ଶିଶୁ ଖାଦ୍ୟ ଚିନି ମିଶି ନଥାଏ। ଏଭଳି ଦାବି କରିଚି ବ୍ରିଟିଶ ସଂସ୍ଥା 'ପବ୍ଲିକ ଆଇ'। ଏହି ରିପୋର୍ଟ ପ୍ରକାଶ୍ୟକୁ ଆସିବା ପରେ ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ସଂସ୍ଥା ସଜାଗ ହୋଇପଡ଼ିଛି। ତେବେ ଗଣମାଧ୍ୟମର ଖବର ଅନୁଯାୟୀ ଉକ୍ତ ବହୁ ରାଷ୍ଟ୍ରୀୟ କମ୍ପାନୀ ପକ୍ଷରୁ ସଫେଇ ଦିଆଯାଇଛି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ତାଙ୍କ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଶିଶୁ ଖାଦ୍ୟରୁ ଚିନିର ମାତ୍ରା ପ୍ରାୟ ୩୦ ପ୍ରତିଶତ କମ୍ କରାଯାଇଛି। କିନ୍ତୁ 'ପବ୍ଲିକ ଆଇ' ପ୍ରସ୍ତୁତ କରିଥିବା ରିପୋର୍ଟ ଦର୍ଶାଉଛି ଭାରତରେ ପ୍ରତ୍ୟେକ ଶିଶୁ ଖାଦ୍ୟରେ ପ୍ରତି ସର୍ଭିଂରେ ୨.୭ ଗ୍ରାମ ଚିନି ମିଶୁଛି। ଦୁନିଆର ବିଭିନ୍ନ ଦେଶରେ ଉପଲବ୍ଧ ଶିଶୁ ଖାଦ୍ୟ ଉପରେ ଯାଞ୍ଚ କରୁଥିବା ବ୍ରିଟିଶ ସଂସ୍ଥା 'ପବ୍ଲିକ ଆଇ' ଏବଂ ଇଣ୍ଟରନ୍ୟାସନାଲ ବେବି ଫୁଡ୍ ଆକ୍ସନ ନେଟୱର୍କ ତରଫରୁ ଆଫ୍ରିକା ଏସିଆ ଏବଂ ଲାଟିନ ଆମେରିକୀୟ ଦେଶଗୁଡ଼ିକର ମୁଖ୍ୟ ବଜାରଗୁଡ଼ିକରେ ବିକ୍ରି ହେଉଥିବା ସେହି କମ୍ପାନୀର ୧୧୫ଟି ଉତ୍ପାଦର ଯାଞ୍ଚ କରାଯାଇଥିଲା। ଯାହା ତଥ୍ୟ ମିଳିଲା ସେଥିରେ ୧୦୮ଟି ଉତ୍ପାଦରେ ଅତିରିକ୍ତ ଚିନି ମିଶିଥିବାର ଜଣାପଡ଼ିଥିଲା। ଅତିରିକ୍ତ ଚିନିର ମାତ୍ରା ହରାହାରି ଭାବେ ପ୍ରତି ସର୍ଭିଂରେ ୪ ଗ୍ରାମ। ସେହିପରି ଫିଲିପାଇନ୍ସରେ ଉପଲବ୍ଧ ଶିଶୁ ଖାଦ୍ୟରେ ସବୁଠାରୁ ଅଧିକ ଅତିରିକ୍ତ ଚିନି ପ୍ରତି ସର୍ଭିଂରେ ୭.୩ ଗ୍ରାମ ମିଶିଥିବାର ଜାଣିବାକୁ ମିଳିଛି। ଏହି ଉତ୍ପାଦ ଛଅମାସର ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ। ଆଫ୍ରିକୀୟ ରାଷ୍ଟ୍ର ନାଇଜେରିଆରେ ପ୍ରତି ସର୍ଭିଂରେ ୬.୮ ଗ୍ରାମ, ସେନେଗାଲରେ ପ୍ରତି ସର୍ଭିଂରେ ୫.୯ ଗ୍ରାମ, ଇଥିଓପିଆରେ ପ୍ରତି ସର୍ଭିଂରେ ୫.୨ ଗ୍ରାମ, ଦକ୍ଷିଣ ଆଫ୍ରିକାରେ ପ୍ରତି ସର୍ଭିଂରେ ୪.୨ ଗ୍ରାମ ଚିନି ମିଶୁଛି ବୋଲି ପବ୍ଲିକ ଆଇ ଜଣାଇଛି। ଭାରତରେ ଏହିମାତ୍ରା ପ୍ରତି ସର୍ଭିଂରେ ୨.୭ ଗ୍ରାମ। ପବ୍ଲିକ ଆଇର ରିପୋର୍ଟ ଅନୁସାରେ ଭାରତରେ ଚିନିର ମାତ୍ରା ପ୍ୟାକେଜିଂରେ ଉଲ୍ଲେଖ ଥିବା ବେଳେ ଆଫ୍ରିକୀୟ ଏବଂ ଲାଟିନ ଆମେରିକୀୟ ଦେଶଗୁଡ଼ିକରେ ଏହି ତଥ୍ୟ ନଥାଏ।

ଏହି ନିୟନ୍ତ୍ରଣ ଉଦ୍ୟମର ଅନ୍ୟ ଏକ ଅଂଶ ସ୍ୱରୂପ ଅଜ୍ଞ ଖାଉଟିମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସଂପୃକ୍ତ ଖାଦ୍ୟପଦାର୍ଥର ଖୋଳ ଉପରେ ସେଥିରେ ଥିବା ସମସ୍ତ ଉପାଦାନ ମାନଙ୍କର ସଠିକ ବିବରଣୀ ମଧ୍ୟ ଛାପିବା ବାଧ୍ୟତାମୂଳକ ହୋଇଥାଏ। କିନ୍ତୁ ଯଦି ଏହି ଛାପା ହୋଇଥିବା ସୂଚନା ଶଠତାପୂର୍ଣ୍ଣ ହୋଇଥାଏ, ତେବେ ବିଭ୍ରାନ୍ତ ଖାଉଟିମାନେ ସେମାନଙ୍କର ଅଜାଣତରେ ସ୍ୱାସ୍ଥ୍ୟହାନିକାରକ ଖାଦ୍ୟ ଖାଇ ରୋଗକୁ ନିମନ୍ତ୍ରଣ କରିଚାଲିବେ। ଏହି ସମ୍ଭାବନାକୁ ପ୍ରତିହତ କରିବା ନିମିତ୍ତ ଆମ ଦେଶରେ ଇଣ୍ଡିଆନ କାଉନସିଲ ଅଫ ମେଡ଼ିକାଲ ରିସର୍ଚ୍ଚ ଏବେ କେତେକ ନିର୍ଦ୍ଦେଶାବଳୀ ଜାରି କରିଛି। ସେଥିରେ ମଧୁମେହ ସଚେତନ ଖାଉଟି ତଥା ମେଦ ସଚେତନ ଖାଉଟିମାନଙ୍କର ପ୍ରିୟ କେତେକ ତଥାକଥିତ ସୁଗାର ଫ୍ରି ଖାଦ୍ୟପଦାର୍ଥରେ ଚର୍ବି, ରିଫାଇନଡ ଶସ୍ୟ ଓ ଏପରିକି ଚୋରା ଚିନି ମଧ୍ୟ ଉପସ୍ଥିତ ଥିବା ଦର୍ଶାଯାଇଛି। ସେହିପରି ଫଳରସ ପ୍ୟାକେଜରେ ମାତ୍ର ପ୍ରାୟ ଦଶ ଶତାଂଶ ଫଳରସ ହୋଇଥିବାବେଳେ ବାକି ହୋଇଥାଏ ଶର୍କରା ଓ ଅନ୍ୟାନ୍ୟ ଉପାଦନମାନ ବୋଲି ସେଥିରେ ଦର୍ଶାଯାଇଛି। ସେଥିରେ କୁହାଯାଇଛିଯେ ନାଚୁରାଲ, ହୋଲଗ୍ରେନ ଓ ଅର୍ଗାନିକ ବୋଲି ଦାବି କରାଯାଉଥିବା ଖାଦ୍ୟ ପଦାର୍ଥ ଆଦୌ ସେଭଳି ହୋଇନଥାଇ ପରେ। ଆଇସିଏମଆର ମଧ୍ୟ ଖାଦ୍ୟ ପଦାର୍ଥ ପ୍ୟାକେଜ ଉପରେ ଛାପା ହୋଇଥିବା ଲୋ କ୍ୟାଲୋରୀ କିମ୍ବା ହାଇଫାଇବର ଆଦି ଦାବିକୁ ଅନିର୍ଦ୍ଦିଷ୍ଟ ଓ ଭିତ୍ତିହୀନ ବୋଲି ଅଗ୍ରାହ୍ୟ କରିଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ମାର୍ଗଦର୍ଶିକାର ତଥ୍ୟ ଅନୁଯାୟୀ ଉଦାହରଣରେ ସ୍ପଷ୍ଟ କରାଯାଇଛି ଯେ ଏକ ଚାମଚ କେଚପ୍‌ରେ ପ୍ରାୟ ଚାରି ଗ୍ରାମ (ଯାହାକି ଏକ ଚାମଚ) ଚିନି ଥାଏ। ସେହିପରି ମୃଦୁ ପାନୀୟର ଗୋଟିଏ କ୍ୟାନରେ ପ୍ରାୟ ୪୦ଗ୍ରାମ (ଯାହାକି ୧୦ ଚାମଚ) ପର୍ଯ୍ୟନ୍ତ ଚିନି ରହିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ପରୀକ୍ଷାରୁ ଜାଣିବାକୁ ମିଳିଛି ଯେ ଚିନି, ମୃଦୁପାନୀୟ ଓ ମିଠା ଜାତୀୟ ଖାଦ୍ୟ ଅଧିକ ଖାଉଥିବା ପିଲାଙ୍କ ଭିତରେ ମେଦବହୁଳତା ହେବାର ଆଶଙ୍କା ମିଠା ଅଳ୍ପ ଖାଉଥିବା ବା ଆଦୌ ମିଠା ଖାଉନଥିବା ପିଲାଙ୍କ ତୁଳନାରେ କେଇ ଗୁଣ ଅଧିକ। ସହିପରି ବିଶ୍ୱସ୍ତରୀୟ 'ଲାନସେଟ' ପତ୍ରିକାର ଏକ ସନ୍ଦର୍ଭରେ ଉଲ୍ଲେଖ ରହିଛି ଯେ ଭାରତରେ ୧୦କୋଟିରୁ ଅଧିକ ଲୋକ ଦେଶର ମୋଟ ଜନସଂଖ୍ୟାର ୧୧.୪ ପ୍ରତିଶତ ମଧୁମେହରେ ଆକ୍ରାନ୍ତ। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ୧୩ କୋଟି ୬୦ ଲକ୍ଷ ଭାରତୀୟ ପ୍ରି-ଡାଇବେଟିସରେ ପ୍ରଭାବିତ। ସେହିଭଳି ବର୍ତ୍ତମାନ ଯଦିଓ ବର୍ଷାଦିନ ତେଣୁ ମୃଦୁ ପାନୀୟର ବଜାର କମ ରହିବ କିନ୍ତୁ ଅନେକ ମୃଦୁ ପାନୀୟରେ ମିଶୁଥିବା ଆର୍ଟିଫିସିଆଲ ସୁଗାର ବା କୃତ୍ରିମ ମିଠା କାର୍ସିନୋଜେନିକ ହୋଇଥାଏ। ଯାହା ଶରୀରରେ କ୍ୟାନସ ସୃଷ୍ଟିକାରୀ କୋଷିକା ବଢ଼ାଇଥାଏ। ବଜାରରେ ସାଧାରଣ ବର୍ଗର ଓ ଅନ୍ୟଟି ସୁଗାର ଫ୍ରି ବା ଡାଏଟ କୋକ ବର୍ଗର ମିଳୁଛି। ତେବେ କେତେ ପାନୀୟରେ ଆସପାର୍ଟେମ୍ ନାମକ ଏକ ପ୍ରକାର ଆର୍ଟିଫିସିଆଲ ସ୍ୱିଟନର ବା କୃତ୍ରିମ ମିଠାର ମାତ୍ରା ରହୁଛି। ଏହି କୃତ୍ରିମ ମିଠାଟି ହେଉଛି କାର୍ସିନୋଜେନିକ ଯାହା ମଧ୍ୟ କ୍ୟାନସରର ଅନ୍ୟତମ କାରଣ। କେତେକ ସୁଗାର ଫ୍ରି ଚୁଇଗମ ମଧ୍ୟ କୃତ୍ରିମ ମିଠା ଉପରେ ନିର୍ଭରଶୀଳ। କିଛିଦିନ ତଳେ ପଞ୍ଜାବରେ ଜଣେ ଝିଅ ନିଜ ଜନ୍ମଦିନ ପାଳନ ପରେ କେକ ଖାଇ ଅସୁସ୍ଥ ହୋଇପଡ଼ିଥିଲେ ଓ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାର କାରଣ କେକରେ ଏକ ପ୍ରକାର ସାକାରିନ ମିଶିଥିଲା ଯାହାକି ତାଙ୍କର ମୃତ୍ୟୁର କାରଣ ପାଲଟିଥିଲା।

ମୂଲ୍ୟବାନ ସ୍ୱାସ୍ଥ୍ୟଗତ କ୍ଷେତ୍ରରେ କୌଣସି ପ୍ରକାର କମ୍ପ୍ରୋମାଇଜ କରିବା କଥା ନୁହେଁ। ପାଟି ଲାଳସା ଲୋଭରେ ଆମେ ଅନେକ ବିଷାକ୍ତ ଜାଣି ମଧ୍ୟ ଓ ଖାଦ୍ୟକୁ ପ୍ରଭାବିତ କରିବାର ଭୂମିକା ରହିଛି ବୋଲି ଜାଣି ମଧ୍ୟ ଅନେକ ଖାଦ୍ୟପାନୀୟ ଗ୍ରହଣ କରୁଛୁ। ସୂଚନା ପ୍ରଯୁକ୍ତିର ହାତପାହାନ୍ତାରେ ଥିବା ଅତ୍ୟାଧୁନିକ ମୋବାଇଲ ଫୋନ ଏପରି ଜଣେ ବିଶ୍ୱସ୍ତ ବନ୍ଧୁ ପାଲଟିଛି ଯେ ଦୁଇପାଦ ଯାତ୍ରା କରି ବନ୍ଧୁ ସଙ୍ଗୋଳିବାକୁ ସମୟ ମଧ୍ୟ ରହୁନି। କର୍ମବ୍ୟସ୍ତ, ଧାଁଧାଉଡ଼ ତ ରହିବ। ତେବେ ଜୀବନ ଆନନ୍ଦ ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଖାଦ୍ୟ ବିଚାର। ଖାଦ୍ୟରେ ଅତ୍ୟଧିକ ପରିମାଣର ଯେ କୌଣସି ମାତ୍ରା ପରବର୍ତ୍ତୀ ସମୟରେ ଘାତକ ସାବ୍ୟସ୍ତ ହୋଇଥାଏ। ଖାଦ୍ୟ ପ୍ରସ୍ତୁତିରେ ପାରମ୍ପରିକ ଖାଦ୍ୟର ଭୂମିକା କମିଯାଉଛି। ସମୟ ବଦଳିବା ସହିତ ମଣିଷର ଖାଦ୍ୟ ରୁଚିରେ ଆସିଛି ଯଥେଷ୍ଟ ପରିବର୍ତ୍ତନ। ଲୋକମାନେ ଆଗଭଳି ପାରମ୍ପରିକ ଖାଦ୍ୟ ପ୍ରତି ବିଶେଷ ଆଗ୍ରହ ଦେଖାଉନାହାଁନ୍ତି କିନ୍ତୁ ସେହି ଖାଦ୍ୟଟି ଯେତେବେଳେ ନୂଆ ନାଁ, ରୂପ ଓ ଆଧୁନିକ ଶୈଳୀରେ ପ୍ରସ୍ତୁତ ହେଉଛି ଲୋକ ଏହାକୁ ବେଶ ଆଗ୍ରହର ସହିତ ଖାଉଛନ୍ତି। ଘରୋଇ ପ୍ରସ୍ତୁତ ସାତ୍ତ୍ୱିକ ଭାବନାର ଖାଦ୍ୟର ଗୁରୁତ୍ୱ ରହିଛି। କିନ୍ତୁ ଅନେକ ପାରମ୍ପରିକ ଖାଦ୍ୟ ଏବେ ବି ଅପାସୋରା। ସେ ସବୁ ଖାଦ୍ୟ ଦିନେ ପେଟ ଓ ମନ ଉଭୟକୁ ସନ୍ତୁଷ୍ଟ କରିପାରୁଥିଲା। କିନ୍ତୁ ସେହି ପାରମ୍ପରିକ ଖାଦ୍ୟ, ଆଧୁନିକ ରୂପ, ରଙ୍ଗ ଓ ସ୍ୱାଦରେ ପରଷା ଗଲେବି ସେଥିରୁ ମିଳୁନି ସେହି ଭଲପାଇବା ଓ ଆତ୍ମୀୟତାର ବାସ୍ନା। ପରିବର୍ତ୍ତିତ ଜୀବନଶୈଳୀରେ ମଧ୍ୟ ଖାଦ୍ୟର ନାଁ ସ୍ୱାଦ ଓ ପ୍ରସ୍ତୁତି ପ୍ରଣାଳୀ ଢ଼େର ବଦଳିଯାଉଛି। ତେଣୁ ଖାଦ୍ୟ ଚିନ୍ତନରେ ସୁଷମ ଓ ସାତ୍ତ୍ୱିକ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ଆଠ ନମ୍ବର୍ ୱାର୍ଡ ବାଲିପଡ଼ା ଗ୍ରାମର ଉଦୟମାନ ଯୁବକ ମାନଙ୍କ ଦ୍ୱାରା ଗୋ ମାତାଙ୍କ ସୁରକ୍ଷା ପାଇଁ ଗୋ ଶାଳା ଓ ନନ୍ଦୀ ଶାଳା ଟିଏ କରିଛନ୍ତି. ବୁଲା ଗାଇ, ଗୋରୁ, ଷଣ୍ଢ, ପଶୁପକ୍ଷୀ ମାନଙ୍କ ସୁରକ୍ଷା ପାଇଁ ନାରାୟଣୀ ଗୋ ସେବାର ସକ୍ରିୟ ସଦସ୍ୟ ମାନେ ନିଜର ଅକ୍ଳାନ୍ତ ପରିଶ୍ରମ କରି ଗୋ ସେବା ଜାରି ରଖିଛନ୍ତି । ମୁଖ୍ୟ ଗୋ ସେବକ ମଳୟ କୁମାର ଦାଶଙ୍କ ସହିତ ସଦସ୍ୟ ଜ୍ଞାନ ରଞ୍ଜନ ଦାଶ, ନିତ୍ୟାନନ୍ଦ ନାୟକ, ଦୟାନିଧି ସାହୁ, ନିଖିଳେଶ ମହାକୁଳ, ସୁଜିତ ଦାଶ, ସତ୍ୟରଞ୍ଜନ ସେଠି, ଦିପକ ପାତ୍ର, ଶୁଭଙ୍କର ଦାଶ, କୃଷ୍ଣ ଚନ୍ଦ୍ର ଦାଶ, ସଞ୍ଜୟ ପରିଡା, ଖିରୋଦ ଦାଶ, ସଞ୍ଜୟ ତ୍ରିପାଠୀ, ମନୋଜ ନାୟକ ପ୍ରମୁଖ ସକ୍ରିୟ ସଦସ୍ୟ ମାନେ ଗୋମାତାଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି । ନାରାୟଣୀ ଗୋଶାଳାଠାରେ ଗୋମାତା ମନ୍ଦିର ର ଭୂମିପୂଜନ ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଯୋଗଦେଇ ଗୋମାତାଙ୍କ ସେବାରେ ନିୟୋଜିତ ହେଇଥିବା ସମସ୍ତ ସକ୍ରିୟ ସଦସ୍ୟଙ୍କୁ ଭୁଇୟସୀ ପ୍ରଶଂସା କରିବା ସହିତ ଉତ୍ତରତ୍ୱ କାମନା କରିଛନ୍ତି । ତତ ସହିତ ମୁଖ୍ୟ ଗୋ ସେବକ ମଳୟ କୁମାର ଦାଶ କହିଛନ୍ତି ଯେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଆର୍ଥିକ ସାହାଯ୍ୟ ଯୋଗାଇ ଦେଲେ ଗୋଶାଳାଟି ଉର୍ନ୍ନତି ହୋଇପାରିବ ।

### ଜାଗର ପାଇଁ ସଜେଇ ହେଉଛି ଶୈବପୀଠ

## ବିଳମ୍ବିତ ରାତ୍ରରେ ଉଠିବ ମହାଦୀପ, ମନ୍ଦିର ପରିଚାଳନା କମିଟିର ବ୍ୟାପକ ପ୍ରସ୍ତୁତି

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ରାତି ପାହିଲେ ମହାଶିବରାତ୍ରି ଅଥବା ଜାଗର । ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ସର୍ବପୁରାତନ ଶୈବପୀଠ ସହ ବିଭିନ୍ନ ଶୈବପୀଠରେ ଜାଗର ପାଇଁ ଚଳଚଞ୍ଚଳ ହୋଇଉଠିଛି । ରଙ୍ଗବେରଙ୍ଗରେ ଆଲୋକମାଳାରେ ସଜେଇ ହେଉଛି ମନ୍ଦିର । ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତି ବର୍ଷ ପରି ଶିବ ମନ୍ଦିର ପରିସରକୁ ସଫା ସୁତୁରା କରିବା ସହିତ ରଙ୍ଗ ମାରିବା, ସୁନ୍ଦର ସାଜସଜ୍ଜା ପାଇଁ ଜୋରଦାର ପ୍ରୟାସ ଚାଲିଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବାବା ପଶ୍ଚିମେଶ୍ୱର, ଐଶାନେଶ୍ୱର, ଶୀଧେଶ୍ୱର, ଗ୍ରାମେଶ୍ୱର, ଧବଳେଶ୍ୱର, ବେଲେଶ୍ୱର ସମେତ ବିଭିନ୍ନ ଶୈବପୀଠରେ ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ମନ୍ଦିର ପରିଚାଳନା କମିଟି, ସେବାୟତ ସମ୍ମିଳିତ ଭାବେ ସ୍ୱତନ୍ତ୍ର ଦେବନୀତି ସମୟ ନିର୍ଘଣ୍ଟ କରାଯାଇଛି । ଜାଗର ଅମାବାସ୍ୟା ବୁଧବାର ପ୍ରାତଃ ୩ଘଟିକାରୁ ମହାଦେବଙ୍କ ଦ୍ୱାରଫିଟା, ପହୁଡ଼ ଭାଜି, ଅବକାଶ, ମଇଲମ୍, ଉପଚାର ପୂଜା, ନବବସ୍ତ୍ର ପରିଧାନ, ବାଳ ଭୋଗ, ସାହାଣ ମେଲା ହୋଇ ସର୍ବସାଧାରଣ ଙ୍କ ଦର୍ଶନ ହେବ । ଦିବା ୧୧ଘଟିକାରେ ନୀତିଭୋଗ ଓ ଖେଚୁଡ଼ି ଲାଗି ହେବ । ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ, ପ୍ରସିଦ୍ଧ ଚୁଡାଘଷା ଭୋଗ ଲାଗି ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଲାଗି ରହିବ । ରାତି ୯ଟା ୧୦ମିନିଟ ସମୟରେ ବେଢାଧୂପ, ଖିରି ଧୂପ ପରେ ଅଭିଷେକ କରାଯିବ । ରୁଦ୍ରାଭିଷେକ, ମହାଦୀପ ପୂଜନ, ବେଢା ପରିକ୍ରମା କରାଯାଇ ବିଳମ୍ବିତ ରାତ୍ରରେ ମହାଦୀପ ଉଠିବ ବୋଲି ବିଭିନ୍ନ ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି । ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଯାନବାହାନ ରଖିବା ଠାରୁ ଆରମ୍ଭ କରି ଶୃଙ୍ଖଳିତ ଧାଡି ଦର୍ଶନ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଦୀପ ଜାଳିବା ପାଇଁ ସ୍ୱତନ୍ତ୍ର ସ୍ଥାନ ନିରୂପଣ ହୋଇଥିବା ବେଳେ ମନ୍ଦିର ନିକଟରେ ଶ୍ରଦ୍ଧାଳୁ ଓ ଦୀପ ଉଜାଗରୀ ମାନଙ୍କ ପାଇଁ ଭଂଜନ ଓ ବାଦୀ ପାଲା ପରିବେଷଣ ବ୍ୟବସ୍ଥା ହୋଇଥିବା ଜଣାପଡିଛି ।



## ଅନ୍ଧ କପିଳେଶ୍ୱର ପୀଠରେ ହଜାର ହଜାର ଭକ୍ତଙ୍କ ସମାବେଶ



ନିଆଳି(ଭାସ୍କର ନ୍ୟୁଜ): ମହାଶିବରାତ୍ରି ପାଇଁ ନିଆଳିର ବିଭିନ୍ନ ଶୈବପୀଠ ସଜେଇ ହୋଇଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ଜାଗର ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ବିଭିନ୍ନ ମନ୍ଦିର ପରିଚାଳନା କମିଟିଗୁଡିକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ସହ କାର୍ଯ୍ୟ ସୁଚି ପ୍ରକାଶ ପଇସାରିଲାଣି । ଏମିତିକି କେତେକ ଶୈବପୀଠରେ ନାମଯଜ୍ଞ ଓ ଅର୍ଣ୍ଣଯଜ୍ଞ ଆରମ୍ଭ ହୋଇଗଲାଣି । ଚଳିତବର୍ଷ ଶୈବପୀଠ ଗୁଡିକରେ ପ୍ରବଳ ସମ୍ଭାବନା ଥିବାରୁ ଶ୍ରଦ୍ଧାଳୁମାନେ କିପରି ଶାନ୍ତି ଶୃଙ୍ଖଳା ଶହ ଦର୍ଶନ କରିବେ ସେନେଇ ଅସ୍ଥାୟୀରେ ବ୍ୟାରିକେଟ ନିର୍ମାଣ ହୋଇସାରିଲାଣି । ନିଆଳିର ପ୍ରସିଧ ଶୋଭନେଶ୍ୱର, ଅନ୍ଧ କପିଳେଶ୍ୱର, ମାଧବରେ ଭିମେଶ୍ୱର, ପହଂଗାର ବାଲୁଙ୍କେଶ୍ୱର, ସଡାନ୍ଦର ତ୍ରିଲୋଚନେଶ୍ୱର, ଜଳାରପୁରର ସୋମନାଥ ପୀଠ, କରଞ୍ଜରେ ସ୍ୱପନେଶ୍ୱରଙ୍କ ପୀଠଗୁଡିକ ଏହି ମହାଶିବ ରାତ୍ରି ପାଇଁ ଚଳଚଞ୍ଚଳ ହୋଇପଡିଚି । ପଙ୍କ ଉଦ୍ଧାର ଏକାଦଶୀ ହୋଇଥିବାରୁ ପାତାଳଫୁଟା ମହାଦେବ ଅନ୍ଧକପିଳେଶ୍ୱର ମହାଦେବଙ୍କ ମନ୍ଦିରରୁ ପଙ୍କ ଓ ପାଣି କଢ଼ାଯାଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ । ଏହି ପୁରାତନ ମନ୍ଦିରକୁ କପିଳେଶ୍ୱର ରାଜା ନିର୍ମାଣ କରିଥିବା ସ୍ଥାନୀୟ ଲୋକ କହୁଛନ୍ତି । ଏହି ପୀଠରେ ୧୯୮୩ ମସିହାରୁ ଅଷ୍ଟ ପ୍ରହରୀ ହୋଇଆସୁଛି । ଗ୍ରାମବାସୀଙ୍କ ପକ୍ଷରୁ କୁଞ୍ଜ ବିହାରୀ ନାୟକ, ନନ୍ଦ କିଶୋର ମହାରଣା, ବାବାଜୀ ବେହେରା, ମହନୀ ଭୋଇ ଓ ଇନ୍ଦ୍ରମଣିଙ୍କ ସମେତ ଅନେକ ଗ୍ରାମବାସୀ ଏଥିରେ ଅନେକ ସହାୟତା କରିଛନ୍ତି । ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥିଲା ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ପିସିସି ସଭାପତିଙ୍କ ଆଶୁ ଆରୋଗ୍ୟ କାମନା



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗୁରୁତର ଭାବେ ଆହତ ନବନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କର ମା ବିରଜାଙ୍କ ନିକଟରେ ଆଶୁ ଆରୋଗ୍ୟ କାମନା କରାଯାଇଛି । ସୂଚନା ଥାଉକି ନବନିଯୁକ୍ତ ସଭାପତି ଶ୍ରୀ ଦାସ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବା ପରେ କଂଗ୍ରେସ ଦଳ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବିଶାଳ ସମାବେଶ ହୋଇଥିଲା । ଏହି ସମାବେଶର ପେଲାଠେଲା ଭିତରେ ଶ୍ରୀ ଦାସ ତଳେ ପଡି ଯାଇ ଆହତ ହୋଇଥିଲେ । ଫଳରେ ତାଙ୍କର ଡାହାଣ ହାତରେ ଗଭୀର ଆଘାତ ଲାଗିଥିଲା । ଏଥିସତ୍ୱେ ସେ ଆଘାତକୁ ଖାତିର ନକରି ପୂର୍ବ ସ୍ଥିରିକୃତ ହୋଇଥିବା ପଦଯାତ୍ରାରେ ସାମିଲ ହୋଇଥିଲେ ଏବଂ ଦେହର ଯନ୍ତ୍ରଣା ସତ୍ୱେ ସେ ଦଳ ପାଇଁ ନିଜର କର୍ମୀଙ୍କ ସହ ପଦଯାତ୍ରାରେ ପୁରୀରେ ଜଗନ୍ନାଥଙ୍କ ଆର୍ଶୀବାଦ ନେଇ ଏହାକୁ ସଫଳ କରିଥିଲେ । ଯାହାକି ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ମନରେ ନୂତନ ପ୍ରେରଣା ଓ ଉତ୍ସାହ ଭରି ଦେଇଛି । ତେବେ ପଦଯାତ୍ରାରୁ ଫରିବା ପରେ ଶ୍ରୀ ଦାସଙ୍କ ଭୁବନେଶ୍ୱରରେ ଏକ ଘରୋଇ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଯାଇଛି । ସେ ସଂପୂର୍ଣ୍ଣ ସୁସ୍ଥ ଥିବା ଜଣାଯାଇଛି । ସେ ସୁସ୍ଥ ହୋଇ ଘରକୁ ଫେରିବା ପରେ ଆଗାମୀ ଦିନରେ ୩୦ଟି ଜିଲ୍ଲାରେ କଂଗ୍ରେସର ସାଂଗଠନିକ ସ୍ଥିତିକୁ ମଜବୁତ କରିବା ପାଇଁ ପ୍ରତିଜ୍ଞା ବଦ୍ଧ । ଏହି ଅବସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ମା' ବିରଜାଙ୍କ ନିକଟରେ ଜିଲ୍ଲା ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ଦୁର୍ଯ୍ୟୋଧନ ବେହେରା, ସୁଦିପ କୁମାର କର, ଅଂଚଳ ଦାସ, ଦେବେନ୍ଦ୍ର ପଣ୍ଡା, ଗଦାଧର ଦାସ, ଆଲୋକ ବେହେରା ପ୍ରମୁଖ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ଧାନ ମଣ୍ଡି ପରିଦର୍ଶନ



ଭୁବନ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାରେ ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଓ ଅନିୟମିତତା ହେଉଥିବାରୁ ଚାଷୀ ହଇରାଣ ହରକତ ହେଉଛନ୍ତି । ସମସ୍ୟା ସମାଧାନ ନିମନ୍ତେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମାହେଶ୍ୱର ସାହୁ ବିଭିନ୍ନ ମଣ୍ଡି ପରିଦର୍ଶନ କରି ଫେରିଯାଇଛନ୍ତି । କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ରାଜ୍ୟ ସଭାପତି ଶ୍ରୀ ସାହୁ ପ୍ରଥମେ ଭୁବନ ରାମ ମନ୍ଦିରରେ ହେଉଥିବା ମଣ୍ଡି ପରିଦର୍ଶନରେ କୃଷକଙ୍କ ସହ ଆଲୋଚନା କରିଥିଲେ । ପରେ ଭୁବନ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ନଗର ମଣ୍ଡଳ ସଭାପତି ଅଜିତ କୁମାର ବିହାରୀ, କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଓ ଦଳୀୟ କର୍ମୀ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଦାର, ଷଡଙ୍ଗୀ ଓ ଗଁଦିଆ ପ୍ରଭୃତି ଧାନମଣ୍ଡି ପରିଦର୍ଶନରେ ଯାଇଥିଲେ । ଧାନ ସଂଗ୍ରହରେ ବାଧା ସୃଷ୍ଟିକାରୀ ମିଲର ଓ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କୃଷକ ଦାବି କରିଥିଲେ ।

## ନିଗମାନନ୍ଦ ମହିଳା କଲେଜ ଆବର୍ଜନାପୂର୍ଣ୍ଣ ପାଣିଟାଙ୍କିରୁ ପାଣି ପିଉଛନ୍ତି ଛାତ୍ରୀ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ଛାତ୍ରୀ ପିଉଛନ୍ତି ଦୂଷିତ ଜଳ । କଲେଜ କର୍ତ୍ତୃପକ୍ଷ ବେଫିକର । ମହାମାରୀ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି । ମହିଳା କଲେଜ ପାଇଁ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଉଥିବା ବେଳେ ଠିକାଦାର ମନଇଚ୍ଛା କାର୍ଯ୍ୟକରି ଅର୍ଥ ହାତେଇ ନେବା ମସୁଧା ଚଳାଇଥିଲେ ମଧ କଲେଜ କିର୍ତ୍ତୃପକ୍ଷ ଠିକାଦାର ବିରୁଦ୍ଧରେ କୌଣସି ପଦକ୍ଷେପ ନେଉନାହାଁନ୍ତି, ଯାହା ବାରି ହୋଇପଡୁଛି ଅଧିକାରୀ ଓ ଠିକାଦାର ମଧ୍ୟରେ ମଧୁଚନ୍ଦ୍ରିକା ସୃଷ୍ଟି ହୋଇଛି । କଣାସରେ ଦୂଷିତ ଜଳ ପିଇ ଲୋକମାନେ ହଇଜାରେ ଆକ୍ରାନ୍ତ ହୋଇଥିବା ବେଳେ ତାହାର ପୁନରାବୃତି ନିମାପଡାରେ ଘଟିବାକୁ ଯାଉଛି । ନିମାପଡା ବ୍ଲକ ଚାରିଛକ ନିଗମାନନ୍ଦ ମହିଳା କଲେଜ ପରିସରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଗୃହ ନିର୍ମାଣ କରାଯାଉଛି । ଗୃହର ସ୍ଥାୟିତ୍ୱକୁ ନେଇ ସନ୍ଦେହ ପ୍ରକଟ ହୋଇଥିବା ବେଳେ ଛାତ୍ରୀଙ୍କ ପାଇଁ ପିଇବା ପାଣି ବଡ ସମସ୍ୟା ପାଲଟିଛି । ଛାତ୍ରୀମାନେ କଲେଜ ଗେଟ ନିକଟସ୍ଥ ରାସ୍ତା କଡରେ ଥିବା ବହୁ ପୁରାତନ ସିମେଣ୍ଟ ନନ୍ଦରେ ନିର୍ମିତ ପାଣି ଟାଙ୍କିରୁ ପାଣି ପିଇ ତୃଷା ନିବାରଣ କରୁଛନ୍ତି । କଲେଜ ଅଧକ୍ଷା ସବୁ ଜାଣି ମଧ ନୀରବ ରହିବା ପଛରେ କାହାର ଚାପ ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

### ବାହାରଣା ମିଶନଶକ୍ତି ଗୃହରେ ତାଲା ପକାଇଲେ ଶତାଧିକ ମହିଳା

## ସଂପାଦିକା ଓ ସଭାନେତ୍ରୀ ପରିବର୍ତ୍ତନ ପାଇଁ ଦାବି



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ମିଶନ ଶକ୍ତିପାଇଁ କଳଙ୍କ ସାଜିଥିବା ବେଳେ ବାହରଣା ମିଶନ ଶକ୍ତି ଗୃହରେ ତାଲା ପକାଇଲେ ଶତାଧିକ ମହିଳା ଚାଷୀ । ଯାହାକୁ ନେଇ ନିମାପଡାରେ ମିଶନ ଶକ୍ତି କେତେ କାର୍ଯ୍ୟକ୍ଷମ ତାହା ବାରିହୋଇପଡୁଥିବା ବେଳେ ଲକ୍ଷପତି ଦିଦି ଚୟନରେ ଅନିୟମିତତା ନେଇ ମହିଳାମାନେ ଗର୍ଜିଛନ୍ତି । ଏହି ଘଟଣା ଏବେ ନିମାପଡାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ ନିମାପଡା ବ୍ଲକ ବାହରଣା ପଂଚାୟତରେ ଥିବା ସୁରକ୍ଷା-୨୮ରେ ମହାଦୁର୍ନୀତି ସହିତ ଲକ୍ଷପତି ଦିଦି ଚୟନରେ ପାତର ଅନ୍ତର ହୋଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଧାନମଣ୍ଡିରେ ଚାଷୀଙ୍କ ଧାନର ଅଭାବୀ ବିକ୍ରୀ କାରଣରୁ ପଂଚାୟତର ବିଭିନ୍ନ ମହିଳା ଗୋଷ୍ଠୀରୁ ଶତାଧିକ ମହିଳାଚାଷୀ ମିଶନଶକ୍ତି ଗୃହରେ ତାଲା ପକାଇଛନ୍ତି । ସୁରକ୍ଷା-୨୮ ନାମରେ ଥିବା ମିଶନ ଶକ୍ତିର କାର୍ଯ୍ୟ ସଂପାଦନ କରୁଥିବା ସଭାନେତ୍ରୀ, ସଂପାଦିକ, ଏମବିକେ ସହିତ ପୂର୍ବରୁ ଦାୟିତ୍ୱରେ ଥିବା ଭିଏଲ୍‌ସି ଅଧିକାରୀଙ୍କ ମିଳିତ ସହଯୋଗରେ ମହିଳା ସଭ୍ୟାଙ୍କୁ ଜଣାଇନଥିବା ବେଳେ ସାରା ରାଜ୍ୟରେ ଇସି ଓ ସିଆରପିଙ୍କ ଦରମା ପାଇବା ପାଇଁ ବିଧାନ ସଭା ସମ୍ମୁଖରେ ଧାରଣାରେ ବସିଥିବା ବେଳେ ସୁରକ୍ଷା-୨୮ ଦାୟିତ୍ୱରେ ଥିବା ସଂପାଦିକା ସଭାନେତ୍ରୀ ଏମବିକେ ଓ ପୂର୍ବରୁ ଭିଏଲ୍‌ସି ତାଙ୍କ ମନଇଚ୍ଛାରେ ବିଭିନ୍ନ ପ୍ରକାର ଆଳରେ ମିଶନ ଶକ୍ତି ଲାଭାଂଶରୁ ଲକ୍ଷାଧିକ ଟଙ୍କା ଉଠାଇ ନିଜନିଜ ମଧ୍ୟରେ ବାଂଟିଥିବାରୁ ଅଭିଯୋଗ ଉପମୁଖ୍ୟମନ୍ତ୍ରୀଙ୍କୁ କରାଯାଇଥିଲା । ସେହିଭଳି ପଞ୍ଚାୟତରେ ଥିବା ୧୮୦ରୁ ଉର୍ଦ୍ଧ୍ୱ ମହିଳା ଗୋଷ୍ଠୀ ଥିବାବେଳେ ଅଧାରୁ ଅଧିକ ଗୋଷ୍ଠୀମାନେ ଲକ୍ଷପତି ଦିଦିରୁ ବଂଚିତ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଗୋଟିଏ ଗ୍ରୁପରୁ ୫ରୁ ୧୦ ମହିଳାଙ୍କ ନାମ ଥିବାବେଳେ କେତେକ ମହିଳା ଗ୍ରୁପରେ ମହିଳାଙ୍କ ନାମ ଜାଣିଶୁଣି ଦିଆଯାଇନାହିଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଫଳରେ ବାହାରଣାରୁ ଶତାଧିକ ମହିଳା ନାରାବାଜି ଦେଇଛନ୍ତି । ମିଶନ ଶକ୍ତି ଚୟନ ହୋଇଥିବା ମହିଳାଙ୍କ ପ୍ରଶିକ୍ଷଣ ଶିବିର ଚାଲିଥିବା ବେଳେ ଯୋଜନାରୁ ବଂଚିତ ହୋଇଥିବା ମହିଳାମାନେ ଆସି ମିଶନଶକ୍ତି କାର୍ଯ୍ୟାଳୟକୁ ତାଲା ପକାଇଥିଲେ । ଏହି ଶିବିରକୁ ବନ୍ଦ କରି ପୁନଃ ଚ୍ୟନ କରାଯାଇ ପ୍ରଶିକ୍ଷଣ ଶିବିର କରିବା ପାଇଁ ଦାବୀ କରିଥିଲେ । ସେମାନଙ୍କ ମଧ୍ୟରେ କମଳି ଭୋଇ, ମିନୁ ଭୋଇ, ରେବ ଭୋଇ, ମମତା ନାୟକ, ଅହଲ୍ୟା ନାୟକ, ସବିତା ମିଶ୍ର, ସ୍ୱର୍ଣ୍ଣଲତା ବିଶ୍ୱାଳ, ତୁଳସୀ ରାଉତ, ନିରୂପମା ପଣ୍ଡା, ସୁଜାତା ମଲ୍ଲ, ଜୋସ୍ନାରାଣୀ ପଣ୍ଡା, ମିନୁ ମହାନ୍ତି, ବାସନ୍ତି ରାଏ, ଲିଭାଲିନ୍ ପରିଡା, ମିନତୀ ମଲ୍ଲ ଶତାଧିକ ମହିଳାମାନେ ଅଭିଯୋଗ କରିବା ସହ ବିକ୍ଷୋଭ କରିଥିଲେ । ସେହିପରି ଚାଷୀମାନେ ଧାନବିକ୍ରି କରବା ପାଇଁ ପଂଜିକରଣ କରିଥିଲେ ମଧ୍ୟ ଅନେକ ଚାଷୀଙ୍କ ମୋବାଇଲକୁ ମେସେଜ୍ ଆସିନାହିଁ । ଜାଣିଶୁଣି ସରକାର ଟୋକନ ଦେଉନାହାଁନ୍ତି ଯାହାଫଳରେ ଚାଷୀମାନେ ଧାନମଣ୍ଡିରେ ଦେଇନପାରି କମ୍ ଦରରେ ଗ୍ରାମସାହୁକାରକୁ ବିକ୍ରି କରିଛନ୍ତି । ବାହାରଣା ପଂଚାୟତ ସୁରକ୍ଷା-୨୮ ମିଶନ ଶକ୍ତିରେ ବେପାରୀ ମାନେ ଧାନବିକ୍ରି କରି ମାଲେମାଲ ହେଉଛନ୍ତି ବୋଲି ଚାଷୀ ସର୍ବେଶ୍ୱର ରଥ, ବିଜେପି ଯୁବ ନେତା ଦିଲ୍ଲିପ କୁମାର ମହାନ୍ତି, ପବିତ୍ର ଭୋଇ, ୱାର୍ଡ ସଭ୍ୟ ସରୋଜ କୁମାର ମହାନ୍ତି, ସୁବାସ ପଟ୍ଟନାୟକ, ଜଟାଧାରୀ ଭୋଇ ତଦନ୍ତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିକଟରେ ଗଣମାଧ୍ୟମ ଜରିଆରେ ଦାବି କରିଛନ୍ତି । ତା ସହିତ ଆଗାମୀ ଦିନରେ ନୂତନ ସଭାନେତ୍ରୀ ସଂପାଦିକା ଡାଟା ଏଣ୍ଟ୍ରି ଅପରେଟର ଏମବିକେ ବଦଳି କରିବା ପାଇଁ ଦାବି କରିଛନ୍ତି ।

## ହୋଇପାରିଲାନି ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ, ନିରାଶରେ ଫେରିଲେ ୨ ବିଧାୟକ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ମାହାଙ୍ଗା ବ୍ଲକ ପରେ ନିଶ୍ଚିନ୍ତକୋଇଲି ବ୍ଲକ ର ନିର୍ବାଚିତ ଲୋକପ୍ରତିନିଧିମାନେ ପ୍ରଶାସନର ଏକଛତ୍ରବାଦୀ ଓ ହଟଲରୀ ଶାସନ ବିରୁଦ୍ଧରେ ତାତି ଉଠିଛନ୍ତି । ଏପରିକି ବ୍ଲକ ପ୍ରଶାସନ ସ୍ଥାନୀୟ ରାଜନେତାଙ୍କ ହାତବାରିସି ସାଜି ତ୍ରିସ୍ତରୀୟ ଲୋକପ୍ରତିନିଧିଙ୍କୁ ଉପେକ୍ଷା କରୁଥିବାର ପ୍ରତିବାଦରେ ପଂଚାୟତ ସମିତିର ସ୍ୱତନ୍ତ୍ର ବୈଠକ ହୋଇପାରିନଥିଲା । ସରକାର ପରିବର୍ତ୍ତନ ପରେ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଂଚାୟତରେ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି । ବିଗତ ନବୀନ ସରକାରଙ୍କ ଶାସନ ସମୟରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ପ୍ରାୟ ୨୫କୋଟିରୁ ଉର୍ଦ୍ଧ ଟଙ୍କା ପଡି ରହିଛି । କାର୍ଯ୍ୟ କରିଥିବା ଠିକାଦାରଙ୍କୁ ବିଭିନ୍ନ ଆଳ ଦେଖାଇ ଓ ରାଜନୈତିକ ଚାପରେ ବକେୟା ପ୍ରାପ୍ୟ ପ୍ରଦାନ କରାଯାଉନାହିଁ । ନୂତନ ସରକାରଙ୍କ ବିକଶିତ ଗାଁ ଓ ବିକଶିତ ଓଡିଶା କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସ୍ୱତନ୍ତ୍ର ବୈଠକ ନିମନ୍ତେ ସୋମବାର ଅପରାହ୍ନ ୩ଟା ବେଳକୁ ମଣ୍ଡଳ ଉନ୍ନୟନ ଅଧିକାରୀ ପତ୍ର ମାଧ୍ୟମରେ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରିଥିଲେ । ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଅଞ୍ଚଳର ସରପଞ୍ଚ, ସମିତି ସଭ୍ୟ ଜିଲ୍ଲାପରିଷଦ ସଭ୍ୟ ରହିଥିଲେ । ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନିମନ୍ତେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଓ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ହେବା କ୍ଷଣି ନିଶ୍ଚନ୍ତକୋଇଲି ପଞ୍ଚାୟତ ସମିତି ଅଧକ୍ଷା ରୋଜି ସେଠୀଙ୍କ ନେତୃତ୍ୱରେ ବହୁ ଲୋକ ପ୍ରତିନିଧି ହୋହାଲ୍ଲା କରିବା ସହ ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବାକୁ ଅଡି ବସିଥିଲେ । ବକେୟା ପ୍ରାପ୍ୟ ପ୍ରଦାନ କରାନଗଲେ କୌଣସି ନୂତନ କାର୍ଯ୍ୟକ୍ରମ କରାଯାଇପାରିବ ନାହିଁ ବୋଲି ନିର୍ବାଚିତ ଲୋକପ୍ରତିନିଧି କହିବା ସହ ବୈଠକ ଛାଡି ଏକସଙ୍ଗେ ପଳାଇ ଆସିଥିଲେ । ଫଳରେ ୨ ବିଧାୟକ ଚରମ ହଟହଟାର ସମ୍ମୁଖିନ ହୋଇ ନିରାଶରେ ଫେରିବାକୁ ବାଧ ହୋଇଥିଲେ । ତେବେ ମାହାଙ୍ଗା ବ୍ଲକ ପରେ ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ ନିର୍ବାଚିତ ଲୋକପ୍ରତିନିଧି ପ୍ରଶାସନ ବିରୁଦ୍ଧରେ ସ୍ୱତର ଉତ୍ତୋଳନ କରୁଥିବା କାରଣରୁ ଆଗାମୀ ଦିନରେ ଏହି ବ୍ଲକରେ ଦୁଇ ଗୋଷ୍ଠୀ ମଧ୍ୟରେ ମୁକାବିଲା ଭଳି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଚିକେନ୍ ତରକାରୀ ପାଇଁ ପତ୍ନୀଙ୍କୁ ହତ୍ୟା, ସ୍ୱାମୀ ଗିରଫ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ମୁଁ ଫେରିଲେ ଚିକେନ୍ ଖାଇବି । ପତ୍ନୀକୁ ଅର୍ଡର ଦେଇ ବାହାରକୁ ଗଲା ସ୍ୱାମୀ । ଆଉ ରାତିରେ ଫେରିବା ବେଳକୁ ଚିକେନ୍ ତରକାରୀ କରିନି ପତ୍ନୀ । ଯାହାକୁ ନେଇ ପତି ପତ୍ନୀ ମଧ୍ୟରେ ତିବ୍ର ଝଗଡା ହୋଇ ହତ୍ୟାକାଣ୍ଡର ରୂପ ନେଇଥିଲା । କାହିଁକି ଚିକେନ୍ ତରକାରୀ କଲାନି ବୋଲି ପତ୍ନୀକୁ ନିସ୍ତୁକ ମାଡ ମାରିଲା ସ୍ୱାମୀ । ଆଉ ଶେଷରେ ପତ୍ନୀକୁ ମାରୁ ମାରୁ ସ୍ୱାମୀ ତାର ଜୀବନକୁ ଶେଷ କରିଦେଲା । ଗତକାଲି ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଗଁଦିଆ ଥାନା ଅନ୍ତର୍ଗତ ଧନିଆଁ ନାଳୀ ଗ୍ରାମରେ । ସ୍ୱାମୀର ନିସ୍ତୁକ ମାଡ଼ରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଧନିଆଁନାଳୀ ମୁଣ୍ଡା ସାହିର କୁନି ପିଙ୍ଗୁଆ (୩୦) ବୋଲି ଜଣାପଡିଛି । ତେବେ ଖବର ପାଇ ଗଁଦିଆ ଥାନା ପୁଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି । ଘରୁ ମହିଳାଙ୍କ ମୃତଦେହ ଜବତ କରି ପୁଲିସ ବ୍ୟବଛେଦ ପାଇଁ ପଠାଇଛି । ପୋଲିସ ବିଭାଗ ଫରେନସିକ ଟିମ ଘଟଣା ସ୍ଥଳରେ ଯାଞ୍ଚ କରୁଛି । ମୃତ ମହିଳାଙ୍କ ଭାଇର ଅଭିଯୋଗ ଆଧାରରେ ଗଁଦିଆ ଥାନାରେ ଏକ ହତ୍ୟା ମାମଲା ପୁଲିସି ରୁଜୁକରି ତଦନ୍ତ ଜାରି ରଖିଛି । ଘଟଣା ପରେ ଘରୁ ପଳାଇଥିବା ହତ୍ୟା ଅଭିଯୁକ୍ତ ସ୍ୱାମୀ ଜେନା ପିଙ୍ଗୁଆ (୪୦)କୁ ସ୍ଥାନୀୟ ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଛି । ପ୍ରକୃତ ମୃତ୍ୟୁର କାରଣ ପାରିବାରିକ କଳହକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥାଇ ପାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ରାସନକାର୍ଡରୁ ବାଦ୍ ନ ପକାଇବାକୁ ବିଡିଓଙ୍କୁ ଦାବିପତ୍ର



ଗୋପ(ଭାସ୍କର ନ୍ୟୁଜ): ସରକାର ଆୟକାରଦାତାଙ୍କୁ ରାସନକାର୍ଡରୁ ବାଦ୍ ଦେବା ପାଇଁ ଇ-କେୱାଇସି କୁ ଜୋରଦାର କରିଛନ୍ତି । ଏହାକୁ ନେଇ ଏବେ ଯେଉଁ ଗରିବ ବ୍ୟକ୍ତି ବ୍ୟାଙ୍କରେ ଲୋନ୍ କରିବା ପାଇଁ ଆୟକର ଫାଇଲ ଖୋଲିଥିଲେ ଏବେ ସେମାନଙ୍କ ପାଖକୁ ବ୍ଲକ ପକ୍ଷରୁ ରାସନକାର୍ଡ ଫେରସ୍ତ ନିମନ୍ତେ ନୋଟିସ ଜାରି ହୋଇଛି । ଏନେଇ ସେମାନେ ଚିନ୍ତାରେ ପଡିଯାଇଛନ୍ତି । କେତେକ ଦିବ୍ୟାଙ୍ଗ ସେମାନଙ୍କ ଅନଲାଇନ ପ୍ରମାଣପତ୍ର ବ୍ଲକରେ ଦାଖଲ କରିନପାରିବାରୁ ୩ ମାସ ହେଲା ଭତ୍ତାରୁ ବଂଚିତ ହୋଇଛନ୍ତି । ଯାହାକୁ ନେଇ ନିମାପଡା ନିର୍ବାଚନ ମଣ୍ଡଳୀ ଗୋପ ବ୍ଲକର କେତକ ଜନ ପ୍ରତିନିଧିଙ୍କ ସମେତ ସଚେତନ ନାଗରିକ ଏବଂ ଅଞ୍ଚଳବାସୀଙ୍କ ପକ୍ଷରୁ ଗୋପ ବିଡିଓଙ୍କ ଉଦେଶ୍ୟରେ ଦାବିପତ୍ର ଦିଆଯାଇଛି । ଯୁବ ନେତୃତ୍ୱ ମନ୍ଦୀପ ପାଇକରାୟଙ୍କ ନେତୃତ୍ୱରେ ବିମ୍ବାଧର ଦାସ, ସ୍ୱରାଜ କୁମାର ମହାନ୍ତି, ମିଟୁ ପରିଡାଙ୍କ ସମେତ କେତକ ଜନପ୍ରତିନିଧି ଏବଂ ଶତାଧିକ ଜନସାଧାରଣ ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ଦୀପକ ଜେନାଙ୍କ ଉପସ୍ଥିତିରେ ଯୋଗାଣ ନିରିକ୍ଷିକା ରଚିତା ପଣ୍ଡାଙ୍କୁ ଏକ ଦାବିପତ୍ର ଦେଇଥିଲେ । ଏନେଇ ଅତିରିକ୍ତ ବିଡିଓ ଏବଂ ଯୋଗାଣ ନିରିକ୍ଷିକା ବିଡିଓଙ୍କୁ ଜଣାଇବା ସହିତ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ ।

## ବିରିଡ଼ି ବ୍ଲକ୍‌ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ବରିଷ୍ଠ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୫୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୩ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୪ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୮ଟି, ଭତ୍ତା ପାଇବା ପାଇଁ ୯ଟି, ପୋଲିସ ସହାୟତା ପାଇଁ ୨ ଟି ଏବଂ ଅନ୍ୟାନ୍ୟ ୧୪ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା,ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରିଡ଼ି, ଆୟୁଷୀ ପତି, ତହସିଲଦାର, ବିରିଡ଼ି ସଞ୍ଜୟ କୁମାର ବେହେରା, ବିରିଡ଼ି ବ୍ଲକ୍ ଅଧକ୍ଷା,ଏସ୍‌ଡିପିଓ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## କିଟ୍ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିରେ ବିକ୍ଷୋଭ




ବ୍ରହ୍ମପୁର(ଭାସ୍କର ନ୍ୟୁଜ): ସିପିଏମ ଗଂଜାମ ଜିଲ୍ଲା କମିଟି ପକ୍ଷରୁ କିଟ ଛାତ୍ରୀ ମୃତ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବିରେ ଦକ୍ଷିଣାଞ୍ଚଳ ଜଉଉ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ବିକ୍ଷୋଭରେ ପାର୍ଟିର ବରିଷ୍ଠ ରାଜ୍ୟନେତା ଅଳି ପଟ୍ଟନାୟକ ଯୋଗଦେଇ କିଟ ଛାତ୍ରୀ ମୃତ ଘଟଣା ଆମ ରାଜ୍ୟ ଓ ଦେଶ ପାଇଁ ଏକ କଳଙ୍କ । ଏହାକୁ ଦୃଢ଼ ନିନ୍ଦା କରିଥିଲେ । ସହପାଠୀ ବାରମ୍ବାର ନିର୍ଯାତିତ ହେବା, କିଟ କର୍ତ୍ତୃପକ୍ଷ ଛାତ୍ରୀ ଅଭିଯୋଗକୁ ଗୁରୁତ୍ୱ ନଦେବା ଏବଂ ପରିଶେଷରେ ମୃତ୍ୟୁ ହେବା ସ୍ୱାଭାବିକ ଭାବେ ଛାତ୍ର ଛାତ୍ରୀଙ୍କୁ ଆତଙ୍କିତ କରିଥିଲା । ସେମାନଙ୍କ ନିରାପତ୍ତା ପାଇଁ ଆନ୍ଦୋଳନ କରିବା ସ୍ୱାଭାବିକ ।ସେମାନଙ୍କୁ ଭରଷା ଦେବା ପରିବର୍ତେ କିଟ କର୍ତ୍ତୃପକ୍ଷ ଦମନ ନୀତି ଗ୍ରହଣ କରିବା, ଜବରଦସ୍ତ ସେମାନଙ୍କୁ କଟକ ଓ ଅନ୍ୟ ଅଜଣା ଷ୍ଟେସନରେ ଛାତ୍ରମାନଙ୍କୁ ଜବରଦସ୍ତ ଛାଡ଼ିଦେବାଭଳି ଅମାନୁଷିକ ଓ ଅପରାଧୀ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଦଣ୍ଡନୀୟ । ସେହିଭଳି ଆମର ପଡୋଶୀ ବନ୍ଧୁ ରାଷ୍ଟ୍ର ନେପାଳ ପ୍ରତି କିଟ କର୍ମଚାରୀଙ୍କ ଅପମାନ ସୂଚକ ମନ୍ତବ୍ୟ ଦୁଇ ଦେଶର ସଂମ୍ପର୍କରେ ତିକ୍ତତା ସୃଷ୍ଟି କରିବ । ତେଣୁ ଅତିଶୀଘ୍ର କିଟ ମୁଖ୍ୟଙ୍କୁ ଗିରଫ କରିବା ପାଇଁ ଦାବୀ କରିଥିଲେ । ସେହିଭଳି ଘଟଣା ସହିତ ସଂଶ୍ଲିଷ୍ଟ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ଟଏଉ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଲୋକଙ୍କ ଭିତରେ ସନ୍ଦେହ ସୃଷ୍ଟି କରିଛି ।କିଟ ସହିତ ଅନୈତିକ ସମ୍ପର୍କ ରହିଥିବା ଆଶଙ୍କା ହେଉଛି । ତେଣୁ ରାଜ୍ୟ ସରକାରଙ୍କ ପ୍ରଶାଶନିକ ତଦନ୍ତ ଘଟଣାକୁ ଘଣ୍ଟଘୋଡାଇବା ପାଇଁ ଉଦ୍ଧିଷ୍ଟ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।ତେଣୁ ଘରୋଇ ଶିକ୍ଷା ନୁଷ୍ଠାନର ଛାତ୍ର ଦମନ ନୀତି, ଅଭିଭାବକମାନଙ୍କୁ ଶୋଷଣ କରିବା କାର୍ଯ୍ୟ ଓ ଶିକ୍ଷାନୁଷ୍ଠାନରେ ଶିକ୍ଷା ପରିବେଶ ସୃଷ୍ଟି କରିବା ପାଇଁ ବିଚାର ବିଭାଗୀୟ ତଦନ୍ତ ଆବଶ୍ୟକ ବୋଲି ଦାବୀ କରିଥିଲେ ।ଏକ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ତତ୍ୱାବଧାନରେ ତଦନ୍ତ କରିବାହିଁ ଘଟଣାର ସତ୍ୟାସତ୍ୟକୁ ଲୋକ ଲୋଚନକୁ ଆଣିପାରିବ ବୋଲି ଦାବିକରିଥିଲେ । ଏଥିରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, କୈଳାଶ ଷଡଙ୍ଗୀ, ରାମଚନ୍ଦ୍ର ନାୟକ, ବିଦ୍ୟାଧର ଜେନା, ଶିବ ପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ, ବିଷ୍ଣୁ ପ୍ରିୟା ସାହୁ, ଜୟନ୍ତୀ ବଳା ଷଡଙ୍ଗୀ, ଅଜୟ ଗୌଡ଼, ବିଜୟ ବିଶୋଇ, ଗୋକୁଳ ତ୍ରିପାଠୀ,ରଞ୍ଜନ ପାତ୍ର, ରାଜା ରାଓ, ଚନ୍ଦ୍ର ନାୟକ,ମଧୁ ବେହେରା ପ୍ରମୁଖ ନେର୍ତ୍ତୃତ୍ୱ ନେଇଥିଲେ । ପାର୍ଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଏକ ସ୍ମାରକପତ୍ର ଜଉଉଙ୍କ ଜରିଆରେ ପ୍ରଦାନ କରାଯାଇଥିଲା ।

## ଓଡ଼ିଆ ଭାଷା ବିକାଶ ପରିଷଦର ସାହିତ୍ୟ ଉତ୍ସବ




କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ନିକଟସ୍ଥ କନ୍ଦଳପୁର ଅଧିଷ୍ଠାତ୍ରୀ ମା' ନାରାୟଣୀଙ୍କ ପୀଠରେ ଓଡ଼ିଆ ଭାଷା ବିକାଶ ପରିଷଦର ପ୍ରାରମ୍ଭିକ ସାହିତ୍ୟ ଉତ୍ସବ ଦୁଇଟି ଅଧିବେଶନରେ ମହାସମାରୋହରେ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବର ପ୍ରଥମ ଅଧିବେଶନରେ ଅବସର ପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ସାଧୁଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତା ରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଓଡିଶାର ବିଭିନ୍ନ ଜିଲ୍ଲା ରୁ (୫୦) କବି ସ୍ୱରଚିତ କବିତା ପାଠ କରିଥିଲେ । ଉତ୍ସବକୁ ଆନୁଷ୍ଠାନିକ ଭାବେ ମଙ୍ଗଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ଼ଃ ସଂଗ୍ରାମ ଛାଟୋଇ ଉଦଘାଟନ କରିଥିଲେ । ଇତ୍ୟବସରେ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି, କବି ହୃଦାନନ୍ଦ ସାସମଲ ମଞ୍ଚ ସଂଯୋଜନା କରିଥିଲେ । ବରିଷ୍ଠ ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ, ନାରୀ ନେତ୍ରୀ ମଞ୍ଜୁଳା ଷଡ଼ଙ୍ଗୀ ଓ କ୍ଷେତ୍ରବାସିନୀ ତ୍ରିପାଠୀ କବି ଓ କବିତା ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଦ୍ୱିତୀୟ ଅଧିବେଶନରେ ପରିଷଦ ସଭାପତି ବନ ବିହାରୀ ଗ୍ରହାଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ନିଖିଳୋତ୍କଳ ଶାକଦ୍ୱୀପୀ ବ୍ରାହ୍ମଣ ପରିଷଦର ଉପଦେଷ୍ଟା ତଥା ଓଡିଶା ବିଶିଷ୍ଟ ଲେଖକ ଶରତ କୁମାର ମହାପାତ୍ର, ମୁଖ୍ୟବକ୍ତା ରୂପେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼ଃ ରବିନାରାୟଣ ପଣ୍ଡା, ସମ୍ମାନୀୟ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ଦ୍ଦେଶକ ଡ଼ଃ ସଞ୍ଜୁଲତା ଶତପଥି, ଅବସର ପ୍ରାପ୍ତ ପ୍ରଫେସର ନୀରୋଦ କୁମାର ଦାସ, ଓଡିଶା ଅର୍ଥ ବିଭାଗର ଅଧିକାରୀ ଧୀରେନ୍ଦ୍ର ଶତପଥି, ମା' ମଙ୍ଗଳା ମନ୍ଦିର ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ଆଇନଜୀବୀ ଉମାକାନ୍ତ ମିଶ୍ର ଯୋଗଦେଇ ମାତୃଭାଷାର ଉନ୍ନତି ନହେଲେ ଦେଶର ଓ ଜାତିର ଦୁର୍ଗତି ଦୂର ହୋଇ ପାରିବ ନାହିଁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଡ଼ଃ ପଣ୍ଡା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟ ଆଲୋଚନା କରି ପରିବେଶକୁ ମନ୍ତ୍ର ମୁଗ୍ଧ କରିଥିଲେ । ପରିଷଦର ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ ବିବରଣୀ ପଠନ କରିଥିଲେ । ମୁଖ୍ୟ ଉପଦେଷ୍ଟା ଧିରେନ ମହାନ୍ତି ଓ ସତ୍ୟଜିତ ସାମନ୍ତରାୟ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ପଣ୍ଡିତ ନିରଞ୍ଜନ ପାଳଟା ଶାନ୍ତି ପାଠ କରିଥିଲେ । ଯୁଗ୍ମ ସଂଯୋଜକ ନିରଞ୍ଜନ ନାୟକ, ଅଶୋକ ପ୍ରଧାନ ସତ୍ୟବ୍ରତ ଲେଙ୍କା, ଅଜୟ କୁମାର ଦୀକ୍ଷିତ ଉତ୍ସବ ରେ ସହଯୋଗ କରିଥିଲେ । ପରିଷଦ ପକ୍ଷରୁ ଡ଼ଃ ପଣ୍ଡା, ଶ୍ରୀ ମହାପାତ୍ର, ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମିଡ଼ିଆ ସଂଯୋଜକ ପ୍ରଶାନ୍ତ କୁମାର ଜେନା ଯୋଗ ଦେଇଥିଲେ । ପରିଶେଷରେ ରଶ୍ମି ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ବେଲପାହାଡ଼, ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଗୁମାଡେରା ସ୍ଥିତ ବ୍ରହ୍ମକୁମାରୀ ଆଶ୍ରମଠାରେ ଶିବ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଶିବଧ୍ୱଜ ଉତ୍ତୋଳନ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଡ. ତାରାପଦ ଦାସ ଯୋଗଦାନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଯେଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି ତାହାର ମୁଖ୍ୟ କାରଣ ମଣିଷ ଅଟେ ଏବଂ ପ୍ରକୃତିର ନିୟମ ଅନୁସାରେ ମଣିଷ ଯଦି ଜୀବନଯାପନ କରନ୍ତା ତାହା ହେଲେ ବିପର୍ଯ୍ୟୟ ଘଟୁ ନଥାନ୍ତା ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ତାଙ୍କ ଅଭିଭାଷଣରେ କହିବା ସହିତ ମହିଳା ସଶକ୍ତିକରଣ ଦିଗରେ ବ୍ରହ୍ମକୁମାରୀ ସଂସ୍ଥା ଏକ ଅନନ୍ୟ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ। ବ୍ରହ୍ମକୁମାରୀ ସଂସ୍ଥା ପକ୍ଷରୁ ମନ୍ତ୍ରୀଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ପ୍ରମୋଦ ସେନାପତି, ରଘୁନନ୍ଦନ ପଣ୍ଡା, ତପନକାନ୍ତ ଜେନା, କୈଳାସ ନାଏକ, ଆରତୀ ରାୟ, ବିପ୍ଳବ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ସୁନନ୍ଦା ପଶାୟତ, ଦୀପକ ଭଇଁଶାଲଙ୍କ ସହ ଅନେକ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିରେ ବ୍ରହ୍ମକୁମାରୀ ଝାରସୁଗୁଡ଼ା, ବ୍ରଜରାଜନଗର, ବୁଦ୍ଧିଆ କଲୋନୀ, କତରବଗା ଆଦି ଶାଖାର ଅନେକ ଭାଇ ଓ ଭଉଣୀ ଯୋଗ ଦେଇଥିଲେ। ବେଲପାହାଡ଼ ଆଶ୍ରମ କେନ୍ଦ୍ର ପରିଚାଳିକା ଶିଖା ଦିଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବେଲପାହାଡ଼ କନିଷ୍ଠ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଅନୁପମା ଦାଶ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ ଏବଂ ଅନେକ କୁନି କଳାକାର ସଂସ୍କାର ସମ୍ପନ୍ନ ନୃତ୍ୟ ପରିବେଷଣ କରିଥିଲେ। ପରିଶେଷରେ ପ୍ରାୟ ୭୦୦ ଜଣ ଅନୁଗାମୀ ଭାଇ ଓ ଭଉଣୀ ବ୍ରହ୍ମ ଭୋଜନରେ ଆପ୍ୟାୟିତ ହୋଇଥିଲେ।

# ଓମଫେଡ଼ କାରଖାନାରେ ଏନ୍ଏସ୍ଏସ୍ ପକ୍ଷରୁ ପ୍ରଶିକ୍ଷଣ କର୍ମଶାଳା




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ସିଲିସୁଆଁସ୍ଥିତ ଓମଫେଡ଼ ଦୁଗ୍ଧ କାରଖାନା ଠାରେ ଆଞ୍ଚଳିକ ନିର୍ଦ୍ଦେଶାଳୟ ରାଷ୍ଟ୍ରୀୟ ସେବା ଯୋଜନା, ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଭୁବନେଶ୍ୱର ଶାଖା ଓ ଓମଫେଡ଼ର ମିଳିତ ସହଭାଗିତାରେ କେନ୍ଦୁଝର ଡ଼ାଇରୀ ପରିସର ଠାରେ ସୋଆ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଓ ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝରର ୧୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାକୁ ଜାତୀୟ ସେବା ଯୋଜନାର ଯୁବ ଅଫିସର ଅଜିତ କୁମାର ମୁଖ୍ୟ ଅତିଥି ଭାବେ କେନ୍ଦୁଝରର ଆରାଧ୍ୟା ଦେବୀ ମା' ତାରିଣୀଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ଉଦ୍‌ଘାଟନ କରିଥିଲେ। କାରଖାନାର ପରିଚାଳକ ନିଶୀଥ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟବକ୍ତା ଭାବେ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ହରିହର ଦାସ ଯୋଗଦାନ କରିଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ସଂଯୋଜିକା ଡାଃ ସରିତା ନାୟକଙ୍କ ସହ ସୋଆ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଞ୍ଚାଳକ ଡାଃ ଦେବେନ୍ଦ୍ର ନାଥ ବିଶ୍ୱାଳ ଓ ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତ ବତ୍ସଳ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ସୁଶୀଲ କାନୁନଗୋ ଓମଫେଡ଼ ପକ୍ଷରୁ ସମସ୍ତ ଅତିଥି ଓ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। କର୍ମଶାଳାରେ ଯୋଗଦାନ କରିଥିବା ଉଭୟ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ମାନଙ୍କୁ ଓମଫେଡ଼ ଓ ଏହାର ଉତ୍ପାଦ ବିଷୟରେ କାରଖାନାର କନିଷ୍ଠ ପରିଚାଳକ ଜନାର୍ଦ୍ଦନ ରାଉତ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରିଥିଲେ । ଏନ୍ଏସ୍ଏସ୍ର ସ୍ୱେଚ୍ଛାସେବୀମାନେ କେନ୍ଦୁଝର ଦୁଗ୍ଧ କାରଖାନା ବୁଲି ଦେଖିବା ସହିତ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିଥିଲେ। ଓମଫେଡ କାରଖାନାର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏନ୍ଏସ୍ଏସ୍ ପକ୍ଷରୁ ଡିପିଓ ସୁନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟ ପକ୍ଷରୁ କାର୍ଯ୍ୟକ୍ରମ ଅଧିକାରୀ ଦିନେଶ ମହାରଣା, ଜୟକାର ରାଠୋର ଓ ଲୀପସା ରାଣୀ ମହାନ୍ତି ଯୋଗଦାନ କରିଥିଲେ। ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ ମୋ ଭରତ ପୋର୍ଟାଲରେ ଅଧିକରୁ ଅଧିକ ଅଂଶଗ୍ରହଣ କରିବାକୁ ଏହା ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା।

# ୩୩ଜଣ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ



ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ତହସିଲ ପକ୍ଷରୁ ବିଭିନ୍ନ ପଞ୍ଚାୟତରୁ ୩୩ଜଣ ଭୂମିହୀନ ହିତାଧିକାରୀଙ୍କୁ ରାଜସ୍ୱ ମେଳାରେ ଏକଗୁଣ୍ଠ (୪ଡିସିମିଲ )ର ପଟ୍ଟା ସୋମବାର ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମ ତହସିଲଦାର ଦିଲ୍ଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ସମିତି ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ସମିତି ଉପାଧାକ୍ଷା ଯଶସ୍ୱିନୀ ରାଉତ, ଯୋଗଦେଇ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତିନିଗୋଟି କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ, ଯଥା ପ୍ରତ୍ୟେକ ଜମିହୀନ ହିତାଧିକାରୀ ଚିହ୍ନଟ କରାଯାଇ ତାଙ୍କୁ ଚାରି ଡିସିମିଲ ଜାଗାର ପଟ୍ଟା ଦିଆଯିବ। ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟକୁ ନିଜ ନାମରେ ଭିତିଭୂମିର ବ୍ୟବସ୍ଥା କରାଯିବ ଏବଂ କେତେକ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ଅନ୍ତର୍ଭୁକ୍ତ ପାଇଁ ବିଚାରକୁ ନିଆଯିବ। ଅଦ୍ୟ ତେତିଶ ଜଣଙ୍କୁ ପଟ୍ଟା ଦିଆଯାଉଛି। ପର୍ଯ୍ୟାୟ କ୍ରମେ ହିତାଧିକାରୀ ଚିହ୍ନଟ କରାଯାଇ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ଜାରି ରଖାଯିବ ବୋଲି ମୁଖ୍ୟ ଅତିଥି ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ପ୍ରତ୍ୟେକ ସର୍କଲ ଆରଆଇ ମାନେ ସହଯୋଗ କରିଥିଲେ ।

# ପରିବା କ୍ଷେତ ପରିଦର୍ଶନ କଲେ ଜିଲ୍ଲାପାଳ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପ୍ରକଳ୍ପ ଦ୍ୱାରା ହୋଇଥିବା ଜିଲ୍ଲାର ତରଭୁଜ କ୍ଷେତ ଗୁଡ଼ିକ ପରିଦର୍ଶନ କରିଛନ୍ତି। ମାଲକାନଗିରି ବ୍ଲକର ଗୌଡ଼ଗୁଡ଼ା ପଞ୍ଚାୟତ ଜୟରାମଗୁଡ଼ାରେ ୪୦ ଏକର ଜମିରେ ଚାଷ କରାଯାଇଥିବା ତରଭୁଜ ଚାଷ ବୁଲି ଦେଖିବା ସହ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ମାଲକାନଗିରି ଆଇଟିଡିଏ ପକ୍ଷରୁ ହିତାକାରୀଙ୍କୁ ବିହନ, ଜୈବିକ ସାର, କୀଟନାଶକ ଔଷଧ, ଅଣୁସାର ଆଦି ମାଗଣାରେ ପ୍ରଦାନ କରାଯାଇଥିଲା ଏବଂ ଅତ୍ୟାଧୁନିକ ଚାଷ ସମ୍ବନ୍ଧୀୟ ଜ୍ଞାନକୌଶଳ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଜିଲ୍ଲାପାଳଙ୍କୁ କହିଥିଲେ। ଏହାସହିତ ବର୍ଷ ତମାମ ଚାଷ କରିବା ଏବଂ ଏହାର ସୁରକ୍ଷା ପାଇଁ ବାଡ଼ର ସହାୟତା ନିମନ୍ତେ ହିତାକାରୀମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ମନରେଗା ମାଧ୍ୟମରେ ଏହି ବାଡ଼ ପ୍ରଦାନ କରିବା ପାଇଁ ପ୍ରକଳ୍ପ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ ଶ୍ରୀ ପାଟିଲ । ଏହି ଅବସରରେ ୪ଟି ଗ୍ରାମକୁ ନେଇ ଏକ ଜନଜାତି ଜୀବିକା ପରିଷଦ ଗଠନ କରାଯାଇଛି। ଏହି ଗ୍ରାମ ଗୁଡ଼ିକ ହେଲା ଜୟରାମଗୁଡ଼ା, ମାସାଗୁଡ଼ା, ଟେକଗୁଡ଼ା, କାଲାଗୁଡ଼ା । ମୋଟ୍ ୧୦୪ ଏକର ଜମିରେ ତରଭୁଜ, ପିଆଜ, କଲରା ଭଳି ଅନେକ ପ୍ରକାରର ଚାଷ କରାଯାଉଛି ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ । ଉପଜିଲ୍ଲାପାଳ ତଥା ପ୍ରକଳ୍ପ ପ୍ରଶାସକ ଦୁର୍ଯ୍ୟୋଧନ ଭୋଇ, ପ୍ରକଳ୍ପ ପରିଚାଳକ ବିଶ୍ୱନାଥ ମିଶ୍ର, ବିଶେଷଜ୍ଞ ଜଗନ୍ନାଥ ଖୁଲ, ବିଶେଷଜ୍ଞ ପ୍ରେମ ନାରାୟଣ ମହାନ୍ତି ପ୍ରମୁଖ ଗଣ ପରିଦର୍ଶନ କ୍ଷେତ୍ରରେ ଉପସ୍ଥିତ ଥିଲେ।



# ସରିଲା ଜିଲ୍ଲା ଓକିଲ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଓକିଲ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଦୁଇ ଦିନ ଧରି ମହା ସମାରୋହରେ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଓକିଲ ସଂଘ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଓ ମଞ୍ଚାସିନ ସମସ୍ତ ଅତିଥି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବରିଷ୍ଠ ଆଇନଜୀବୀ ରାଜ କିଶୋର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଓକିଲ ସଂଘର ସଭାପତି ରବୀନ୍ଦ୍ର କୁମାର ମହାନ୍ତି ଆଇନଜୀବୀ ମାନଙ୍କର ବିଭିନ୍ନ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ମଞ୍ଚାସିନ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟବକ୍ତା ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା । ସଂମ୍ମାନିତ ଅତିଥିଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ପ୍ରମୁଖ ଯୋଗଦେଇ ଜିଲ୍ଲା ଓକିଲ ସଂଘ ପରିସରରେ ଏକ ପାଠାଗାର ଏବଂ ଅସମ୍ପୂର୍ଣ୍ଣ କୋର୍ଟ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶୃତି ଦେଇଥିଲେ । ଏହି ଉପଲକ୍ଷେ ଜିଲ୍ଲା ଓଲିଲ ସଂଘର ପୂର୍ବତନ ସଭାପତି ଏବଂ ସମ୍ପାଦକ ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଜ଼ିଲ୍ଲା ଓକିଲ ସଂଘ ର ଉପ ସଭାପତି ସରୋଜ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିବାପରେ ମେଲୋଡି କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମସ୍ତ ଆଇନଜୀବି ଏହି କାର୍ଯ୍ୟକ୍ରମରେ ସାହାଯ୍ୟ ସହଯୋଗ କରିଥିଲେ ।

# କେନ୍ଦୁଝରରେ ସୁଜୁକି ଆକସେସର ନୂଆ ମଡେଲ ଲୋକାର୍ପିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଦେଶରେ ଅଟୋମୋବାଇଲ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସୁଜୁକିର ସ୍କୁଟର ବର୍ଗର ନୂଆ ମଡେଲ ଆକସେସ ୧୨୫ ମଡେଲର ଶୁଭ ଲୋକାର୍ପଣ କାର୍ଯ୍ୟକ୍ରମ କେନ୍ଦୁଝର ସହରରେ ଅନୁଷ୍ଠିତ ହୋଇଯାଇଛି। ସୁଜୁକିର ଅଧିକୃତ ବିକ୍ରେତା ସାଇକ୍ରିତିକା ସୋ ରୁମ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସାଇକ୍ରିତିକା ସୋ ରୁମର ଚେୟାରମ୍ୟାନ ତଥା ବିଶିଷ୍ଟ ସମାଜସେବୀ ସୁରେଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି ସୁଜୁକି କମ୍ପାନୀ ସମଗ୍ର ଦେଶରେ ଅଟୋମୋବାଇଲ କ୍ଷେତ୍ରରେ ନିଜର ଗୁଣବତା, କୌଶଳ ଓ ମାଇଲେଜ ପାଇଁ ଗ୍ରାହକଙ୍କର ପସନ୍ଦର ପାତ୍ର ହୋଇପାରିଛି ବୋଲି ସେ ପ୍ରକାଶ କରିଥିଲେ । ସାଇକ୍ରିତିକାର ନିର୍ଦ୍ଦେଶକ ତନ୍ମୟ କୁମାର ପଟ୍ଟନାୟକ, ପ୍ରଣତିରାଣୀ ପଟ୍ଟନାୟକ, ମୌସୁମୀ ଦାସ, କ୍ରିତିକା ପଟ୍ଟନାୟକ, ସାଇକ୍ରିତିକା ସୋ ରୁମର ସାଧାରଣ ପରିଚାଳକ ପ୍ରଭାତ କୁମାର ସା, ସେଲସ ମ୍ୟାନେଜର ଅଭିଷେକ ପଟ୍ଟନାୟକ ଓ ସହଯୋଗୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସତ୍ୟଜିତ ମିଶ୍ର ପରିଚାଳନା କରିଥିବାବେଳେ ବିଭିନ୍ନ ସ୍ଥାନରୁ ଗ୍ରାହକମାନେ ଆସି ସେମାନଙ୍କର ପସନ୍ଦର ଏହି ନୂତନ ମଡେଲକୁ କ୍ରୟ କରିଥିଲେ ।

# 'ଅଦମ୍ୟ'ର ପ୍ରିମିୟର ଶୋରେ ଯୋଗଦେଲେ ଅଭିନେତା

ଆସିକା, (ଭାସ୍କର ନ୍ୟୁଜ୍ ) : ଆସିକା ସିନେ କାର୍ଣ୍ଣିଭାଲ ଠାରେ ରିଲିଜ ହେଲା ସିନେମା 'ଅଦମ୍ୟ'। କ୍ରିଷ୍ଣା ଡିକେ ନିର୍ଦ୍ଦେଶିତ ଓ ସିମାଞ୍ଚଳ ମହାରଣାଙ୍କ ଦ୍ୱାରା ରଚିତ କ୍ଷୁଦ୍ର ଚଳଚ୍ଚିତ୍ର 'ଅଦ୍ୟମ'ର ପ୍ରିମିୟର ଶୋ ବହୁ ଦର୍ଶକ ଓ କଳାକାର ମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି। ଲୋକକଳା ଉପରେ ପର୍ଯ୍ୟବଶିତ ଏହି ସିନେମାରେ ଗଞ୍ଜାମର ବାଘ ନୃତ୍ୟର ମହତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯିବା ସହିତ ଅନ୍ୟ ଲୋକକଳା ସମ୍ପର୍କରେ ମଧ ତଥ୍ୟ ପ୍ରଦାନ କରାଯାଇଛି। ଲୋକପ୍ରିୟ ଅଭିନେତା ଚୌଧୁରୀ ଜୟପ୍ରକାଶ, ପ୍ରୀତିରଞ୍ଜନ ପ୍ରଧାନ, ମଧୁସୂଦନ ମିଶ୍ର, ବିଟୁ ଡାକୁଆ, ଇ ସଞ୍ଚିତା ପାତ୍ର, କାଜଲ ବେହେରା, ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ, ଜୟନ୍ତ ଆଚାର୍ଯ୍ୟ, ସୁଧାଂଶୁ ଶେଖର ଶତପଥି, ନାରାୟଣ ମହାରଣା, ରତ୍ନାକର ଶିୟ, ସପନ ସେଠି, କ୍ଷୀରସିନ୍ଧୁ ମହାନ୍ତି, ସୁଇଟି ପ୍ରମୁଖ ଏଥିରେ ଅଭିନୟ କରିଥିବା ବେଳେ ନୀଳମଣି ପଟ୍ଟନାୟକ, ଗଙ୍ଗାଧର ଡାକୁଆ, ଦ୍ୱିତୀକୃଷ୍ଣ ସାବତ, ଉମା ଶଙ୍କର ଆଚାରୀ, ସୋନମ ପ୍ରମୁଖ ସହଯୋଗ କରିଥିଲେ। ଆସିକା ଓ ଆଖପାଖ ଅଂଚଳର ଦର୍ଶକ ଏହି ସିନେମାଟିକୁ ଦେଖି ବେଶ ପ୍ରଶଂସା କରିଛନ୍ତି। ଗଞ୍ଜାମ ଜିଲ୍ଲାର ଲୋକକଳା ଅତି ସମୃଦ୍ଧ ଓ ଏହି ଲୋକକଳା ଗଞ୍ଜାମ ଜିଲ୍ଲାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇପାରିଛି ବୋଲି କହିଥିଲେ ରାଷ୍ଟ୍ରୀୟ ପୁରସ୍କାର ପ୍ରାପ୍ତ ସିନେ ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକ। ଉକ୍ତ ସିନେମାର ନିର୍ଦ୍ଦେଶକ କିଷ୍ଟା ଡିକେ 'ଅଦମ୍ୟ'ର କଳାତ୍ମକ ଦିଗ ସମ୍ପର୍କରେ ଅବଗତ କରାଇବା ସହିତ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ନୃତ୍ୟମ ଅନୁଷ୍ଠାନର ଉପସଭାପତି ରତ୍ନାକର ଶିୟ ସଂଯୋଜନା କରିଥିଲେ।



# ପୋଖରୀରେ ବୁଡି ୨ନାବାଳକ ମୃତ

କୋରାପୁଟ, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଅନ୍ତର୍ଗତ ତୁସୁବା ପଂଚାୟତର ଆଉଡିପଡା ଗ୍ରାମରେ ପୋଖରୀରେ ବୁଡ଼ି ଦୁଇ ନାବାଳକଙ୍କ ମୃତ୍ୟୁ ଘଟିଛି । ମୃତ ଦୁଇ ନାବାଳକ ହେଲେ ସମରା ବଡନାୟକଙ୍କ ପୁଅ ସୂର୍ଯ୍ୟ ବଡନାୟକ (୧୪) ଓ ସାଧୁ ଶିଶାଙ୍କ ପୁଅ ଶିବ ସୁନ୍ଦର ଶିଶା (୧୩) । ଆଉଡିପଡା ଗ୍ରାମର ୩ଜଣ ସାଙ୍ଗ ସୂର୍ଯ୍ୟ ବଡନାୟକ, ଶିବ ସୁନ୍ଦର ଶିଶା ଓ ଧନେଶ ଶିଶା ଗାଁ ନିକଟରେ ନୂଆରେ ଖୋଳାଯାଇଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗାଧୋଇବା ସମୟରେ ସୂର୍ଯ୍ୟ ଓ ଶିବ ପୋଖରୀରେ ବୁଡି ଯାଇଥିଲେ। ବହୁ ସମୟ ଧରି ଉଭୟ ପାଣିରୁ ନବାହାରିବାରୁ ଧନେଶ ତୁରନ୍ତ ଗାଁରେ ପହଞ୍ଚି ଘଟଣା ସଂପର୍କରେ ଜଣାଇଥିଲେ। ପରେ ଗ୍ରାମବାସୀ ଓ ପରିବାର ଲୋକ ପୋଖରୀରେ ଖୋଜାଖୋଜି କରି ଦୁଇ ନାବାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ । ଖବର ପାଇ ମାଛକୁଣ୍ଡ ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି ।

# ଶରତଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ




ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ସଦର ମହକୁମା ଡି.ଏନ.କେ ଛକ ଠାରେ ଥିବା ଶରତଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ ଅଧକ୍ଷା ପ୍ରଶାନ୍ତି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ (ରାଜସ୍ୱ) ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଚରିତ୍ର ଗଠନ ସହିତ ମାନବିକ ମୂଲ୍ୟବୋଧ ରଖି ଜୀବନର ଲକ୍ଷ୍ୟ ପୂରଣ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଶୁଭଞ୍ଜନ ମହାପାତ୍ର ଡେପୁଟି କମାଣ୍ଡାଣ୍ଟ ସୀମା ସୁରକ୍ଷାବଳ ମାଲକାନଗିରି ଯୋଗଦାନ କରି ଛାତ୍ରଛାତ୍ରୀ କିପରି ଶୃଙ୍ଖଳିତ ହେବା ସହିତ ଦେଶର କଲ୍ୟାଣରେ ନିୟୋଜିତ ହୋଇ ପାରିବେ ସେ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଅତିଥି ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଓଡିଶା ବାଣିଜ୍ୟ ସଙ୍ଘ ଉପସଭାପତି ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଦଣ୍ଡ ନଦେଇ କ୍ଷମା ଦ୍ୱାରା ଅତି ସୁନ୍ଦର ଭାବେ ସହଜରେ ଶିକ୍ଷା ଗ୍ରହଣ କରି ସୁନାଗରିକ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ସୁବ୍ରତ କୁମାର ଚୌଧୁରୀ (ଶିକ୍ଷାବିତ୍) ଛାତ୍ରଛାତ୍ରୀଙ୍କୁ କିପରି ଭଲପାଠ ପଢି ଦେଶ ଗଠନରେ ସହାୟକ ହେବା ପାଇଁ ପରାମର୍ଶ ଦେଇଥିଲେ। ସଭା ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସହିତ ଶିକ୍ଷକ ଦିପକ ମାଝିଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟର ସମସ୍ୟା ବିଷୟରେ ଅଧକ୍ଷା ପାଠ କରି ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସଭା ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ପ୍ରତ୍ୟେକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉତ୍କଣ୍ଠାର ସହିତ ସହଯୋଗ କରିଥିଲେ। ସସ୍ମିତା ପଟ୍ଟନାୟକ, ଅସୀମ ହାଲଦାର, ଭାଗ୍ୟଲତା, ଅଜିତ, ମନୀଷା,ସୁପଦ, ବାଲେଶ୍ୱର ଏବଂ ଅଣଶିକ୍ଷକ କର୍ମଚାରୀ, ବୁଦ୍ଧିଜୀବୀ, ଅଭିଭାବକମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ପୌର କାଉନସିଲରଙ୍କୁ କର୍ମଚାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ବେଲପାହାଡ଼, (ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌର କାଉନସିଲରଙ୍କୁ ଜଣେ କର୍ମଚାରୀ ଦୁର୍ବ୍ୟବହାର କରିଥିବା ଥାନାରେ ଅଭିଯୋଗ ହୋଇଛି । ପୌର ପରିଷଦ ୱାର୍ଡ଼ ନମ୍ବର ୫ର କାଉନସିଲର ଦୀପକ ଭଇଁଶାଲଙ୍କୁ ପୌର କର୍ମଚାରୀ କ୍ଷୀରୋଦ ନାଏକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏନେଇ କାଉନସିଲର ଦୀପକ ନ୍ୟାୟ ପାଇଁ ବେଲପାହାଡ଼ ଥାନା ସମେତ ପୌର ନିର୍ବାହୀ ଅଧିକାରୀ ଓ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ କ୍ରମେ କାଉନସିଲର ଦୀପକ ଗତ ୨୦ ତାରିଖ ରାତି ପ୍ରାୟ ୯ ଟାରେ ବେଲପାହାଡ଼ ଫାଟକ ପାଖରେ ନିଜ ଦୋକାନ ପାଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ବେଲପାହାଡ଼ ପୌର ପରିଷଦର କର୍ମଚାରୀ କ୍ଷୀରୋଦ ନାଏକ ତାଙ୍କ ପାଖକୁ ଆସି ବିଭିନ୍ନ ପ୍ରକାର ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଦୀପକଙ୍କୁ ଦୁର୍ବ୍ୟବହାର କରିଥିଲେ। କ୍ଷୀରୋଦଙ୍କୁ ଏଭଳି ନକରିବାକୁ ବାରଣ କରିବାରୁ କାଉନସିଲର ଦୀପକଙ୍କୁ ମାରପିଟ ମଧ କରିଥିବା ଅଭିଯୋଗ ହୋଇଛି। ଦୀପକ ଜଣେ ଜନ ପ୍ରତିନିଧି ହୋଇଥିବା ବେଳେ ତାଙ୍କ ପ୍ରତି ବଜାର ମଝିରେ ଜଣେ ପୌର କର୍ମଚାରୀ ଏଭଳି ଦୁର୍ବ୍ୟବହାର କରିପାରୁଛନ୍ତି ତେବେ ସେ ସାଧାରଣ ଲୋକଙ୍କୁ କିଭଳି ବ୍ୟବହାର କରୁଥିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଙ୍କର ଏଭଳି ବ୍ୟବହାର ଗ୍ରହଣୀୟ ନୁହେଁ ବୋଲି ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ତେଣୁ ପୌର କର୍ମଚାରୀ କ୍ଷୀରୋଦଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କାଉନସିଲର ଦୀପକ ଦାବି କରିଛନ୍ତି। ଏନେଇ ବେଲପାହାଡ଼ ଥାନା ପିଲିସ କେସ ନମ୍ବର ୪୫/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ସରକାରୀ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ




ବାରିପଦା, (ଭାସ୍କର ନ୍ୟୁଜ୍) : ମାତୃଭାଷା ଶିକ୍ଷା ମାଧ୍ୟମରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ମାତୃଭାଷାର ବ୍ୟବହାର ପ୍ରତି ପିଲାମାନଙ୍କୁ ଉତ୍ସାହିତ କରିବା, ସୃଜନଶୀଳତାର ପରିପ୍ରକାଶ କରିବା ଓ ଏହାର ପ୍ରଚାର ପ୍ରସାର ନିମନ୍ତେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ, ନୂଆଦିଲ୍ଲୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସରକାରୀ ବିଦ୍ୟାଳୟ ଗୁଡିକରେ ଫେବ୍ରୁୟାରୀ ୨୧ ତାରିଖରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ ଗୁଡିକରେ ପ୍ରାର୍ଥନାସଭାରେ ଶିକ୍ଷକ/ଶିକ୍ଷୟିତ୍ରୀ ଓ ପିଲାମାନଙ୍କ ଦ୍ୱାରା ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ଓ ଉନ୍ନୟନ କମିଟିର ସହଯୋଗରେ ମାତୃଭାଷାରେ ସମ୍ବିଧାନ ପ୍ରସ୍ତାବନା ପାଠ ସହିତ ମାତୃଭାଷାର ବହୁଳ ବ୍ୟବହାର ଓ ଏହାର ସଂରକ୍ଷଣ ନିମନ୍ତେ ଶପଥ ପାଠର ଆୟୋଜନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ମାତୃଭାଷାରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ମଧ୍ୟରେ ମାତୃଭାଷାରେ କାହାଣୀ/ଗପ କହିବା, ଗୀତ ଗାଇବା, ଅଭିନୟ କରିବା, ବହୁଭାଷୀ ଶବ୍ଦ କାର୍ଡ ଖେଳ, ଆଞ୍ଚଳିକ ଭାଷାରେ ଗଳ୍ପ ପୋଷ୍ଟର ପ୍ରସ୍ତୁତ କରିବା, ଅନ୍ତାକ୍ଷରୀ ଖେଳ ଖେଳିବା ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ମଧ୍ୟରେ ଆଞ୍ଚଳିକ ଭାଷାରେ ଶବ୍ଦାକ୍ଷରୀ/ଅନ୍ତାକ୍ଷରୀ ଖେଳ, ଆଞ୍ଚଳିକ ଭାଷାରେ ଚିତ୍ର-ଶବ୍ଦ ଖେଳ, ଆଞ୍ଚଳିକ ଭାଷାରେ କାହାଣୀ/ଗଳ୍ପ କାର୍ଡ ପ୍ରସ୍ତୁତି ଓ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ମଧ୍ୟରେ ଆଞ୍ଚଳିକ ଭାଷାରେ ଗଳ୍ପ/କବିତା କହିବା, ମାତୃଭାଷାରେ ପଦ୍ୟାନ୍ତରୀ ଖେଳ ଖେଳିବା, ଭିନ୍ନ ଭାଷାରେ ଲେଖକଙ୍କ ଜୀବନୀକୁ ନେଇ ବକ୍ତୃତା ପ୍ରତିଯୋଗିତା, ଆଞ୍ଚଳିକ ଗୀତ ପ୍ରତିଯୋଗିତା, ଭାଷା ପ୍ରଦର୍ଶନୀ, ବହୁଭାଷୀ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଗୁଡିକ ଆୟୋଜନ କରାଯାଇଥିଲା । ଏହା ସହିତ ବିଦ୍ୟାଳୟରେ ମାତୃଭାଷା ଦିବସ ପାଳନ ଅବସରରେ ମଧାହ୍ନ ଭୋଜନ (ପିଏମ ପୋଷଣ) କାର୍ଯ୍ୟକ୍ରମରେ ମଧାହ୍ନ ଭୋଜନ ସହିତ ପିଲାମାନଙ୍କୁ ଆଞ୍ଚଳିକ ପାରମ୍ପରିକ ଖାଦ୍ୟ ଯଥା- ଖିରୀ, କାକରା, ଖେଚୁଡି ଓ ଅନ୍ୟାନ୍ୟ ପାରମ୍ପରିକ ପିଠା ପରିବେଷଣ କରଯାଇଥିଲା । ମୟୂରଭଞ୍ଜ ଜିଲ୍ଲାରେ ମୋଟ ୩୮୩୬ ଗୋଟି ସରକାରୀ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଯେଉଁ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡିକ ମ୍ୟାଟ୍ରିକ ପରୀକ୍ଷା କେନ୍ଦ୍ର ପାଇଁ ଶ୍ରେଣୀ କାର୍ଯ୍ୟ ସ୍ଥଗିତ ରହିଛି ଏହାକୁ ପରବର୍ତ୍ତୀ କାର୍ଯ୍ୟ ଦିବସରେ ପାଳନ କରାଯିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶିତ ଖବର ସପନ କୁମାର ପୃଷ୍ଟି ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକଙ୍କ ସୂଚନାରୁ ପ୍ରକାଶ।

# କେବେ ସରିବ ଷ୍ଟାଡିୟମ କାମ ?

ଆସିକା, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ସରକାର କ୍ରୀଡା ଓ କ୍ରୀଡାବିତ ପାଇଁ କେତେ ଯୋଜନା ପ୍ରସ୍ତୁତ କରିଥିବା ବେଳେ ଆସିକା ଏନ୍ଏସି ସ୍ଥିତ ମିନି ଷ୍ଟାଡିୟମ ଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆସିକା ବ୍ଲକ ଅନ୍ତର୍ଗତ କାଳକଣ୍ଠପୁର ପଞ୍ଚାୟତ ସ୍ଥିତ ଏରଗୋଲା ବସା ଷ୍ଟାଡିୟମକୁ ଉନ୍ନତ ସକାସେ ୬ କୋଟି ବ୍ୟୟବରାଦ ହୋଇଥିବାରୁ ଖେଳାଳି ମାନେ ବେଶ ଖୁସି ହୋଇଥିବାର ଦେଖିବାକୁ ମିଳିଛି। କିନ୍ତୁ ଆସିକା ଏନ୍ଏସିରେ ଥିବା ମିନି ଷ୍ଟାଡିୟମ ଆସିକା ଏନ୍ଏସି ସହ ଏହାର ଆଖପାଖ ଅଞ୍ଚଳର ଖେଳାଳି ଓ ଲୋକମାନଙ୍କ ପାଇଁ ସହଜ ବାଟ କାରଣ ଆସିକା ଅଞ୍ଚଳର ଛାତି ଉପରେ ରହିଛି ଏହି ଷ୍ଟାଡିୟମ। ତେଣୁ ଲୋକମାନଙ୍କ ଆବଶ୍ୟକ ହୃଦବୋଧ କରି ଏହି ଷ୍ଟାଡିୟମକୁ ଜିଲ୍ଲାପାଳ ସ୍ୱତନ୍ତ୍ର ପାଣ୍ଠିରୁ ୩୩ ଲକ୍ଷ୍ୟ ଟଙ୍କା ଅକ୍ଟୋବର ମାସରୁ ଆସିକା ଏନ୍ଏସିକୁ ଦେଇଥିବା ଜଣାପଡ଼ିଛି। ଏହା ସତ୍ୱେ ୩୩ ଲକ୍ଷ୍ୟ ଟଙ୍କାର କୌଣସି ଖୋଜ ଖବର ଆଜି ପର୍ଯ୍ୟନ୍ତ ନାହିଁ। କ୍ରୀଡା ବିଭାଗର ଅଜବ ନିତି, ଉନ୍ନତମାନର ଖେଳପଡିଆ ଯେଉଁଠି ଅଛି ସେଠି ଖେଳାଳି ନାହାନ୍ତି ଆଉ ଯେଉଁଠି ଖେଳାଳି ଅଛନ୍ତି ସେଠି ଉନ୍ନତମାନର ଖେଳପଡିଆ ନାହିଁ। ଏଭଳି ସ୍ଥିତିରେ ଆସିକା ଅଞ୍ଚଳର ଖେଳାଳି। 'କାନ ଥିବା ଲୋକଙ୍କର ନୋଳି ନାହିଁ ନୋଳି ଥିବା ଲୋକଙ୍କର କାନ ନାହିଁ।' ଏ ନେଇ ଆସିକା ଅଞ୍ଚଳର କିଛି କ୍ରୀଡାବିତ ଓ ସଚେତନତା ନାଗରିକ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସମୟ ଲାଗିବ କାମ ହେବ ବୋଲି ହାଲକା ଭାବେ ଉତ୍ତର ରଖିଥିବା ଜଣାପଡିଛି । ଆସିକା ଏନ୍ଏସି କାର୍ଯ୍ୟଳୟ ଏଭଳି ଟାଳଟୁଳ ନୀତିକୁ କଡ଼ା ଜବାବ ଦିଆଯିବ ବୋଲି କହିଛନ୍ତି ଅଞ୍ଚଳବାସୀ। ଆସନ୍ତା ଦିନରେ ହେବାକୁ ଥିବା ଜିଲ୍ଲା ଓ ରାଜ୍ୟସ୍ତରୀୟ କବାଡି, କ୍ରିକେଟ, ୧୦୦ ମିଟର ଦୌଡ, ଲମ୍ବ ଡିଆଁ ପରି ଅନେକ ଖେଳ ପ୍ରତିଯୋଗିତା ହେବାକୁ ଯାଉଛି। ତେଣୁ ଆସନ୍ତା ଦିନରେ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବାକୁ ଆସିକା ଅଞ୍ଚଳର ବହୁ କ୍ରୀଡାବିତ ୬ ମାସ ଆଗରୁ ଦେଇଥିବା ୩୩ ଲକ୍ଷ୍ୟ ଟଙ୍କ । ବର୍ତ୍ତମାନ ସୁଦ୍ଧା କାମ ହୋଇ ନଥିବା ।ର କାରଣ କ 'ଣ ସଂପର୍କରେ ଛତ୍ରପୁର ଯିବା ପାଇଁ ସଜବାଜ ହୋଉଥିବା ଜଣାପଡିଛି।





ବେଲପାହାଡ଼ (ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ସତସଙ୍ଗ ବିହାରଠାରେ ପରମ ପ୍ରେମମୟ ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଶୁଭ ଜନ୍ମ ମହୋତ୍ସବ ରବିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଭୋର ୩ଟାରୁ ବେଦ ମାଙ୍ଗଳିକ ତଥା ଉଷା କୀର୍ତ୍ତନରୁ ଆରମ୍ଭ ହୋଇ ସମବେତ ପ୍ରାର୍ଥନା, ସତ୍ୟାନୁସରଣ, ପୁଣ୍ୟପୋଥି, ଗୀତା, ଗୁରୁ ଗ୍ରନ୍ଥ ସାହେବ, କୋରାନ, ବାଇବେଲ ଆଦି ପବିତ୍ର ଗ୍ରନ୍ଥ ପାଠ, ସ୍ୱସ୍ତିପତାକା ଉତ୍ତୋଳନ, ନଗର କୀର୍ତ୍ତନ, ସତସଙ୍ଗ, ସଦାଲୋଚନା ପରେ ମଧ୍ୟାହ୍ନରେ ଶହ ଶହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା, ଅପରାହ୍ନରେ ମାତୃ ସମ୍ମିଳନୀ, ସମବେତ ପ୍ରାର୍ଥନା ଓ ସନ୍ଧ୍ୟା ସାଢ଼େ ୬ ଟାରେ ସଙ୍ଗୀତାଞ୍ଜଳି ପରେ ଏହା ସମାପ୍ତ ହୋଇଥିଲା। ଏଥିରେ ବିଶିଷ୍ଟ ପ୍ରବଚକ ଭାବେ ବାଲେଶ୍ୱରରୁ ଗୋପବନ୍ଧୁ ନାୟକ ଯୋଗଦେଇ ଆଧାତ୍ମିକ ପ୍ରବଚନ ପ୍ରଦାନ କରିଥିଲେ। ଅନୁଷ୍ଠିତ ନଗର କୀର୍ତ୍ତନରେ ହୀରାକୁଦ, ଝାରସୁଗୁଡ଼ା, ବେଲପାହାଡ଼ ଓ ବ୍ରଜରାଜନଗର କୀର୍ତ୍ତନ ଦଳ ସାମିଲ ରହି କୀର୍ତ୍ତନ ପରିବେଷଣ କରିଥିଲେ। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା (ବୁଲୁ) ଓ ସମ୍ମାନିତ ଅତିଥି ଭାବେ ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ସୌମେଶ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଆୟୋଜକ ବେଲପାହାଡ଼ ସତସଙ୍ଗ ବିହାରର ସତସଙ୍ଗୀ ବୃନ୍ଦଙ୍କ ମଧ୍ୟରେ ବିଜୟ କୁମାର ନାୟକ, ଟଙ୍କ ମହାରଣା, ଦୟାନିଧି ଖମାରୀ, ମନୋରଞ୍ଜନ ନାୟକ, ବିଜୟ ଖମାରୀ, ଧନିଲାଲ ପ୍ରଧାନ, ସରଳ ସାହୁ, ସନ୍ତୋଷ ପାତ୍ର, ରଞ୍ଜିତ ପ୍ରଧାନ, ବୁଲୁ ପ୍ରଧାନ, ସୁବ୍ରତ ପଣ୍ଡା, କାହ୍ନୁ ପାତ୍ର, ବାବୁଲି ଚକ୍ରବର୍ତ୍ତୀ, ଦୀବାକର ମହାନ୍ତି ପ୍ରମୁଖ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସାରସ୍ୱତ ପରିକ୍ରମା ସାହିତ୍ୟ ଅନୁଷ୍ଠାନର ବାର୍ଷିକୋତ୍ସବ ଏବଂ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ



ପାରାଦ୍ୱୀପ (ଭାସ୍କର ନ୍ୟୁଜ୍) : ପାରାଦ୍ୱୀପ ଉପକଣ୍ଠସ୍ଥିତ ପାରାଦ୍ୱୀପ ଗଡ କଲ୍ୟାଣ ମଣ୍ଡପ ଠାରେ ନବ ପ୍ରତିଭାଙ୍କ ଏକୁଡ଼ିଶାଳ 'ସାରସ୍ୱତ ପରିକ୍ରମା' ସାହିତ୍ୟ ଅନୁଷ୍ଠାନର ୨୮ତମ ବାର୍ଷିକ ଉତ୍ସବ ରବିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ଗୋଲାପ ରାଣୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସାହିତ୍ୟ ସଭାରେ ପାରାଦୀପ ପୌରାଧ୍ୟକ୍ଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡ଼ିଶାର ପ୍ରତିଷ୍ଠିତ ଲେଖକ ଡ. ରାମଚନ୍ଦ୍ର ମହାନ୍ତି, ଗାଳ୍ପିକ ରବି ସ୍ୱାଇଁ, ଗାଳ୍ପିକ ରବି ପଣ୍ଡା, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଏବଂ ସାମ୍ବାଦିକ ଶରତ କୁମାର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ସେମାନଙ୍କର ବକ୍ତବ୍ୟରେ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ସାରସ୍ୱତ ପରିକ୍ରମା ଅନୁଷ୍ଠାନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ତେବେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଦିଗରେ ଅନୁଷ୍ଠାନର ଏହି ପ୍ରଚେଷ୍ଟାରେ ସ୍ଥାନୀୟ ଶିକ୍ଷସଂସ୍ଥା ମାନଙ୍କ ଅସହଯୋଗ ନେଇ ଏହି ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଶ୍ରାବଣୀ କଳା ନିକେତନର ଛାତ୍ରଛାତ୍ରୀ ମାନେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଆଠଜଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିସହିତ ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ ଗଳ୍ପ ସମ୍ମାନ, ପ୍ରେମାନନ୍ଦ ଖଣ୍ଡୁଆଳଙ୍କୁ କବିତା ସମ୍ମାନ, ସଂଯୋଗୀ ସଜଫୁଲ ସାହିତ୍ୟ ଅନୁଷ୍ଠାନ ଓ କେଉଁଝରକୁ ଶ୍ରେଷ୍ଠ ସାହିତ୍ୟ ଅନୁଷ୍ଠାନ ସମ୍ମାନ ଏବଂ ଡ.ରାମରନ୍ଦ୍ର ମହାନ୍ତିଙ୍କୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଗୀତିକବି ଅନ୍ନପୂର୍ଣ୍ଣା ନନ୍ଦ ସ୍ମୃତି ଯୁବ ପ୍ରତିଭା ସମ୍ମାନ ପାଇଁ ଶ୍ରୀସିକ୍ତା ଶୁଭଦର୍ଶିନୀ, ଶ୍ରେଷ୍ଠ ସାମାଜିକ କର୍ମୀ ଓ୍ୱାଇ ଶ୍ରୀନିବାସ, କବିତା ପାଇଁ ଅଳକାବତୀ ରଥ ଏବଂ ଶୁକଦେବ ତରାଇଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଛବି କବି କବିତା ପାଇଁ ତୁଳସୀ ବରାଳ ଏବଂ ଶ୍ରୀସିକ୍ତା ଶୁଭଦର୍ଶିନୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସାରସ୍ୱତ ପରିକ୍ରମା ମୁଖପତ୍ର 'ସ୍ୱାଭିମାନ'କୁ ବରେଣ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଆୟୋଜିତ କବିତା ପାଠୋତ୍ସବରେ ଶତାଧିକ କବି ତାଙ୍କର ସ୍ୱରଚିତ କବିତା ପାଠ କରିଥିଲେ। କବିତାଗୁଡିକୁ ସଂଯୋଜନା କରିଥିଲେ ଶ୍ରୀସିକ୍ତା ଶୁଭଦର୍ଶିନୀ ଏବଂ ତୁଳସୀ ବରାଳ। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସହ ସମ୍ପାଦକ ସୁବାସ ସେନାପତି, ଉପ ସଭାପତି ରଜୀତ କୁମାର ଦାସ ଓ ଅନୁଷ୍ଠାନର ସମସ୍ତ ସଦସ୍ୟ ଏବଂ ସଦସ୍ୟା।

# କେନ୍ଦ୍ରୀୟ ଟିମ୍‌ର ମୟୂରଭଞ୍ଜ ଜିଲ୍ଲା ଗସ୍ତ ଏବଂ କ୍ଷେତ୍ର ପରିଦର୍ଶନ




ବାରିପଦା (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର ଏମ୍‌ଜିଏନ୍‌ଆର୍‌ଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଇତ୍ୟାଦି ଅନ୍ତର୍ଗତ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ କରାଯାଇଛି ସମୀକ୍ଷା। ଡି ଏମ. ଇ. ଓ. ର ପୂର୍ବତନ ଡାଇରେକ୍ଟର ଜେନେରାଲ ତଥା ବର୍ତ୍ତମାନ ନୀତି ଆୟୋଗର ବରିଷ୍ଠ ଗବେଷକ ମି. ଶେଖର ବନୁ ଏବଂ ସାମାଜିକ ବିକାଶ ପରିଷଦର ପୂର୍ବତନ ନିର୍ଦ୍ଦେଶକ ମି. ଅଶୋକ ପଙ୍କଜଙ୍କୁ ନେଇ ଗଠିତ ଦୁଇ ଜଣିଆ କେନ୍ଦ୍ରୀୟ ଟିମ୍ ଗତକାଲି ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିଥିଲେ। କେନ୍ଦ୍ରୀୟ ଟିମ୍ ଜିଲ୍ଲାରେ ଏମ୍‌ଜିଏନ୍‌ଆର୍‌ଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଇତ୍ୟାଦି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଜିଲ୍ଲାରେ ଗ୍ରାମାଞ୍ଚଳ ଲୋକମାନଙ୍କ ଭବିଷ୍ୟତ ଜୀବିକାର ନିରାପତ୍ତା ଓ ସ୍ଥାୟୀତ୍ୱ ପାଇଁ ନୂତନ ଭାବେ ହାତକୁ ନିଆଯାଇଥିବା ହାଇଟେକ ଇଣ୍ଟିଗ୍ରେଟେଡ଼ ଫାର୍ମିଙ୍ଗ ପ୍ରକଳ୍ପ ଗୁଡିକ ସମ୍ବନ୍ଧରେ ଅବଗତ ହୋଇଥିଲେ। ଗସ୍ତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଗତକାଲି କେନ୍ଦ୍ରୀୟ ଟିମ୍ ପୂର୍ବାହ୍ନରେ କ୍ଷେତ୍ର ପରିଦର୍ଶନରେ ବାରିପଦା ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ବଡ଼ଯୁଡ଼ ଠାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସବାଇ ଘାସ ଓ ବାଉଁଶରୁ ପ୍ରସ୍ତୁତ ବିଭିନ୍ନ ହସ୍ତ ଶିଳ୍ପ ସାମଗ୍ରୀକୁ ଦେଖିଥିଲେ ଏବଂ ହିତାଧିକାରୀ ମାନଙ୍କ ଠାରୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଗତକାଲି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମାଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଟିମ୍‌ର ଉଭୟ ସଦସ୍ୟ ନିଜ ନିଜ ବକ୍ତବ୍ୟରେ କହିଥିଲେ ଯେ ଏହି ସମୀକ୍ଷାର ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ମଧ୍ୟରୁ ପ୍ରଥମଟି ହେଉଛି ଜିଲ୍ଲାରେ ଯେଉଁ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଉଛି ଏହାର ମୂଳ ଉଦ୍ଦେଶ୍ୟ କ'ଣ, ଦ୍ୱିତୀୟରେ ମାର୍ଗ ଦର୍ଶିକା ଅନୁସାରେ ଯୋଜନା କାର୍ଯ୍ୟକାରୀ ହୋଇ ଲକ୍ଷ୍ୟ ସାଧିତ ହୋଇପାରୁଛି କି ନାହିଁ ଏବଂ ତୃତୀୟଟି ହେଉଛି ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ଯଦି କିଛି ସମସ୍ୟା ବା ପ୍ରତିବନ୍ଧକ ଦେଖାଦେଉଛି ତେବେ, ପ୍ରଶାସନର ପ୍ରସ୍ତାବ ଅନୁଯାୟୀ ଏହାକୁ ଉପଯୁକ୍ତ ମେକାନିଜିମ ଦ୍ୱାରା ସମାଧାନ କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା। ଏତଦ୍ ବ୍ୟତୀତ ଜମି ଉନ୍ନତି ଯୋଜନା କାର୍ଯ୍ୟକାରି କରିବା ସମୟରେ ଉକ୍ତ ଜମିକୁ କିପରି ଜଳସେଚନ କରାଇ ହେବ ସେ ଦିଗରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ପାଓ୍ୱାର ପଏଣ୍ଟ ଉପସ୍ଥାପନା ଜରିଆରେ ଜିଲ୍ଲାରେ ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ଜମି ବିକାଶ, ଅମୃତ ସରୋବର, ଫାର୍ମ ପଣ୍ଡ, ଚେକଡେମ, ମାଟି କେନାଲ ସମେତ ଗ୍ରାମୀଣ ଆବାସ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା, ପିଏମ ଜନମନ ଯୋଜନା, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଯୋଜନା ଅନ୍ତର୍ଗତ ଛେଳିଫାର୍ମ, କୁକୁଡ଼ା ଫାର୍ମ ଓ ମାଛ ଚାଷ ସମେତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଇତ୍ୟାଦି ବିଷୟରେ ଜିଲ୍ଲାପାଳ କେନ୍ଦ୍ରୀୟ ଟିମ୍‌କୁ ଅବଗତ କରାଇଥିଲେ। ଏଥିସହିତ ଏମ୍‌ଜିଏନ୍‌ଆର୍‌ଜିଏସ୍‌ର ମଜୁରୀ ବୃଦ୍ଧି ଓ ନିୟମିତ ଭାବେ ଶ୍ରମିକ ମାନଙ୍କ ମଜୁରୀ ପ୍ରଦାନ ନିମନ୍ତେ ଠିକ ସମୟରେ ଏହାର ଅନୁଦାନ ରିଲିଜ କରିବା ସହ ଆବାସ ଯୋଜନାକୁ ବୀମା ଅନ୍ତର୍ଭୁକ୍ତ କରିବା ପାଇଁ ଜିଲ୍ଲାପାଳ ଟିମ୍ ସମ୍ମୁଖରେ ପ୍ରସ୍ତାବ ରଖିଥିଲେ। ଉକ୍ତ ବୈଠକରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଉନ୍ନୟନ ଅଧିକାରୀ (ପ୍ରଶାସନ ) ଶାନ୍ତନୁ କୁମାର ନାଏକ, କରଞ୍ଜିଆ ଆରଡବ୍ଲ୍ୟୁଡିର ଏ.ସି.ଇ. ଇଂ. ଅକ୍ଷୟ କୁମାର ନାଏକ, ଓଏଲଏମର ମଧୁସ୍ମିତା ଭୂୟାଁ, ଓରମାସର ଅଭିଷେକ ଦାଶ, ଗ୍ରାମୀଣ ଆବାସ ପ୍ରୋଗ୍ରାମ ମ୍ୟାନେଜର କନ୍ୟାକୁମାରୀ ମିଶ୍ର ଓ ଜିଲ୍ଲା ପରିଷଦର ଏମ.ସି., ଜାଫର ଖାଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗସ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଆଜି ଉକ୍ତ ଟିମ୍ ତିରିଂ ଓ ଯଶିପୁର ବ୍ଲକରେ କ୍ଷେତ୍ର ପରିଦର୍ଶନ କରିବା ସହିତ ହିତାଧିକାରୀ ମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆସନ୍ତାକାଲି କେନ୍ଦ୍ରୀୟ ଟିମ୍ ଠାକୁରମୁଣ୍ଡା ବ୍ଲକର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

# ପ୍ରସିଦ୍ଧ ଝିଙ୍କିମିଙ୍କି ପୀଠରେ ବିଶ୍ୱାଶାନ୍ତି ମହାଯଜ୍ଞ

ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ଫାସୀଓଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମଣ୍ଡଳ ସିଂହ ସ୍ଥିତ ପ୍ରସିଦ୍ଧ ଝିଙ୍କିମିଙ୍କି ଶ୍ରୀ ରଘୁନାଥଙ୍କ ପୀଠ ଠାରେ ଏକାଦଶତମ ବାର୍ଷିକ ବିଶ୍ୱାଶାନ୍ତି ମହାଯଜ୍ଞ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ପ୍ରଥମ ଦିବସ ଅଧିବାସରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋ-ପୂଜା ଆଦି କରାଯାଇଥିଲା। ଦ୍ୱିତୀୟ ଦିବସ ମଙ୍ଗଳବାର କଳସ ଶୋଭାଯାତ୍ରା, କଳସ ସ୍ଥାପନ, କରାଯାଇଥିବା ବେଳେ ତୃତୀୟ ଦିବସ ବୁଧବାରେ ପୂଜାପାଠ, ମହାଯଜ୍ଞ ଆରମ୍ଭ ଆଦି କରାଯାଇଥିଲା। ଚତୁର୍ଥ ତଥା ଶେଷ ଦିବସରେ ରୀତିନୀତି ଅନୁସାରେ ସମସ୍ତ ପୂଜାପାଠ କରାଯାଇ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାପନ କରାଯାଇଥିଲା। ଯଜ୍ଞାଦି ବରିଷ୍ଠ ବ୍ରାହ୍ମଣ ବସନ୍ତ କୁମାର ରଥଙ୍କ ଦ୍ୱାରା ସମସ୍ତ ପୂଜାପାଠ କାର୍ଯ୍ୟ କରାଯାଇଥିବା ବେଳେ କର୍ତ୍ତା ଭାବେ ଦିନବନ୍ଧୁ ଦାଶ ମହାରାଜ କାର୍ଯ୍ୟ ତୁଲାଇଥିଲେ। ଚାରିଦିନ ଧରି ପ୍ରତ୍ୟେହ ଦିବସରେ ବୋଲଗଡ ବ୍ଲକ ଅଞ୍ଚଳର ନିକଟସ୍ଥ ମଣ୍ଡଳ ସିଂହ, କାଉତରା, ଦିଘିରି, ଟାଙ୍ଗୀସାହି, ଭୀମପଡା, କୁସୁପଲ୍ଲୀ, କୋଟପଲ୍ଲୀ ଓ ନୟାଗଡ଼ ଜିଲ୍ଲାର ସୀମାନ୍ତ ଅଞ୍ଚଳର ଗୋପାଳ ପୁର, ଜାମୁସାହି, କାଳିଆ ମୂଳି, ଜନହି ପଦା, ଶ୍ୟାମଘନ ପୁର, ବିଜିପୁର, ସାନ କାଉତରା ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁଙ୍କ ଜନସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନିକଟସ୍ଥ ନୟାଗଡ ଜିଲ୍ଲା ସୀମାନ୍ତ ଖୋର୍ଦ୍ଧା ଜିଲ୍ଲାର ନିକଟସ୍ଥ ଗ୍ରାମଗୁଡିକର ଜନସାଧାରଣ ସହଯୋଗ କରି ପରିଚାଳନା କରିଥିଲେ।

# ୧.୭୦ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ଗଲା ପିଏମ କିସାନ କିସ୍ତି



ଛତ୍ରପୁର (ଭାସ୍କର ନ୍ୟୁଜ୍) : ବିହାରର ଭାଗଲପୁର ଠାରେ ପିଏମ କିସାନ ସମ୍ମାନନିଧି ୬ ବର୍ଷ ପୂର୍ତ୍ତି ଅବସରରେ କିସାନ ସମ୍ମାନ ସମାରୋହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କିଷାନ ସମ୍ମାନନିଧିର ୧୯ତମ କିସ୍ତି ଚାଷୀଙ୍କ ଆକାଉଣ୍ଟକୁ ସୁଇଚ ମାରି ଅର୍ଥ ପ୍ରେରଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ଗଞ୍ଜାମ ଜିଲ୍ଲାପରିଷଦ ଭବନ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ ମାଧ୍ୟମରେ ଚାଷୀମାନେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ ଶୁଣିବା ସହ ୧୯ତମ କିସ୍ତି ନିଜ ଖାତାକୁ ଆସିବା ଦେଖି ଖୁସି ବ୍ୟକ୍ତ କରିଥିଲେ। ଗଞ୍ଜାମ ଜିଲ୍ଲାର ୧.୭୦ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ପିଏମ କିସାନ କିସ୍ତି ଡିବିଟି ମାଧ୍ୟମରେ ଯାଇଛି। ନୂଆ ସର୍ଭେ ଅନୁସାରେ ଗଞ୍ଜାମ ଜିଲ୍ଲାର ଆଉ ୨୦ ହଜାର ଚାଷୀ ଚିହ୍ନଟ ହୋଇଛନ୍ତି ଏବଂ ସେମାନଙ୍କ ଆକାଉଣ୍ଟକୁ ପର୍ଯ୍ୟାୟ କ୍ରମେ କିସ୍ତି ଯିବ ବୋଲି ଜିଲ୍ଲାପାଳ କହିଛନ୍ତି, ଏହା ସହ କେହି ବାଦ୍ ରହିବେନି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବିନାରାୟଣ ପଣ୍ଡା, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ କନ୍ଧ ଜେନା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁଜିତ୍ କୁମାର ନାଥ, ପ୍ରଦୀପ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ (ଜଳଛାୟା) ମଞ୍ଚାସୀନ ଥିଲେ। ଋଷିକୂଲ୍ୟା ସମ୍ମିଳନୀ କକ୍ଷର ମଞ୍ଚ ସାମ୍ନାରେ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଚାଷୀ, ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କୃଷି ଅଧିଦର୍ଶକ, ଗ୍ରାମ୍ୟ କୃଷି କର୍ମଚାରୀ ବିଟିମ୍ ଓ ଏଟିମ୍ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲାର ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ ବସୁଦେବ ଶତପଥୀ ପରିଚାଳନା କରିଥିଲେ।

# ବାବା ଗ୍ରାମେଶ୍ୱର ମହାଦେବ ପୀଠରେ ଅଷ୍ଟମ ପ୍ରହର ନାମଯଜ୍ଞ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : ରାତି ପାହିଲେ ମହାଶିବରାତ୍ରି ଅଥବା ଜାଗର। କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଶୈବପୀଠ ଜାଗର ପାଇଁ ଚଳଚଞ୍ଚଳ ହୋଇଉଠିଛି। ଆଜି ପଙ୍କୋଦ୍ଧାର ଏକାଦଶୀ। ଏହି ଅବସରରେ ଜଣ୍ଟିଲୋ ଗ୍ରାମସ୍ଥିତ ବାବା ଗ୍ରାମେଶ୍ୱର ମହାଦେବ ପାତାଳୀ ହୋଇଥିବାରୁ ଆଜି ପାଣିକଳ ଯୋଗେ ପଙ୍କୋଦ୍ଧାର କାର୍ଯ୍ୟ ସମାପନ କରାଯାଇଥିଲା। ଏହାପରେ ମନ୍ଦିର ପରିସରରେ ଅଷ୍ଟମ ପ୍ରହର ନାମଯଜ୍ଞ ଜାରି ରହିଛି। ରଙ୍ଗବେରଙ୍ଗରେ ଆଲୋକମାଳାରେ ସଜେଇ ହୋଇଛି ମନ୍ଦିର। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତିବର୍ଷ ପରି ଶିବ ମନ୍ଦିର ପରିସରକୁ ସଫା ସୁତୁରା କରାଯିବା ସହିତ ରଙ୍ଗ କରାଯିବା ସହ ସୁନ୍ଦର ସାଜସଜ୍ଜା ପାଇଁ ଜୋରଦାର ପ୍ରୟାସ କରାଯାଇଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମନ୍ଦିର ପରିଚାଳନା କମିଟି, ସେବାୟତ ସମ୍ମିଳିତ ଭାବେ ସ୍ୱତନ୍ତ୍ର ଦେବନୀତି ସମୟ ନିର୍ଘଣ୍ଟ କରାଯାଇଛି। ଜାଗର ଅମାବାସ୍ୟା ବୁଧବାର ପ୍ରାତଃ ୩ଘଟିକାରୁ ମହାଦେବଙ୍କ ଦ୍ୱାରଫିଟା, ପହୁଡ଼ ଭାଜି, ଅବକାଶ, ମଇଲମ୍, ଉପଚାର ପୂଜା, ନବବସ୍ତ୍ର ପରିଧାନ, ବାଳ ଭୋଗ, ସାହାଣ ମେଲା ହୋଇ ସର୍ବସାଧାରଣଙ୍କ ଦର୍ଶନ ହେବ। ଦିବା ୧୧ଘଟିକାରେ ନୀତିଭୋଗ ଲାଗି ହେବ। ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ, ଭୋଗ ଲାଗି ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଲାଗି ରହିବ। ରାତି ୧୦ଟା ସମୟରେ ବେଢାଧୂପ, ଖିରି ଧୂପ ପରେ ଅଭିଷେକ କରାଯିବ। ରୁଦ୍ରାଭିଷେକ, ମହାଦୀପ ପୂଜନ, ବେଢା ପରିକ୍ରମା କରାଯାଇ ବିଳମ୍ବିତ ରାତ୍ରରେ ମହାଦୀପ ଉଠିବ ବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଯାନବାହାନ ରଖିବା ଠାରୁ ଆରମ୍ଭ କରି ଶୃଙ୍ଖଳିତ ଧାଡି ଦର୍ଶନ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ବୈଶ୍ୟ ବଣିଆ ସମାଜର ଜିଲ୍ଲା କମିଟି ଗଠିତ

## ଏପ୍ରିଲ୍ ୬ରେ ଲୋକାର୍ପଣ ଉତ୍ସବ




ଯାଜପୁର (ଭାସ୍କର ନ୍ୟୁଜ୍) : ନିଖିଳ ଉତ୍କଳ ପୁଟୁଳି ବୈଶ୍ୟ ବଣିଆ ସମାଜ ଅନୁବନ୍ଧିତ ଯାଜପୁର ଜିଲ୍ଲା ପୁଟୁଳି ବୈଶ୍ୟ ବଣିଆ ସମାଜର ସାଧାରଣ ପରିଷଦ ବୈଠକ, ଆଗାମୀ ଜିଲ୍ଲା ସଂଗଠନ ଲୋକାର୍ପଣ ଉତ୍ସବ ଏବଂ ଜିଲ୍ଲା କମିଟି ଗଠନ କାର୍ଯ୍ୟ ରବିବାର ଦିନ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଜାତି ଭାଇ କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗତ ବୈଠକର ବିବରଣୀ ପାଠ କରିଥିଲେ ଅଧ୍ୟାପକ ସଦାଶିବ ପୃଷ୍ଟି। ବରିଷ୍ଠ ସଭ୍ୟ ଅର୍ଜ୍ଜୁନ ଚରଣ ସାହୁ ପ୍ରାକ୍ ସୂଚନା ରଖିଥିବା ବେଳେ ଜଗନ୍ନାଥ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲାର ୯ଟି ବ୍ଲକ ଓ ଦୁଇଟି ପୌରାଞ୍ଚଳରୁ ବହୁ ସଂଖ୍ୟକ ବରିଷ୍ଠ ଜାତି ଭାଇ ଏଥିରେ ଯୋଗ ଦେଇ ଜାତି ସମାଜର ଏକ ଜିଲ୍ଲା ଶାଖା ଗଠନ କରି ପୁଟୁଳି ବୈଶ୍ୟ ବଣିଆ ସମାଜକୁ ସଂଗଠିତ ପୂର୍ବକ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ଦାବି ହାସଲ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଆସନ୍ତା ଏପ୍ରିଲ ୬ ତାରିଖରେ ଜାତି ସମାଜ ଜିଲ୍ଲା ଶାଖାର ଲୋକାର୍ପଣ ଉତ୍ସବ ପାଳନ କରି ଜିଲ୍ଲାରେ ଏକ ସଶକ୍ତ ସଂଗଠନ ଗଢ଼ି ତୋଳିବା ଉପରେ ଉପସ୍ଥିତ ସଭ୍ୟମାନେ ପ୍ରସ୍ତାବ ରଖିଥିଲେ। ଲୋକାର୍ପଣ ଉତ୍ସବକୁ ସଫଳ ରୂପ ଦେବା ପାଇଁ ଏକ ଆଡହକ କମିଟି ଗଠନ କରାଯାଇଛି। ଏହି କମିଟି ସମସ୍ତଙ୍କ ସହଯୋଗ ଏବଂ ପରାମର୍ଶରେ କାର୍ଯ୍ୟ କରିବ ବୋଲି ସ୍ଥିର ହୋଇଛି। ଜାତି ସମାଜର ଜିଲ୍ଲା ଶାଖା ନିମ୍ନମତେ ଗଠନ କରାଯାଇଛି। ସଭାପତି - କୈଳାଶ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ଅଜିତ କୁମାର ପୃଷ୍ଟି, ଉପସଭାପତି- ପ୍ରଶାନ୍ତ ନାୟକ ଓ ସୁଶାନ୍ତ ପୃଷ୍ଟି, ସାଧାରଣ ସମ୍ପାଦକ- ସଦାଶିବ ପୃଷ୍ଟି, କୋଷାଧ୍ୟକ୍ଷ - ଅରଜିତ ନାୟକ, ସଂଗଠନ ସମ୍ପାଦକ- ଜଗନ୍ନାଥ, ଯୁଗ୍ମ ସଂଗଠନ ସମ୍ପାଦକ-ରଘୁନାଥ ନାୟକ,ସହ ସମ୍ପାଦକ-ଅଶୋକ ନାୟକ ଓ ବିଭୂ ପ୍ରସାଦ ପୃଷ୍ଟି, ଅଫିସ ସମ୍ପାଦକ- ଜଗତ ନାୟକ ଏବଂ ସହଯୋଗୀ ସମ୍ପାଦକ ମହେଶ୍ୱର ନାୟକ। ସେହିପରି କାର୍ଯ୍ୟକାରୀ କମିଟିରେ ରାଜକିଶୋର ପୃଷ୍ଟି, କୈଳାସ ଚନ୍ଦ୍ର ପୃଷ୍ଟି, ବିମଳେନ୍ଦୁ ପୃଷ୍ଟି, ମଦନ ସେନାପତି, ଭିକାରୀ ନାୟକ, ପ୍ରଫୁଲ୍ଲ ପୃଷ୍ଟି, ବନମାଳୀ ପୃଷ୍ଟି, ଅଜୟରାମ ସାହୁ, ସୁରେନ୍ଦ୍ର ନାୟକ, ଗୁଣନିଧି ମହାନ୍ତି, ନୀଳକଣ୍ଠ ନାୟକ, ନରେନ୍ଦ୍ର ନାୟକ, ବିଷ୍ଣୁ ନାୟକ, ପ୍ରଦୀପ ସାହୁ, ହରିହର ସେନାପତି, ଗୋପାଳ ନାୟକ, ପର୍ଶୁରାମ ନାୟକ, ବାଇଧର ନାୟକ, ନରେନ୍ଦ୍ର ନାୟକ ଏବଂ ଦେବବ୍ରତ ନାୟକ ରହିଛନ୍ତି। ବରିଷ୍ଠ ସଭ୍ୟ ଅର୍ଜୁନ ସାହୁ, ଦିଗମ୍ବର ସାହୁ, ହୃଷୀକେଶ ପୃଷ୍ଟି, ଶରତ ପୃଷ୍ଟି, ସଦାନନ୍ଦ ସାହୁ, ଅଶୋକ ନାୟକ, ବଳରାମ ସାହୁ, ଅଧ୍ୟାପକ ସୌଭାଗ୍ୟ ସାହୁ, ଅନିରୁଦ୍ଧ ପୃଷ୍ଟି, ନିରଞ୍ଜନ ସାହୁ ଓ ନିତ୍ୟାନନ୍ଦ ନାୟକ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି। ଶେଷରେ ସଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨ ତାରିଖରେ କର୍ମକର୍ତ୍ତାମାନଙ୍କ ବୈଠକ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ପୃଷ୍ଟି ସୂଚନା ଦେଇଛନ୍ତି।

# 'ବିକାଶର ନୂଆ ଶିଖରରେ ପହଞ୍ଚିବ ଗାଁ'

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଗ୍ରାମାଭିମୁଖୀ ମହତ୍ତ୍ୱକାଂକ୍ଷା ଯୋଜନା 'ବିକଶିତ ଗାଁ ବିକଶିତ ଓଡିଶା' ମାଧ୍ୟମରେ ସୁଦୃଢ଼ ହେବ ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ। ଏହି କାର୍ଯ୍ୟକ୍ରମର ଫୋକସ ହେବ ପ୍ରତି ପଞ୍ଚାୟତରେ ଗଡିବ ବିକାଶର ଗାଡି, ଖର୍ଚ୍ଚ ହେବ କୋଟି କୋଟି ଟଙ୍କା। ନିଜ ଗାଁ ବିକାଶ ଚିତ୍ର ନିଜେ ଆଙ୍କିବା ପାଇଁ ଗ୍ରାମବାସୀ ଗ୍ରାମସଭା ମାଧ୍ୟମରେ ପ୍ରକଳ୍ପ ଉପସ୍ଥାପନ କରିଛନ୍ତି। ପଞ୍ଚାୟତକୁ ଆବଣ୍ଟିତ ଅର୍ଥର ସର୍ବାଧିକ ୩୫ପ୍ରତିଶତ କେବଳ ରାସ୍ତା ନିର୍ମାଣ ଖର୍ଚ୍ଚ ହେବ। ଜଙ୍ଗଲ ଅଞ୍ଚଳରେ ଥିବା ଲୋକଙ୍କ ପାଇଁ ମେଟାଲିଂ ମାନର ରାସ୍ତା ନିର୍ମାଣ ସବୁ ଧାର୍ମିକ ପୀଠର ବିକାଶ ସହ ଭୋଗ ମଣ୍ଡପ, ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ଖର୍ଚ୍ଚ ହେବ ପାଣ୍ଠି। ପଞ୍ଚାୟତ କଲ୍ୟାଣୀ ମଣ୍ଡପ, କମ୍ୟୁନିଟି ସେଣ୍ଟର, ପୋଖରୀ ଓ ନଦୀକୂଳରେ ଚେଞ୍ଜିଙ୍ଗ ରୁମ୍ ସେଡ ନିର୍ମାଣ ହେବ। ଏ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ପଞ୍ଚାୟତ ସମିତି ସଭାଗୃହ ପରିସରରେ 'ବିକଶିତ ଗାଁ ବିକଶିତ ଓଡିଶା' ପାଇଁ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକଙ୍କ ସଭାପତିତ୍ୱରେ ଅତିଥି ଭାବେ କାକଟପୁର ନିର୍ବାଚନମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରା, ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା, ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଦୁଇ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ବନିତା ବେହେରା, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଫେବୃଆରୀ ୫ତାରିଖରେ ବିକଶିତ ଗାଁ ବିକଶିତ ଓଡିଶା ଶୁଭାରମ୍ଭ ପରେ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତରେ ଗ୍ରାମସଭା ମାଧ୍ୟମରେ ପ୍ରକଳ୍ପଗୁଡିକ ଉଲ୍ଲେଖ ହୋଇ ବ୍ଲକ ପ୍ରଶାସନକୁ ହସ୍ତଗତ କରାଯାଇଛି। ଯାହାକୁ ନେଇ ସୋମବାର ଅସ୍ତରଙ୍ଗ ପଞ୍ଚାୟତ ସମିତି ସଭାଗୃହ ମଧ୍ୟରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଯାହା ସୂଚନା ମିଳିଛି ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତରେ ଗ୍ରାମସଭା ହୋଇ ଆସିଥିବା ପ୍ରକଳ୍ପ ଗୁଡିକୁ ଟେକ୍ନିକାଲ କମିଟି ଯାଞ୍ଚ ସାରିବେ ତାହା ପରେ ଜିଲ୍ଲାପାଳଙ୍କ ପାଖକୁ ପଠାଯିବ। ଜିଲ୍ଲାପାଳ ପ୍ରକଳ୍ପର ଅନୁମୋଦନ ଦେବା ପରେ କାମ ଆଗେଇବ। ଏହି ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକରେ ୧୫ଗୋଟି ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିବାବେଳେ ଶିଶୁଅ ପଞ୍ଚାୟତ ସରପଞ୍ଚ ଅନୁପସ୍ଥିତ ଥିଲେ। ଏହା ସହ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ, ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଶିଫଳ

**ମଙ୍ଗଳବାର, ୨୫ ଫେବୃଆରୀ ୨୦୨୫**



**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ। ଅଫିସ୍ କିମ୍ବା କାର୍ଯ୍ୟକ୍ଷେତ୍ରରେ ଏକ ଚାପଗ୍ରସ୍ତ ପରିସ୍ଥିତି ହୋଇପାରେ।



**ବୃଷ:** ଶୀଘ୍ର କୈଣସି କାମ କରନ୍ତୁ ନାହିଁ। ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ଭ୍ରମଣ ଯୋଗ ମଧ୍ୟ ଅଛି।



**କର୍କଟ:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ।



**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ। ଗଣ୍ଠି ଯନ୍ତ୍ରଣା ମଧ୍ୟ ଆପଣଙ୍କୁ କଷ୍ଟ ଦେଇପାରେ ।



**ତୁଳା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ। ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିପାରିବ।



**ବିଛା:** ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ସନ୍ଧ୍ୟାରେ ଅତିଥିମାନଙ୍କ ଆଗମନ ସହିତ ଘରର ପରିବେଶ ମଧ୍ୟ ସୁଖଦ ରହିବ। ଅଟକିଯାଇଥିବା ଟଙ୍କା ହଠାତ୍ ଫେରସ୍ତ ହୋଇପାରେ।



**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ ।



**ମକର:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ। କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହୋଇପାରିବ। ବିବାହିତ ଲୋକମାନେ ସୁଖ ପାଇପାରିବେ। ପ୍ରେମ ବଢିବ।



**କୁମ୍ଭ:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



ଜ୍ୟୋତିଷୀ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ଖପ୍ରାଖୋଲ, (ଭାସ୍କର ନ୍ୟୁଜ) ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରେଡ ରିବନ କ୍ଲବ ଓ ଯୁବ ରେଡକ୍ରସ୍ ତରଫରୁ ଏଚ ଆଇ ଭି ଏଡ଼ସ୍ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟ ଅଧକ୍ଷ ତଥା ଯୁବ ରେଡକ୍ରସ୍ ପରାମର୍ଶ ଦାତା ବଳଭଦ୍ର ଦାଶ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ପାଟଣାଗଡ଼ ଜବାହାର ଲାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରଣୟ ବଲ୍ଲଭ ପାଣିଗ୍ରାହୀ, ସମ୍ମାନୀତ ଅତିଥି ମେଡିକାଲ ଅଫିସର ଡା ଅଂଶୁପା କୁମାରୀ ଭୋଇ, ବେଲାର ସେନ ପଧାନ , ଜିଲ୍ଲା ଏଡ଼ସ ସଚେତନତା ସାଧନ କର୍ମି ମହେନ୍ଦ୍ର ନନ୍ଦ ଯୋଗଦେଇ ଏଡ଼ସ ଉପରେ ଆଲୋକ ପାତ କରିବା ସହିତ ସମସ୍ତେ ସଚେତନ ହେବା ସହ ଛାତ୍ର ଛାତ୍ରୀ ମାନେ ଜଣକୁ ୨୫ଜଣକୁ ସଚେତନ କରିବାକୁ କହିଥିଲେ। ଏହି ଅବସରରେ ହରେସ କୁମାର ବେହେରା, ଗୁନମଣି ସାହୁ, ନନ୍ଦ କିଶୋର ବାଗ ପ୍ରମୁଖ ସହଯୋଗ କରିଥିବା ବେଳେ ଏକ ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲେ। ଅଧାପକ ପ୍ରଶାନ୍ତ ତ୍ରୀପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



# ପୌରପରିଷଦ ଘେରିଲେ ବସ୍ତିବାସିନ୍ଦା




ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାର ସଦର ମହକୁମା ଅଧିନରେ ଥିବା ପୌରପରିଷଦର ୧ ଓ ୧୨ ୱାର୍ଡ ନଂ ଥିବା ଦୁର୍ଗାମ୍ ପେଟା, ରେଲିପାପୁଡିସାହି ଓ ଖଣ୍ଡାରା ସାହିର ବସ୍ତିବାସିନ୍ଦା ସୋମବାର ସକାଳ ୧୦.୩୦ଟା ସମୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ୱାର୍ଡର ବାସିନ୍ଦାମାନେ ଭୂମିହୀନ ସହ ଗରିବ ଶ୍ରେଣୀ, ପିଲାମାନଙ୍କୁ ମଧ ପାଠ ପଢ଼େଇ ପାରୁନାହାଁନ୍ତି କି ଜାତିଗତ ପ୍ରମାଣ ପତ୍ର ମଧ ମିଳୁନାହିଁ । କାରଣ ସେମାନଙ୍କ ପାଖରେ ଜମିପଟ୍ଟା ନଥିବାରୁ ଏଭଳି ଅସୁବିଧା ଭୋଗୁଛନ୍ତି। ସୂଚନା ଯୋଗ୍ୟ ଯେ ଗତ ସରକାର ବସ୍ତିବାସିନ୍ଦାଙ୍କ ପାଇଁ , ଓଡିଶା ବସ୍ତି ବାସିନ୍ଦା ଭୂମି ଅଧିକାର ନିୟମ ୨୦୧୭ ନିୟମ ଅନୁଯାୟୀ ଯୋଗ୍ୟତା ଭିତ୍ତିକ ପ୍ରମାଣପତ୍ର ୨୦୨୦ ମସିହାରେ ପ୍ରଦାନ କରାଯାଇଥିଲା । ମାତ୍ର ୫ ବର୍ଷ ବିତିଯାଇଥିଲେ ମଧ୍ୟ ଜମିର ପ୍ରମାଣପତ୍ର ମିଳିପାରିଳାନାହିଁ। ଏହି ବସ୍ତିରେ ମୋଟ ୩୮ ଜଣଙ୍କୁ ମିଳିନଥିବା ଅଭିଯୋଗ ହୋଇଛି। ପାରଳା ବାସିନ୍ଦା ସୁରକ୍ଷା ମଞ୍ଚର ଆବାହକ ସୁଜିତ ପ୍ରଧାନ ଓ ସ୍ୱେଚ୍ଛାସେବୀ ଜସ୍ମିନ୍ ସେ କହିଛନ୍ତି ଯେ ଗତ ମାସ ରେ ୨୪,୧,୨୦୨୫ ତାରିଖ ଓ ୧୩ ,୨,୨୦୨୫ ତାରିଖ ରେ ଦୁଇ ଥର ଦାବି ପତ୍ର ପୌରପରିଷଦକୁ ଦିଆଯାଇଛି ମାତ୍ର ତାହାକୁ ଅଣଦେଖା କରି ନାଲିଫିତା ତଳେ ବାନ୍ଧି ରଖିଦେଲେ । ଏହି ସମସ୍ୟା ଯି ଶୀଘ୍ର ସମାଧାନ ନହୁଏ ତାହା ହେଲେ ଆଗାମୀ ଦିନରେ ପୌରପରିଷଦକୁ ଅଚଳ କରାଯିବ ବୋଲି ବସ୍ତିବାସିନ୍ଦା କହିଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁରେଶ୍ୱର ଭୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ଉପସ୍ଥିତ ରହି ବ୍ଲକରେ ଥିବା ତେରଟି ପଞ୍ଚାୟତବାସୀଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲାବେଳେ ସମୁଦାୟ ୫୨ଟି ଅଭିଯୋଗ ହୋଇଥିଲା। ଏଥିରେ ଅଧିକାଂଶ ପଞ୍ଚାୟତକୁ ଲକ୍ଷ୍ମୀ ବସ ଯାଉନଥିବା ଅଭିଯୋଗ ସହ ରାସ୍ତା ସମସ୍ୟା, ପାନୀୟ ଜଳ, ଆବାସ ଯୋଜନା, ବିଜୁଳି ସ୍ରମସ୍ୟା ଉପରେ ଅଭିଯୋଗ ହୋଇଥିଲା। ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ତରଫରୁ ୬ ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୧ ଲକ୍ଷ, ଇଣ୍ଡିଆନ ଓଭର ସିଜ ବ୍ୟାଙ୍କ ତରଫରୁ ତିନଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫ ଲକ୍ଷ ଓ ଷ୍ଟେଟ ବ୍ୟାଙ୍କ ଅଫ




ଇଣ୍ଡିଆ ତରଫରୁ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୦ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା ।ଏଥିରେ ଅନ୍ୟମାନଙ୍କ ମଧରେ ଏସପି ରୋହିତ ବର୍ମା,ଏସଡ଼ିଏମ ପ୍ରେମ ଲାଲ,ଜିଲ୍ଲା ମୁଖ୍ୟ ଉନୟନ ଅଧିକାରୀ ବେଣୁଧର ଶବର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବରଦା କାନ୍ତ ମିଶ୍ର, ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେସିକା, ଉପାଧାକ୍ଷା ଆରତୀ କୁଲଦୀପ ମଞ୍ଚାସିନ ଥିଲେ। ଏଇ କ୍ଷେତ୍ରରେ ସବୁ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିବା ବେଳେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବିଡ଼ିଓ ଗୁରେଶ୍ୱର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦିନ ଦ୍ୱିପହରରେ ଚୋରି ଉଦ୍ୟମ ପଣ୍ଡ



ଉମରକୋଟ, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହରରେ ଦିନ ଦ୍ୱିପହରରେ ଚୋରି ଉଦ୍ୟମ ପଣ୍ଡ ହୋଇଛି। ଘଟଣା ଘଟିଛି ଉମରକୋଟ ସହରର ଗୁଲିପାଟଣା ସାହିର ସୁବାଷ ସ୍ୱାଇଁ କଲୋନୀ ପଛ ସାହିରେ। ଦିନ ପ୍ରାୟ ୧ଟା ବେଳେ ଜଣେ ଅପରିଚିତ ବ୍ୟକ୍ତି ରାଘବ ସ୍ୱାଇଁଙ୍କ ଇୟନ କାର ରେଜିଷ୍ଟ୍ରେସନ ନମ୍ବର ଓଡି ୦୨ ଏଡବ୍ଲ୍ୟୁ ୬୧୦୪ ରେ କାର୍‌ର ଡୋର ଭାଙ୍ଗି ଭିତରେ ପ୍ରବେଶ କରିବା ସମୟରେ ଏହି ଶବ୍ଦ ଶୁଣି ରାଘବ ସ୍ୱାଇଁ ଘରର ପରିବାର ବାହାରକୁ ଆସିଥିଲେ। ଏହି ସମୟରେ ଚୋର କାର ବାହାରକୁ ଆସି ଲୁଚିବା ପାଇଁ ଉଦ୍ୟମ କରିବା ବେଳେ ସାହିର ଅନ୍ୟ ଲୋକମାନେ କାବୁ କରି ନେଇ ଉମରକୋଟ ଥାନା ଆଇଆଇସି ରମା କାନ୍ତ ସାଏଙ୍କୁ ମୋବାଇଲ ମାଧ୍ୟମରେ ଜଣାଇ ଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ସବ ଇନ୍ସପେକ୍ଟର ସିବଜି ଘଟଣାସ୍ଥଳରେ ପହଞ୍ଚି କାର୍ ଚୋରକୁ ଥାନାକୁ ନେଇଥିଲେ। ତେବେ ଚୋର ଘର ଝାଡ଼ଖଣ୍ଡ ବୋଲି କହୁଥିବା ବେଳେ ପୋଲିସ ତଦନ୍ତ କରିବା ପରେ ହିଁ ଜଣାପଡିବ। ତେବେ ଦିନ ସମୟରେ କାର ଚୋରି ଉଦ୍ୟମକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। କାରଣ ପ୍ରାୟ ସମସ୍ତଙ୍କ ଘର ଘରେ ବାହାରେ ହିଁ କାର୍ ରହୁଛି। ଚୋରି ଉଦ୍ୟମ ବେଳର ସମସ୍ତ ଦୃଶ୍ୟ କାର ମାଲିକ ରାଘବ ସ୍ୱାଇଁଙ୍କ ଘରେ ବାହାରେ ଲାଗିଥିବା ସି ସି କେମେରା ରେ ରେକର୍ଡିଂ ହୋଇଛି।

# ଜିଲ୍ଲାର ପ୍ରଥମ ସେଣ୍ଟ୍ରାଲ ନୋଟାରୀ ହେଲେ ରଞ୍ଜିତ ସାନା

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ସେଣ୍ଟ୍ରାଲ ନୋଟାରି ପବ୍ଲିକ ଭାବେ ଅନୁମୋଦନ ପାଇଲେ ବରିଷ୍ଠ ଆଇନଜୀବୀ ରଞ୍ଜିତ ସାନା । ପ୍ରଥମ ଥର ପାଇଁ ଶ୍ରୀ ସାନା ସେଣ୍ଟ୍ରାଲ ନୋଟାରି ପବ୍ଲିକ ଆଇନଜୀବୀ ଭାବେ ଅନୁମୋଦନ ହାସଲ କରିଥିବା ବେଳେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ପୂର୍ବରୁ କେହି ଏହି ସ୍ଥାନ ପାଇନଥିବାବେଳେ ସାନା ଜିଲାର ପ୍ରଥମ ବ୍ୟକ୍ତି ହୋଇଥିବାରୁ ସେ ଆଗକୁ ଲୋକଙ୍କ ପାଇଁ ଅଧିକ କାମ କରିବେ ବୋଲି କରିଛନ୍ତି । ଏହା ସହ ସେ ଆହୁରି କହିଛନ୍ତି, ପୂର୍ବରୁ ଜିଲାରେ ରାଜ୍ୟ ସରକାରଙ୍କ ଦ୍ୱାରା, ଅନୁମୋଦନ ପାଇଥିବା ଅନେକ ନୋଟାରି ଅଛନ୍ତି, ସେମାନେ ସମସ୍ତେ ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଆସୁଛନ୍ତି । ସାନା ମଧ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଅନୁମୋଦନ ପାଇଥିବା ବେଳେ ସେ ନୋଟାରିଙ୍କୁ ସହଯୋଗ କରିବେ ଏବଂ ଅନ୍ୟମାନଙ୍କ ସହ ମିଳିମିଶି ସରକାରୀ ସ୍ତରରେ ଲୋକଙ୍କୁ ଅଧିକ ସେବା ଯୋଗାଇବେ। ସାନାଙ୍କ ସହ ଅଶୋକ କୁମାର ପଟ୍ଟନାୟକ ଓ ରାଜେଶ ପଟ୍ଟନାୟକ ମଧ ସେଣ୍ଟ୍ରାଲ ନୋଟରି ହୋଇଛନ୍ତି। ସେମାନଙ୍କ ପାଖରେ ମଧ ଅର୍ଡର ପହଞ୍ଚିବ ବୋଲି ସୂଚନା ମିଳିଛି। ତେବେ ଆଗକୁ ମଧ ଏହି ଅନୁମୋଦନ ଜିଲାର ଅନ୍ୟମାନଙ୍କୁ ମିଳୁ ଏବଂ ସେ ସମସ୍ତଙ୍କୁ ସହଯୋଗ କରିବେ ବୋଲି କହିଛନ୍ତି ।

# 'ଅର୍ଦ୍ଧ ଶତାବ୍ଦୀର ସଂଗୀତ ଓ ରଘୁନାଥ' କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ଭକ୍ତି ନୈବେଦ୍ୟ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଆଗାମୀ ୧୯ ମାର୍ଚ୍ଚ ସନ୍ଧ୍ୟା ୬ ଘଣ୍ଟା ସମୟରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଗୁରୁ ରଘୁନାଥ ପାତ୍ର ସାଂଗୀତିକ ଜୟ ଯାତ୍ରାର ଗୌରବମୟ ୫୦ ବର୍ଷ ପୂରଣ ଅବସରରେ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ପାଇଁ ସ୍ଥିରୀକୃତ ହୋଇଛି। ଉକ୍ତ କାର୍ଯ୍ୟକ୍ରମର ନାମ 'ଅର୍ଦ୍ଧ ଶତାବ୍ଦୀର ସଂଗୀତ ଓ ରଘୁନାଥ' ରଖାଯାଇଛି। ଏହି ବୈଠକରେ ସଭାପତି ନୃସିଂହ ଚରଣ ପଟ୍ଟନାୟକ ଓ ଆବାହକ ଡା.ଚନ୍ଦନ ଗନ୍ତାୟତ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ମାନିତ ଅତିଥି ଭାବେ ନିମନ୍ତ୍ରଣ କରିବା ପାଇଁ ସର୍ବ ସମ୍ମତି କ୍ରମେ ସ୍ଥିର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗୁରୁ ରଘୁନାଥ ପାତ୍ରଙ୍କ ସ୍ୱର ସଂଯୋଜନାର ଭଜନ, ଆଧୁନିକ ଓ ଗଜଲ୍‌କୁ ଓଡ଼ିଶାର ସ୍ୱନାମଧନ୍ୟ



କଳାକାର ତଥା ଗୁରୁଙ୍କ ଶିଷ୍ୟମାନଙ୍କ ଦ୍ୱାରା ପରିବେଷଣ କରାଯିବ। ଏହି ବୈଠକରେ ସଦସ୍ୟ ଆଦର୍ଶ ଦାସ, ରୂପେଶ ସାହୁ, ରାଜେନ୍ଦ୍ର ରଥ, ଦୁର୍ଗା ମାଧବ ପଣ୍ଡା, ସରୋଜ ପଣ୍ଡା, ରାମଚନ୍ଦ୍ର ମିଶ୍ର, ରାଜା ପାତ୍ର, ସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତପୋଷଣ କରିଥିଲେ। ଶେଷରେ ଆଦର୍ଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଶୁଣାଣି

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ତୁରେକଲା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଶୁଣାଣି ଶିବିରରେ ବ୍ଲକର ମୋଟ ୫୦ଟି ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଏହି ଶିବିରରେ ଜିଲ୍ଲାର ସମସ୍ତ ବରିଷ୍ଠ ବିଭାଗର ବିଭାଗୀୟ ଅଧିକାରୀମାନେ ଅଭିଯୋଗକାରୀଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ । ଏହି ଶିବିରରେ ଜିଲ୍ଲାପାଳ ଶିବାଜୀ ଗୌରବ ଇସଲୱାର, ଆରକ୍ଷୀ ଅଧିକ୍ଷକ ରିଷିକେଶ ଖିଲାରି, ଟିଟିଲାଗଡ ଉପଜିଲ୍ଲାପାଳ ରେହାନ କ୍ଷେତ୍ରୀ, ପି.ଡି. ଡି.ଆର.ଡି.ଏ ଓ ପି.ଡି. ଡୁଡାଙ୍କ ଉପସ୍ଥିତିରେ ଶିବିର ପରିଚାଳିତ କରିଥିଲେ । ଏହି ଶିବିରରେ ତୁରେକଲା, ମୁରିବାହାଲ ଓ ବେଙ୍ଗାମୁଣ୍ଡା ବ୍ଲକର ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।



# ବୋହୂଙ୍କ ଝୁଲନ୍ତା ମୃତଦେହ ଦେଖି ଟଳିପଡ଼ିଲେ ଶାଶୂ

ବଲାଙ୍ଗୀର, (ଭାସ୍କର ନ୍ୟୁଜ): ବଲାଙ୍ଗୀର ସହର ଇନ୍ଦିରାନଗର ପଡ଼ାରେ ଅଭାବନୀୟ ଘଟଣା ଘଟିଛି। ବୋହୂଙ୍କ ଝୁଲନ୍ତା ମୃତଦେହ ଦେଖି ଘଟଣାସ୍ଥଳରେ ଟଳିପଡ଼ିଛନ୍ତି ଶାଶୂ। ମୃତ ବୋହୂ ଆନନ୍ଦିନୀ ସାହୁ ଏବଂ ଶାଶୂଙ୍କ ନାଁ ଜମ୍ବୁବତୀ ସାହୁ। ବୋହୂ ଆନନ୍ଦିନୀଙ୍କ ମୃତଦେହ ଘରୁ ଭିତରୁ ଠାବ ହୋଇଥିଲା। ନିକଟରେ ଟଳି ପଡ଼ିଥିଲେ ଶାଶୁ। ପରିବାର ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଟାଉନ ପୋଲିସ ମୃତଦେହ ଉଦ୍ଧାର କରି ପୋଷ୍ଟମୋର୍ଟମ ପାଇଁ ପଠାଇ ଦେଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ। ବୋହୂର ମୃତଦେହ ଦେଖି ଶାଶୁଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରୁଛନ୍ତି ପରିବାର ଲୋକେ। ଅନ୍ୟପଟେ ଝିଅ ଘର ଲୋକେ ଶାଶୂଘର ଲୋକ ଝିଅକୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ବଲାଙ୍ଗୀର ଟାଉନ ପୋଲିସ ତଦନ୍ତ ଜାରି ରଖିଛି।

# 'ପୁସ୍ତକ ଜୀବନକୁ ଶୃଙ୍ଖଳିତ କରେ'




ବରଗଡ଼,(ଭାସ୍କର ନ୍ୟୁଜ): ପୁସ୍ତକ ଜୀବନକୁ ଶୃଙ୍ଖଳିତ କରେ। ଜ୍ଞାନର ଗବାକ୍ଷ ଉନ୍ମୁକ୍ତ କରେ, ବିଶ୍ୱକୁ ଚିହ୍ନେଇ ଦିଏ ଓ ସମଗ୍ର ଜୀବନକୁ ପ୍ରେରିତ କରିଥାଏ ବୋଲି ନୀଳେଶ୍ୱର ହାଇସ୍କୁଲ ଠାରେ ଆୟୋଜିତ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ୧୭୭ତମ ସଂସ୍କରଣରେ ମତ ପ୍ରକାଶ ପାଇଛି। ପାଠାଗାରର ଆବାହକ ଡକ୍ଟର ରବିନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧନଞ୍ଜୟ ସାହୁ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡକ୍ଟର ଦୁର୍ବାଦଳ ମେହେର ଓ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଗୌରାଙ୍ଗ ପ୍ରଧାନ ପୁସ୍ତକ ଜୀବନକୁ ଶୃଙ୍ଖଳିତ କରିବା ସହ ଜ୍ଞାନର ଗବାକ୍ଷ ଉନ୍ମୁକ୍ତ କରି ସମଗ୍ର ବିଶ୍ୱକୁ ଚିହ୍ନେଇ ଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ଯୋଗଦେଇ ଅନ୍ୟମାନଙ୍କ ମଧରେ ସଭାପତି ମନୋରଂଜନ ମେହେର, ଶିକ୍ଷକ ପ୍ରଦୀପ କୁମାର ମିଶ୍ର , ସଚ୍ଚିନ୍ଦ୍ର ବେହେରା, ଚନ୍ଦ୍ରଭାନୁ ପଣ୍ଡା, ଗୌରୀ ଶଙ୍କର ସାହୁ, ସାନନ୍ଦ ଭୋଇ ପ୍ରମୁଖ ଛାତ୍ର ଜୀବନରେ ପୁସ୍ତକ ଓ ପାଠାଗାରର ଭୂମିକା ଓ ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଦର୍ଶିତ ପୁସ୍ତକ ମଧରୁ ନିର୍ବାଚିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀ ମାନଙ୍କ ମଧରୁ ପୁରନ୍ଦର ସାହୁ, ଖୁସବୁ ସାହୁ ଓ ସୌରଭ ଭୋଇଙ୍କୁ ପୁସ୍ତକ ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

# ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଗୁଣୁପୁର, (ଭାସ୍କର ନ୍ୟୁଜ): ଗୁଣପୁର ଥାନା ଅନ୍ତର୍ଗତ ଆଚପା ନାଳରେ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଠାବ ହଇଛି । ମୃତ୍ୟୁ କାରଣ ଅସ୍ପଷ୍ଟ ରହିଛି। ଘଟଣାସ୍ଥଳରେ ପୋଲିସର ତଦନ୍ତ ଜାରି

**ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ୍‌ର ତଦନ୍ତ ଜାରି**

ରହିଛି। ଗୁଣୁପୁର ପୋଲିସ୍ ସାଇଣ୍ଟିଫିକ୍ ଟିମ୍ ର ସହାୟତା ନେଇ ତଦନ୍ତ ଜାରି ରଖିଛି ପୋଲିସ୍। ବ୍ୟକ୍ତି ଜଣକ ପରିଚୟ ମିଳିପାରିଛି। ମୃତ ବ୍ୟକ୍ତିର ବୟସ ପାଖାପାଖି ୪୦ ହେବ ବୋଲି ଗୁଣୁପୁର ପୋଲିସ୍ ଅନୁମାନ କରୁଛି। ମୃତ ବ୍ୟକ୍ତିଙ୍କ ପରିଚୟ ପୋଲିସ ପାଇଥିବା ବେଳେ ତାର ନାମ ସୋନୁ କୁମାର ସିଂ , ବିହାର ରାଜ୍ୟର ଗୟା ଜିଲ୍ଲାର ସେରଘାଟ ଅଞ୍ଚଳର ବୋଲି ପୋଲିସ୍ ପକ୍ଷରୁ ଜଣାପଡିଛି। ବ୍ୟକ୍ତି ଜଣକ ଏକ ଦେଶୀ ମଦଭାଟିରେ କାମ କରୁଥିଲେ । କିଛି ମାସ ହେବ ମଦଭାଟି ଛାଡି ପ୍ଲମ୍ବର କାମ କରୁଥିବା ପୋଲିସ୍ କହିଛି।

# ରାଜ୍ୟସ୍ତରୀୟ କବିତା ପଠୋତ୍ସବ




ବରଗଡ଼(ଭାସ୍କର ନ୍ୟୁଜ): ଗଙ୍ଗାଧର କଳା ପରିଷଦ ଦ୍ୱାରା ଗଙ୍ଗାଧର କଲ୍ୟାଣ ମଣ୍ଡପ ଠାରେ ବିଭିନ୍ନ ଜିଲ୍ଲାର କବିଙ୍କୁ ନେଇ ଏକ ରାଜ୍ୟ ସ୍ତରୀୟ କବିତା ପାଠ ଅଯୋଜିତ ହୋଇଯାଇଛି । ସାହିତ୍ୟ ସଭାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବିଶିଷ୍ଟ ସାହିତ୍ୟିକ ଡ଼ ରବୀନ୍ଦ୍ର ଗଡତିଆ ସମାକାଳୀନ କବିତାର ସ୍ୱର ଓ ସମ୍ଭାବନା ଶୀର୍ଷକରେ ତାଙ୍କ ବକ୍ତବ୍ୟ ରଖି କହିଲେ କବିମାନେ ଅନ୍ୱେଷା ରଖନ୍ତୁ ଓ ସମ ସାମୟିକ ଘଟଣାକୁ କବିତାରେ ଧରି ରଖନ୍ତୁ । ଅନ୍ତର୍ମନକୁ ଭେଦିଲେ ଯାଇ କବିତା କାଳଜୟୀ ହୋଇପାରିବ । କବି ରୋହିତ ଦାଶଙ୍କ ପୁସ୍ତକ ମା'ର ସୁରତା ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉନ୍ମୋଚନ ରେ ସାମିଲ ହୋଇଥିଲେ ଡ଼ ଅଶୋକ ମହାପାତ୍ର, ପତିତ ପାବନ ସାହୁ, ବିଜୟ ପ୍ରଧାନ । ସଂକ୍ଷିପ୍ତ ବକ୍ତବ୍ୟରେ ଲେଖକ ପୁସ୍ତକଟି ମା'ଙ୍କ ସ୍ମୃତି ରେ ଲିଖିତ ବୋଲି ଉଲ୍ଲେଖ କରିଥିଲେ । ବିବାହ ବାର୍ଷିକୀ ଉପଲକ୍ଷେ କବି ହରି ଚରଣ ଖଟୁଆ ଓ ସୌଦାମିନୀ ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଡ଼ ଭଗବତୀ କରଙ୍କ ସଭାପତିତ୍ୱରେ ନିମନ୍ତ୍ରିତ କବିଙ୍କୁ ନେଇ ଏକ କବିତା ପାଠୋତ୍ସବ ଆୟୋଜନ ହୋଇଥିଲା । ଏହାକୁ ସଂଯୋଜନା କରିଥିଲେ କବି ସୁଧାଂଶୁ ଷଡଙ୍ଗୀ । କବିମାନଙ୍କୁ ପଳାଶ ଫୁଲ ଓ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା । ଜ୍ୟୋତି ମିଶ୍ର, ସୁଜିତ ଶତପଥୀ, ରେଣୁକା ଅଗ୍ରୱାଲ, କିରଣ ଅଗ୍ରୱାଲ, ଚିନ୍ମୟ ସାହୁ, କିଶୋର ସାହୁ, ଘରଯୁଗୀ ଗଡତିଆ, ପ୍ରବାସିନୀ ହୋତା, ଜିନତ ମାମ ଦର୍ଜୀ, ବିଜୟ ପ୍ରଧାନ ଇତ୍ୟାଦି କବିମାନେ କବିତା ପାଠ କରିଥିଲେ । ମନୋରଞ୍ଜନ ପାଣିଗ୍ରାହୀ ଗଙ୍ଗାଧର ସଂଗୀତ ଗାନ କରିଥିଲେ। ଶେଷରେ ସଂଚାଳକ ରୋହିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ମହାଦେବ ରାଉତ, ଭିକାରୀ ମେହେର ଓ ସୁବଳ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କବି ମାନଙ୍କ ପାଇଁ ଏକ ସୁନ୍ଦର ଭୁରି ଭୋଜନ ର ବ୍ୟବସ୍ଥା କରାଯାଇଥିଲା ।

# କନ୍ଧରାଭଟାରେ ପୋଲିସର ଜନସମ୍ପର୍କ ଶିବିର

ଖପ୍ରାଖୋଲ, (ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ଼ ତଳି କନ୍ଧରାଭଟା ଗାଁ ଖେଳପଡିଆ ଠାରେ ପୋଲିସ ତରଫରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜନସମ୍ପର୍କ ଶିବିରରେ ମୁଖ୍ୟ ଅତିଥି ଖପ୍ରାଖୋଲ ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବଲାଙ୍ଗିର ଡ଼ିଆଇଓସି ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ସୁଦୀପ୍ତ ସାହୁ, ରଙ୍କନିଧି ଜାନି ଯୋଗ ଦେଇଥିଲେ। ଏହି ଅବସରରେ ଯୁବକମାନଙ୍କ ମଧ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ବିଜେତା ଦଳ କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହି ପରି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଚକ୍ଷୁ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା।



ଶତାଧିକ ବୃଦ୍ଧା ବୃଦ୍ଧ ଙ୍କୁ କମ୍ବଳ, ସାଲ, ଛତା,ଶାଢ଼ୀ ବଣ୍ଟନ କରାଯାଇଥିବା ବେଳେ ସୋଲାର ଲାଇଟ୍, ଟର୍ଚ୍ଚ ଓ ସାଂସ୍କୃତିକ ଦଳ କୁ ବାଦ୍ୟ ଯନ୍ତ୍ର , ଛାତ୍ରୀ ଛାତ୍ର ଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଖପ୍ରାଖୋଲ ଥାନା ଏସ ଆଇ ଲିଙ୍ଗରାଜ କିଶାନ୍, ହରିଶଙ୍କର ଫାଣ୍ଡି ଅଧିକାରୀ ସେୱନ କେର୍କେଟା, ସଂଜୀବ ସାହୁ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ପୋଲିସ ଓ ଜନସାଧାରଣ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ଏହି ଜନସମ୍ପର୍କ ଶିବିର ଆୟୋଜିତ ହୋଇଥିଲା।




ନୂଆଦିଲ୍ଲୀ: ରୁଷ ସହିତ ଯୁଦ୍ଧ ପରେ, ୟୁକ୍ରେନ୍ ଏବେ ୪୫ଟି ଦେଶର ନାଗରିକଙ୍କ ପାଇଁ ଇଲେକ୍ଟ୍ରୋନିକ୍ ଭିସା (ଇ-ଭିସା) ପୁନଃଆରମ୍ଭ କରିଛି । ୟୁକ୍ରେନ ପୁଣି ଥରେ ନିଜ ଦେଶର ଅର୍ଥନୀତିକୁ ବୃଦ୍ଧି କରିବାକୁ ଚେଷ୍ଟା କରୁଛି । ଭୋଲୋଡିମିର ଜେଲେନସ୍କିଙ୍କ ନିର୍ଦ୍ଦେଶ ପରେ, ଦେଶର ବୈଦେଶିକ ମନ୍ତ୍ରଣାଳୟ ଏକ ନୋଟିସ ଜାରି କରିଛି । ଯାହା ଅନୁସାରେ, ଭୁଟାନ, ଭାରତ, ମାଲଦ୍ୱୀପ ଏବଂ ନେପାଳ ସମେତ ଅତି କମରେ ୪୫ଟି ଦେଶର ନାଗରିକମାନେ ଇ-ଭିସାର ସୁବିଧା ପାଇପାରିବେ । ଏହି ଡିଜିଟାଲ ଭିସାକୁ ଅନଲାଇନରେ ଜାରି କରାଯାଇପାରିବ । ଏହି ଭିସା କାଗଜ ଭିସାଠାରୁ ଭିନ୍ନ । ଆପଣଙ୍କୁ କହିରଖୁଛୁ ଯେ ଇ-ଭିସା ପାଇଁ, ନାଗରିକମାନଙ୍କୁ ଦୂତାବାସ ଯିବାକୁ ପଡିବ ନାହିଁ । ଏଥିପାଇଁ ନାଗରିକମାନଙ୍କୁ କେବଳ ଅନଲାଇନରେ ଆବେଦନ କରିବାକୁ ପଡିବ । ଯଦି ସମସ୍ତ ଡକ୍ୟୁମେଣ୍ଟ ଠିକ୍ ଥାଏ, ତେବେ ଇମେଲ ମାଧ୍ୟମରେ ଡିଜିଟାଲ୍ ଫର୍ମାଟରେ ଭିସା ଗ୍ରହଣ କରାଯାଏ ।

# ବିଶ୍ୱ ନିବେଶକ ସମ୍ମିଳନୀକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ମଧ୍ୟପ୍ରଦେଶର ଭୋପାଳ ଠାରେ ବିଶ୍ୱ ନିବେଶକ ସମ୍ମିଳନୀ (ଜିଆଇଏସ) ୨୦୨୫କୁ ଉଦଘାଟନ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ସେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବୋର୍ଡ ପରୀକ୍ଷା ଥିବାରୁ କାର୍ଯ୍ୟକ୍ରମରେ ଯୋଗ ଦେବାରେ ବିଳମ୍ବ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ ଏବଂ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସିବା ସମୟରେ ତାଙ୍କ ଲାଗି ଉଦ୍ଦିଷ୍ଟ ସୁରକ୍ଷା ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ଅସୁବିଧାରେ ପକାଇଥାନ୍ତା ବୋଲି କହିଥିଲେ । 'ସମଗ୍ର ବିଶ୍ୱ ଭାରତକୁ ନେଇ ଆଶାବାଦୀ' ବୋଲି ଶ୍ରୀ ମୋଦୀ କହିବା ସହିତ ଏହା ଉଲ୍ଲେଖ କରିଥିଲେ ଯେ ଭାରତ ଇତିହାସରେ ପ୍ରଥମ ଥର ପାଇଁ ଏଭଳି ସୁଯୋଗ ସୃଷ୍ଟି ହୋଇଛି । ଜନସଂଖ୍ୟା ଦୃଷ୍ଟିରୁ ମଧ୍ୟପ୍ରଦେଶ ଭାରତର ପଞ୍ଚମ ବୃହତ୍ତମ ରାଜ୍ୟ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ, କୃଷି ଓ ଖଣିଜ ପଦାର୍ଥ ପାଇଁ ମଧ୍ୟପ୍ରଦେଶ ଭାରତର ଅନ୍ୟତମ ଶ୍ରେଷ୍ଠ ରାଜ୍ୟ। ଗତ ଦୁଇ ଦଶନ୍ଧି ମଧ୍ୟରେ ମଧ୍ୟପ୍ରଦେଶର ପରିବର୍ତ୍ତନଶୀଳ ଯାତ୍ରା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏମିତି ଏକ ସମୟ ଥିଲା ଯେତେବେଳେ ରାଜ୍ୟ ବିଜୁଳି ଏବଂ ପାଣି ସହିତ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନକୁ ସାମନା କରୁଥିଲା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଆହୁରି ଖରାପ ଥିଲା । ଏହି ପରିସ୍ଥିତି ଶିଳ୍ପ ବିକାଶକୁ କଷ୍ଟକର କରିଦେଇଥିଲା । ଗତ ଏକ ଦଶନ୍ଧି ମଧ୍ୟରେ ଭାରତରେ ଭିତ୍ତିଭୂମିରେ ଉନ୍ନତି ଘଟିଛି ବୋଲି ଉଲ୍ଲେଖ କରିବା ସହିତ ପ୍ରଧାନମନ୍ତ୍ରୀ କହିଥିଲେ ଯେ ମଧ୍ୟପ୍ରଦେଶ ଏହି ବିକାଶ ଦ୍ୱାରା ବହୁତ ଉପକୃତ ହୋଇଛି । ବିମାନ ଚଳାଚଳ ପ୍ରସଙ୍ଗ ଉପରେ ସ୍ପର୍ଶ କରି ଶ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ ବିମାନ ଚଳାଚଳ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଗ୍ୱାଲିୟର ଏବଂ ଜବଲପୁର ବିମାନବନ୍ଦରର ଟର୍ମିନାଲକୁ ସମ୍ପ୍ରସାରଣ କରାଯାଇଛି । ଗତ ଦଶନ୍ଧିରେ ଭାରତର ଶକ୍ତି କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି ବୋଲି ଶ୍ରୀ ମୋଦୀ ପ୍ରଶଂସା କରି କହିବା ସହିତ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଭାରତ ସବୁଜ ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି, ଯାହା ଏକ ସମୟରେ କଳ୍ପନାର ବାହାରେ ଥିଲା। ଉତ୍ପାଦନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ବଜେଟରେ ସ୍ଥାନୀୟ ଯୋଗାଣ ଶୃଙ୍ଖଳ ନିର୍ମାଣ ଉପରେ ଗୁରୁତ୍ୱାରୋପ କରାଯାଇଥିବା ଦର୍ଶାଇ ଶ୍ରୀ ମୋଦୀ କହିଥିଲେ ଯେ ଏକ ସମୟ ଥିଲା ଯେତେବେଳେ ପୂର୍ବ ସରକାରମାନଙ୍କ ଦ୍ୱାରା ଏମଏସଏମଇକୁ ନେଇ ସମ୍ଭାବନା ସୀମିତ ଥିଲା, ଯାହା ସ୍ଥାନୀୟ ଯୋଗାଣ ଶୃଙ୍ଖଳର ବିକାଶକୁ ଅନେକ ପରିମାଣରେ ରୋକିଥିଲା । ଏମଏସଏମଇ ନେତୃତ୍ୱାଧୀନ ସ୍ଥାନୀୟ ଯୋଗାଣ ଶୃଙ୍ଖଳ ନିର୍ମାଣ କରିବା ବର୍ତ୍ତମାନର ପ୍ରାଥମିକତା ବୋଲି ସେ ଆଲୋକପାତ କରିଥିଲେ। ବୟନ ଶିଳ୍ପ, ପର୍ଯ୍ୟଟନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ର ଭାରତର ବିକଶିତ ଭବିଷ୍ୟତରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ କୋଟି କୋଟି ନୂତନ ନିଯୁକ୍ତି ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଭୋପାଳରେ ଅନୁଷ୍ଠିତ ଦୁଇ ଦିନିଆ ବିଶ୍ୱ ନିବେଶକ ସମ୍ମିଳନୀ (ଜିଆଇଏସ୍) ୨୦୨୫ ମଧ୍ୟପ୍ରଦେଶକୁ ଏକ ବିଶ୍ୱ ନିବେଶ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରୁଛି । ଏହି ସମ୍ମିଳନୀରେ ତିନୋଟି ପ୍ରମୁଖ ଶିଳ୍ପ ପ୍ରଦର୍ଶନୀ ଆୟୋଜନ କରାଯାଉଛି । ଏହି ଅଟୋ ସୋ' ରେ ମଧ୍ୟପ୍ରଦେଶର ଅଟୋମୋବାଇଲ ଦକ୍ଷତା ଏବଂ ଭବିଷ୍ୟତର ଗତିଶୀଳତା ସମାଧାନକୁ ପ୍ରଦର୍ଶିତ କରାଯାଇଛି । ଟେକ୍ସଟାଇଲ୍ ଏବଂ ଫ୍ୟାସନ୍ ଏକ୍ସପୋ ଉଭୟ ପାରମ୍ପରିକ ଏବଂ ଆଧୁନିକ ବୟନ ଉତ୍ପାଦନରେ ରାଜ୍ୟର ଦକ୍ଷତା ଉପରେ ଆଲୋକପାତ କରିଛି। 'ଗୋଟିଏ ଜିଲ୍ଲା - ଗୋଟିଏ ଉତ୍ପାଦ' (ଓଡିଓପି) ଗ୍ରାମରେ ରାଜ୍ୟର ଅନନ୍ୟ କାରିଗରୀ ଓ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରାଯାଇଛି।ଏହି ସମ୍ମିଳନୀରେ ୬୦ରୁ ଅଧିକ ଦେଶର ପ୍ରତିନିଧି, ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନର ଅଧିକାରୀ, ଭାରତର ୩୦୦ରୁ ଅଧିକ ପ୍ରମୁଖ ଶିଳ୍ପ ନେତୃତ୍ୱ ଏବଂ ନୀତି ନିର୍ଧାରକମାନେ ଅଂଶଗ୍ରହଣ କରୁଛନ୍ତି।

## ରୁଷ ଦୂତାବାସ ନିକଟରେ ବିସ୍ଫୋରଣ

ନୂଆଦିଲ୍ଲୀ: ଫ୍ରାନ୍ସର ମାର୍ସେଲସ୍ଥିତ ରୁଷ ଦୂତାବାସ ନିକଟରେ ସୋମବାର ବିସ୍ଫୋରଣ ଘଟିଛି। ୟୁକ୍ରେନ ଉପରେ ରୁଷର ଆକ୍ରମଣକୁ ୩ ବର୍ଷ ପୂରଣ ହୋଇଥିବାବେଳେ ରୁଷକୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଥିବା କୁହାଯାଉଛି। ତେବେ ଏହା ଏକ ଆତଙ୍କବାଦୀ ଆକ୍ରମଣ ବୋଲି ରୁଷ କହିବା ସହିତ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରିଛି। ଏହା ସହିତ ରୁଷ ରାଷ୍ଟ୍ରଦୂତମାନଙ୍କର ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବାକୁ ମଧ୍ୟ କହିଛି। ଫ୍ରାନ୍ସ ଅଧିକାରୀମାନଙ୍କ ସୂଚନା ଅନୁସାରେ, ରୁଷ ଦୂତାବାସ ବାହାରେ ଏହି ବିସ୍ଫୋରଣ ଘଟିଛି। ଆକ୍ରମଣକାରୀମାନେ ୨ଟି ବୋମା ବିସ୍ଫୋରଣ ଘଟାଇବାକୁ ଯୋଜନା କରିଥିଲେ। ସେଥିରୁ ଗୋଟିଏ ବୋମା ବିସ୍ଫୋରଣ ଘଟିଥିବାବେଳେ ଅନ୍ୟଟି ଫୁଟି ନ ଥିଲା। ଆକ୍ରମଣକାରୀମାନେ ତୁରନ୍ତ ଘଟଣା ପରେ ସେଠାରୁ ଫେରାର ହୋଇଯାଇଥିଲେ। ଏହାର ତଦନ୍ତ ଆରମ୍ଭ ହୋଇଛି। କିନ୍ତୁ କିଏ ଏବଂ କ'ଣ ପାଇଁ ଏହି ବିସ୍ଫୋରଣ ଘଟାଇଛି ତାହା ଏଯାଏ ଜଣାପଡ଼ିନାହିଁ।

## ଦିଲ୍ଲୀ ବିଧାନସଭାର ଅଧିବେଶନ ଆରମ୍ଭ
## ଶପଥ ନେଲେ କାମଚଳା ବାଚସ୍ପତି



ନୂଆଦିଲ୍ଲୀ: ଦିଲ୍ଲୀରେ ନୂଆ ସରକାର ଗଠନ ପରେ ପ୍ରଥମ ବିଧାନସଭା ଅଧିବେଶନ ସୋମବାର ଆରମ୍ଭ ହୋଇଛି । ଏହି ଅଧିବେଶନ ୩ ଦିନ ଧରି ଚାଲିବ। ଅଧିବେଶନର ପ୍ରଥମ ଦିନରେ କାମଚଳା ବାଚସ୍ପତି ଭାବେ ଅରବିନ୍ଦର ସିଂ ଲଭଲି ଶପଥ ନେଇଛନ୍ତି। ଲେଫ୍ଟନାଣ୍ଟ ରାଜ୍ୟପାଳ ଭିକେ ସାକ୍ସେନା ତାଙ୍କୁ ଶପଥ ପାଠ କରାଇଥିଲେ। ବାଚସ୍ପତିଙ୍କ ଶପଥ ଗହଣ ପରେ ନବନିର୍ବାଚିତ ବିଧାୟକଙ୍କୁ ଶପଥ ପାଠ କରାଯାଇଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଉପମୁଖ୍ୟମନ୍ତ୍ରୀ ପରଭେଶ ବର୍ମା ମଧ୍ୟ ଶପଥ ନେଇଥିଲେ। ସୂଚନାଯୋଗ୍ୟ, ଲେଫ୍ଟନାଣ୍ଟ ଗଭର୍ଣ୍ଣର (ଏଲ୍‌ଜି) ଭିକେ ସାକ୍ସେନା ଫେବୃଆରୀ ୨୫ରେ ବିଧାନସଭାକୁ ସମ୍ବୋଧିତ କରିବେ, ପରେ ଗୃହରେ ସିଏଜି ରିପୋର୍ଟ ଉପସ୍ଥାପନ କରାଯିବ ଜଣାପଡିଛି। ଅନ୍ୟପକ୍ଷେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କାଲକାଜି ବିଧାୟିକା ଆତିଶୀଙ୍କୁ ବିଧାନସଭାର ବିରୋଧୀ ଦଳ ନେତା ମନୋନୀତ କରାଯାଇଛି। ରବିବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକମାନଙ୍କ ବୈଠକ ବସି ଆତିଶୀଙ୍କୁ ବିରୋଧୀ ଦଳ ନେତା ନିଯୁକ୍ତ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ବୈଠକରେ ୨୨ ନବନିର୍ବାଚିତ ବିଧାୟକଙ୍କ ସହ ଆପ୍ ଆବାହକ ଅରବିନ୍ଦ କେଜ୍‌ରିୱାଲ ଉପସ୍ଥିତ ଥିଲେ। ବିରୋଧୀ ଦଳ ନେତ୍ରୀ ମନୋନୀତ ହେବା ପରେ ଆତିଶୀ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେବା ଅବସରରେ କେଜ୍‌ରିୱାଲ ଏବଂ ସମସ୍ତ ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।

# ରାଷ୍ଟ୍ରର ଉତ୍‌ଥାନରେ ପ୍ରଜାପିତା ବ୍ରହ୍ମାକୁମାରୀ ସଂଗଠନର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ବ୍ରହ୍ମା ଭୋଜ ଏବଂ ସ୍ନେହ ମିଳନ ସମାରୋହରେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ ସତ୍‌ସଂଗ ଓ ଧ୍ୟାନ ମାଧ୍ୟମରେ ମନକୁ ସୁଦ୍ଧ ସଂକଳ୍ପ କରିହେବ। ଏହି ଭାବନା ଜାଗ୍ରତ କରିବା ପାଇଁ ବ୍ରହ୍ମାକୁମାରୀ ସଂଗଠନ ଉଦ୍ୟମ ଚାଲୁ ରଖିଥିବାରୁ ସେ ଏହାର ଭୂୟସୀ ପ୍ରଶଂସା କରିଥିଲେ। ଶ୍ରୀ ସାଏ କହିଥିଲେ, ରାଷ୍ଟ୍ରର ଉତ୍‌ଥାନରେ ଏହି ସଂଗଠନର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଶ୍ରୀ ସାଏ ଆହୁରି କହିଥିଲେ ଯେ ଆତ୍ମୀକ ସଚେତନତା ଏବଂ ସମାଜସେବା ସଂପର୍କରେ ଏହି ସଂଗଠନ ଦୀର୍ଘ ଦିନ ହେବ କାର୍ଯ୍ୟ କରି ଆସୁଛି। ବ୍ରହ୍ମାକୁମାରୀ ସଂଗଠନ କେବଳ ଆଧ୍ୟାତ୍ମିକତାର ବାର୍ତ୍ତା ପ୍ରଚାର କରୁନାହିଁ ବରଂ ଏକ ସଶକ୍ତ ରାଷ୍ଟ୍ର ନିର୍ମାଣ ପାଇଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ମୁଖ୍ୟମନ୍ତ୍ରୀ କହିଥିଲେ ବ୍ରହ୍ମାକୁମାରୀ ଭଉଣୀମାନଙ୍କ ଦ୍ୱାର ପ୍ରତ୍ୟେକବର୍ଷ ବିଧାନସଭାର ସଦସ୍ୟମାନଙ୍କ ପାଇଁ ବ୍ରହ୍ମା ଭୋଜ ଏବଂ ଅନୁଠି ପରମ୍ପରା ପାଳନ କରାଯାଇଥାଏ। ସଂଗଠନର ବରିଷ୍ଠ ଭଉଣୀ ହେମଲତା ଦିଦି ଏବଂ ସରିତା ଦିଦି ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କୁ ସାଲ, ମାନପତ୍ର ଏବଂ ସ୍ମୃତିସ୍ତମ୍ଭ ଦେଇ ସମ୍ମାନୀତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ଛତିଶଗଡରେ ବ୍ରହ୍ମାକୁମାରୀ ସଂଗଠନ ଆଧ୍ୟାତ୍ମିକତା ଭାବ ସୃଷ୍ଟି କରିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛି। ବିଶେଷ କରି ଯୁବ ବର୍ଗ ଏହାଦ୍ୱାରା ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି। ସେ କହିଥିଲେ ଆଜିକାଲିକା ସମାଜରେ ସ୍ୱାସ୍ଥ୍ୟର ହାନି, ସଡ଼କ ଦୁର୍ଘଟଣା, ପାରିବାରିକ ହିଂସା ଇତ୍ୟାଦି ଲୋକଙ୍କ ପାଇଁ ସମସ୍ୟାର ପାଲଟିଛି। ଏ କ୍ଷେତ୍ରରେ ଆଧ୍ୟାତ୍ମିକତା ମାନସିକତାର ବିକାଶ ଜରୁରୀ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଆଧ୍ୟାତ୍ମିକତା ମାର୍ଗରେ ଚାଲିବା ସହ ରାଷ୍ଟ୍ର ପ୍ରତି ସମର୍ପଣ ଭାବ ରଖିଲେ ସିଦ୍ଧି ମିଳିପାରିବ ବୋଲି ସେ କହିଥିଲେ।

# ଆଇଡବ୍ଲ୍ୟୁଟି ଟର୍ମିନାଲକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ମନ୍ତ୍ରୀ



ନୂଆଦିଲ୍ଲୀ: କେନ୍ଦ୍ର ବନ୍ଦର, ପରିବହନ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଆସାମର ଯୋଗୀଘୋପଠାରେ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ନୂଆ ଇନ୍‌ଲ୍ୟାଣ୍ଡ ୱାଟରୱେଜ ଟର୍ମିନାଲ (ଟିଡବ୍ଲ୍ୟୁଟି)ର ଉଦ୍‌ଘାଟନ କରିଛନ୍ତି। ଏହି ଟର୍ମିନାଲ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀ ୨୦୨୧ରେ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଟର୍ମିନାଲ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଭୁଟାନର ଗେଲେଫୁରୁ ୯୧ କିମି, ବାଂଲାଦେଶ ସୀମାରୁ ୧୦୮ କିମି ଓ ଗୌହାଟୀରୁ ୧୪୭ କିମି ଦୂରତାରେ ଅବସ୍ଥିତ । ଯାହା ଏହାକୁ ବାଂଲାଦେଶ ଓ ଭୁଟାନ ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଯୋଗିତା ପାଇଁ ମହତ୍ତ୍ୱପୂର୍ଣ୍ଣ କରୁଛି। ଯୋଗୀଘୋପ ଟର୍ମିନାଲ ଭାରତ ଓ ବାଂଲାଦେଶ ମଧ୍ୟରେ ପିଆଇଡବ୍ଲ୍ୟୁଟିଆଣ୍ଡଟି ଅଧିନରେ ଅନ୍ୟତମ ଘୋଷିତ ବନ୍ଦର ଅଟେ। ୨୦୨୭ ସୁଦ୍ଧା ଏହି ଟର୍ମିନାଲ ବାର୍ଷିକ ୧/୧ ମିଲିୟନ ଟନର ମାଲ୍ ପରିବହନ କରିବ ବୋଲି ଆଶା କରାଯାଉଛି। ଏହି ଟର୍ମିନାଲର ଉଦ୍‌ଘାଟନ ସମାରୋହରେ କେନ୍ଦ୍ର ମନ୍ତ୍ରୀ ସୋନୱାଲ ବାଂଲାଦେଶକୁ ୧୧୦ ମେଟ୍ରିକ ଟନର କୋଇଲା ପରିବହନ କରୁଥିବା ବାର୍ଜ ଅଜୟ ଓ ଦିକ୍ଷୁ ସହିତ ଏମଭି ପଦ୍ମା ନାଭିଗେଶନ ୨ ଏବଂ ପଥର ଖଣ୍ଡ ପରିବହନ କରୁଥିବା ଏମ୍‌ଭି ତ୍ରିଶୂଳ ଜାହାଜର ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଥିଲେ, 'ଆଜି ଦେଶର ଜଳପଥ ପରିବହନ କ୍ଷେତ୍ର ପାଇଁ ଏକ ଐତିହାସିକ ଦିନ ଅଟେ କାରଣ ଆମେ ଯୋଗୀଘୋପଠାରେ ଆଇଡବ୍ଲ୍ୟୁଟି ଟର୍ମିନାଲକୁ ଲୋକମାନଙ୍କ ପାଇଁ ଓ ଦେଶ ପାଇଁ ସମର୍ପିତ କରିଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହି ଜଳପଥ ପରିବହନ ଭାରତର ପରିବହନ କ୍ଷେତ୍ରର ଅଭିବୃଦ୍ଧିକୁ ଆଗକୁ ବଢାଇ ଏକ ଉଲ୍ଲେଖନୀୟ ରୂପାନ୍ତରଣ ଦେଇ ଗତି କରୁଛି। ୮୨ କୋଟି ଟଙ୍କାରୁ ଅଧିକ ବ୍ୟୟରେ ନିର୍ମିତ ଯୋଗୀଘୋପ ଟର୍ମିନାଲରେ ମାଲ ପରିବହନ ପରିଚାଳନା ପାଇଁ ଇଲେକ୍ଟ୍ରିକ ଲେଭେଲ ଲଫିଙ୍ଗ (ଇଏଲଏଲ) କ୍ରେନ ପାଇଁ ଡିଜାଇନ ହୋଇଥିବା ଏକ ଆରସିସି ଜେଟ୍ଟୀ ରହିଛି। ଏହି ଟର୍ମିନାଲର ଉଦ୍‌ଘାଟନୀ ସମାରୋହରେ ରୟାଲ ଗଭର୍ଣ୍ଣମେଣ୍ଟ ଅଫ୍ ଭୁଟାନର ଶିଳ୍ପ, ବାଣିଜ୍ୟ ଓ ନିଯୁକ୍ତି ମନ୍ତ୍ରୀ ମହାମହିମ ଲ୍ୟୋନପୋ ନାମଗ୍ୟାଲ ଦୋରଜୀ, ଆସାମ ସରକାରଙ୍କ ପଂଚାୟତ ଓ ଗ୍ରାମାଂଚଳ ବିକାଶ ମନ୍ତ୍ରୀ ରିତ କୁମାର ଦାସ, ଆସାମର ଶିଳ୍ପ ଓ ବାଣିଜ୍ୟ, ଉଦ୍ୟୋଗ ମନ୍ତ୍ରୀ ବିମଳ ବୋରା, ଆସାମର ପରିବହନ ମନ୍ତ୍ରୀ ଯୋଗେନ ମୋହନ, ବାରପେଟାର ଏମ୍‌ପି ଫାନି ଭୁଷଣ ଚୌଧୁରୀ, ଧୁବ୍ରିର ଏମ୍‌ପି ରାକିବୁଲ ହୁସୈନ, ଅଭୟପୁରୀ ଦକ୍ଷିଣର ବିଧାୟକ ପ୍ରଦୀପ ସରକାର, ଆଇଡବ୍ଲ୍ୟୁଏଆଇର ଅଧ୍ୟକ୍ଷ ଆଇଏଏସ ବିଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଦେଶରେ ସିମ କାର୍ଡ ବିକ୍ରି କରିବାର ନିୟମ ୧ ଏପ୍ରିଲରୁ ପରିବର୍ତ୍ତନ ହେବାକୁ ଯାଉଛି। ୧ ଏପ୍ରିଲ ପରେ ଅଣପଞ୍ଜିକୃତ ଡିଲରମାନେ ସିମ କାର୍ଡ ବିକ୍ରି କରିପାରିବେ ନାହିଁ। ଯଦି ସେମାନେ ଏପରି କରୁଥିବାର ଧରାପଡ଼ନ୍ତି, ତେବେ ସେମାନଙ୍କୁ କଳାତାଲିକାଭୁକ୍ତ କରାଯାଇପାରେ ଏବଂ ଜରିମାନା ମଧ୍ୟ ଦେବାକୁ ପଡ଼ିପାରେ। ଦୂରସଂଚାର ବିଭାଗ ସମସ୍ତ ମୋବାଇଲ କମ୍ପାନୀର ଫ୍ରାଞ୍ଚାଇଜି, ବିତରକ ଏବଂ ଏଜେଣ୍ଟମାନଙ୍କୁ ତୁରନ୍ତ ପଞ୍ଜୀକରଣ କରିବାକୁ କହିଛି। ସରକାର ଦୀର୍ଘ ଦିନ ଧରି ନକଲି ସିମ କାର୍ଡ ବିକ୍ରି ବନ୍ଦ କରିବାକୁ ଚେଷ୍ଟା କରିଆସୁଛନ୍ତି। ଏହି ପ୍ରୟାସରେ ସିମ କାର୍ଡ ଡିଲରଙ୍କ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଥିଲା। ସରକାର ସମସ୍ତ ଏଜେଣ୍ଟ, ବିତରକ ଏବଂ ଫ୍ରାଞ୍ଚାଇଜିମାନଙ୍କୁ ଅଗଷ୍ଟ ୨୦୨୩ରେ ପଞ୍ଜିକରଣ କରିବାକୁ କହିଥିଲେ, ଏଥିପାଇଁ ୧୨ ମାସ ସମୟସୀମା ଧାର୍ଯ୍ୟ କରିଥିଲେ। ଏହି ସମୟସୀମା ଅନେକ ଥର ବୃଦ୍ଧି କରାଯାଇଛି ଏବଂ ବର୍ତ୍ତମାନ ଏହାକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଦେଶରେ ଟେଲିକମ ସେବା ଯୋଗାଉଥିବା ଘରୋଇ କମ୍ପାନୀଗୁଡ଼ିକ ସେମାନଙ୍କର ଏଜେଣ୍ଟ ଏବଂ ବିତରକମାନଙ୍କୁ ପଞ୍ଜୀକୃତ କରିଛନ୍ତି, କିନ୍ତୁ ସରକାରୀ କମ୍ପାନୀ ଇଝଘଖ ସମୟ ନେଉଛି। କମ୍ପାନୀଟି ଏହାର ସଫ୍ଟୱେରରେ ସମସ୍ୟା ଦର୍ଶାଇ ସରକାରଙ୍କଠାରୁ ସମୟ ମାଗିଥିଲା। ଏହା ପରେ ସମୟସୀମା ବୃଦ୍ଧି କରାଯାଇଥିଲା।

# ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସପ୍ତାହ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୧୬ ମସିହାରୁ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆର୍ଥିକ ସାକ୍ଷରତା ସପ୍ତାହ (ଏଫଏଲଡବ୍ଲ୍ୟୁ) ପାଳନ କରିଆସୁଛି। ଚଳିତ ବର୍ଷ ଆର୍ଥିକ ସାକ୍ଷରତା ସପ୍ତାହ ଫେବ୍ରୁଆରି ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ଯାହା କି ଏହି ଅଭିଯାନର ଦଶମ ସଂସ୍କରଣ ଅଟେ । ଆରବିଆଇ ପ୍ରମୁଖ ଟେଲିଭିଜନ, ରେଡିଓ ଚ୍ୟାନେଲ ଏବଂ ସୋସିଆଲ ମିଡିଆ ଚ୍ୟାନେଲ ମାଧ୍ୟମରେ ଏଫଏଲଡବ୍ଲ୍ୟୁ ୨୦୨୫ ର ବାର୍ତ୍ତା ଉପରେ ଏକ କେନ୍ଦ୍ରୀଭୂତ ଗଣମାଧ୍ୟମ ଅଭିଯାନ କରୁଅଛି। ଆରବିଆଇ ଭୁବନେଶ୍ୱର ପକ୍ଷରୁ ଏଫଏଲଡବ୍ଲ୍ୟୁ ୨୦୨୫ର ଉଦଘାଟନୀ ଉତ୍ସବ ୨୪ ଫେବୃଆରୀ ୨୦୨୫ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆରବିଆଇ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ ମହାନ୍ତି ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ନିଜ ଅଭିଭାଷଣରେ ସେ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଆର୍ଥିକ ଅନ୍ତର୍ଭୁକ୍ତିକରଣ ରେ ମହିଳାଙ୍କ ବହୁମୁଖୀ ଭୂମିକାକୁ ଦୃଷ୍ଟିରେ ରଖି ସେମାନଙ୍କ ଆର୍ଥିକ ସାକ୍ଷରତାର ପ୍ରାଥମିକତା ଉପରେ ଆଲୋକପାତ କରିଥିଲେ । ଆରବିଆଇର ମହାପ୍ରବନ୍ଧକ ଅନିତା ପଟ୍ଟନାୟକ ସମାବେଶକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଏସ୍ କେ ତାଲୁକଦାର; ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଡିଆଇଏଫ୍ ଡ. ପ୍ରଜ୍ଞାସ୍ମିତା ସାହୁ ଏବଂ ମହାପ୍ରବନ୍ଧକ ତଥା ଏସଏଲବିସି ଆବାହକ ଶ୍ରୀ ଗୌତମ ପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଉଦଘାଟନୀ ଉତ୍ସବରେ ରିଜର୍ଭ ବ୍ୟାଙ୍କ, ରାଜ୍ୟ ସରକାର, ନାବାର୍ଡ, ସିଡ଼ବି ଏବଂ ବିଭିନ୍ନ ବ୍ୟାଙ୍କ ର ବରିଷ୍ଠ ଅଧିକାରୀ ତଥା ପ୍ରତ୍ୟେକ ଟାର୍ଗେଟ୍ ଗୃପ (ଗୃହିଣୀ, କର୍ମଜୀବୀ ମହିଳା ଓ ମହିଳା ଉଦ୍ୟୋଗୀ) ର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏଫଏଲଡବ୍ଲ୍ୟୁ ୨୦୨୫ ର ବିଷୟବସ୍ତୁ ଏବଂ ଉପ-ବିଷୟବସ୍ତୁ ଉପରେ ଆଲୋକପାତ କରି ଏକ ନୁକ୍କଡ ନାଟକ ମଧ୍ୟ ପରିବେଷଣ କରାଯାଇଥିଲା। ଏହି ସପ୍ତାହରେ ଆରବିଆଇ ଭୁବନେଶ୍ୱର ବିଭିନ୍ନ ବ୍ୟାଙ୍କ ଏବଂ ଅନ୍ୟ ଅଂଶୀଦାରଙ୍କ ସହଯୋଗରେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବ।

# ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ଭୁବନେଶ୍ୱର ଶାଖାରେ ପ୍ରାୟୋରିଟି ସେଣ୍ଟର ଶୁଭାରମ୍ଭ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ଓଡ଼ିଶାର ଭୁବନେଶ୍ୱରରେ ତାହାର ସ୍ଥାନାନ୍ତରିତ ଶାଖାରେ ବର୍ଦ୍ଧିତ ବିତ୍ତଶାଳୀ ଓ ପ୍ରାଚୁର୍ଯ୍ୟ ବର୍ଗଙ୍କୁ ଉନ୍ନତ ସେବା ଯୋଗାଇବା ଏବଂ ପ୍ରିମିୟମ ଆର୍ଥିକ ସେବାର ବର୍ଦ୍ଧିତ ଚାହିଦା ପୂରଣ କରିବା ନିମନ୍ତେ ଏକ ପ୍ରାୟୋରିଟି କେନ୍ଦ୍ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏହି ରଣକୌଶଳାତ୍ମକ ପ୍ରୟାସ ବୃତ୍ତଧାରୀ, ଉଦ୍ୟୋଗୀ ଏବଂ ବିତ୍ତଶାଳୀ ବ୍ୟକ୍ତିବିଶେଷ (ଏଚଏନଡବ୍ଲ୍ୟୁଆଇ)ଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ସମ୍ପତ୍ତି ଏବଂ ବ୍ୟାଙ୍କିଙ୍ଗ ସମାଧାନ ଯୋଗାଇଦେବାକୁ ବ୍ୟାଙ୍କର ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରୁଛି। ବର୍ଦ୍ଧିତ ବିତ୍ତଶାଳୀ ଓ ପ୍ରାଚୁର୍ଯ୍ୟ ବର୍ଗଙ୍କୁ ସେବା ଯୋଗାଇବା ନିମନ୍ତେ ଭାରତର ଶୀର୍ଷ ୬ଟି ସହରରେ ଏକ ମଜଭୁତ ଉପସ୍ଥିତି ଜାହିର କରିବା ପରେ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ପରବର୍ତ୍ତୀ ୧୦ଟି ବଜାର/ରାଜ୍ୟ ରାଜଧାନୀରେ ପ୍ରାଚୁର୍ଯ୍ୟ ବର୍ଗଙ୍କ ନିକଟରେ ପହଞ୍ଚି ଏବଂ ଏହାର ବର୍ଦ୍ଧିତ ବେସରକାର ଏବଂ ଅଗ୍ରାଧିକାର ଗ୍ରାହକ ଭିତ୍ତିଙ୍କୁ ସେବା ଯୋଗାଇବାକୁ ଯୋଗ୍ୟ ପ୍ରତିଭାଙ୍କୁ ନିଯୁକ୍ତି ପ୍ରଦାନ କରି ତାହାର ଅଭିବୃଦ୍ଧିକୁ ଆଗେଇନେବା ଉପରେ ଦୃଷ୍ଟିନିବଦ୍ଧ କରିଛି। ଭାରତର ଅନ୍ୟତମ ଉଦୀୟମାନ ଅର୍ଥନୈତିକ ପେଣ୍ଟସ୍ଥଳ ଭାବରେ ଭୁବନେଶ୍ୱରରେ ପ୍ରଯୁକ୍ତି, ରିଅଲ ଇଷ୍ଟେଟ ଏବଂ ଶିକ୍ଷା ଭଳି ପ୍ରମୁଖ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟୁଛି। ଏହି ସହରରେ ମଧ୍ୟ ଅପ୍ରବାସୀ ଭାରତୀୟ (ଏନଆରଆଇ) ମାନଙ୍କର ବର୍ଦ୍ଧିତ ଉପସ୍ଥିତି ପରିଲକ୍ଷିତ ହେଉଛି। ଏହି ବ୍ୟାଙ୍କ ଗତବର୍ଷ ବିଳମ୍ବରେ ବୈଶ୍ୱିକ ଭାରତୀୟଙ୍କ ନିମନ୍ତେ ବିତ୍ତଶାଳୀ ଏବଂ ଏଚଏନଡବ୍ଲ୍ୟୁ ବ୍ୟକ୍ତିବିଶେଷଙ୍କ ସମ୍ପତ୍ତି ପରିଚାଳନା ଏବଂ ସେମାନଙ୍କର ବ୍ୟାଙ୍କିଙ୍ଗ ଆବଶ୍ୟକତା ବିଶ୍ୱବ୍ୟାପୀ ପୂରଣ କରିବାକୁ ଯଥାକ୍ରମେ ମୁମ୍ବାଇ ଓ ଚେନ୍ନାଇରେ ଦୁଇଟି ଆନ୍ତର୍ଜାତିକ ବ୍ୟାଙ୍କିଙ୍ଗ କେନ୍ଦ୍ର ସ୍ଥାପନ କରିଥିଲା। ଏହି କେନ୍ଦ୍ରଗୁଡିକ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ଶାଖା ପରିସର ମଧ୍ୟରେ ଉତ୍ସର୍ଗୀକୃତ ସ୍ଥଳ ଯାହା ବିଶେଷଜ୍ଞ ପରାମର୍ଶମୂଳକ ସେବା, ସୀମା-ପାର ଆର୍ଥିକ ସମାଧାନ ଏବଂ ସ୍ୱତନ୍ତ୍ର ନିବେଶ ସୁଯୋଗର ସୁଯୋଗ ନେବା ଉପରେ ଦୃଷ୍ଟିନିବଦ୍ଧ କରୁଛି। ନୀତିନ ଚେଙ୍ଗାପ୍ପା, ମ୍ୟାନେଜିଂ ଡାଇରେକ୍ଟର ଏବଂ ହେଡ୍, ଆଫ୍ଲୁଏଣ୍ଟ ଡିଷ୍ଟ୍ରିବ୍ୟୁସନ ଆଣ୍ଡ ବ୍ରାଞ୍ଚ ବ୍ୟାଙ୍କିଙ୍ଗ, ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ, ଇଣ୍ଡିଆ କହିଥିଲେ, 'ଓଡ଼ିଶାର ଅଭିବୃଦ୍ଧିଶୀଳ ଅର୍ଥନୀତି ଏବଂ ସମ୍ଭ୍ରାନ୍ତମୂଳକ ବ୍ୟାଙ୍କିଙ୍ଗ ସେବାର ବର୍ଦ୍ଧିତ ଚାହିଦା ପରିପ୍ରେକ୍ଷୀରେ ଆମେ ନୂଆକରି ସ୍ଥାନାନ୍ତରିତ ହୋଇଥିବା ଭୁବନେଶ୍ୱର ଶାଖାରେ ଏକ ପ୍ରାୟୋରିଟି ସେଣ୍ଟର ଉଦ୍‌ଘାଟନ କରିବା ନେଇ ଉଲ୍ଲସିତ ଅଛୁ। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ଗ୍ରାହକମାନଙ୍କୁ ସେମାନେ ନିଜ ଆର୍ଥିକ ଆକାଂକ୍ଷାର ନିୟନ୍ତ୍ରଣ ନିଜ ହାତକୁ ନେବା ନିମନ୍ତେ ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ସମାଧାନ ଏବଂ ସମ୍ପତ୍ତି ପରିଚାଳନାର ଜଟିଳତା ମଧ୍ୟରେ ଆଗକୁ ବଢିବାକୁ ବିଶେଷଜ୍ଞ ମାର୍ଗଦର୍ଶନ ଜରିଆରେ ସଶକ୍ତ କରିବାକୁ ଚାହୁଁଛି ବୋଲି ନୀତିନ କହିଥିଲେ।

# ନୈତିକତା ସପ୍ତାହ ପାଳନର ଶୁଭାରମ୍ଭ କଲା ଟିପିଡବ୍ଲ୍ୟୁଓଡିଏଲ୍



ବୁର୍ଲା (ଭାସ୍କର ନ୍ୟୁଜ୍) : ନୈତିକ ମୂଲ୍ୟବୋଧକୁ ସର୍ବାଧିକାର ଦେଇ ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ସୋମବାର ଏହାର ବୁର୍ଲା ସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟଠାରେ ନୈତିକତା ସପ୍ତାହ ପାଳନର ଶୁଭାରମ୍ଭ କରାଯାଇଅଛି । ଟାଟା ଗ୍ରୁପର ପ୍ରତିଷ୍ଠାତା ସ୍ୱର୍ଗତଃ ଜାମସେଦଜୀ ନୁଶେରୱାନଜୀ ଟାଟାଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ଟାଟା ଗ୍ରୁପ୍ ଅଧିନସ୍ଥ ସମସ୍ତ ସଂସ୍ଥା ଦ୍ୱାରା ପ୍ରତିବର୍ଷ ଏହି ନୈତିକ ସପ୍ତାହ ପାଳନ କରାଯାଇଥାଏ । ଜାମସେଦଜୀ ନୁଶେରୱାଜୀ ଟାଟା ୩ ମାର୍ଚ୍ଚ ୧୮୩୯ ରେ ଜନ୍ମଗ୍ରହଣ କରିଥିଲେ । ତେଣୁ ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖର ପୂର୍ବ ସପ୍ତାହକୁ 'ନୈତିକତା ସପ୍ତାହ' ଭାବରେ ଟାଟା ଗ୍ରୁପ ପକ୍ଷରୁ ପାଳନ କରାଯାଉଅଛି । ଏହି ଅବସରରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ ନୈତିକ ପରାମର୍ଶଦାତା ପି.ପି. ତେନ୍ଦୁଲକର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା, ମାନବ ସମ୍ବଳ ବିଭାଗ ମୁଖ୍ୟ କସମସ୍ ଲାକ୍ରାତଥା ଅନ୍ୟାନ୍ୟ ବିଭାଗର ମୁଖ୍ୟ ଅଧିକାରୀ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିବା ସହିତ ଟାଟା ଗ୍ରୁପର ନିର୍ମାତାମାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ ନୈତିକ ପରାମର୍ଶଦାତା ପି.ପି. ତେନ୍ଦୁଲକରଟାଟା ଆଚରଣ ସଂହିତା (ଟାଟା କୋଡ୍ ଅଫ୍ କଣ୍ଡକ୍ଟ)କୁ କର୍ମଚାରୀମାନେ ସେମାନଙ୍କର ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନରେ ପଢିବା ତଥା ଏହାକୁ ଅନୁକରଣ କରିବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା,ନୈତିକତା ସପ୍ତାହର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରି ପ୍ରକାଶ କରିଥିଲେ ଯେ, 'ନୈତିକତା କେବଳ ଯେ ଏକ ପ୍ରସଙ୍ଗ ନୁହେଁ, ବରଂ ଏହାର ମୁଖ୍ୟ ଲକ୍ଷ୍ୟ, ଆମେ ନେଉଥିବା ପ୍ରତ୍ୟେକ ନିଷ୍ପତ୍ତିର ମାର୍ଗଦର୍ଶନ କରାଇଥାଏ । ଆମେ ବିଶ୍ୱାସ କରୁ ଯେ ସଠିକ୍ କାର୍ଯ୍ୟ କରିବା କେବଳ ନୈତିକତା ଭାବେ ବାଧ୍ୟତାମୂଳକ ନୁହେଁ, ବରଂ ଏକ ବ୍ୟବସାୟିକ ଭାବେ ବାଧ୍ୟତାମୂଳକ। ସେହିପରି ଏହି ନୈତିକତା ସପ୍ତାହକୁ ଟିପିଡବ୍ଲ୍ୟୁଓଡିଏଲର ସମସ୍ତ ମଣ୍ଡଳ କାର୍ଯ୍ୟାଳୟ ଯଥା-ସମ୍ବଲପୁର, ବରଗଡ଼, ବଲାଙ୍ଗିର, ରାଉରକେଲା ଏବଂ ଭବାନୀପାଟନା ଠାରେ ପାଳନ କରାଯାଇଥିଲା । ଯେଉଁଥିରେ ଅଧିକ୍ଷଣ ଯନ୍ତ୍ରୀମାନଙ୍କ ସହ ସମସ୍ତ କର୍ମଚାରୀ ଟାଟା ଗ୍ରୁପର ପ୍ରତିଷ୍ଠାତାଙ୍କ ଫଟୋରେ ପୁଷ୍ପ ଅର୍ପଣ କରିଥିଲେ ।

## ୧୦୦୦ରୁ ଅଧିକ ନୂତନ ଫୁଟ୍‌ୱେୟାରର ଶୁଭାରମ୍ଭ କରିଛି ୱାକରୁ

ନୂଆଦିଲ୍ଲୀ : ଗ୍ରାହକମାନଙ୍କୁ ଅଧିକ ସନ୍ତୁଷ୍ଟିକରଣ ନିମନ୍ତେ ୱାକରୁ ଏହାର ୧୦୦ରୁ ଅଧିକ ଫୁଟୱେୟାର ମଡ଼େଲର ଭିନ୍ନ ଭିନ୍ନ ବ୍ରାଣ୍ଡ ଭୁବନେଶ୍ୱର ଟ୍ରେଡ୍ ଶୋ ୨୦୨୫ରେ ଶୁଭାରମ୍ଭ କରିଛି । ସମଗ୍ର ଓଡ଼ିଶା, ଭୁବନେଶ୍ୱରରେ ଏଭଳି ଏକ ନିଜସ୍ୱ ଡ଼ିଜାଇନରେ ପ୍ରସ୍ତୁତ ତଥା ଜୀବନଧାରଣ ମାନକୁ ନେଇ ଗ୍ରାହକମାନଙ୍କ ପସନ୍ଦକୁଏହା ଅଗ୍ରାଧିକାର ପ୍ରଦାନ କରିଛି। ଆଧୁନିକତମ ବିଶେଷତ୍ୱର ନୂଆ ନୂଆ ସମ୍ଭାରକୁ ନେଇ ଜୀବନ ଚର୍ଯ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ନୂଆ ନୂଆ ଜୋତା ପ୍ରସ୍ତୁତ କରାଯାଇଛି ।



ମନୋଜପି ବାଷ୍ଟିନ୍, ନିର୍ଦ୍ଦେଶକ-ୱାକରୁ ଗ୍ରୁପ ମତବ୍ୟକ୍ତ କରି କହିଛନ୍ତି, ଆମେ ଗ୍ରାହକମାନଙ୍କର ଆବଶ୍ୟକତା ହିସାବରେ ନୁହେଁ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ଫ୍ୟାସନର ଆବଶ୍ୟକତାକୁ ନେଇ, ଆରାମ ଦାୟକତାକୁ ସୁନିଶ୍ଚିତ କରି ତଥା ଏ ସମସ୍ତ ଜିନିଷକୁ ଧ୍ୟାନରେ ରଖି ଭାରତରେ ଏହାକୁ ଏକ ସବୁଠାରୁ ଅଧିକ ବିସ୍ତାରିତ ବ୍ରାଣ୍ଡ ଭାବରେ ଉପସ୍ଥାପିତ କରିବାର ଲକ୍ଷ୍ୟ ରଖିଛୁ। ୱାକରୁର ବିସ୍ତାରିତ ସମ୍ଭାର ତଥା ନବୀନତମ ପଦକ୍ଷେପ ଏ ଦିଗରେ ଏକ ଜ୍ୱଳନ୍ତ ଉଦାହରଣ ସହିତ ଏହାର ଗ୍ରାହକମାନଙ୍କୁ ଉଚ୍ଚମାନ, ଫ୍ୟାସନେବୁଲ ତଥା ଏକ ଆରାମ ଦାୟକ ଫୁଟୱେୟାର ପ୍ରଦାନ କରିବା ପାଇଁ ଏକ ମିଶନ ମୁଡ଼ରେ କାମ କରୁଅଛି।

# ଭାରତକୁ ବିଶ୍ୱରେ ଅଗ୍ରଣୀ କରାଇଛି ରିଲାଏନ୍ସ ଜିଓର ୫ଜି ଷ୍ଟାଣ୍ଡ-ଏଲୋନ ଟେକ୍ନୋଲୋଜି




ନୂଆଦିଲ୍ଲୀ : ୫ଜି ଷ୍ଟାଣ୍ଡାଲୋନ (ଏସଏ) ନେଟୱାର୍କ ସ୍ଥାପନରେ ଭାରତ ଆମେରିକା ଓ ୟୁରୋପକୁ ପଛରେ ପକାଇ ଦେଇଛି ଏବଂ ଏଥିରେ ରିଲାଏନ୍ସ ଜିଓ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଟେଲିକମ କ୍ଷେତ୍ରର ଅନୁଶୀଳନକାରୀ ସଂସ୍ଥା ଓକଲାର ସଦ୍ୟତମ ରିପୋର୍ଟ ଅନୁଯାୟୀ, ୫୨ ପ୍ରତିଶତ ୫ଜି ଷ୍ଟାଣ୍ଡାଲୋନ ଉପଲବ୍ଧତା ସହ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଚୀନ ୮୦ ପ୍ରତିଶତ ଉପଲବ୍ଧତା ଉପଲବ୍ଧତା ସହ ଏହି ତାଲିକାରେ ଶୀର୍ଷରେ ରହିଛି। ୟୁରୋପରେ ଏହି ସଂଖ୍ୟା ମାତ୍ର ଏକ ପ୍ରତିଶତ ରହିଛି, ଯାହା ଭାରତର ଦ୍ରୁତ ଅଗ୍ରଗତିକୁ ଦର୍ଶାଉଛି। ଏହି ରିପୋର୍ଟ ଅନୁଯାୟୀ, ଭାରତରେ ୫ଜି ଷ୍ଟାଣ୍ଡାଲୋନ ନେଟୱାର୍କର ବ୍ୟାପକ ଉପଲବ୍ଧତା ପଛରେ ରହିଛି ଜିଓର ଦ୍ରୁତ ୫ଜି ନେଟୱାର୍କ ସମ୍ପ୍ରସାରଣ ଏବଂ ୭୦୦ ମେଗାହର୍ଜ ସ୍ପେକ୍ଟ୍ରମର ବ୍ୟାପକ ବ୍ୟବହାର। ଏହି ଲୋ-ବ୍ୟାଣ୍ଡ୍ ସ୍ପେକ୍ଟ୍ରମ୍ ସମଗ୍ର ଦେଶରେ ପ୍ରଭାବଶାଳୀ ଏବଂ ନିର୍ଭରଯୋଗ୍ୟ କଭରେଜ୍ ସୁନିଶ୍ଚିତ କରିଛି, ଯାହା ଗ୍ରାମାଞ୍ଚଳ ତଥା ସୁଦୂର ଅଞ୍ଚଳରେ ମଧ୍ୟ ୫ଜି ଉପଲବ୍ଧତାକୁ ସୁନିଶ୍ଚିତ କରିଛି। ଭାରତ ୫ଜି ଷ୍ଟାଣ୍ଡାଲୋନ ଡାଉନଲୋଡ୍ ସ୍ପିଡରେ ମଧ୍ୟ ଆଗରେ ରହିଛି, ଯେଉଁଠାରେ ଜିଓ ସହାୟତାରେ ହାରାହାରି ସ୍ପିଡ଼ ୨୬୦.୭୧ ଏମବିପିଏସରେ ପହଞ୍ଚିଛି। ଏହାର ତୁଳନାରେ, ଚୀନରେ ୨୨୪.୮୨ ଏମବିପିଏସ ଏବଂ ଜାପାନରେ ୨୫୪.୧୮ ଏମବିପିଏସ ସ୍ପିଡ଼ ରେକର୍ଡ କରାଯାଇଥିବାବେଳେ ୟୁରୋପରେ ଏହା ମାତ୍ର ୨୨୧.୧୭ ଏମବିପିଏସ ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି।



ରଗଡି (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ପାଟରଙ୍ଗା ପଞ୍ଚାୟତ ଭାଲୁକାହୁଡ଼ି ଅଧିବାସୀ ସାହି ବାବା ତିଳକା କ୍ଲବ ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ୨୫ତମ ବାବା ତିଳକା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି ।ଫାଇନାଲ ମ୍ୟାଚରେ ସାରକୋମଡ଼ା ଫୁଟବଲ କ୍ଲବ ରାଇରଙ୍ଗପୁର ୫-୩ପେନାଲଟି ଗୋଲ ରେ ତିଳକା ୱାରିଅରକୁ ହରାଇ ଚାମ୍ପିଅନ ହୋଇଛି । ତିଳକା ୱାରିଅର ଯାଜପୁର ତୃତୀୟ ଓ ସାତ କୋଶିଆ ଫୁଟବଲ କ୍ଲବ ଚତୁର୍ଥ ସ୍ଥାନ ଅଧିକାର କରିଛି । ମୋଟରେ ୩୨ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ । ରାମଚନ୍ଦ୍ର ବେଶ୍ରା ଓ ମାନସ ବିଶ୍ୱାଳ ଖେଳ ପରିଚାଳନା କରିଥିବା ବେଳେ ଟିକାୟତ ନାୟକ ଧାରା ବିବରଣୀ ଦେଇଥିଲେ। ପଞ୍ଚାୟତ ବିଜେଡି ସଭାପତି ଶତ୍ରୁଘ୍ନ ଦାସ ଙ୍କ ସଭାପତିତ୍ୱ ରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଅଶୋକ ଦାସ ଫାଉଣ୍ଡେସନ ସଚିବ ଭବ ପ୍ରସାଦ ଦାସ, ସମ୍ମାନିତ ଅତିଥି କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ, ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟ ଓ ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇ ଥିବାରୁ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ। ଆଦିବାସୀ ପୁରୁଷ ଓ ମହିଳା ପାରମ୍ପରିକ ନୃତ୍ୟ ଓ ବାଦ୍ୟର ତାଳେ ତାଳେ ଅତିଥିଙ୍କୁ ଭବ୍ୟ ସ୍ୱାଗତ କରିବା ସହ ଖେଳ ପଡିଆ ପରିକ୍ରମା କରିଥିଲେ । ଚାମ୍ପିଅନ ଦଳ କୁ ୪୦ହଜାର, ରନର୍ସ ଅଫ ଦଳକୁ ୩୦ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ କୁ ୨୦ହଜାର ଓ ଚତୁର୍ଥ ସ୍ଥାନରେ ଥିବା ଦଳକୁ ୧୦ହଜାର ପ୍ରଦାନ କରାଯାଇଥିଲା।

## ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ବିଦେଶୀ ଖେଳାଳିଙ୍କୁ ଅପହରଣ ଯୋଜନା

# ସତର୍କ କଲା ପାକ୍ ଇଣ୍ଟେଲିଜେନ୍ସ

ଲାହୋର : ପାକିସ୍ତାନର ଗୋଇନ୍ଦା ବିଭାଗ ଇସଲାମିକ୍ ଷ୍ଟେଟ୍ ଖୋରାସାନ୍ ପ୍ରଦେଶ (ISKP)ରୁ ଏକ ସମ୍ଭାବ୍ୟ ବିପଦ ବିଷୟରେ ଏକ ଚେତାବନୀ ଜାରି କରିଛି । ପାକିସ୍ତାନ ଗୁଇନ୍ଦା ବିଭାଗ ପକ୍ଷରୁ ବିଦେଶୀ କ୍ରିକେଟପ୍ରେମୀଙ୍କୁ ଅପହରଣ କରାଯିବା ପାଇଁ ଯୋଜନା ରହିଥିବା ସୂଚନା ଦେଇଛି । ତେହରିକ-ଏ ତାଲିବାନ ପାକିସ୍ତାନ, ଆଇଏସଆଇଏସ ଏବଂ ଅନ୍ୟାନ୍ୟ ବେଲୁଚିସ୍ତାନ-ଭିତ୍ତିକ ଗୋଷ୍ଠୀ ସମେତ ଅନେକ ଆତଙ୍କବାଦୀ ସଂଗଠନ ବିଦେଶୀ କ୍ରିକେଟପ୍ରେମୀଙ୍କୁ ଅପହରଣ ଯୋଜନା ପ୍ରସ୍ତୁତ ଚଳାଇଥିବା ପାକିସ୍ତାନ ଗୁଇନ୍ଦା ବିଭାଗ ସୂଚନା ଦେଇଛି । ପାକିସ୍ତାନର ଗୁଇନ୍ଦା ବିଭାଗ ସୋମବାର ଦିନ ଏକ ହାଇ ଆଲର୍ଟ ଜାରି କରି ଦେଶର ସୁରକ୍ଷା ବାହିନୀକୁ 'ସକ୍ରିୟ ଗୁପ୍ତ ଗୋଷ୍ଠୀ' ଦ୍ୱାରା ୨୦୨୫ ମସିହାର ଆଇଆଇସି ଚମ୍ପିଆନ୍ସ ଟ୍ରଫିରେ ଯୋଗଦେବା ପାଇଁ ବିଦେଶୀ ଅତିଥିମାନଙ୍କୁ ଅପହରଣ କରିବା ପାଇଁ ଏକ ଷଡ଼ଯନ୍ତ୍ର ବିଷୟରେ ସତର୍କ କରାଇ ଦେଇଛି । ପାକିସ୍ତାନର ସୁରକ୍ଷା ବାହିନୀ ଖେଳାଳି ଏବଂ



ସେମାନଙ୍କ ସହିତ ଥିବା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ପୁଲିସ ସମେତ ଉଚ୍ଚସ୍ତରୀୟ ସୁରକ୍ଷା ଦଳ ନିୟୋଜିତ କରିଛନ୍ତି । ପାକିସ୍ତାନ ଆଇସିସି ଚମ୍ପିଆନ୍ସ ଟ୍ରଫି ୨୦୨୫ ଆୟୋଜନ କରୁଛି, ଯାହା ଦେଶର କ୍ରିକେଟ୍ ଦୃଶ୍ୟପଟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ତଥାପି, ଦେଶର ହାଇ-ପ୍ରୋଫାଇଲ୍ ଆନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ କରିବାର କ୍ଷମତା ବିଷୟରେ ଏବେ ଚିନ୍ତା ବୃଦ୍ଧି ପାଉଛି । ପାକିସ୍ତାନରେ ବିଦେଶୀ ନାଗରିକଙ୍କ ଉପରେ ଆକ୍ରମଣ ନୂଆ ନୁହେଁ, ୨୦୨୪ ମସିହାରେ ଶାଙ୍ଗଲାରେ ଚୀନ୍ ଇଞ୍ଜିନିୟରମାନଙ୍କ ଉପରେ ଆକ୍ରମଣ ଏବଂ ୨୦୦୯ ମସିହାରେ ଲାହୋରରେ ଶ୍ରୀଲଙ୍କା କ୍ରିକେଟ୍ ଦଳ ଉପରେ ଆକ୍ରମଣ ଭଳି ଘଟଣା ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ ପାଇଁ ଦେଶର ସୁରକ୍ଷା ପ୍ରସ୍ତୁତି ବିଷୟରେ ଚିନ୍ତା ସୃଷ୍ଟି କରିଛି । ଭାରତ ସୁରକ୍ଷା ଚିନ୍ତା ଦର୍ଶାଇ ପାକିସ୍ତାନ ଯାତ୍ରା କରିବାକୁ ମନା କରିଦେଇଥିଲା ଏବଂ ଦୁବାଇରେ ଚାମ୍ପିଅନ୍ସ ଟ୍ରଫି ଖେଳରେ ଅଂଶ କରିବ ବୋଲି କହିଥିଲା ।

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
**JUIDCO Bhawan, Kutchery Chowk, Ranchi-834001, Jharkhand.**
**Ph No.: +91-651-2225878; e-mail Id-; pdt.juidco@gmail.com**
**CIN: U45200JH2013SGC001752**
**24/02/2025**
**TENDER CANCELLATION NOTICE**

NIT No: - JUIDCO/NIT/Chatt-Hari/UWSS/638
Tender ID: - 2024_UDD_96049_1
PR No:- 340383

Project Title: **Chhatarpur & Hariharganj Integrated Urban Water Supply Scheme with 5 years of Operation and Maintenance**
The tender having details as mentioned above is cancelled due to unavoidable reasons. All bidders are therefore requested to wait for future correspondence regarding fresh tender.

Sd/-
**Project Director (Tech.)**
**JUIDCO Ltd., Ranchi**

PR 347114 Urban Development and Housing(24-25)D

**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल, चक्रधरपुर।**
**E-mail :** rwdchakradharpur@gmail.com

**ई– अल्पकालीन पुनर्निविदा आमंत्रण सूचना**

**ई0– अल्पकालीन पुनर्निविदा संख्या :–02/RII/2024-25/RWD/CHAKRADHARPUR** दिनांक–24.02.2025

कार्य का विवरण – मुख्यमंत्री ग्राम सड़क योजना (शीर्ष 4515) अन्तर्गत।
कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र० | आईडेन्टी फिकेशन संख्या | प्रखण्ड का नाम | योजना का नाम | प्राक्कलित राशि (लाख में) | | कार्य समाप्ति की अवधि | टेंडर कॉल |
|---|---|---|---|---|---|---|---|
| | | | | अंक में (लाख में) | अक्षर में (रूपये में) | | |
| 1 | RWD/ CHAKRADHARPUR/04/2024-25 | सोनुवा | दाउसोकरा से बांसकटा तक पथ निर्माण कार्य। (लम्बाई 3.20 कि०मी०) | **570.352** | पाँच करोड़ सत्तर लाख पैंतीस हजार दो सौ मात्र। | 18 माह | द्वितीय |

2. बेवसाईट में निविदा प्रकाशन की तिथि : 27.02.2025
3. ई– निविदा प्राप्ति की अंतिम तिथि एवं समय :– 05.03.2025 अपराह्न् 5:00 बजे।
4. निविदा खोलने की तिथि एवं समय: 07.03.2025 अपराह्न् 11:00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर।
6. सरकार के संयुक्त सचिव, ग्रामीण कार्य विभाग झारखण्ड राँची के पत्रांक 3130 (अनु०) दिनांक 09.10.2023 द्वारा दिये गये निदेश के अनुपालन में निविदा शूल्क एवं अग्रधन की राशि **केवल Online Mode** द्वारा स्वीकार्य होगी।
7. ई–निविदा प्रकोश्ठ का दूरभाश सं०–7970758588

**विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।**

कार्यपालक अभियंता
ग्रा० का० वि०, कार्य प्रमंडल,
चक्रधरपुर।

PR 347085 (West Singhbhum) 24-25 (D)

## ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍

# ହକି ପ୍ରେମୀଙ୍କୁ ନିରାଶ କଲେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ







ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କଳିଙ୍ଗ ଷ୍ଟାଡିୟମ୍‌ରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ସୋମବାର ଉଭୟ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ନୈରାଶ୍ୟଜନକ ଖେଳ ପ୍ରଦର୍ଶନ କରି ହକି ପ୍ରେମୀଙ୍କୁ ନିରାଶ କରିଛନ୍ତି । ପ୍ରଥମେ ଟର୍ଫକୁ ଓହ୍ଲାଇଥିଲେ ପୁରୁଷ ଜର୍ମାନୀ ଓ ଆର୍ୟଲାଣ୍ଡ ହକି ଦଳ । ଜର୍ମାନୀ ୮-୨ ଗୋଲରେ ଆର୍ୟଲାଣ୍ଡକୁ ପରାସ୍ତ କରିଥିଲା । ପରେ ଟର୍ଫକୁ ଓହ୍ଲାଇଥିଲେ ମହିଳା ଭାରତ ଓ ନେଦରଲାଣ୍ଡର୍ସ ମହିଳା ହକି ଦଳ । ତେବେ ଏହି ମ୍ୟାଚ୍‌ରେ ଭାରତୀୟ ମହିଳା ହକି ଦଳ ନୈରାଶ୍ୟଜନକ ଖେଳ ପ୍ରଦର୍ଶନ କରି ହକି ପ୍ରେମୀଙ୍କୁ ନିରାଶ କରିଥିଲେ । ଏଥିରେ ମହିଳ ନେଦରଲାଣ୍ଡର୍ସ ହକି ଦଳ ୪-୨ଗୋଲରେ ଭାରତୀୟ ମହିଳା ହକି ଦଳକୁ ପରାସ୍ତ କରିଥିଲା । ପରେ ଟର୍ଫକୁ ଓହ୍ଲାଇଥିଲେ ଭାରତୀୟ ପୁରୁଷ ହକି ଦଳ ଓ ଇଂଲଣ୍ଡ ପୁରୁଷ ହକି ଦଳ । ହକି ପ୍ରେମୀମାନେ ପାଭିଲାନ୍‌ରେ ବସି ଚିନ୍ତା କରୁଥିଲେ ଯେ, ଆଜି ମଧ୍ୟ ପୁରୁଷ ଭାରତୀୟ ହକି ଦଳ ବିଜୟୀ ହେବ । ତେବେ ଏହା ବାସ୍ତବ ରୂପ ନେଇପାରି ନଥିଲା । ପ୍ରଥମ କ୍ୱାର୍ଟରରେ ଭାରତୀୟ ପୁରୁଷ ହକି ଦଳ ଗୋଲ କରିବାରେ ଅକ୍ଷମ ହୋଇଥିବା ବେଳେ ଇଂଲଣ୍ଡ ପୁରୁଷ ହକି ଦଳ ଗୋଟିଏ ଗୋଲ କରି ମ୍ୟାଚ୍‌କୁ ଆଗକୁ ନେଇଯାଇଥିଲା । ଚତୁର୍ଥ କ୍ୱାର୍ଟର ସୁଦ୍ଧା ଇଂଲଣ୍ଡ ପୁରୁଷ ହକି ଦଳ ୩-୨ ଗୋଲରେ ଭାରତୀୟ ପୁରୁଷ ହକି ଦଳକୁ ପରାସ୍ତ କରିଥିଲା ।

**जिला अभियंता का कार्यालय**
**जिला परिषद, रामगढ़**

**अति–अल्पकालीन निविदा आमंत्रण सूचना**
ई–निविदा सं० :– **ZP/RAMGARH/18/2024-25**

कार्य की विस्तृत विवरणी :–

| क्र. | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य (रु०) | कार्य पुर्ण करने की अवधि |
|---|---|---|---|---|---|---|
| 1 | रामगढ़ | शहरी प्रा० स्वास्थ्य केन्द्र पतरातू बस्ती के नये भवन निर्माण कार्य योजना। | 2,57,76,800.00 | 5,16,000.00 | 10,000.00 | 12 (बारह) माह |

1. वेबसाईट में निविदा प्रकाशन की तिथि– दिनांक 01.03.2025
2. ई–निविदा डालने / प्राप्ति की तिथि एवं समय– दिनांक 01.03.2025 से दिनांक 06.03.2025 अपराह्न 4:00 बजे तक।
3. निविदा खोलने की तिथि एवं समय– दिनांक – 07.03.2025 को अपराह्न 4:00 बजे।
4. निविदा आमंत्रित करने वाले पदाधिकारी का पदनाम एवं पता– जिला अभियंता, जिला परिशद, रामगढ़।
5. ई–निविदा प्रकोष्ट का दुरभाष नं०– 9801557645
6. निविदा शुल्क एवं अग्रधन की राशि केवल *Online mode* द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई– भुगतान संवेदक द्वारा जिस बैंक खाता से किया जायेगा, उसी खाते मे अग्रधन की राशि वापस होगी। अगर बैंक खाता को बंद कर दिया जाता है। तो उसकी सारी जवाबदेही संवेदक की होगी।
8. निविदा Double Bid पद्धति से होगा।
9. इस निविदा में जिला परिषद, रामगढ़ के अंतर्गत पंजीकृत समुचित श्रेणी के संवेदक भाग ले सकेंगे।

विस्तृत जानकारी के लिए वेबसाईट *Jharkhandtenders.gov.in* एवं कार्यालय के सूचनापट्ट पर देखा जा सकता है।

ह०/–
जिला अभियंता, जिला परिषद, रामगढ़।

**PR.NO.347075 District(24-25):D**

## ଓଡ଼ିଶା ମଡ଼ର୍ଣ୍ଣ ପେଣ୍ଟାଥେଲନ୍ ଟିମ୍‌କୁ ବିପୁଳ ସ୍ୱାଗତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଚଳିତମାସ ୩୮ତମ ନ୍ୟାସ୍‌ନାଲ୍ ଗେମ୍ ଉତ୍ତରାଖଣ୍ଡରେ ଅନୁଷ୍ଠିତ ହୋଇଯାଇଛି । ଏହା ଜାନୁଆରୀ ୨୮ରୁ ଫେବୃୟାରୀ ୧୪ ପର୍ଯ୍ୟନ୍ତ ଚାଲିଥିଲା । ଏହି ଗେମ୍‌ରେ ଓଡ଼ିଶା ଟିମ୍‌କୁ ବାଇଥେଲ୍ ଇଣ୍ଡିଭିଜୁଆଲ୍ ଇଭେଣ୍ଟ୍‌ରେ ରୌପ୍ୟ ପଦକ ମିଳିଛି ଏବଂ ବାଇଥେଲ୍ ଟିମ୍ ଇଭେଣ୍ଟରେ ପ୍ରଣବ ଦାସ, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ପ୍ରତୀକ ଦାସଙ୍କୁ ସିଲ୍‌ଭର ମେଡାଲ୍ ମିଳିଛି । ତତ୍‌ସହିତ ଏହି ଟିମ୍‌ରେ ସୁବ୍ରତ ଦଳବେହେରା, ମହମ୍ମଦ ଅମନ, ପୂର୍ଣ୍ଣ୍ୟତୋୟା ବେହେରା, ନମ୍ରତା କର୍ଣ୍ଣାଲ୍, ସାବିତ୍ରୀ ଭୋକ୍ତା, କୋଚ- ବାସୁଦେବ ଓଝା, କୋଚ ରଶ୍ମିରଞ୍ଜନ ନାୟକ, ମ୍ୟାନେଜର ମୀନା ରଶ୍ମି ତୀର୍କି ପ୍ରମୁଖ ଏହି ଖେଳରେ ଅଂଶଗ୍ରହଣ କରିଥିଲେ । ଏହି ସମସ୍ତ ଖେଳାଳୀମାନେ ବିଜୁ ପଟ୍ଟନାୟକ ଏୟାରପୋର୍ଟରେ ପହଞ୍ଚିଲା ପରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ (ଓଏଏସ୍), ଧିରଜ୍ କୁମାର ପଟ୍ଟନାୟକ (ଓଏଏସ୍/ଓଏସ୍‌ଡି), ବିଜୟ କୁମାର ରାଉତ (ଓଏସ୍‌ଡି), ରାମ ଗୋବିନ୍ଦ ପରିଡ଼ା (ଓଏଏସ୍) ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ, ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଏମ୍‌ଡି ଆଜମ୍ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ । ଏହି ଖେଳାଳୀମାନଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା (ଭାପ୍ରସେ), କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର (ଭାପ୍ରସେ), ଭୁବନେଶ୍ୱରର ପୂର୍ବତନ ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଅଜିତ୍ ପାଲ୍, ଶକ୍ତିରଞ୍ଜନ ମହାନ୍ତି, ଗୌତମ ବେହେରା, ବିକାଶ ଚନ୍ଦ୍ର ପଟ୍ଟନାୟକ, କୃଷ୍ଣଚରଣ ପଣ୍ଡା, ନବରଞ୍ଜନ ପଟ୍ଟନାୟକ, ନିର୍ଭୟ କୁମାର ସାମନ୍ତରାୟ, ସୁଶୀଲ ପାଲ୍, ମିସ୍ ଗୀତାଞ୍ଜଳି ଜେନା ପ୍ରମୁଖ ଏହି ଖେଳାଳିମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

**झारखण्ड सरकार**
**पथ निर्माण विभाग, पथ प्रमण्डल, हजारीबाग**

**ई–प्रोक्योरमेंट निविदा सूचना (2nd Call)**
**ई–निविदा प्रसंग सं० :– RCD/HAZARIBAG/194./2024-25**
**दिनांक : 24-02.2025**

| | | |
|---|---|---|
| 1. | कार्य का नाम | वित्तीय वर्ष 2023–24 में पथ प्रमण्डल, हजारीबाग अन्तर्गत **'बरकट्ठा–तेतरोन पथ के कि॰मी॰ 0.00 से कि॰मी॰ 32.10 (कुल लम्बाई–32.10 कि॰मी॰) का राईडिंग क्वालिटी में सुधार (Improvement of Riding Quality) कार्य'** |
| 2. | प्राक्कलित राशि (रूपये में) | रू॰ 21,19,00,800.00 (एक्कीस करोड़ उन्नीस लाख आठ सौ रूपये) मात्र |
| 3. | कार्य समाप्ति की अवधि | 6 (छ:) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 03.03.2025 10:30 A.M |
| 5. | निविदा प्राप्ति की अंतिम तिथि एवं समय | 17.03.2025 12:00 Noon |
| 6. | निविदा खोलने तिथि एवं समय | 17.03.2025 12:30 PM |
| 7. | Pre-Bid बैठक | 10.03.2025 12:00 Noon |
| 8. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, हजारीबाग। |
| 9. | प्रोक्योरमेंट पदाधिकारी का सम्पर्क नं॰ | 8709320541 |
| 10. | ई–प्रोक्योरमेट सेल का हेल्प लाईन नं॰ | 0651–2446007 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in
E-mail ID : eercdhazari-jhr@nic.in
Tel. No. – 06546-225818

**कार्यपालक अभियंता,**
**पथ निर्माण विभाग,पथ प्रमण्डल,हजारीबाग**

**PR 347118 Road(24-25).D**

**Jharkhand Bijli Vitran Nigam Limited**
**(CIN:U40108JH2013SGC001702)**
Regd. Office : Engineering Building, H.E.C. Dhurwa, Ranchi-834004

**Delivery Mode: Speed Post**

**IN THE SUPREME COURT OF INDIA**
**EXTRA-ORDINARY APPELLATE JURISDICTION**
**SPECIAL LEAVE PETITION (CIVIL) No. 1621 OF 2017**

JHARKHAND URJA VIKAS NIGAM LTD. Petitioner(s)/Appellant(s)
VERSUS
M/S. NABA METAL LTD. Respondent(s)

To,
**1 M/S. NABA METAL LTD., PID: 35734/2025 FOR R[1] IN SLP(C) NO.1621/2017 (SEC XVII)**
**BALIJHORE NOAMUNDI, PO AND PS**
**NOAMUNDI, THROUGH VIJAY**
**BHARDWAJ, SON OF T. BHARDWAJ, RO BALIJHORE NOAMUNDI,**
**DISTRICT-PATNA, BIHAR**

WHEREAS the Petition for Special Leave to Appeal with prayer for interim relief along with application for **CONDONATION OF DELAY IN FILING, CONDONATION OF DELAY IN REFILING/CURING THE DEFECTS, EXEMPTION FROM FILING O.T., EXEMPTION FROM FILING C/C OF THE IMPUGNED JUDGMENT, PERMISSION TO FILE ANNEXURES,, SUBSTITUTED SERVICE, CONDONATION OF DELAY IN FILING** above mentioned (copy enclosed) filed in the Registry by **Mr. ANUP KUMAR**, Advocate on behalf of the Petitioner(s) above named was listed for hearing before this Court on **02.01.2017** along with the connected matters, when the Court was pleased to pass the following order:-

**""Delay condoned.**
**Issue notice.**
**Tag with SLP(C) No. 27763 of 2016""**

AND WHEREAS, the matter above-mentioned was listed **before Ld. Registrar's Court on 07th January, 2025**, when the following order was passed, inter-alia:-
**"Ld. Counsel for the petitioner has filed application seeking substituted service on the sole respondent. Same is allowed. Proof of publication be filed within four weeks of such publication.**
**Hence, Application for condonation of delay in filing spare copies stands infructuous.**
List again on 13.02.2025."

NOW, THEREFORE, TAKE NOTICE that the above petition with prayer for interim relief along with application for **EXEMPTION FROM FILING O.T., EXEMPTION FROM FILING C/C OF THE IMPUGNED JUDGMENT, PERMISSION TO FILE ANNEXURES, SUBSTITUTED SERVICE, CONDONATION OF DELAY IN FILING** will be posted for hearing before this Court in due course and you may enter appearance before this Court either in person or through an advocate on record of this Court duly appointed by you in that behalf within 30 days from the date of service of notice. You may thereafter show came to the Court on the day that may subsequently be specified as to why delay in filing SLP-delay in Jiling/refiling-S1.D-be not condoned-and Special Leave Petition and interim relief as prayed be not granted and the resultant appeal be not allowed.
Take Further Notice that the prayer for interim relief after notice will also be listed before the Court in due course.
You may file your affidavit in opposition to the petition as provided under Rule 14(1) of Order XXI, S.C.R.2013 within 30 days from the date of receipt of notice or not later than 2 weeks before the date appointed for hearing, whichever be earlier, but shall do so only by setting out the grounds in opposition to the questions of law or grounds set out in the SLPs and may produce such pleadings and documents filed before the Court/Tribunal against whose order the SLP is filed and shall also set out the grounds for not granting interim order or for vacating interim order if already granted.
TAKE FURTHER NOTICE that if you fail to enter appearance as aforesaid, no further notice shall be given to you even after the grant of special leave for hearing of the resultant appeal and the matter above mentioned shall be disposed of in your absence.
Dated: **08th January, 2025**

**ASSISTANT REGISTRAR**

Copy to :-
1 Mr. Anup Kumar (adv.)
4-a, Sagar Apartments, Tilak Marg 6, New Delhi-110001, Landline No. 011-40521445 New Delhi, Delhi

**ASSISTANT REGISTRAR**

**Important Notice**
**LEGAL AID**
(1) Legal Services of an advocate is provided by the Supreme Court Legal Services Committee and the Supreme Court Middle Income Group Legal Aid Society to eligible litigants.
For further information, please contact the Secretary, Supreme Court Legal Services Committee or the Member Secretary, Supreme Court Middle Income Group Legal Aid Society, 107-108, Lawyers' Chambers, R.K. Jain Block Near Post Office, Supreme Court Compound, Tilak Marg, New Delhi-110001 (Tel Nos. 011-23116353,23116354 (Additional Building Complex) and 011-23381257 (Front Office))
**MEDIATION**
(2) The facility of amicable settlement of disputes by trained mediators in cases pending in the Supreme Court is now available in the Supreme Court.
For further information, please contact the Coordinator, Supreme Court Mediation Centre, 109, Lawyers Chambers, R.K. Jain Block - Near Post Office, Supreme Court Compound, Tilak Marg, New Delhi-110001 (Tel No. 011-23071432)

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को टॉल फी नं० 1800 345 6570 पर दर्ज करायें।

Sd/-
**General Manager (Rev.)**
**JBVNL**

PR 347062 Jharkhand Bijlee Vitran Nigam Ltd (24-25)_D

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
**JUIDCO BHAWAN, KUTCHERY ROAD, RANCHI, JHARKHAND**
**Ph. No.: +91-651-2225878, e-mail Id** juidcolimited@gmail.com
**CIN: U45200JH2013SGC001752,**

**e-Procurement Notice, Tender Notice**
NIT No:. JUIDCO/NIT/Shri Banshidharnagar/UWSS/650
Date: 24/02/2025

| | | |
|---|---|---|
| 1. | Name of the work | Shri Banshidharnagar Urban Water Supply Scheme with 5years of Operation and Maintenance |
| 2. | Mode of Bid Submission | e-tendering – http://jharkhandtenders.gov.in |
| 3. | Estimated Cost | Rs. 121,87,13,406.00 (One Hundred Twenty- One Crore Eighty-Seven Lakhs Thirteen Thousand Four Hundred Six Only/-) |
| 4. | Tender Fee and Bid Security | Tender Document Fee – Rs 25000/- Bid Security – Rs 1,21,87,200/- |
| 5. | Date & Time of Publication ofTender on Website | 25/02/2025; 17:00 hours |
| 6. | Last Date & Time of submission of pre-bid queries | 04/03/2025; 13:00 hours |
| 7. | Date & Time of pre-bid meeting | 04/03/2025; 15:00 hours |
| 8. | Last Date & Time ofBid Submission | 18/03/2025; 17:00 hours |
| 9. | Date & Time of Bid Opening | 19/03/2025; 17:00 hours |
| 10. | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi, Pin – 834001. |
| 11. | Helpline No. of e-Procurement Cell | +91 651 2225878/ 9973768183 |

**Note : Only e-tenders will be accepted.**
Further details are available on Jharkhand Government e-procurement website *http//:jharkhandtenders.gov.in*

Sd/-
**Project Director (Technical)**
**JUIDCO Ltd., Ranchi**

**PR 347119 Urban Development and Housing(24-25)#D**

**GOVERNMENT OF JHARKHAND**
**Agriculture, Animal Husbandry & Co-operative Department**
**(Co-Operative Division)**
**OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI**
**INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI**

**e-Tender Notice**
**Tender Notice No:-** ICDP/RANCHI/15/2024-25 **DATE:-** 18.02.2025

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 100 MT Capacity Godown with Marketing Centre in Different Lamps Of District EAST SINGHBHUM (JAMSHEDPUR). | 42 | 14,74,83,000.00 | 10,000.00 | 14,75,000.00 | 12 Months |
| | (B) | Construction of 100 MT Capacity Godown with Marketing Centre in Different Pacs Of District PALAMU. | 42 | 14,74,83,000.00 | 10,000.00 | 14,75,000.00 | |
| | (C) | Construction of 100 MT Capacity Godown with Marketing Centre in Different Pacs Of Districts RAMGARH AND KODERMA. | 46 | 16,15,29,000.00 | 10,000.00 | 16,15,300.00 | |
| | (D) | Construction of 100 MT Capacity Godown with Marketing Centre in Different Lamps/Pacs Of District GODDA. | 40 | 14,04,60,000.00 | 10,000.00 | 14,04,600.00 | |
| | (E) | Construction of 100 MT Capacity Godown with Marketing Centre in Different Pacs Of District GIRIDIH. | 42 | 14,74,83,000.00 | 10,000.00 | 14,75,000.00 | |
| | (F) | Construction of 100 MT Capacity Godown with Marketing Centre in Different Pacs Of District BOKARO. | 42 | 14,74,83,000.00 | 10,000.00 | 14,75,000.00 | |
| 02. | | Date Of Publication of on Website | 03.03.2025 AT 11:00 AM | | | | |
| 03. | | Last Date & Time of Submission of bids | 23.03.2025 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, 4th Floor Pasupalan-Sahkarita Bhawan Singh More, Hesag, Hatia, Ranchi. 834003 | | | | |
| 05. | | Contact No of Procurement Officer | 9431782508, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 03.03.2025 at 11:00 AM to 23.03.2025 up to 05:00 PM. Bids must be Submitted online only at the e- tendering portal http://Jharkhandtender.gov.in on or before 05:00 PM on 23.03.2025. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 24.03.2025
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
**State monitoring Officer**
**ICDP Cell, Ranchi**

PR 347104 Co-opretive (24-25)_D



ପ୍ରାୟତଃ ଲୋକମାନେ ଗରମ ଖାଦ୍ୟ ଖାଇବା ଏବଂ ପିଇବା ପାଇଁ ପସନ୍ଦ କରିଥାନ୍ତି । କିନ୍ତୁ ଯେଉଁମାନେ ଗରମ ଖାଦ୍ୟ ଖାଇବାକୁ ଏବଂ ଗରମ ଚା ପିଇବାକୁ ଭଲ ପାଆନ୍ତି, ଏଥିପ୍ରତି ସାବଧାନ ହୋଇଯିବା ଉଚିତ । ତେବେ ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ । ବର୍ତ୍ତମାନ ଆପଣ ଚିନ୍ତା କରୁଥିବେ ଯେ ଗରମ ଖାଦ୍ୟ ସ୍ୱାଦିଷ୍ଟ ହୋଇଥାଏ, ତେବେ ଏହାକୁ ଖାଇବାରେ ଅସୁବିଧା କ'ଣ। ଗରମ ଖାଦ୍ୟ ଖାଇବାର ଆନନ୍ଦ ଅନ୍ୟ କିଛି ହୋଇଥାଏ, କିନ୍ତୁ ଯଦି ଆପଣ ଅଧିକ ଗରମ ଖାଦ୍ୟ ଖାଆନ୍ତି, ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ । ପ୍ରତ୍ୟେକ ଖାଦ୍ୟର ଏକ ନିର୍ଦ୍ଦିଷ୍ଟ ତାପମାତ୍ରା ଥାଏ, ଯେପରି କିଛି ଜିନିଷ ଗରମ ଥିବା ସମୟରେ ଭଲ ସ୍ୱାଦ ଦେଇଥାଏ ଏବଂ କିଛି ଜିନିଷ ଥଣ୍ଡା ଥିବା ବେଳେ ଭଲ ସ୍ୱାଦ ଦେଇଥାଏ । କିନ୍ତୁ ଅତ୍ୟଧିକ ଗରମ ଖାଦ୍ୟ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ । ଦାନ୍ତ ସମସ୍ୟା ହୋଇପାରେ : ଯଦି ଆପଣ ଅତ୍ୟଧିକ ଗରମ ଖାଦ୍ୟ ଖାଆନ୍ତି କିମ୍ବା ପିଅନ୍ତି, ତେବେ ଏହା ଦାନ୍ତର କ୍ଷତି କରାଇପାରେ । ଅତ୍ୟଧିକ ଗରମ ଏବଂ ଥଣ୍ଡା ଖାଦ୍ୟ ଖାଇବା କାରଣରୁ ଦାନ୍ତ ସମସ୍ୟା ବଢ଼ିପାରେ । ତେଣୁ, ସର୍ବଦା ସାଧାରଣ ତାପମାତ୍ରାରେ ଜିନିଷ ଖାଇବା ଉଚିତ। ଯାହା ଫଳେର ଦାନ୍ତ ସମସ୍ୟା ହେବ ନାହିଁ ।



## ବୈଚିତ୍ର୍ୟମୟ ମନ୍ଦିର

# ରାତି ସମୟରେ ଶୁଣାଯାଏ ମୂର୍ତ୍ତିମାନଙ୍କର କଥା



ଭାରତରେ ରହିଛି ଅନେକ ବୈଚିତ୍ର୍ୟମୟ ମନ୍ଦିର । ଏହିସବୁ ମନ୍ଦିର ପଶ୍ଚାତରେ ରହିଛି କିଛି ପୌରାଣିକ ତଥା ଐତିହାସିକ ଘଟଣାବଳୀ । ପ୍ରତି ମନ୍ଦିରର ରହିଛି ଭିନ୍ନଭିନ୍ନ ମାନ୍ୟତା ତଥା ଚମତ୍କାରିତା । ଯାହା ଲୋକଙ୍କ ବିଶ୍ୱାସ ଉପରେ ପର୍ଯ୍ୟବେସିତ ହୋଇ ରହିଛି । ଏମିତି କିଛି ମନ୍ଦିର ରହିଛି, ଯାହା ଅତ୍ୟନ୍ତ ରହସ୍ୟମୟ ଏବଂ ବିଚିତ୍ର । ଭାରତରେ ଏପରି ଏକ ମନ୍ଦିର ରହିଛି ଯେଉଁଠାରେ ମନ୍ଦିରରେ ଥିବା ମୂର୍ତ୍ତି ଗୁଡ଼ିକ ପରସ୍ପର ଭିତରେ କଥା ହୋଇଥାନ୍ତି ।

ସେହି ମନ୍ଦିରଟି ହେଉଛି ରାଜ ରାଜେଶ୍ୱରୀ ତ୍ରିପୁରା ସୁନ୍ଦରୀ ମନ୍ଦିର । ବିହାରରେ ରହିଛି ପ୍ରସିଦ୍ଧ ତ୍ରିପୁରା ସୁନ୍ଦରୀ ମନ୍ଦିର । ଏହି ମନ୍ଦିରଟି ୪୦୦ ବର୍ଷ ପୂର୍ବେ ସ୍ଥାପନା କରାଯାଇଥିଲା । ଏହି ମନ୍ଦିର ତନ୍ତ୍ରସାଧନା ପାଇଁ ପ୍ରସିଦ୍ଧ ହୋଇଛି । ବହୁ ବଡ଼ ବଡ଼ ତନ୍ତ୍ର ସାଧକ ମାନେ ଏହିଠାରେ ତ୍ରିପୁରା ସାଧନା କରି ସିଦ୍ଧିପ୍ରାପ୍ତ କରିଥାନ୍ତି । ଦେବୀ ତ୍ରିପୁରା ସୁନ୍ଦରୀ ବହୁତ ପ୍ରତ୍ୟକ୍ଷ । ଏହି ମନ୍ଦିରର ସବୁଠାରୁ ରହସ୍ୟମୟ କଥା ହେଉଛି ମନ୍ଦିରରେ ଥିବା ମୂର୍ତ୍ତି ଗୁଡ଼ିକ ପରସ୍ପର ଭିତରେ କଥା ହୋଇଥାନ୍ତି। କୁହାଯାଏ ଯେ, ମନ୍ଦିର ରାତ୍ର ପହୁଡ଼ ପରେ ଏହି ମନ୍ଦିରରେ କେହି ରୁହନ୍ତି ନାହିଁ । କେବଳ ମନ୍ଦିର ପରିସର ବାହାରେ ରାତ୍ର ଜଗୁଆଳି ତାଙ୍କ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି। କିନ୍ତୁ ପ୍ରତିଦିନ ମଧରାତ୍ରିରେ ଏହି ମନ୍ଦିର ଭିତରୁ ଅନେକ କଥାବାର୍ତ୍ତା ଶୁଣାଯାଇଥାଏ । ଏହାର ରହସ୍ୟ ଜାଣିବାକୁ ଅନେକ ବ୍ୟକ୍ତି ଓ ପୂଜକମାନେ ଚେଷ୍ଟା କରି ମଧ ଅସଫଳ ହୋଇଛନ୍ତି । ବୈଜ୍ଞାନିକ ମାନେ ଏହି ମନ୍ଦିର ଉପରେ ଗବେଷଣା କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ପାରିନାହାନ୍ତି । ହେଲେ ମନ୍ଦିର ଗାତ୍ରରେ ଥିବା ମୂର୍ତ୍ତି ଗୁଡ଼ିକର ପ୍ରତିଦିନ କିଛି ବିଲକ୍ଷଣ ପରିଦୃଷ୍ଟ ହୋଇଥାଏ । ଅର୍ଥାତ ଏହିମାନେ ରାତ୍ରରେ ଜୀବନ୍ତ ରୂପ ନେଇ ପରସ୍ପର ବାର୍ତ୍ତାଳାପ କରିଥାନ୍ତି ବୋଲି ଲୋକ ବିଶ୍ୱାସ ରହିଛି । ତ୍ରିପୁରା ସୁନ୍ଦରୀ ମନ୍ଦିରରେ ରହିଛି ଏହିଭଳି ଆଶ୍ଚର୍ଯ୍ୟମୟ ଘଟଣା ।

## ଚର୍ଚ୍ଚାରେ ଜସ୍ମିନ- ହାର୍ଦ୍ଦିକ ପାଣ୍ଡ୍ୟା





ଦୁବାଇରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଭାରତ ପାକିସ୍ତାନର ମ୍ୟାଚ୍ ଥିଲା । ସମସ୍ତ କ୍ରିକେଟ ପ୍ରେମୀଙ୍କ ସମେତ ଅନେକ ସେଲିବ୍ରିଟି ମଧ ମ୍ୟାଚ ଦେଖିବାକୁ ଦୁବାଇ ପହଞ୍ଚିଥିଲେ । ଯାହାଙ୍କ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏହାରି ମଧରେ ଜସ୍ମିନ ୱାଲିଆଙ୍କୁ ମଧ ଏଠାରେ ଦେଖିବାକୁ ମିଳିଥିଲା । ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । କାହିଁକି ନା ଜସ୍ମିନଙ୍କ ନାମ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ଯୋଡାଯାଉଛି । ଏହାରି ଭିତରେ ମ୍ୟାଚ ସମୟରେ ତାଙ୍କ ଉପସ୍ଥିତି ଉଭୟଙ୍କ ମଧରେ ଡେଟିଂ ଖବରକୁ ନେଇ ଚର୍ଚ୍ଚା ଜୋର ବଢାଇଛି । କହିବାକୁ ଗଲେ, ନତାଶା ଷ୍ଟାନକୋଭିକଙ୍କ ଠାରୁ ଛାଡପତ୍ର ପରେ ହାର୍ଦ୍ଦିକ ଏବଂ ଜସ୍ମିନଙ୍କୁ ପରସ୍ପରକୁ ଡେଟ୍ କରୁଥିବା ଖବର ଆସିଥିଲା । ହେଲେ ଦୁହେଁ ଏପର୍ଯ୍ୟନ୍ତ ଏପରି କିଛି ନିଶ୍ଚିତ କରିନାହାଁନ୍ତି । ଯେତେବେଳେ ଜସ୍ମିନ୍ ଭାରତ-ପାକିସ୍ତାନ ମ୍ୟାଚ୍ ଦେଖିବାକୁ ଦୁବାଇ ଷ୍ଟାଡିୟମରେ ପହଞ୍ଚିଥିଲେ, ତାଙ୍କୁ କ୍ୟାମେରାରେ କଏଦ କରାଯାଇଥିଲା। ଏତିକି ନୁହେଁ ଜସ୍ମିନ୍ ୱାଲିଆଙ୍କ ଆଉ ଏକ ଭିଡିଓ ଭାଇରାଲ ହେଉଛି । ଯେଉଁଥିରେ ଜସ୍ମିନ ଠିଆ ହୋଇ କ୍ୟାମେରାକୁ ଏକ ଫ୍ଲାଇଂ କିସ୍ ଦେଉଥିବାର ଦେଖିବାକୁ ମିଳିଛି । ଏସବୁ ଦେଖିବା ପରେ ଜସ୍ମିନଙ୍କ ଏବଂ ହାର୍ଦ୍ଦିକଙ୍କ ଡେଟିଂ ଚର୍ଚ୍ଚାକୁ ଆହୁରି ତୀବ୍ର କରିଛି ।୨୦୨୪ ଅଗଷ୍ଟରେ ହାର୍ଦ୍ଦିକ ଏବଂ ଜସ୍ମିନଙ୍କ ମଧରେ ଡେଟିଂ ଖବର ସାମ୍ନାକୁ ଆସିଥିଲା । ଯେତେବେଳେ ଦୁହେଁ ଗ୍ରୀସର ଛୁଟି ବିତାଉଥିବାର ନଜର ଆସିଥିଲେ। ସେମାନେ ସୋସିଆଲ ମିଡିଆରେ ପରସ୍ପରକୁ ଫଲୋ କରିବା ମଧ ଆରମ୍ଭ କରିଥିଲେ । ସେବେ ଠାରୁ ଉଭୟଙ୍କ ଡେଟିଂ ଖବର ସାମ୍ନାକୁ ଆସିଛି । କହିବାକୁ ଗଲେ ଏହା ପ୍ରଥମ ଥର ନୁହେଁ ଯେ ଜସ୍ମିନ୍ ୱାଲିଆଙ୍କୁ ଭାରତର ମ୍ୟାଚ୍‌ରେ ଦେଖିବାକୁ ମିଳିଛି । ଗତ ବର୍ଷ ଭାରତ-ଶ୍ରୀଲଙ୍କା ସିରିଜରେ ଶ୍ରୀଲଙ୍କା ଷ୍ଟାଡିୟମରେ ଖେଳାଯାଇଥିବା ସମସ୍ତ ମ୍ୟାଚରେ ଜସ୍ମିନଙ୍କୁ ଦେଖିବାକୁ ମିଳିଥିଲା । କହିରଖୁଛୁ କି, ଜସ୍ମିନ ଜଣେ ଜଣାଶୁଣା ବ୍ରିଟିଶ ଗାୟିକା ଏବଂ ପ୍ରସିଦ୍ଧ ଟିଭି ବ୍ୟକ୍ତିତ୍ୱ ।

# ୬୨ ବର୍ଷରେ ପାଦ ଦେଲେ ସଞ୍ଜୟ ଲୀଲା

ବଲିଉଡର ସୁପରହିଟ୍ ଡାଇରେକ୍ଟର ସଞ୍ଜୟ ଲୀଲା ଭଂସାଲୀ ୬୨ତମ ଜନ୍ମଦିନ ପାଳନ କରିଛନ୍ତି । ସଞ୍ଜୟ ଲୀଲା ଭଂସାଲୀଙ୍କ ଜନ୍ମ ଦିନ ଅବସରରେ ବଲିଉଡ ଷ୍ଟାର୍ ସମେତ ଅନେକ ପ୍ରଶଂସକ ତାଙ୍କୁ ସୋସିଆଲ୍ ମିଡିଆରେ ଅଭିନନ୍ଦନ ଜଣାଇଥିଲେ। ଡାଇରେକ୍ଟର ସଞ୍ଜୟ ଲୀଲା ଭଂସାଲୀ ବଲିଉଡର ଅନେକ ସୁପରହିଟ୍ ଫିଲ୍ମ କରିଛନ୍ତି, ହେଲେ ଶେଷ ଥର ପାଇଁ ନିଜର ସିରିଜ୍ 'ହୀରାମାଣ୍ଡି' ପାଇଁ ବହୁ ଚର୍ଚ୍ଚାରେ ଆସୁଛନ୍ତି । ସଞ୍ଜୟ ଲୀଲା ଭଂସାଲୀଙ୍କ ଏହି ସିରିଜ୍ ନେଟଫ୍ଲିକ୍ସରେ ରିଲିଜ୍ ହୋଇଥିଲା । ସଞ୍ଜୟ ଲୀଲା ଭଂସାଲୀ ବଲିଉଡକୁ ଦେବଦାସ୍ ଭଳି ସୁପରହିଟ୍ ଫିଲ୍ମ ମଧ ଦେଇଛନ୍ତି । ଆଜି ସଞ୍ଜୟ ଲୀଲା ଭଂସାଲୀଙ୍କ ଜନ୍ମଦିନ ଅବସରରେ, ଆପଣଙ୍କୁ ତାଙ୍କର ୩ଟି ଫିଲ୍ମ ବିଷୟରେ କହିବୁ ଯାହା ତାଙ୍କୁ ଜଣେ କ୍ଲାସିକ୍ ଡାଇରେକ୍ଟର କରିଥିଲେ । ତେବେ ଆସନ୍ତୁ ଜାଣିବା ସେହି ୩ଟି ଫିଲ୍ମ ବିଷୟରେ । ୨୦୦୫ ମସିହାରେ ରିଲିଜ୍ ହୋଇଥିବା 'ଦେବଦାସ୍' ଏକ ଇମୋସ୍ନାଲ୍ ଫ୍ୟାମିଲି ଡ୍ରାମା ଥିଲା । ଏହି ଫିଲ୍ମଟି ସଞ୍ଜୟ ଲୀଲା ଭଂସାଲୀ ଏବଂ ଶରତ ଚନ୍ଦ୍ର ଚଟ୍ଟୋପଧ୍ୟାୟଙ୍କ ପ୍ରସିଦ୍ଧ ଉପନ୍ୟାସର କାହାଣୀ ଉପରେ ନିର୍ମିତ ହୋଇଥିଲା । ଏହି ଫିଲ୍ମରେ ଶାହରୁଖ ଖାଦ୍, ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବଂ ମାଧୁରୀ ଦୀକ୍ଷିତଙ୍କ ପରି ମହାନ ଅଭିନତା ଅଭିନୟ କରିଛନ୍ତି । ସେକେଣ୍ଡରେ ଆସିଲା 'ବାଜରାଓ ମସ୍ତାନୀ' । ଏହି ଫିଲ୍ମରେ ରଣବୀର ସିଂହ, ଦୀପିକା ପାଦୁକୋନ୍ ଏବଂ ପ୍ରିୟାଙ୍କା ଚୋପ୍ରା ୨୦୧୫ ରେ ସିନେମାହଲକୁ ଆସିଥିଲେ । ସଞ୍ଜୟ ଲୀଲା ଭଂସାଲୀଙ୍କ ୮ତମ ଚଳଚ୍ଚିତ୍ରଟି ମରାଠା ଇତିହାସର ପୃଷ୍ଠଭୂମିରେ ପ୍ରେମ ଏବଂ ବଳିଦାନର ଏକ କାଳଜୟୀ କାହାଣୀ ଥିଲା, ଯାହା ଦର୍ଶକଙ୍କୁ ବହୁତ ଆନନ୍ଦ ମଧ ଦେଇଛି । ଏହି ଫିଲ୍ମଟି ଖୁବ୍ ଶୀଘ୍ର ୨୦୧୫ ରେ ସବୁଠାରୁ ବଡ଼ ହିଟ୍ ଫିଲ୍ମ ମଧ୍ୟରୁ ଗୋଟିଏ ହୋଇଥିଲା। ସଞ୍ଜୟ ଲୀଲା ଭଂସାଲୀଙ୍କ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡି' ଥିଲା, ଯାହା ଲୋକଙ୍କ ମନ ଜିତିଥିଲା । ଏଥି ସହ ଏହାର ନାୟକ ଗଙ୍ଗୁବାଇଙ୍କ ଅକୁହା କାହାଣୀ ଉପରେ ଆଧାରିତ । ଏହି ଫିଲ୍ମଟିକୁ ମୁମ୍ବାଇର ରେଡ-ଲାଇଟ୍ ଏରିଆ କମାଥିପୁରାର ପୃଷ୍ଠଭୂମିରେ ନିର୍ମିତ କରାଯାଇଥିଲା । ଏଥି ସହ ଏହି ଫିଲ୍ମଟିକୁ ଦର୍ଶକମାନେ ବହୁତ୍ ପସନ୍ଦ କରୁଥିଲେ ଏବଂ ଫିଲ୍ମଟି ଅନେକ ପୁରସ୍କାର ମଧ ପାଇଥିଲା ।



# ବାତ ମାରିବା ସମୟରେ କରନ୍ତୁ ଏପରି



*ବାତ ମାରିବା ଲକ୍ଷଣ ଅସ୍ଥାୟୀ ଏବଂ ତାହା ମନକୁ ମନ ଉପଶମ ହୋଇଯାଏ-ଏକଥା ପ୍ରଥମେ ଆମେ ଜାଣିବା ଦରକାର। ବାତ ମାରିଲେ ରୋଗୀ ଦୁଲ୍‌କରି ପଡ଼ିଯାଇପାରେ।*

- ରୋଗୀକୁ ବାତ ମାରିଲା ବେଳେ ତା' ପାଖରୁ ଚେୟାର, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ଦିଅନ୍ତୁ।
- ବାତ ମାରିବା ସମୟରେ ରୋଗୀ ମୁଣ୍ଡ ତଳେ ନରମ ପତଳା ତକିଆ ରଖିବା ନିରାପଦ।
- ବାତ ମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ି ବସି ଧରନ୍ତୁ ନାହିଁ।
- ରୋଗୀକୁ କଡ଼ମାଡ଼ି ଶୁଆଇ ଦିଅନ୍ତୁ। ଏହାଫଳରେ ତା'ର ଶ୍ୱାସକ୍ରିୟା ସାବଲୀଳ ରୁହେ।
- ତା'ର ପାଟିରେ କୌଣସି କାଠ, ଚାମଚ କିମ୍ବା ଆଙ୍ଗୁଠି ଭର୍ତ୍ତି କରନ୍ତୁ ନାହିଁ।
- ବାତ ମାରିବା ବନ୍ଦ ନ ହେଲେ, ବାରମ୍ବାର ବାତ ମାରିଲେ କିମ୍ବା ଚେତା ନ ଫେରିଲେ ବିଳମ୍ବ ନ କରି ରୋଗୀକୁ ତୁରନ୍ତ ନିକଟସ୍ଥ ହସପିଟାଲକୁ ନେଇଯାଆନ୍ତୁ।

# ଫିଲ୍ମ ଫ୍ଲପ୍ ହେଲେ ଅଭିନେତା ଡିପ୍ରେସନକୁ ଚାଲିଯାଆନ୍ତି: ଅମୀର



ବଲିଉଡର ଚକଲେଟ ହିରୋ ଅମୀର ଖାନ ତାଙ୍କ ଫିଲ୍ମ ମାଧମରେ ଲୋକଙ୍କ ହୃଦୟରେ ରାଜ କରନ୍ତି। ଅମୀର ସବୁବେଳେ ତାଙ୍କ ଫିଲ୍ମରେ ଏକ ଅନନ୍ୟ କାହାଣୀ ଉପସ୍ଥାପନ କରନ୍ତି, ଯାହା ଲୋକଙ୍କ ହୃଦୟକୁ ଛୁଇଁଥାଏ। କିନ୍ତୁ ଯେତେବେଳ ଏକ ଫିଲ୍ମ ଲୋକଙ୍କ ସହ ଯୋଡ଼ି ହେବାରେ ବିଫଳ ହୁଏ ଏବଂ ଏହା ଫ୍ଲପ ହୋଇଯାଏ। ଏପରି ସ୍ଥିତିରେ, ଅମୀର ଖାନ କହିଛନ୍ତି ଯେ ଯେତେବେଳ ଏକ ଫିଲ୍ମ ଫ୍ଲପ ହୁଏ, ତାହା ଅଭିନେତାଙ୍କ ଜୀବନ ଉପରେ କ'ଣ ପ୍ରଭାବ ପକାଏ। ଅମୀର ଖାନ ବହୁତ ପରିଶ୍ରମୀ ଅଭିନେତା। ସମସ୍ତେ ତାଙ୍କ ଅଭିନୟକୁ ବହୁତ ପସନ୍ଦ କରନ୍ତି। ଚଳଚ୍ଚିତ୍ରରେ ଅଭିନୟ କରିବା ବ୍ୟତୀତ, ସେ ସେଗୁଡ଼ିକୁ ପ୍ରଯୋଜନା ମଧ କରିଛନ୍ତି। ଯଦିଓ ଅଭନେତା ଆଜିକାଲି ତାଙ୍କ ନୂଆ ଫିଲ୍ମର ସୁଟିରେ ବହୁତ ବ୍ୟସ୍ତ ଅଛନ୍ତି, କିନ୍ତୁ ଏକ କାର୍ଯ୍ୟକ୍ରମରେ ଅଭିନେତା ଅେନକ ପ୍ରସଙ୍ଗେର ଆଲୋଚନା କରିଛନ୍ତି ଏବଂ ଏହି ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଫ୍ଲପ ଫିଲ୍ମ। ଆମିର ଖାନ ଫିଲ୍ମର ବିଫଳତା ବିଷୟରେ ଖୋଲାଖୋଲି କହିଛନ୍ତି। ସେ କହିଥିଲେ ଯେତେବେଳେ ମୋର ଫିଲ୍ମଗୁଡ଼ିକ ହିଟ୍ ହୁଏ ନାହିଁ, ମୁଁ ଦୁଃଖିତ ହୁଏ।' ଫିଲ୍ମ ତିଆରି କରିବା କଷ୍ଟକର, ଏବଂ କେତକ ସମୟେର ଜିନିଷଗୁଡ଼ିକ ଯୋଜନା ଅନୁଯାୟୀ ହୁଏ ନାହିଁ। ଲାଲ ସିଂହ ଚଡ୍ଡାରେ, ମୋର କାମ ବହୁତ ଭଲ ଥିଲା ଏବଂ ଏହା ଟମ ହାଙ୍କସଙ୍କ ସଂସ୍କରଣ ପରି ଭଲ କାମ କରିନଥିଲା। ସେ ଆହୁରି କହିଛନ୍ତି, 'ଯେତେବେଳ ମୋର ଫିଲ୍ମ ବିଫଳ ହୁଏ, ମୁଁ ଦୁଇରୁ ତିନି ସପ୍ତାହ ପାଇଁ ଏକ ପ୍ରକାର ଡିପ୍ରେଶନକୁ ଚାଲିଯାଏ।' ତା'ପରେ, ମୁଁ ମୋ ଟିମ୍ ସହିତ ବସିଥାଏ, କ'ଣ ଭୁଲ ହୋଇଛି ତାହା ଆଲୋଚନା କରେ ଏବଂ ସେଥିରୁ କିଛି ଶିଖେ। ମୁଁ ପ୍ରକୃତରେ ମୋର ବିଫଳତାକୁ ମୂଲ୍ୟ ଦିଏ କାରଣ ସେଗୁଡ଼ିକ ମୋତେ ଭଲ କରିବାକୁ ପ୍ରେରଣା ଦିଏ। ସୂଚନାଯୋଗ୍ୟ, ୨୦୨୨ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ ଲାଲ ସିଂହ ଚଡ୍ଡା ହଲିଉଡ ଫିଲ୍ମ 'ଫେରଷ୍ଟ ଗମ୍ପ'ର ଅଫିସିଆଲ ହିନ୍ଦୀ ରିମେକ। ଏହି ଫିଲ୍ମ ପାଇଁ ଆମିର ଖାନ ବହୁତ ପରିଶ୍ରମ କରିଥିଲେ। ଏହା ବ୍ୟତୀତ ଏହାକୁ ପ୍ରସ୍ତୁତ କରିବାକୁ ବହୁତ ସମୟ ଲାଗିଥିଲା, କିନ୍ତୁ ଏହା ସତ୍ତ୍ୱେ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ ହୋଇଥିଲା।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଦଧୀବାମନ ଜୀଉ ମନ୍ଦିର ପ୍ରାଙ୍ଗଣରେ ଢେଙ୍କାନାଳ ଜିଲା ଶ୍ରୀ ଜଗନ୍ନାଥ ଚେତନା ସେବା ସମିତି ପକ୍ଷରୁ ମାସିକ ଆଲୋଚନା ଚକ୍ରରେ ପ୍ରେମର ଠାକୁର ଶ୍ରୀ ଜଗନ୍ନାଥଙ୍କ ସମ୍ପର୍କରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ଅନୁଷ୍ଠାନର ସଭାପତି ସଦାନନ୍ଦ ଦାସ ମହାରାଜ ସଭାପତିତ୍ୱ କରିବା ସହିତ ଭକ୍ତିପୂର୍ଣ୍ଣ ସମର୍ପଣ ହିଁ ପ୍ରେମ। ଯେଉଁଥିପାଇଁ ମହାପ୍ରଭୁ ସଦାସର୍ବଦା ଭକ୍ତର ଭକ୍ତି ପୂର୍ଣ୍ଣ ସମର୍ପଣକୁ ଗ୍ରହଣ କରିଥାନ୍ତି। ଯେଉଥି ପାଇଁ ମାଣିକଠାରୁ ଦହି ମାଗି ଖାଇବା, ସୁଦାମା ଠାରୁ ଖୁଦ ଭଜା ମାଗି ଖାଇବା ଏବଂ ଶବରୀ ଠାରୁ ଅଇଁଠା କୋଳି ଖାଇବା ହେଉଛି ପ୍ରେମ। ଯାହାକୁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଭକ୍ତ ମାନଙ୍କ ସହିତ ଲୀଳାମୟ ହୋଇ କରିଥାନ୍ତି। କୋଟି କୋଟି ଭକ୍ତଙ୍କ ମନରେ କୋଟି କୋଟି ଭାବ ସଞ୍ଚାର କରି ପ୍ରେମମୟ ଠାକୁର ଶ୍ରୀ ଜଗନ୍ନାଥ ନିଜର ଲୀଳା ପ୍ରକଟ କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବି ଦିପ୍ତୀଶ ପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ଆର୍ଯ୍ୟରତ୍ନ ଚକ୍ରଧର, ଜ୍ଞାନେନ୍ଦ୍ର ସାହୁ ପ୍ରମୁଖ ଜଗନ୍ନାଥ ମହାପ୍ରଭୁ ପ୍ରେମ, ଭାବ, ଭକ୍ତିରେ ଆପଣାର ହୋଇଯାଉଥିବା ଠାକୁର ବୋଲି ମତବ୍ୟକ୍ତ କରିଥିଲେ।

## ଗୋପବନ୍ଧୁ ସେବା ସଂଘ ସମ୍ବର୍ଦ୍ଧିତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକର ଅଗ୍ରଣୀ ସାମାଜିକ ସଂଗଠନ ଗୋପବନ୍ଧୁ ସେବା ସଂଘକୁ ମାନବ ପ୍ରାଣୀ ପରିବେଶ ସଂଗଠନ ସମ୍ବର୍ଦ୍ଧିତ କରିଥିବା ଜଣାପଡ଼ିଛି। ସଂଗଠନର ପଞ୍ଚମ ବାର୍ଷିକ ଉତ୍ସବ ଭଦ୍ରକ ଜିଲା ସଂସ୍କୃତି ଭବନ ପରିସରରେ ସଭାନେତ୍ରୀ ନିରୁପମା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ସମାଜସେବୀ ମାନସ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଗୋପବନ୍ଧୁ ସେବା ସଂଘକୁ ଉପଢୌକନ ଓ



ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଗୋପବନ୍ଧୁ ସେବା ସଂଘର ସଭାପତି ରାଜୀବ କୁମାର ନାୟକ, ରାମଚନ୍ଦ୍ର ନାୟକ, ରବିଶଙ୍କର ଦାସ, ବସନ୍ତ କୁମାର ଦାସ, ଅଭିରାମ ଦାସ, ପ୍ରଫୁଲ୍ଲ ସେନାପତି, ସେକ୍ ଲିଆକତ, ନାସିର ଖାଁ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।

## ୨୭ରୁ କେନ୍ଦୁଝରରେ କଳିଙ୍ଗ ହର୍ବାଲ ମେଳା




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ବନଖଣ୍ଡ, କେନ୍ଦୁଝର ଏବଂ ରାଜ୍ୟ ଔଷଧୀୟ ବୃକ୍ଷ ସଂସ୍ଥା ଦ୍ୱାରା ଆୟୋଜିତ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆସନ୍ତା ଫେବୃୟାରୀ ୨୭ରୁ ମାର୍ଚ୍ଚ ୩ତାରିଖ ପର୍ଯ୍ୟନ୍ତ କାଳିପଡ଼ିଆରେ ଅନୁଷ୍ଠିତ ହେବ। ଏହି ମେଳାରେ ରାଜ୍ୟର ବିଭିନ୍ନଅଞ୍ଚଳରୁ ବୈଦ୍ୟ ତଥା ଆୟୁର୍ବେଦିକ ଡାକ୍ତର ଅଂଶଗ୍ରହଣ କରିବେ। ଏହି ମେଳାରେ ପ୍ରାୟ ୬୦ ଜଣ ବୈଦ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମିଲେଟ ମିଶନ, ଶ୍ରମ ନିଯୋଜନ ବିଭାଗ, ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ ୭୫ ଟି ଷ୍ଟଲ ଖୋଲାଯାଇ ଆୟୁର୍ବେଦିକ ଔଷଧ ତଥା ଜଡ଼ିବୁଟି ବିକ୍ରିବଟା କରାଯିବା ସହ ମାଗଣାରେ ଚିକିତ୍ସା ମଧ୍ୟ କରାଯିବ। ଏହାଛଡା ୫ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମେଳାରେ ବୈଦ୍ୟ ଓ ଆୟୁର୍ବେଦିକ ଡାକ୍ତର ସମ୍ମିଳନୀ, ବରିଷ୍ଠ ନାଗରିକଙ୍କ ପାଇଁ ପୁରାତନ ରୋଗ ଉପଚାର ସମ୍ପର୍କରେ ଆଲୋଚନାଚକ୍ର କରାଯିବ। ପ୍ରତିଦିନ ସକାଳ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଆୟୁର୍ବେଦିକ ଡାକ୍ତରଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ତଥା ବିଭିନ୍ନ ରୋଗ ସମ୍ବନ୍ଧରେ ପରାମର୍ଶ ଦିଆଯିବ। ଏଥିସହ ବିଭିନ୍ନ ସାଂସ୍କୃତିକ ସଂଗଠନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଏହି ମେଳାରେ ପ୍ରବେଶ ସମ୍ପୂର୍ଣ୍ଣ ମାଗଣା। ଏନେଇ ସୂଚନା ଦେଇଛନ୍ତି କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ। ଏହି ସାମ୍ବାଦିକ ସମ୍ମିଳନୀରେ ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର କୁମାର ବେହେରା ଏବଂ କେ.ନାଗାରାଜୁ ଉପସ୍ଥିତ ଥିଲେ।

## ପୂର୍ବତନ ବିଧାୟକ ବିମଳଲୋଚନ ଦାସଙ୍କ ସ୍ମୃତିଚାରଣ ସଭା

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ବାରିପଦାର ପୂର୍ବତନ ବିଧାୟକ, ମୟୂରଭଞ୍ଜରେ ସମବାୟ ଆନ୍ଦୋଳନର କର୍ଣ୍ଣଧାର, ବରିଷ୍ଠ ସାମ୍ବାଦିକ, ବିଶିଷ୍ଟ ସମାଜସେବୀ ସର୍ଗତଃ ବିମଳ ଲୋଚନ ଦାସଙ୍କ ଚତୁର୍ଥ ମହାପ୍ରୟାଣ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ସ୍ଥାନୀୟ ହୋଟେଲ ଅସିକା ସମ୍ମିଳନୀ କକ୍ଷରେ ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ପୌରୋହିତ୍ୟରେ ଏକ ଭବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ 'ପ୍ରତିଶ୍ରୁତି' ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ବିମଳବାବୁଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ତଥା ତାଙ୍କ ପ୍ରତିଭା ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ରାଜକିଶୋର ଆଚାର୍ଯ୍ୟ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ଡ. ଜଗତବନ୍ଧୁ ଆଚାର୍ଯ୍ୟ ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରାଧାପକ ଡ. ସୁଶାନ୍ତ କୁମାର ବସା, ସମ୍ମାନିତ ଅତିଥି ଓ ଶିଶୁ ସାହିତ୍ୟର ଗବେଷକ, ବିଶିଷ୍ଟ ପରିବେଶବିତ୍ ତଥା ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗରୱାଲା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଆଚାର୍ଯ୍ୟ ସମବାୟ କ୍ଷେତ୍ରରେ ବିମଳବାବୁଙ୍କ ପାରଦର୍ଶିତା ପାଇଁ ବାରିପଦା ଅରବାନ କୋ-ଅପରେଟିଭ ବ୍ୟାଙ୍କ ୩ଥର ରାଜ୍ୟ ସ୍ତରରେ ଶ୍ରେଷ୍ଠ ସମବାୟ ବ୍ୟାଙ୍କ ଭାବରେ ପୁରସ୍କାର ଲାଭ କରିପାରିଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ଆଚାର୍ଯ୍ୟ ବିମଳ ବାବୁଙ୍କ ଅମଳିନ ଜୀବନ ସମ୍ପର୍କରେ ଏକ ସୁନ୍ଦର ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଡ. ବସା ତାଙ୍କର ଜୀବନାଦର୍ଶ ଅନ୍ୟ ମାନଙ୍କର ଧ୍ୟେୟ ହେବା



ଉଚିତ ବୋଲି କହିଥିଲେ। ଏହି ଅବସରରେ ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ଚଳିତ ବର୍ଷ ମର୍ଯ୍ୟାଦାଜନକ ବିମଳଲୋଚନ ଦାସ ସ୍ମୃତି ସମ୍ମାନ-୨୦୨୫ ବର୍ଷୀୟାନ ସାମ୍ବାଦିକ ଜିଲ୍ଲା ପରିବେଶ ସମିତିର ଉପାଧ୍ୟକ୍ଷ ଡ. ବିଜୟ କୁମାର ଅଗରୱାଲାଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ସରୂପ ମାନପତ୍ର,ଶାଲ, ଉପଢୌକନ, ପୁଷ୍ପଗୁଚ୍ଛ ତଥା ଶ୍ରୀଜଗନ୍ନାଥଙ୍କ ଏକ ଫଟୋଚିତ୍ର ଅଗରୱାଲାଙ୍କୁ ଦିଆଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ସେ ବିମଳ ବାବୁଙ୍କ ସହିତ ତାଙ୍କର ତିନି ପୀଢିର ପାରିବାରିକ ସମ୍ପର୍କ ଥିଲା ବୋଲି କହିବା ସହ ତାଙ୍କର ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛୋଟେଲାଲ ମହାନ୍ତ, କବିବିଷ୍ଣୁ ଶତପଥୀ, ନରସିଂହ ବାରିକ, ସୁଧାମୟୀ ଦାସ, ବିରଜାଦେବୀ, ଗୀତାରାଣୀ ସାହୁ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ। ସାମ୍ବାଦିକ ସୁକାନ୍ତ କୁମାର ଜୀଉ ବିମଳବାବୁଙ୍କ ସ୍ମୃତିକୁ ମନେପକାଇ ବିମଳବାବୁଙ୍କ ପାଇଁ ଅଭିମାନ ଚଳଚ୍ଚିତ୍ର ନିର୍ମାଣ ହୋଇପାରିଥିଲା ଓ ମୟୂରଭଞ୍ଜର ଉତ୍ତମ ହାନ୍ତିଙ୍କ ସମେତ ବହୁ କଳାକାର ସେମାନଙ୍କର କଳା ପ୍ରଦର୍ଶନ ପାଇଁ ସକ୍ଷମ ହୋଇଥିବା କଥା ଉଲ୍ଲେଖ କରିଥିଲେ। ଏହି ଅବସରରେ ଭଗବତୀ ଦାଶ, ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଦେବଜାନୀ ବେହେରା, ଡ. ସଞ୍ଜୀବ ପାଣିଗ୍ରାହୀ, ସବିତାରାଣୀ ଶୀଟ୍, ପୁଷ୍ପଲତା ସାହୁ ପ୍ରମୁଖ ବହୁ କବି ସେମାନଙ୍କର ସରଚିତ କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ପରିଶେଷରେ ଡ. ଶଶୀଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବାରିପଦା ସହରର ବହୁ ବୁଦ୍ଧିଜୀବି, ସାମ୍ବାଦିକ, କବି ଓ ସାହିତ୍ୟିକ ପ୍ରମୁଖ ଯୋଗ ଦେଇଥିଲେ।

## ଗାଁ ମହୋତ୍ସବ ହରିକେଶର ଉଦ୍‌ଘାଟିତ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ବଡ଼କୁମାରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହରିକେଶର ଗ୍ରାମର ଯୁବକ ସଂଘ ଓ ଗ୍ରାମବାସୀମାନଙ୍କର ମିଳିତ ଆନୁକୂଲ୍ୟରେ ତୃତୀୟ ବର୍ଷ ଗାଁ ମହୋତ୍ସବ ହରିକେଶର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ବରିଷ୍ଠ ସମାଜ ସେବୀ ପ୍ରକାଶ ଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ମଳୟ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ପାଣ୍ଡବ ସାହୁ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ମହୋତ୍ସବର ପ୍ରାରମ୍ଭରେ ବୈଂଶୀଧର ସଂଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସଭାପତି ପ୍ରକାଶ ଚନ୍ଦ୍ର ରାଉତରାୟ ସ୍ୱାଗତ ଭାଷଣ



ଦେଇ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ମହୋତ୍ସବକୁ ଦେଖିବା ପାଇଁ ବଡ଼ କୁମାରୀ ଗ୍ରାମ ପଞ୍ଚାୟତ, ବାଙ୍କୋଇ ଦେଶ ଗ୍ରାମ ପଞ୍ଚାୟତ ଓ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବହୁ ଯୁବକଯୁବତୀ, ମହିଳା ଓ ଜନସାଧାରଣମାନେ ଯୋଗ ଦେଇଥିଲେ। ବୋଲଗଡ଼ ବ୍ଲକ୍ ଅଞ୍ଚଳରେ ନୂତନ ଭାବେ ଦୀର୍ଘ ୩ବର୍ଷ ଧରି ଏହି ଗ୍ରାମାଞ୍ଚଳ ହରିକେଶର ମହୋତ୍ସବ କରାଯାଉ ଥିବାରୁ ଏହାର ଲୋକପ୍ରିୟତା ବର୍ଷକୁବର୍ଷ ବୃଦ୍ଧି ପାଉଅଛି। ରାଜ୍ୟ ସରକାରଙ୍କ ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା। ଦେଉଳି ସ୍ଥିତ ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ବହୁ ଉଚ୍ଚକୋଟିର ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ଗ୍ରାମାଞ୍ଚଳର କଳା, ସାହିତ୍ୟ, ସଂସ୍କୃତି ଓ ଲୋକ କଳା ମହୋତ୍ସବ ମାଧ୍ୟମରେ ଭାଇ ଚାରା ସମ୍ପର୍କ ସୃଷ୍ଟି କରିଥାଏ ଓ ସମସ୍ତଙ୍କୁ ସ୍ନେହମମତା ରଜ୍ଜୁରେ ବାନ୍ଧିଧରି ଏକତା ବଜାଇ ରଖିଥାଏ ବୋଲି ମୁଖ୍ୟ ଅତିଥି ପ୍ରଦୀପ କୁମାର ସାହୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ନିମନ୍ତ୍ରିତ ଅତିଥିମାନେ ହରିକେଶର ଗ୍ରାମର ଐତିହ୍ୟ, କଳା ସଂସ୍କୃତି ଏବଂ ଗ୍ରାମବାସୀମାନଙ୍କର ସମାଜ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ରଙ୍ଗାରଙ୍ଗ ସମ୍ବଲପୁରୀ ନୃତ୍ୟ ଦର୍ଶକମାନଙ୍କର ମନ ମୋହିଥିଲା। ପରିଶେଷରେ ସଭାପତି ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟ୍ରିକ ପରୀକ୍ଷା ଇଂରାଜୀରେ ୩୨ ଅନୁପସ୍ଥିତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ୍‌ର ୯ଟି ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ସୋମବାର ଅନୁଷ୍ଠିତ ଇଂରାଜୀ ପରୀକ୍ଷାରେ ୩୨ ଜଣ ଅନୁପସ୍ଥିତ ରହିଥିବା ଜଣାଯାଇଛି। ମାତୃଭାଷା ଓଡ଼ିଆରେ ୩୧ ଅନୁପସ୍ଥିତ ଥିଲେ। ଆଜିର ପରୀକ୍ଷାରେ ରହଣିଆ ହାଇସ୍କୁଲ ଓ ମଞ୍ଜୁରୀରୋଡ଼ ଜି.ପି.ୟୁ. ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ସମସ୍ତ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ମାତ୍ର ବାରିକପୁର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ମାତୃଭାଷା ଓଡ଼ିଆରେ ୮ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ଆଜି ଅନୁପସ୍ଥିତ ସଂଖ୍ୟା ୧୦କୁ ବୃଦ୍ଧିପାଇଛି। ଭଣ୍ଡାରିପୋଖରୀ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ମାତୃଭାଷା ଓଡ଼ିଆରେ ୪ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଆଜି ଅନୁପସ୍ଥିତ ସଂଖ୍ୟା ୩କୁ ହ୍ରାସ ପାଇଛି। ଯଶୋଟିକିରି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ, ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୪ ଜଣ, ବାଲିପୋଖରୀ ଶୁକଦେବଜେନା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨ ଜଣ, ନପଙ୍ଗ ଚଣ୍ଡିମାତା ହାଇସ୍କୁଲରେ ୩ ଜଣ ଓ ସରସଦା ହାଇସ୍କୁଲରେ ୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଆଜିର ପରୀକ୍ଷାରେ କୌଣସି ପରୀକ୍ଷାର୍ଥୀ କପି କରି ଧରା ପଡ଼ି ନଥିବା ଜଣାଯାଇଛି। ଇଂରାଜୀ ପରୀକ୍ଷା ପାଇଁ ଭଣ୍ଡାରିପୋଖରୀ ନୋଡ଼ାଲ ହାଇସ୍କୁଲ ନୋଡାଲ କେନ୍ଦ୍ର ଷ୍ଟ୍ରଙ୍ଗ ରୁମରୁ ପ୍ରଶ୍ନପତ୍ର ସମସ୍ତ ୯ଟି ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବା ସହ ଉତ୍ତରଖାତା ଅଣାଯାଇଥିଲା। ଏଥିପାଇଁ ୨ଟି ଭ୍ରାମ୍ୟମାଣ ଦଳ ନିୟୋଜିତ ହୋଇଥିଲେ ବୋଲି ନୋଡ଼ାଲ କେନ୍ଦ୍ର ଅଧିକ୍ଷକ ତଥା ଭଣ୍ଡାରିପୋଖରୀ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ସୂଚନା ଦେଇଛନ୍ତି।

## ଭିତ୍ତିପ୍ରସ୍ତର ସ୍ଥାପନ ଫଳକରେ ସାଂସଦଙ୍କ ନାଁ ନାହିଁ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ନିର୍ବାଚନ ମଣ୍ଡଳୀ ଖଲର୍ଦା ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରତାପ ନଗରୀ କାକଟପୁର ଶାଖା କେନାଲରେ ଦୂରତା ୧୦. ୮୮୫ ଠାରୁ ୧୩. ୩୦୦ କିମି ପର୍ଯ୍ୟନ୍ତ କଂକ୍ରିଟ ଲାଇନ କାର୍ଯ୍ୟ କରିବା ପାଇଁ ନିଆଳି ବିଧାୟକ ଛବି ମଲିକ ଗତ ୧୮ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଠିକାଦାର ଓ ଦଳୀୟ କର୍ମୀ ଓ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ଏମିତିକି ବିଧାୟକଙ୍କ ସହିତ ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ରହିଥିଲେ ମଧ୍ୟ ଫଳକରେ ସାଂସଦ ବିଭୁ ତରାଇଙ୍କ ନାମ ନଥିଲା। ସାଂସଦଙ୍କ ନାମ ନଥିବାକୁ ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଧାୟକ ଛବି ମଲିକ ଇଞ୍ଜିନିୟର ଲେଖିଥିବାରୁ ବିଜେଡ଼ି ନେତା ଅଭିମନ୍ୟୁ ମଲିକ କଟାକ୍ଷ କରିଛନ୍ତି। ବିଧାୟକ ଛବି ମଲିକଙ୍କୁ ଆମଦାନୀ ନେତା ପସନ୍ଦ କିନ୍ତୁ ନିଜ ଦଳର ଲୋକ ଅଲୋଡ଼ା ବୋଲି ଆଲୋଚନା ହେଉଛି। ମିଳିଥିବା ସୂଚନା ଅନୁଯାଇ ନିଆଳି ନିର୍ବାଚନ ମଣ୍ଡଳୀରେ ସାଂସଦ ବିଭୁ ତରାଇ, ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଭଳି ଅନେକ ରାଜ୍ୟସ୍ତରୀୟ ନେତାଙ୍କ ସହ ଛବିଙ୍କ ଭଲ ସମ୍ପର୍କ ନାହିଁ ବୋଲି ଆଲୋଚନା ହେଉଛି। ଏଠାରେ ପ୍ରଶ୍ନ ଉଠୁଛି ଜଳସମ୍ପଦ ବିଭାଗର ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ସାହସ ହେଲା କେମିତି, ସାଂସଦଙ୍କ ନାଁ ଫଳକରୁ କାଟିଦେବା ପାଇଁ ? ଏ ନେଇ ବିଧାୟକ ଛବି ମଲିକ ଓ ସାଂସଦ ଓ ବିଭୁ ତରାଇଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କୋଲନରା, (ଭାସ୍କର ନ୍ୟୁଜ୍): କୋଲନରା ବ୍ଲକ୍ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅନୁପସ୍ଥିତିରେ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ଉପ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଡିଏଫଓ ଆନ୍ନା ସାହେବ ଓହୋଲେ, ସିଡିଏମଓ ଲାଲମୋହନ ରାଉତରାୟ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ। କୋଲନରା ବିଡ଼ିଓ ରୀନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୪୩ ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୨୭ଟି ସାମୂହିକ ଓ ୧୬ଟି ବ୍ୟକ୍ତିଗତ ଥିବା ଜଣାପଡ଼ିଛି। ଏଥିରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

## ବେଲଗୁଣ୍ଠା ବ୍ଲକ୍ ଅଧ୍ୟକ୍ଷ ଉପ-ନିର୍ବାଚନ ଭୋଟ ଗଣତି

### ବାଜି ମାରିଲେ ବିଜେଡ଼ିର ମମତା ଭୋଳ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ପାଇଁ ହୋଇଥିବା ଉପ-ନିର୍ବାଚନରେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ମମତା ଭୋଳ ବିଜୟୀ ହୋଇଛନ୍ତି। ଗତ ଜାନୁଆରୀ ୩୦ ତାରିଖରେ ଏହି ବ୍ଲକ୍‌ର ୧୭ ପଞ୍ଚାୟତର ସମିତି ସଭ୍ୟମାନେ ମତଦାନ କରିଥିଲେ। ବିଜେପି ସମର୍ଥନରେ ଗାଙ୍ଗପୁର ପଞ୍ଚାୟତର ସମିତି ସଭ୍ୟା ଗୀତାଞ୍ଜଳୀ ବିଷୋୟୀ ଏବଂ ବିଜେଡି ସମର୍ଥନରେ ବଡବୋରସିଙ୍ଗି ପଞ୍ଚାୟତର ସମିତି ସଭ୍ୟା ମମତା ଭୋଳ ପ୍ରାର୍ଥୀ ହୋଇଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଭୋଟଗଣତି ସ୍ଥଗିତ ରହିଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ପ୍ରକାରେ ସୋମବାର ଦିନ ଭୋଟ ଗଣତି ହୋଇଥିଲା। ଏଥିରେ ବିଜେପି ସମର୍ଥିତ ପ୍ରାର୍ଥୀ ଗୀତାଞ୍ଜଳୀ ବିଷୋୟୀଙ୍କୁ ୮ ଟି ଭୋଟ ମିଳିଥିବା ବେଳେ, ବିଜେଡି ସମର୍ଥିତ ପ୍ରାର୍ଥୀ ମମତା ଭୋଳ ୯ଟି ଭୋଟ ପାଇ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ଗଞ୍ଜାମ ଜିଲ୍ଲାପାଳ ସରକାରୀ ଭାବେ ଘୋଷଣା କରିବେ ବୋଲି, ନିର୍ବାଚନ ଅଧିକାରୀ ତାପସ କୁମାର ରାଉତ, ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ। ଘଟଣା ପ୍ରକାରେ, ଗତ ସେପ୍ଟେମ୍ବର ମାସରେ ତତ୍କାଳୀନ ବେଲଗୁଣ୍ଠା ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅକାଳ ବିୟୋଗ ହୋଇଥିଲା। ସେହି କାରଣରୁ ନିର୍ବାଚନ ଅଧିକାରୀଙ୍କ ବିଜ୍ଞପ୍ତି ପ୍ରକାରେ ଏହି ଉପ-ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ବିଜୟ ପରେ, ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ, ସୋରଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ବ୍ଲକ୍ ବିଜେଡି ସଭାପତି ରାମେଶ୍ୱର ପାତ୍ର, ଚନ୍ଦ୍ରଶେଖର ନାୟକ, ବିଭୁପାଦ ଜେନାଙ୍କ ସମେତ ସମସ୍ତ ସମିତି ସଭ୍ୟ, ସଭ୍ୟା, ଦଳୀୟ କର୍ମୀ ଏବଂ ସମର୍ଥକ ମାନେ।

## ୨୦୬୫ ପରିବାରରେ ସୀମିତ ଅନ୍ତ୍ୟୋଦୟ ଯୋଜନା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଅନ୍ତ୍ୟୋଦୟ ଯୋଜନାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ୟର ୧୫ଗୋଟି ପଞ୍ଚାୟତର କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଖରେ ବନ୍ଧାପଡ଼ିଛି କହିଲେ ହୁଏତ ଅତ୍ୟୁକ୍ତି ହେବନାହିଁ। ଯୋଜନା କାର୍ଯ୍ୟକାରୀ ହେବାର ଦୀର୍ଘ ୨୬ବର୍ଷ ବିତିଲାଣି କିନ୍ତୁ ଏହାର ଲାଭ କିଛି ନିର୍ଦ୍ଦିଷ୍ଟ ପରିବାରକୁ ହିଁ ମିଳୁଥିବା ଅଭିଯୋଗ ହେଉଛି। ଯୋଜନା ସମୀକ୍ଷା ହେଉନି କି ନୂଆ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଉନି। ଫଳରେ ପ୍ରଥମରୁ ଏହି ଯୋଜନାରେ ସାମିଲ ହିତାଧିକାରୀଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ହୋଇସାରିଛି। କିନ୍ତୁ ସେମାନଙ୍କ ପୁଅ ଏବଂ ନାତିଙ୍କୁ ଉକ୍ତ ଯୋଜନାରେ ଲାଭ ମିଳୁଛି। ଫଳରେ ବହୁ ଗରିବ ପରିବାର ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଗରିବ ଲୋକଙ୍କୁ ଆହାର ଯୋଗାଇବା ଲକ୍ଷ୍ୟରେ ଆରମ୍ଭ ହୋଇଥିଲା 'ଅନ୍ତ୍ୟୋଦୟ ଯୋଜନା'। ଏଥିରେ ସରକାର ମାଗଣାରେ ମାସକୁ



୩୫କେଜି ଲେଖାଏଁ ଚାଉଳ ଯୋଗାଇ ଦେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତରେ ୨ହଜାର ୬୫ଟି ପରିବାରରେ ୭ହଜାର ୬୯ଜଣ ଜଣ ହିତାଧିକାରୀ ପ୍ରତି ମାସରେ ଏହି ଯୋଜନାରେ ମାଗଣା ଚାଉଳ ଦିଆଯାଉଛି। ଗତ ୨୬ବର୍ଷ ହେଲା ଏହି ପରିବାରଗୁଡିକ ଯୋଜନାର ଫାଇଦା ପାଉଛନ୍ତି। ହେଲେ ୨୬ବର୍ଷ ମଧ୍ୟରେ ଯୋଜନାର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇ ନାହିଁ। ଫଳରେ ଏହି ଯୋଜନାରୁ ଲାଭ ପାଉଥିବା ହିତାଧିକାରୀଙ୍କ ବର୍ତ୍ତମାନର ଆର୍ଥିକ ସ୍ଥିତି ସମ୍ପର୍କରେ ପ୍ରଶାସନ ପାଖରେ କୌଣସି ସୂଚନା ଉପଲବ୍ଧ ନାହିଁ। ଅସ୍ତରଙ୍ଗ ବ୍ଲକରେ ସରକାରଙ୍କ ଏହି ମହତ୍ୱକାଂକ୍ଷା ଯୋଜନା ବିଗତ ୨୬ବର୍ଷ ହେଲା ଉକ୍ତ ପରିବାରଗୁଡିକ ହାତରେ ବନ୍ଧାପଡିଛି ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ଯଦି ଏହାର ସମୀକ୍ଷା କରାଯାଆନ୍ତା ତେବେ ଅନେକ ସ୍ୱଚ୍ଛଳବର୍ଗ ବାଦ ପଡିବା ସହ ବହୁ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଏହାର ଲାଭ ମିଳିପାରନ୍ତା। ଏ ସମ୍ପର୍କରେ ସ୍ଥାନୀୟ ଯୋଗାଣ ନିରୀକ୍ଷକ ଶିବପ୍ରସାଦ ମହାନ୍ତି କହିଛନ୍ତି, ଯଦି କୌଣସି ବ୍ୟକ୍ତିଙ୍କ ନାଁରେ ଅଭିଯୋଗ ଆସେ ତଦନ୍ତ ହେବ, ସରକାରଙ୍କ ନିର୍ଦ୍ଦେଶ ଆସିଲେ ସମୀକ୍ଷା ହେବ।

## ଶ୍ରୀ ଶ୍ରୀ ମା' ଅଗ୍ନି ଗଙ୍ଗାମା ଠାକୁରାଣୀ ଯାତ୍ରା ଅନୁଷ୍ଠିତ




ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ୍ ନିଲାବାଡି ପଞ୍ଚାୟତ ସଦରରେ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ଶ୍ରୀ ଶ୍ରୀ ମାଆ ଅଗ୍ନି ଗଙ୍ଗାମା ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ମାର୍ଚ୍ଚମାସ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ମାଆ ଅଗ୍ନି ଗଙ୍ଗାମା'ଙ୍କ ଯାତ୍ରା ଆରମ୍ଭ ହେବାକୁ ଥିବାରୁ ଯାତ୍ରାଟି ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ ଆଜି ସ୍ଥାନୀୟ ଅଗ୍ନିଗଙ୍ଗାମା ଯୁବକ ସଂଘର କିଛି ସଦସ୍ୟ ଲକ୍ଷ୍ମୀପୁର ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଯାଇ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଲିଖିତଭାବେ ଜଣାଇଥିଲେ। ବିଶେଷ କରି ଯାତ୍ରା ସମୟରେ ଓଡ଼ିଶା, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ ରାଜ୍ୟରୁ ଲକ୍ଷାଧିକ ଶ୍ରଦ୍ଧାଳୁ ମାଆ ଅଗ୍ନି ଗଙ୍ଗାମା'ଙ୍କୁ ଦର୍ଶନ କରିବା ପାଇଁ ସମାଗମ ହୋଇଥାନ୍ତି। ୨୦୨୪ ମସିହାରେ ଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ଅଭାବ ରୁ ଜଣେ ଶ୍ରଦ୍ଧାଳୁଙ୍କୁ ହତ୍ୟା ଉଦ୍ୟମ ହୋଇ ଯାଇଥିଲା। ଏଥିପାଇଁ ଚଳିତ ବର୍ଷ ମାଆ ଅଗ୍ନି ଗଙ୍ଗାମା' ଯାତ୍ରାରେ ଅଧିକ ଲୋକଙ୍କ ସମାଗମ ଥିବାରୁ ଜନଗହଳି ପୂର୍ଣ୍ଣ ହେଉଥିବା ମନ୍ଦୀର କିୟୁ ଲାଇନ, ଟିକେଟ ବିକ୍ରି କେନ୍ଦ୍ର, ଯାନବାହାନ ନିୟନ୍ତ୍ରଣ ସ୍ଥାନ ଓ ରାମ ଦଳି ନିକଟରେ ପୋଲିସ ଓ ସୁରକ୍ଷା ବାହିନୀ ନିୟୋଜନ, ଯାତ୍ରାରେ ମଦ୍ୟପାନ ମୁକ୍ତ ଅଞ୍ଚଳ କରିବା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯୋଗାଇବା ସହିତ ଯାତ୍ରାରେ ଯାତ୍ରୀଙ୍କ ସୁବିଧାସୁଯୋଗ ଯୋଗାଇ ଦେବାକୁ ପାର୍ବତୀପୁରମ୍‌ରୁ ନିଲାବାଡି, କୋରାପୁଟରୁ ନିଲାବାଡି ଓ ରାୟଗଡ଼ାରୁ ନିଲାବାଡି ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବେ ବସ ସେବା ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି। ଆନ୍ଧ୍ରପ୍ରଦେଶ ଏପିଆରଟିସି ବସ ଅଧିକ ସଂଖ୍ୟକ ଆସିବା ପାଇଁ ଟେକ୍ସ ଫ୍ରି କରିବାକୁ ମଧ୍ୟ ଆନ୍ଧ୍ର ପ୍ରଦେଶର ବସ ଜିଲ୍ଲା ମେନେଜର ୩ ଜଣ, ଅଗ୍ନିଗଙ୍ଗାମା ଯୁବକ ସଂଘ ସଭାପତି ଆଡଭୋକେଟ ସାଗର କୁମାର ସାହୁକାର, ସମ୍ପାଦକ ରୁଦ୍ର ମାଧବ ହାରାକା ଓ କାର୍ଯ୍ୟକାରୀ ସମ୍ପାଦକଟି ଭେଙ୍କଟେଶ ଜିଲ୍ଲାପାଳଙ୍କୁ ସାକ୍ଷାତ ଆଲୋଚନା କରଯାଇଥିଲା।

## ଫଗୁଣ ମାସର ପଙ୍କଉଦ୍ଧାର ଏକାଦଶୀ ପାଳିତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): କୈବଲ୍ୟବଜାର ସ୍ଥିତ ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିରରେ ଆଜି ଫଗୁଣ ମାସର ପଙ୍କଉଦ୍ଧାର ଏକାଦଶୀ ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ସକାଳ ଦଶଟା ସମୟରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅର୍ଦ୍ଧ ଧୂପ, ସନ୍ଧ୍ୟାବେଳେ ଆଳତୀ, ରାତ୍ର ଧୂପ, ଏକାଦଶୀ ବେଢ଼ା ଓ ମହାଦୀପ ଉଠିବ, ମନ୍ଦିର ପହଡ଼ ପଡିବ। ପୂଜକ ମଳୟ କର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜ ମୋହନ



ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ଏହି ପଙ୍କ ଉଦ୍ଧାର ଏକାଦଶୀ ନୀତି ପାଳିତ ହୋଇଯାଇଅଛି।

## ସିଡ଼ିପିଓଙ୍କ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କ ନୂତନ କାର୍ଯ୍ୟାଳୟ ଗୃହ ସୋମବାର ଦିନ ଉଦଘାଟିତ ହୋଇଯାଇଛି। ମହିଳା ଓ ଶିଶୁବିକାଶ ଯୋଜନାର ବିଭିନ୍ନ ସେବା କ୍ଷେତ୍ରରେ ଉନ୍ନତି କରଣ ନିମନ୍ତେ ପର୍ଯ୍ୟାପ୍ତ ଗୃହ ଆବଶ୍ୟକ ହେତୁ ନୂତନ ଗୃହ ନିର୍ମାଣହେଉଥିବାରୁ କିଛିମାସ ଧରି ମିଶନ ଶକ୍ତି ଭବନ ରେ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିଲା। କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁଙ୍କ କରକମଳରେ ଏହା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ସମନ୍ୱିତ ଶିଶୁବିକାଶ ଯୋଜନା ଅଧିକାରିଣୀ




ମଞ୍ଜୁଳା ବେହେରା, ସାଂସଦଙ୍କ ପ୍ରତିନିଧି ସୁନାମଣୀ ହୋ, ଲୁନା ମିଶ୍ର, ମନୋଜ ମହାନ୍ତ, ମନ ଜେନା, ସହକାରୀ ଯନ୍ତ୍ରୀ ସୟେଦ ଅମଜଦ ଅଲ୍ଲୀ ପ୍ରମୁଖଙ୍କ ସହିତ ଅନେକ ଅଙ୍ଗନୱାଡି କର୍ମୀ, ସୁଭଦ୍ରା ଶକ୍ତି କାର୍ଯ୍ୟକର୍ତ୍ତାଙ୍କ ସହିତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ବ୍ଲକ ଅଧୀନ ସରପଦା ଶ୍ରୀ ଜଗନ୍ନାଥ ଯୁବ ନାଟ୍ୟ ପରିଷଦ ପକ୍ଷରୁ ଆୟୋଜିତ ନାଟ୍ୟ ମହୋତ୍ସବ ଉଦଯାପିତ ହୋଇଯାଇଛି। ସାମ୍ବାଦିକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ନାଟ୍ୟ ନିର୍ଦ୍ଦେଶକ ମାର୍କଣ୍ଡ ରାଉତ, ସମାଜସେବୀ ବଦ୍ରି ନାରାୟଣ ଧଳ, ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସମାଜସେବୀ ରଜନୀ କାନ୍ତ ଚନ୍ଦ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ମଦନ ରାଉତ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ବିଜୟ ଶଙ୍କର ମହାନ୍ତି, ସମାଜସେବୀ ଆଶୋକ ସ୍ୱାଇଁ, ପ୍ରଣବ ରାଉତ, ଶିକ୍ଷପତି ସଞ୍ଜୟ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମର ଦିବଂଗତ କଳାକାର ଦିନବନ୍ଧୁ ରାଉତ, ସରସ୍ୱତୀ ରାଉତ, ଜଗଦୀଶ ରାଉତ, ଅନୁପମା ସାମଲ, ଭରତ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ନାଟ୍ୟ ପରିଷଦ ପକ୍ଷରୁ ପ୍ରଥମ ରଜନୀରେ 'ଆଖିର ଜନମ କାନ୍ଦିବା ପାଇଁ' ଓ ଦ୍ୱିତୀୟ ରଜନୀରେ 'କେତେ ଦୁଃଖଦେବୁ କହ ଦଇବ' ନାଟକ ପରିବେଷଣ କରାଯାଇଥିଲା। ଦୁଇ ରାତ୍ର ଧରି ଆୟୋଜିତ ନାଟକର ବିଭିନ୍ନ ଚରିତ୍ର ଭୂମିକାରେ ମାର୍କଣ୍ଡ ରାଉତ, ନନ୍ଦା , କାଠିଆ, ମନୋଜ, ନଟିଆଙ୍କ ସମେତ ଅନ୍ୟମାନେ ଅଭିନୟ କରିଥିଲେ। କାର୍ଯ୍ୟକ୍ରମକୁ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ଭାଗଲପୁର ଠାରେ କିଷାନ ସମ୍ମାନ ସମାରୋହ ଅନୁଷ୍ଠିତ



ବାରିପଦା, (ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ କିସାନ ସମ୍ମାନନିଧିର ୬ବର୍ଷ ପୂର୍ତ୍ତି ଅବସରରେ ସୋମବାର ଅପରାହ୍ନରେ ବିହାରର ଭାଗଲପୁର ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ପି.ଏମ. କିସାନ ସମ୍ମାନ ସମାରୋହକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ପି.ଏମ କିସାନ ଯୋଜନାର ୧୯ତମ କିସ୍ତିକୁ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଆଭାସୀ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି କୃଷକ କଲ୍ୟାଣ ଯୋଜନା ଯାହାକି କୃଷକମାନଙ୍କ ଅର୍ଥନୈତିକ ଉନ୍ନତି ନିମିତ୍ତ ୨୦୧୯ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଯେଉଁ ଯୋଜନାରେ ଚାଷୀଙ୍କୁ ଗୋଟିଏ ବର୍ଷରେ ୩ଟି କିସ୍ତିରେ ୨୦୦୦ ଟଙ୍କା ଲେଖାଏଁ ମୋଟ ୬୦୦୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ। ଏହି ଅବସରରେ ସୋମବାର ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଆନେକ୍ସ ହଲ୍‌ଠାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମସ୍ତ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ କୃଷି ଅଧିକାରୀ ନାୟକ ସ୍ୱାଗତ ଭାଷଣ ଦେବା ସହ ଏହି ଯୋଜନା ସମ୍ବନ୍ଧରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମୟୁରଭଞ୍ଜ ରାଜ୍ୟ ସଭା ସାଂସଦ ମମତା ମହାନ୍ତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ଓ ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦୀପକ କୁମାର ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟାନ୍ୟ ସମସ୍ତ ଅତିଥି ଉକ୍ତ ଯୋଜନା ସମ୍ବନ୍ଧରେ ନିଜନିଜ ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ। ଦୀପକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହକାରୀ କୃଷି ନିର୍ଦ୍ଦେଶିକା ମଧୁସ୍ମିତା ଜେନା ଏବଂ କାର୍ଯ୍ୟାଳୟର ରମ୍ୟ ରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳ, ତୁଷାର କାନ୍ତ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ସରୋଜ ଦାସ, କାନ୍ତା ପୃଥାଳ ଓ ପ୍ରିୟମ୍ବଦା ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା କୃଷି ବିଭାଗର ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ବ୍ଲକର ଶତାଧିକ ଚାଷୀ ଯୋଗ ଦେଇଥିଲେ।

# ଅର୍ବାନ ବ୍ୟାଙ୍କ୍‌ର ୩୮ତମ ସ୍ୱନକ୍ଷତ୍ର ଦିବସ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ରାଜ୍ୟର ଅଗ୍ରଣୀ ସମବାୟ ଅନୁଷ୍ଠାନ କେନ୍ଦ୍ରାପଡା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ୩୮ତମ ପ୍ରତିଷ୍ଠା ଦିବସ କଜଳାସ୍ଥିତ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ୟାଙ୍କର ଅଂଶିଦାର, ଜମାକାରୀ, ଗ୍ରାହକ ଏବଂ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ସେମାନଙ୍କ ମତାମତ ବ୍ୟକ୍ତ କରିଥିଲେ। ପ୍ରଥମେ ଓଡିଶାର ସମବାୟ ଆନ୍ଦୋଳନର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଆବକ୍ଷ ପ୍ରତିମୂର୍ତ୍ତି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ମଧ୍ୟରେ ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା, ଡା. ବିଶ୍ୱପ୍ରକାଶ କାନୁନଗୋ ମିଳିତ ଭାବେ ଉତ୍କଳଗୌରବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି କହିଲେ ମଧୁବାବୁ ସମବାୟ ଆନ୍ଦୋଳନର ପୁରୋଧା ଥିଲେ। ସେ ସମବାୟ ଭିତ୍ତିରେ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା କରି ମହାତ୍ମା ଗାନ୍ଧୀଙ୍କୁ ଆକର୍ଷିତ କରିଥିଲେ। ଅର୍ବାନ ବ୍ୟାଙ୍କର ଦକ୍ଷ ସଭାପତିଙ୍କ ପାଇଁ ବ୍ୟାଙ୍କ ଅଧିକ ବିକଶିତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ଶ୍ରୀ ମହାନ୍ତି ଉତ୍କଳଗୌରବ ମଧୁବାବୁ ୧୮୯୮ ମସିହାରେ ସମବାୟ ସଂସ୍ଥା ପ୍ରତିଷ୍ଠା କରି ଏହାକୁ ଆନ୍ଦୋଳନରେ ପରିଣତ କରିଥିଲେ। ତାଙ୍କ ଆଦର୍ଶରେ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କକୁ ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ସୁଦୃଢ଼ କରିଥିଲେ। ରିଜର୍ଭ ବ୍ୟାଙ୍କର ସମସ୍ତ ନୀତି ନିୟମ ମାନି ବ୍ୟାଙ୍କ୍‌କୁ ଶକ୍ତିଶାଳୀ କରିବାକୁ ଉଦ୍ୟମ ଜାରିରହିଛି ବୋଲି ସଭାପତି ତାଙ୍କ ବକ୍ତବ୍ୟରେ କହିଥିଲେ ଏବଂ ବୁଦ୍ଧିଜୀବୀମାନେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଯଥାଶୀଘ୍ର ବିଚାରକୁ ନିଆଯିବ ବୋଲି ସଭାପତି ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଉପ-ସଭାନେତ୍ରୀ ଡ. ଅପର୍ଣ୍ଣା ମହାନ୍ତି, ବିଧୁଭୂଷଣ ମହାପାତ୍ର, ସମସ୍ତ ନିର୍ଦ୍ଦେଶକ ମଣ୍ଡଳୀ, ପୂର୍ବତନ ନିର୍ଦ୍ଦେଶକ ଏବଂ ପୂର୍ବତନ ସିଇଓ ସୁଶୀଲ କୁମାର ସାମଲ, ପରେଶ ଦାସ, ବିଜୟ କୁମାର ବରାଳଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ମତ ରଖିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସାଧାରଣ ପରିଚାଳକ ରାଜୀବ ଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ହିମାଂଶୁ ଶେଖର ଲେଙ୍କା, ଆଦିତ୍ୟ କୁମାର ଶତପଥୀ, ଭଞ୍ଜକିଶୋର ଜେନା, ମିନାକ୍ଷୀ ପାଣି ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ଚିତ୍ରଗିରି ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମାଲକାନଗିରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ସାଧାରଣ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ସମସ୍ତ ବିଭାଗର ଅଧିକାରୀ ମାନଙ୍କ ସହ କିପରି ଆଶୁ ସମାଧାନ କରାଯିବ ଆଲୋଚନା କରାଯାଇଥିଲା। ସମୁଦାୟ ୪୨ ଗୋଟି ଅଭିଯୋଗ ପଞ୍ଜିକରଣ ହୋଇଥିବା ବେଳେ ମୁଖ୍ୟତଃ ରାସ୍ତାଘାଟ ସମସ୍ୟା, ପାନୀୟ ଜଳ ସମସ୍ୟା, ବିଦ୍ୟାଳୟ ଗୁଡ଼ିକର ସମସ୍ୟାର ଅଭିଯୋଗ ହୋଇଥିଲା। ଏହି ଶିବିରକୁ ଚିତ୍ରକୋଣ୍ଡା ବିଡ଼ିଓ ଶ୍ରୀମତୀ ପ୍ରିତି କୁମାର ଙ୍କ ଦ୍ୱାରା ପରିଚାଳିତ ହୋଇଥଲା। ଶୁଣାଣି ପରେ ଜିଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମିସି ଚିତ୍ରକୋଣ୍ଡା ଡାକ୍ତରଖାନା ପରିଦର୍ଶନ କରି ଥିଲେ। ସେଠାରେ ବିଭିନ୍ନ ସମସ୍ୟା ଗୁଡିକ ଉପରେ ଆଲୋଚନା ମଧ୍ୟ କରିଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀ ଧାନମଣ୍ଡିକୁ ଜିଲ୍ଲାପାଳଙ୍କ ଅଚାନକ ଗସ୍ତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ହରସିଂପୁର ପଞ୍ଚାୟତର ମା' ସରସ୍ୱତୀ ସ୍ୱୟଂସହାୟକ ଗୋଷ୍ଠୀ ଧାନ ମଣ୍ଡିକୁ ଜିଲାପାଳ ଦିଲୀପ ରାଉତରାୟ ରବିବାର ଅଚାନକ ଗସ୍ତ କରିଥିବା ଜଣାପଡ଼ିଛି। ମଣ୍ଡିରେ ୨୦୦୦ରୁ ଅଧିକ କ୍ୱିଣ୍ଟାଲ ଧାନ ବସ୍ତା ପଡ଼ି ରହିଥିବା ଜିଲାପାଳଙ୍କ ଦୃଷ୍ଟିକୁ ଆସିଥିଲା। ଜିଲାପାଳ ରାଉତରାୟ ଧାନ ଉଠାଇବା ପାଇଁ ପିଏନ ଆଗ୍ରୋ ରାଇସ୍ ମିଲ ଓ ସମ୍ବଲପୁରର ମା' ଦୁର୍ଗା ରାଇସ୍ ମିଲ୍‌କୁ ତୁରନ୍ତ ଗାଡ଼ି ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ୨ଟି ମିଲର ୨ଟି ଗାଡ଼ି ପହଞ୍ଚି ଧାନ ଉଠାଇଥିଲେ। ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ୨୫୬ ଚାଷୀ ପଞ୍ଜୀକୃତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୮୬୯୦ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ମିଳିଥିଲା। ତନ୍ମଧ୍ୟରୁ ୬ହଜାର ୮୪୫ କ୍ୱିଣ୍ଟାଲ ଧାନ କିଣି ସାରିଥିବା ଜଣାପଡ଼ିଛି। ଜିଲାପାଳଙ୍କ ଗସ୍ତ ବେଳେ ସ୍ୱୟଂ ସହାୟଗ ଗୋଷ୍ଠୀର ସଭାନେତ୍ରୀ ଅନ୍ନପୂର୍ଣ୍ଣା ସାହୁ, ସମ୍ପାଦିକା ଭାରତୀ ଦାସ, ଡିଇଓ ତୃପ୍ତିସ୍ନେହା ସାହୁ, ସରପଞ୍ଚ ଅଜୟ ମହାନ୍ତି, ସମିତିସଭ୍ୟ ଧୀରେନ ସାହୁ, ସମାଜସେବୀ ସଂଗ୍ରାମ କେଶରୀ ମହାନ୍ତି ମଣ୍ଡିରେ ଉପସ୍ଥିତ ଥିଲେ।

# କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ୍ ତା'ର ୧୨୦ ତମ ଜନ୍ମ ଦିବସ ସାରା ଦେଶ ବିଦେଶରେ ପାଳନ କରୁଛି। ଏହି କ୍ରମରେ ୨୩ ଫେବୃଆରୀ ରୋଟାରୀ ଦିବସକୁ ସ୍ମରଣୀୟ କରିବା ପାଇଁ ରୋଟାରୀ କ୍ଲବର ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଓ ହିମା ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏକ ସର୍ଭାଇକାଲ୍ କର୍କଟ ରୋଗର ମାଗଣା ସ୍କ୍ରିନିଂ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ରୋଗର ଭୟାବହତା ବିଷୟରେ ମା'ମାନଙ୍କୁ ବରିଷ୍ଠ ସ୍ତ୍ରୀ' ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡକ୍ଟର ମମତାରାଣୀ ଜେନା ବିସ୍ତୃତ ଭାବେ ବୁଝାଇ ସଚେତନ କରାଇଥିଲେ। ଏହି ମାଗଣା ସ୍କ୍ରିନିଂ କାର୍ଯ୍ୟକ୍ରମରେ ପ୍ରାୟତଃ ୪୦ ଜଣ ମହିଳାଙ୍କ ମାଗଣା ସ୍କ୍ରିନିଂ କରାଯାଇଥିଲା ଇତି ଅବସରରେ ବିଭିନ୍ନ ଗାଁରେ ମଶାରୀ ବଣ୍ଟନ, ଆର୍ଟ ଅଫ୍ ଲିଭିଂ ସ୍କୁଲରେ ପ୍ରାଥମିକ ଚିକିତ୍ସା ବାକ୍ସ ଏବଂ ପାଠ୍ୟ ସାମଗ୍ରୀ ବଣ୍ଟନ। ରୋଟାରୀ ଦିବସରେ ଅସହାୟ ପିଲାମାନଙ୍କୁ ସ୍କୁଲ ବ୍ୟାଗ ଏବଂ ପାଠ୍ୟ ସାମଗ୍ରୀ ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା। ରୋଟାରିଆନ ପ୍ରଶାନ୍ତ ସ୍ୱାଇଁ, ରୋଟାରିଆନ ମହେଶ ଚୌଡା, ରୋଟାରିଆନ ବିଜୟ ବେହେରା, ଡାକ୍ତର ମମତା ରାଣୀ ଜେନା, ଇନର ହ୍ୱିଲ୍ ସଦସ୍ୟ ରୀତା କପୁର, ରୋଟାରିଆନ ଡାକ୍ତର ବିଷ୍ଣୁ ମାଝୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାଘୁଆ ମହୁମାଛି ଆକ୍ରମଣରେ ଗୁରୁତର

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧୀନ ସୁରେଇଡିହି ଗାଁ'ଡାକଘର ନିକଟରେ ବାଘୁଆ ମହୁମାଛି ଆକ୍ରମଣରେ କଲେଜ ଛାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଲେ ସ୍ଥାନୀୟ ଲୋକ। ଗୁରୁତର ଛାତ୍ରୀଜଣକ ହେଉଛନ୍ତି ବେତନଟୀ ଥାନା ସୁରେଇଡିହି ପଞ୍ଚାୟତ ଅଧୀନ ନାହାଶୋଳ ଗ୍ରାମର ଗୁରୁଭା ହାଁସଦାଙ୍କ ଝିଅ ଚମ୍ପା ହାଁସଦା(୧୯)। ସୂଚନା ମୁତାବକ ଶ୍ରୀରାମଚନ୍ଦ୍ରଭଞ୍ଜ ଡିଗ୍ରୀକଲେଜରେ ଚମ୍ପା ଯୁକ୍ତତିନି ଦ୍ୱିତୀୟବର୍ଷର ଛାତ୍ରୀ। ପ୍ରତ୍ୟେକ ଦିନ ଭଳି ସୋମବାର ମଧ୍ୟ ସାଇକେଲ ଯୋଗେ ଚମ୍ପା କଲେଜ ଆସିଥିବା ବେଳେ ଅପରାହ୍ନ ସମୟରେ କଲେଜ ସାରି ଘରକୁ ଫେରୁଥିଲେ। ତେବେ ସୁରେଇଡିହି ଡାକଘର ନିକଟରେ ବାଘୁଆ ମହୁମାଛିମାନେ ଚମ୍ପାଙ୍କୁ ଆକ୍ରମଣ କରିଥିଲା। ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସଯୋଗେ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇବା ସହିତ ପରିବାରବର୍ଗଙ୍କୁ ଖବର ଦେଇଥିଲେ।

# ହାଇୱା ଧକ୍କାରେ ମହିଳା ମୃତ, ପ୍ରତିବାଦରେ ଟାୟାର ଜାଳି ରାସ୍ତା ରୋକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ତିନିମୁହାଣୀ ଚଟିପୋଲ ନିକଟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖ କଟକ-ଚାନ୍ଦବାଲି ରାଜପଥରେ ଏକ ହାଇୱା ଧକ୍କାରେ ସୋମବାର ପୂର୍ବାହ୍ଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ଟାଉନ ଥାନା ଅଧିନ ମହିପାଳ ଅଞ୍ଚଳର ଶ୍ରଦ୍ଧାଞ୍ଜଳୀ ପୃଷ୍ଟି(୩୨)। ମହିଳା ଜଣକ ନିଜର ୪ ବର୍ଷର ପୁତ୍ର ସହ ସ୍ୱାମୀ କାମାକ୍ଷା ପ୍ରସାଦ ସାହୁଙ୍କ ସହିତ ସ୍କୁଟିରେ ବସି ମହିପାଳରୁ ଗୁଲନଗର ଦଣ୍ଡାମୁଣ୍ଡ ଛକରେ ଥିବା ଏକ ବନ୍ଧୁ ଘରକୁ ଯାଉଥିଲେ। ଏହି ସମୟରେ ଏକ ବାଲି ବୋଝେଇ ହାଇୱା ଦ୍ରୁତଗତିରେ ସ୍କୁଟିକୁ ଓଭରଟେକ୍ କରୁଥିଲା। ଫଳରେ ଟ୍ରକରେ ଘସିହୋଇ ସ୍କୁଟିଟି ନିୟନ୍ତ୍ରଣ ହରାଇଥିଲା ଓ ଶ୍ରଦ୍ଧାଞ୍ଜଳୀ ଟ୍ରକ ଚକା ତଳେ ପଡ଼ିଯାଇଥିଲେ। ଟ୍ରକଟି ଶ୍ରଦ୍ଧାଞ୍ଜଳୀଙ୍କ ମୁଣ୍ଡରେ ଚଢି ଯାଇଥିଲା। ଫଳରେ ଶ୍ରଦ୍ଧାଞ୍ଜଳୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ସେହିପରି ସ୍କୁଟିଟି ତଳେ ପଡିଯିବାରୁ ଶ୍ରଦ୍ଧାଞ୍ଜଳୀଙ୍କ ସ୍ୱାମୀ ଓ ୪ ବର୍ଷର ପୁଅ ମଧ୍ୟ ଆହତ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଶତାଧିକ ଲୋକ ସେଠାରେ ପହଞ୍ଚି ରାସ୍ତାରୋକ କରିଥିଲେ। ଟ୍ରକ ଚାଳକ ସକାଳୁ ମଦ୍ୟପାନ କରି ଗାଡି ଚଳାଉଥିବା ଜଣା ପଡ଼ିଥିଲା। ଏହା ଦ୍ୱାରା ଲୋକେ ଅଧିକ ଉତ୍ତ୍ୟକ୍ତ ହୋଇଥିଲେ। ଦୁର୍ଘଟଣା ଘଟିବା ପରେ ଟାଉନ୍ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ, ସଦର ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ, ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ତହସିଲଦାର ତାପସ ଦେହୁରୀ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମୃତ ମହିଳାଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ କ୍ଷତିପୂରଣ ପାଇଁ ପ୍ରଶାସନ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ମିଳିବାରୁ ଲୋକେ ରାସ୍ତାରୋକରୁ ହଟିଥିଲେ। ଦିନ ୨ଟା ପରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

## କରଞ୍ଜିଆ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଥାନାର ନୂତନ ଆଇଆଇସି ଭାବେ କାର୍ଯ୍ୟରେ ଯୋଗଦେଲେ ଶରତ କୁମାର ମହାଳିକ। ସୋମବାର ସନ୍ଧ୍ୟାରେ ମୟୂରଭଞ୍ଜର ଆରାଧ୍ୟ ଦେବୀ ମା' କିଚାକେଶ୍ୱରିଙ୍କୁ ଦର୍ଶନ ସାରି କାର୍ଯ୍ୟରେ ଯୋଗଦାନ କରି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ମହାଳିକ ବିଭିନ୍ନ ଥାନା ରେ ଆଇ ଆଇସି ଦକ୍ଷତାର ସହିତ କାର୍ଯ୍ୟ କରିଛନ୍ତି। ଏବେ କରଞ୍ଜିଆ ଥାନାରେ ଆଇଆଇସି ଭାବେ ଅବସ୍ଥାନ କରୁଛନ୍ତି। ସେ କରଞ୍ଜିଆ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳାକୁ ଦେଖିବା ସହିତ ବେଆଇନ ଭାବେ ଚାଲିଥିବା ଜୁଆ, ମଦ କାରବାର, ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱ ଦେବା ସହିତ ଲୋକଙ୍କ ସହିତ ମିଶି ସେବା କରିବେ ବୋଲି ପ୍ରକାଶ କରିଛନ୍ତି।

# ବୀଣାପାଣି ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ପିଚୁକୁଳି ସ୍ଥିତ ବୀଣାପାଣି ବିଦ୍ୟାମନ୍ଦିର ଆନୁକୁଲ୍ୟରେ ଏକ ବିଂଶତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହାସମାରୋହରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ଶିକ୍ଷା ଅନୁଷ୍ଠାନର ସମ୍ପାଦକ ପାଣ୍ଡବ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ମାନସ କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ଲକ୍ଷ୍ମଣ ବରାଡ଼, ସ୍ୱତନ୍ତ୍ର ଅତିଥି ଭାବେ ବିନୋଦପଡ଼ା ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପ୍ରାଣ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ରିକ୍ ରାଣୀ ପଟ୍ଟନାୟକ ଓ ସମ୍ମାନୀତ ଅତିଥି ଭାବେ ଅସରଲା ଗ୍ରାମ ପଞ୍ଚାୟତ ର ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ, ସମାଜସେବୀ ରବୀନ୍ଦ୍ରନାଥ ପାଣ୍ଡେ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୁରୁମା ସୁନିତା ସାହୁ, ଭାରତୀ ଜଗଦ୍ଦେବ, ରୀତାଞ୍ଜଳୀ ସାମନ୍ତରାୟ, ସସ୍ମିତା ପାଇକରାୟ, ଝରଣା ବଳବନ୍ତରାୟ ପ୍ରମୁଖ ମିଳିତ ଭାବେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିବା ସଙ୍ଗେସଙ୍ଗେ ବେଦ ପାଠ କରିଥିଲେ। ସଭାପତି ପାଣ୍ଡବ ସାହୁ ସ୍ୱାଗତ୍ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦିନୀ ମହାପାତ୍ର ବିଦ୍ୟାମନ୍ଦିରର ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାମନ୍ଦିରର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥି ମାନେ ପ୍ରମାଣ ପତ୍ର ଓ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁମା ବିନୋଦିନୀ ସାହୁ, ନିବେଦିତା ମହାପାତ୍ର, ଭାରତୀ ଜଗଦ୍ଦେବ ପ୍ରମୁଖ ସଂଯୋଜନା କରିଥିଲେ। ବୀଣାପାଣି ବିଦ୍ୟାମନ୍ଦିର ତରଫରୁ ବରିଷ୍ଠ ଯୁବ ସମାଜସେବୀ ମାନସ କୁମାର ବେହେରା, ବରିଷ୍ଠ ଶିକ୍ଷାବିତ୍ ରିକରାଣୀ ପଟ୍ଟନାୟକ ଓ ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ ପ୍ରମୁଖଙ୍କୁ ମୁଖ୍ୟବକ୍ତା ଲକ୍ଷ୍ମଣ ବରାଡ଼ ମାନପତ୍ର, ଉତ୍ତରୀୟ ଓ ଫୁଲ ତୋଡ଼ା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା ବିକାଶର ଚାବିକାଠି ଓ ଜୀବନର ମାନଦଣ୍ଡ ହୋଇଥିବାରୁ ଗୁରୁଜୀ-ଗୁରୁମା' ମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଗୁଣାତ୍ମକ ଶିକ୍ଷାକୁ ଗ୍ରହଣ କରି ଭଲ ନାଗରିକ ହେବା ପାଇଁ ମୁଖ୍ୟ ଅତିଥି ମାନସ କୁମାର ବେହେରା ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ଉତ୍ତମ ଚରିତ୍ରବାନ ହେବା ପାଇଁ ଶିକ୍ଷା ସହିତ ସାମାଜିକ ସଂସ୍କାର ଧର୍ମୀ ହେବା ପାଇଁ ସ୍ୱତନ୍ତ୍ର ଅତିଥି ଅଧ୍ୟକ୍ଷା ରିକ୍ ରାଣୀ ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ଆଦର୍ଶ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ସମ୍ମାନୀତ ଅତିଥି ଶୁଭଲକ୍ଷ୍ମୀ ସୁନ୍ଦରାୟ ସୂଚନା ପ୍ରଦାନ କରିଥିଲେ। ପିତାମାତା ସେମାନଙ୍କର ପିଲାମାନଙ୍କୁ ମୋବାଇଲ ଫୋନ ନ ଦେଇ ନିଜେ ଘରେ ବସି ପାଠ ପଢାଇଲେ ପିଲାମାନେ ଭଲ ମଣିଷ ହୋଇପାରିବେ ବୋଲି ମୁଖ୍ୟବକ୍ତା ଲକ୍ଷଣ ବରାଡ଼ କହିଥିଲେ। ନାଟ୍ୟ ନିର୍ଦ୍ଦେଶକ ବିଷ୍ଣୁଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ମାନେ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁମା ସୁନିତା ସାହୁ, ରୀତାଞ୍ଜଳୀ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ। ପରିଶେଷରେ ପ୍ରଧାନ ଆଚାର୍ଯ୍ୟ ପ୍ରମୋଦିନୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି

ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନନ୍ଦାହାଣ୍ଡି ବ୍ଲକ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିରକୁମାର ପଣ୍ଡାଙ୍କ ମିଳିତ ଅଧ୍ୟକ୍ଷତାରେ ସୋମବାର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝୀ ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ଼, ଜିଲ୍ଲା ପରିଷଦ (୨) ଦିବ୍ୟଦାନ ସୁନାଙ୍କ ସମେତ ଜିଲ୍ଲା ସ୍ତରୀୟ ଓ ବ୍ଲକର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୬ ଗୋଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ସେଥିମଧ୍ୟରୁ ୧୯ ଗୋଟି ବ୍ୟକ୍ତିଗତ ସମସ୍ୟା ଓ ୭ ଗୋଟି ସାମୂହିକ ସମସ୍ୟା ରହିଥିଲା।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ସମାରୋହ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁରଠାରେ ଅବସ୍ଥାପିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତା'ର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ କଟକଣା ସ୍ଥିତ କ୍ରିକେଟ ପଡ଼ିଆରେ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ସମାରୋହ ମହାଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆହୁତ ସଭାରେ ଅତିଥିଭାବେ ରତନପୁର ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପରିଡା, କାକଟପୁର ବ୍ଲକ ଶିକ୍ଷାଅଧିକାରୀ ଦିଲ୍ଲିପ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ରା ନନ୍ଦ ପାତ୍ର, ଏୟାରମ୍ୟାନ ଗ୍ରୁପ୍ ଅଫ୍ କମ୍ପାନୀର ସିଇଓ ଇଫତେକାର ଅଲ୍ଲୀ ଖାନ, ଜବାଜା ହସହିସ ଅବଦୁଲ୍ଲା ଟ୍ରଷ୍ଟର ଅଧ୍ୟକ୍ଷ ସଫଦାର ହାସିମ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। କଠିନ ପରିଶ୍ରମ ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବ, ଚରିତ୍ର ଗଠନରେ ବିଦ୍ୟାଳୟର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରାଥମିକ ଶିକ୍ଷା ହିଁ ଭବିଷତ୍ୟ ଗଢିତୋଳିବାରେ ସହାୟକ ହୋଇଥାଏ। ଏଣୁ ଏହି ମଣିଷଗଢ଼ା କାରଖାନାରେ ଅଧ୍ୟୟନରତ କୁନିକୁନି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ଯେଉଁ ରୂପରେ ଗଢି ତୋଳିବାକୁ ଚେଷ୍ଟା କରିବେ ତାହାହିଁ ଛାତ୍ରଛାତ୍ରୀଙ୍କ ଜୀବନରେ ପ୍ରତିଫଳିତ ହେବ ବୋଲି ନିମନ୍ତ୍ରିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାନୁଷ୍ଠାନର ଚମ୍ପିୟାନ ଭାବରେ ଜାରା ରେହେମାନଙ୍କୁ ଚମ୍ପିୟାନ ଟ୍ରଫି ସହ ମଞ୍ଚରେ ପୁରସ୍କୃତ କରାଯାଇଥିବା ବେଳେ ଅନ୍ୟାନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

# ତିହିଡ଼ି ବ୍ଲକରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ନୀଳମଣି ସଭାଗୃହ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଦିଲୀପ ରାଉତରାୟ, ଜିଲା ଆରକ୍ଷୀ ଅଧିକ୍ଷକ ମଡ଼କର ସନ୍ଦିପ ସମ୍ପତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ନୂତନ ବିଡିଓ ନିରଂଜନ ବାରିକ, ପୂର୍ବତନ ବିଡିଓ ଜ୍ୟୋତିର୍ମୟ କର ପ୍ରମୁଖ ଯୋଗ ଦେଇ ୧୧୬ଟି ଅଭିଯୋଗର ଶୁଣାଣି କରିଥିଲେ। ପାଳିଆବିନ୍ଧା ପଞ୍ଚାୟତ ମିଶନଶକ୍ତି ଧାନ ମଣ୍ଡିରୁ ଧାନ ଉଠିବା ପାଇଁ ମିଲର ସହଯୋଗ କରୁନାହାନ୍ତି, ଯାହାଫଳରେ ୧୨ଶହ କ୍ୱିଣ୍ଟାଲ ଧାନ ବସ୍ତା ବର୍ଷାରେ ଭିଜୁଛି। ତୁରନ୍ତ ଧାନ ଉଠାଇବା ପାଇଁ ମିଶନଶକ୍ତିର ସମ୍ପାଦିକା ପଦ୍ମିନୀ ବେହେରା ଜିଲାପାଳଙ୍କ ନିକଟରେ ଦାବି ଜଣାଇଥିଲେ। ଜିଲାପାଳ ରାଉତରାୟ ତୁରନ୍ତ ପଦକ୍ଷେପ ନେବାକୁ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାସୁଦେବପୁର ବ୍ଲକ ଅଧୀନ ଇରମ ଗ୍ରାମର ମହେଶ୍ୱର ଓଝାଙ୍କ ପୁଅ ଭଗବାନ ୯୦ପ୍ରତିଶତ ଦିବ୍ୟାଙ୍ଗ ହୋଇଥିଲେ ବି ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳି ପାରୁନାହିଁ। ସେହିପରି ଗୁଆମାଳ ପଞ୍ଚାୟତ ଅଧୀନ ଗୁଆମାଳ ଗ୍ରାମର ଦିଲୀପ ସାହୁ ଦିବ୍ୟାଙ୍ଗ ୯୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ ମଧ୍ୟ ତାଙ୍କୁ ବର୍ଦ୍ଧିତଭତ୍ତା ମିଳିପାରୁ ନାହିଁ। ତଳଗୋପବିନ୍ଧା ଗ୍ରାମର ବୈକୁଣ୍ଠ ପଣ୍ଡା ନାମକ ଜଣେ ଦିବ୍ୟାଙ୍ଗ ବାରମ୍ବାର ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରୁଥିଲେ ମଧ୍ୟ ତାଙ୍କୁ ପ୍ରମାଣପତ୍ର ମିଳି ପାରୁନାହିଁ। କମାରିଆ ବଜାର-ମଙ୍ଗଳପୁର ରାସ୍ତା ଆରମ୍ଭରୁ ସରକାରୀ ଜାଗା ଅବରୋଧ ହୋଇଛି। ଅବରୋଧମୁକ୍ତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ସିନ୍ଦୋଳ ପଞ୍ଚାୟତରେ ନୂତନ ପିଇଓ ଯୋଗଦାନ କରିଛନ୍ତି ମାତ୍ର ପୂର୍ବତନ ପିଇଓ ଦୀନବନ୍ଧୁ ମହାନ୍ତି ଯୋଗାଣ ସାମଗ୍ରୀ ବଣ୍ଟନର ଫାଇଲ ସହିତ କେତୋଟି ପ୍ରକଳ୍ପର ଫାଇଲ ଦେଉନାହାନ୍ତି। ଯାହାଫଳରେ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ସରପଞ୍ଚ ସୁପ୍ରଭା ପାଣି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ବୋଡ଼କ ପଞ୍ଚାୟତ ଅଧୀନ ଓରାଳି ସ୍କୁଲରେ ନୂତନ ଗୃହ ଓ ଶିକ୍ଷକ ନିଯୁକ୍ତି କରିବାକୁ ସମିତସଭ୍ୟ ଜୟପ୍ରକାଶ ମଲିକ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ପଞ୍ଚାୟତ ସମିତି ଅଂଶରେ ନଳକୂପ ବସାଇବା ନିୟମକୁ ଉଲଂଘନ କରାଯାଇ ଅଧ୍ୟକ୍ଷାଙ୍କ ବିନା ଦସ୍ତଖତରେ ନଳକୂପ ବସାଇବାକୁ ନିଷ୍ପତ୍ତି ଉପରେ ଅଧ୍ୟକ୍ଷା ଅବନ୍ତୀ ଦାସ ସମିତିସଭ୍ୟ ଜୟପ୍ରକାଶ ମଲିକ, ପ୍ରିୟବନ୍ଧୁ ମାଝୀ ଧର୍ମାନନ୍ଦ ବେହେରା ପ୍ରମୁଖ ଅଭିଯୋଗ କରିଥିଲେ। ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କ କାର୍ଯ୍ୟକଳାପ ବିରୁଦ୍ଧରେ ସତ୍ୟବ୍ରତ କୁଣ୍ଡ, ନିର୍ମଳ ଦଳେଇ, ଆଇନଜୀବୀ ସୁଧାଂଶୁ ମାହୁନ୍ତ, ତପନ ପଣ୍ଡା ପ୍ରମୁଖ ଅଭିଯୋଗ କରିଥିଲେ। ଏଥି ସହିତ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ଜବରଦଖଲ ଉଚ୍ଛେଦ, ରାଶନ ସାମଗ୍ରୀ ବଣ୍ଟନ ଇତ୍ୟାଦି ଉପରେ ଅଭିଯୋଗ ହୋଇଥିଲା। ଶେଷରେ ଜିଲାପାଳ ରାଉତରାୟ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ବଣ୍ଟନ କରିଥିଲେ। ଏହି ଶିବିରରେ ଡେପୁଟି କଲେକ୍ଟର କରୁଣାକର ଧିନ୍ଦା, ଡିଏସଡବ୍ଲୁ ପୁଷ୍ପଲତା ପାତ୍ର, ଜିଲା ଶ୍ରମ ଅଧିକାରିଣୀ ପ୍ରେମମଞ୍ଜରୀ ନାୟକ, ସାଲନ୍ଦୀ ଡିଭିଜନ ଏସଡିଓ ରାଇକେନ ବେଶ୍ରା, ଆର.ଡି. ଏସଡିଓ ଛୋଟେଲାଲ ମାରାଣ୍ଡି, ଡ୍ରେନେଜ ଏସଡିଓ ସମ୍ବିତ ଶିଅଳ ପ୍ରମୁଖଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିବା ବେଳେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରିତୀଶ ସାମଲ, ଡବ୍ଲୁଇଓ ସୌମ୍ୟା ସୁଚରିତା ମହାନ୍ତି, ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା, କୃଷି ଅଧିକାରୀ ଅମର ସାହୁ, ଆର.ଡି କନିଷ୍ଠ ଯନ୍ତ୍ରୀ କୃତିବାସ ମହାପାତ୍ର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ଲଲାଟେନ୍ଦୁ ପାଲ, ତନୁଜା ମିଶ୍ର, ଭରତ ବିଶ୍ୱାଳ, ଜୀବିକା ମିଶନ ବିପିଏମ ରଶ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏବିଡିଓ ମାନସ କୁମାର ଜେନା, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ଜୀବିକା ମିଶନ ବିଏଲସି ସ୍ନିଗ୍ଧା ନାୟକ, ବିପିସି କୌଶିକ ଗିରି, ଏନଆରଇଜିଏସ ସହକାରୀ ସୁଧାଂଶୁ ନାୟକ, ଏପିଇଓ କାମିନୀଲତା ଓଝା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



କେନ୍ଦୁଝର(ଭାସ୍କର ନ୍ୟୁଜ): ସଦର ବ୍ଲକ ଅନ୍ତର୍ଗତ କପ୍ତିରା ଗ୍ରାମର ଅସହାୟ ଉଷା ଜେନାଙ୍କର ଗତ ୧୨/୦୨/୨୦୨୫ରିଖ ଦିନ ଦେହତ୍ୟାଗ ହୋଇଥିବା ବେଳେ ଅସହାୟ କାରଣରୁ ପରିବାର ଲୋକେ ଶୁଦ୍ଧିକ୍ରିୟା ନିମନ୍ତେ ଅନେକଙ୍କ ଠାରେ ସହଯୋଗର ହାତ ବଢାଇବା ପରେ ଭରସା ପରିବାରର କେନ୍ଦୁଝର ଜିଲା ସଭାପତି ଜନ୍ମେଜୟ ସିଂଙ୍କଠାରେ ସହଯୋଗ ପାଇଁ ଅନୁରୋଧ କରିଥିଲେ । ଜିଲା ସଭାପତି ଶ୍ରୀ ସିଂ ଭରସା ପରିବାର ଓଡ଼ିଶାର କେନ୍ଦୁଝର ଜିଲା ମହିଳା ସଭାନେତ୍ରୀ ସନି ସୋନାଲିଙ୍କ ସହ ଆଲୋଚନା କରିବା ପରେ ରାଜ୍ୟ ସଭାପତି ପ୍ରତାପ ରାୟଙ୍କ ପରାମର୍ଶ କ୍ରମେ ସଦସ୍ୟ ସଦସ୍ୟା ମାନଙ୍କର ସହଯୋଗରେ ସହାୟତା ରାଶି ଓ ଆବଶ୍ୟକୀୟ ରାସନ ସମଗ୍ରୀ ପ୍ରଦାନ କରିଥିଲେ । ସହାୟତା ପ୍ରଦାନରେ ଜିଲା ସଭାପତି ଜନ୍ମେଜୟ ସିଂ, ଜିଲା ମହିଳା ସଭାନେତ୍ରୀ ସନି ସୋନାଲି, ସଂପାଦକ କେଦାର ମହାନ୍ତ, ସକ୍ରିୟ ସଦସ୍ୟ ବିନୟ କୁମାର ବାରିକଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ । ଭରସା ପରିବାର ଓଡ଼ଶା ପକ୍ଷରୁ ହେଉଥିବା ବିଭିନ୍ନ ପ୍ରକାର ସେବା କାର୍ଯ୍ୟକୁ ଆଞ୍ଚଳିକ ବୁଦ୍ଧିଜିବୀ ଓ ଜନସାଧାରଣ ପ୍ରଶଂସା କରିଛନ୍ତି ।

### ଜଙ୍ଗଲ ଭିତରେ ବଢୁଛି ଖଣିଜ ସମ୍ପଦ ଚୋରି

# ଦିନକୁ ୫୦ ଲକ୍ଷ ଟଙ୍କାର ଲୁହାପଥର ଓ ମାଙ୍ଗାନିଜ୍ ଲୁଟ୍



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ବଡବିଲରେ ଖଣି ମାଫିଆମାନେ ରହି କୋଇଡା ଖଣିମଣ୍ଡଳରେ ଅବାଧ ଖଣି ଚୋରୀ କାରବାର କରୁଛନ୍ତି । ପ୍ରତ୍ୟେକ ଦିନ ୫୦ କ୍ଷ ଟଙ୍କାର ମାଙ୍ଗାନିଜ ଏବଂ ଲୁହାପଥର ଚୋରୀ ହେଉଛି । ଖଣି ଚୋରଙ୍କ ଭୂସ୍ୱର୍ଗ ପାଲଟିଛି ସୁନ୍ଦରଗଡର କୋଇଡା ଖଣି ଅଂଚଳ । ବେଆଇନ ଚୋରା କାରବାର ଆସିଛି ସାଙ୍ଗାତିକ ଚିତ୍ର । ସକ୍ରିୟ ଅଛନ୍ତି ଆନ୍ତଃରାଜ୍ୟ ମାଙ୍ଗାନିଜ ମାଫିଆମାନେ ବଡବିଲରେ ରହି ଚୋରା ଖଣି କାରବାର କରୁଛନ୍ତି । ବିଶେଷ କରି ସଂରକ୍ଷିତ ଜଙ୍ଗଲରେ ବେଧଡକ ଚୋରୀ କରୁଛନ୍ତି । ବିଶେଷ କରି ଜଙ୍ଗଲ ଜମି ଏବଂ ବନ୍ଦ ଖଣିରେ ମାଫିଆ ମାନେ ପଶି ବେଧଡକ ଚୋରୀ କରୁଛନ୍ତି । ବନ ବିଭାଗ ପକ୍ଷରୁ ଏହାକୁ ରୋକିବା ପାଇଁ ପଦକ୍ଷେପ ନିଆଯାଉନଥିବାରୁ ଚୋରୀ ବଢୁଛି । ମାଫିଆମାନେ ନିକଟସ୍ଥ ଲୋକଙ୍କୁ ଅଳ୍ପ କିଛି ମଜୁରୀ ଦେଇ ସେମାନଙ୍କୁ ଖଣି ଚୋରୀ କାର୍ଯ୍ୟରେ ନିୟୋଜିତ କରୁଛନ୍ତି । ଯୋଡା ସର୍କଲ ଅନ୍ତର୍ଗତ ନୟାଗଡ ଖେସରା ଜଙ୍ଗଲ,ପୀଢପୋଖରୀ ଖେସରା ଜଙ୍ଗଲ,ମଲଦା ଖେସରା ଜଙ୍ଗଲରୁ ବ୍ୟାପକ ପରିମାଣର ଲୁହାପଥର ଏବଂ ମାଙ୍ଗାନିଜ ଚୋରୀ ହେଉଛି । ମାଫିଆମାନେ ଲକ୍ରେ ରହି ଏହି କାରବାରକୁ ନିୟନ୍ତ୍ରଣ କରୁଛନ୍ତି । କେନ୍ଦୁଝର ସର୍କଲ ଅନ୍ତର୍ଗତ ମାଲାଙ୍ଗଟୋଲୀ ଖେସରା ଜଙ୍ଗଲରେ ମଧ୍ୟ ବେଧଡକ ଖଣି ଚୋରୀ ହେଉଛି । ଲୁହାପଥର ଚୋରୀ ରୋକିବା ପାଇଁ ବନ ବିଭାଗ ସହଯୋଗ କରୁନଥିବାରୁ ମାସକୁ କୋଟି କୋଟି ଟଙ୍କା ମୂଲ୍ୟବାନ ମାଙ୍ଗାନିଜ ଏବଂ ଲୁହାପଥର ଚୋରୀ ହେଉଛି । ଗତ ଜାନୁଆରୀ ୩୦ ରେ ଖଣି ଅଧିକାରୀ ବସନ୍ତ କୁମାର ସାହୁଙ୍କ ସମେତ ଅନ୍ୟ ତିନି ଅଧିକାରୀ କୋଇଡା ଉପନିର୍ଦ୍ଦେଶକଙ୍କୁ ବେଆଇନ ଖଣି ଖନନ ରୋକିବା ସଂକ୍ରାନ୍ତରେ ଚିଠି ଲେଖିଥିଲେ । ଚିଠିରେ ଅଧିକାରୀମାନେ ଦର୍ଶାଇଥିଲେ ଯେ, ମାଲଦା ବନାଂଚଳର ୫ଟି ସ୍ଥାନରେ ବେଆଇନ ଖଣି ଉତ୍ତୋଳନ କରାଯାଉଛି । ଏଠାରୁ ବିପୁଳ ପରିମାଣର ମାଙ୍ଗାନିଜ ବାହାର କରି ଗଚ୍ଛିତ ରଖାଯାଉଛି । ମାଙ୍ଗାନିଜ ଜବତ କରିବାକୁ ଖଣି ଅଧିକାରୀ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଡମ୍ପର ଓ ଲୋଡର ନେଇ ସେଠାରେ ପହଞ୍ଚିଥିଲେ । ତେବେ ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ କୋଇଡା ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ମାଙ୍ଗାନିଜ ଜବତ କରିବାକୁ ଅନୁମତି ଦେଇନଥିଲେ । ଏ ନେଇ ଡିଏଫଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ ବିଭାଗୀୟ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଖଣି ଅଧିକାରୀଙ୍କ ଠୁ ଏମିତି ତଥ୍ୟ ମିଳିବାର ଦିନକ ପରେ କୋଇଡା ଖଣି ଉପନିର୍ଦ୍ଦେଶକ ରାଜ୍ୟ ଖଣି ନିର୍ଦ୍ଦେଶକଙ୍କୁ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଥିଲେ । ଉପନିର୍ଦ୍ଦେଶକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ କୋଇଡାର ମାଲଦା, ଗଣୁଆ, କେନାଭେଟା, ଦଳିତା, ପାନପୋଷିଆ, ଗିଦେଇ, ପଟାବେଡା, କାକରପାଣି ଆଦି ଅଂଚଳରେ ମାଙ୍ଗାନିଜ ଉତ୍ତୋଳନ ପାଇଁ ସଂରକ୍ଷିତ ଜଙ୍ଗଲରେ ବେଆଇନ ଖଣି ଖୋଳାଯାଉଛି । ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ କୋଇଡା ରେଞ୍ଜର ଅଧିକାରୀ ଓ କର୍ମଚାରୀମାନେ ଏହି ଅଂଚଳରେ ପ୍ରବେଶ କରିବାକୁ ବାରଣ କରୁଛନ୍ତି । ଫଳସ୍ୱରୂପ ଏନଫୋର୍ସମେଣ୍ଟ ଟିମ୍ ବେଆଇନ ଖଣି ଉତ୍ତୋଳନକୁ ରୋକି ପାରୁନି । ଚିଠି ପରେ ମଧ୍ୟ ବେଆଇନ ଉତ୍ତୋଳନକାରୀଙ୍କ ବିରୋଧରେ ରାଜ୍ୟସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ କୌଣସି କାର୍ଯ୍ୟାନୁଷ୍ଠାନ କରୁନଥିବାରୁ ଚୋରୀ ବଢୁଛି । ବନକର୍ମଚାରୀଙ୍କ ଜ୍ଞାତସାରରେ ଏହି ଚୋରୀ ହୋଇ ଆସୁଥିବାବେଳେ ଜଙ୍ଗଲ ମଧ୍ୟରେ ଗଛ ତାଡି ମାଟି ଖୋଳି ନିୟମିତ ଚୋରୀ ହୋଇଆସୁଛି । ସିକ୍ୟୁରିଟି ଗାର୍ଡମାନେ ଉକ୍ତ ଅଂଚଳକୁ ଗଲେ ମାଫିଆ ଏବଂ ଚୋରା କାରବାରରେ ଲିପ୍ତ ଶ୍ରମିକ ଟେକା ପକାଉଛନ୍ତି । ଜଙ୍ଗଲ ଭିତରେ ଗଛ ତାଡିବା ଫଳରେ ବଡ ବଡ ଗାତ ସୃଷ୍ଟି ହୋଇଥିବାରୁ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ଆଶଙ୍କା ରହିଛି । ଜଙ୍ଗଲ ଭିତରେ ମାଫିଆମାନେ ବେଧଡକ ଖଣିଜ ସମ୍ପଦ ଚୋରୀ କରୁଥିବାବେଳେ ବନ କର୍ମଚାରୀଙ୍କ ସହ ସେମାନଙ୍କର ମଧୁଚନ୍ଦ୍ରିକା ଥିବା ଆଲୋଚନା ହେଉଛି । ଅନ୍ୟପଟେ ଖଣି ବିଭାଗକୁ ବନବିଭାଗ ସହଯୋଗ କରୁନାହାଁନ୍ତି । ଏହାର ସୁଯୋଗରେ ଜଙ୍ଗଲରେ ମନଇଛା ବେଆଇନ ଖଣି ଉତ୍ତୋଳନ କରି ମାଙ୍ଗାନିଜ ଲୁଟ୍ ହେଉଛି । ମାଫିଆମାନେ ଖଣି ବିଭାଗ ସ୍କ୍ୱାର୍ଡର ଗତିବିଧି ଉପରେ ନଜର ରଖିଛନ୍ତି । ଟ୍ରକ୍ ଓ ଟିପ୍ପରରେ ଲୋଡିଂ ପରେ ଗଳାବାଟ ଦେଇ ତାହା କେନ୍ଦୁଝର ଖଣି ଅଂଚଳରେ ପହଞ୍ଚୁଛି । ସେଠାରୁ ସୀମାନ୍ତ ରାସ୍ତା ଦେଇ ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ମାଙ୍ଗାନିଜ ଫେରୋ ପ୍ଲାଣ୍ଟକୁ ଯାଉଛି । ସବୁକିଛି ପରିଚାଳିତ ହେଉଛି ଆନ୍ତଃରାଜ୍ୟ ଖଣି ମାଫିଆଙ୍କ ଇଙ୍ଗିତରେ । ଚୋରା ବଜାରରେ ମାଙ୍ଗାନିଜ ର ଟନ୍ ପିଛା ମୂଲ୍ୟ ୧ଲକ୍ଷରୁ ଅଧିକ ଟଙ୍କା । ମାସକୁ କୋଟି କୋଟି ଟଙ୍କାର ମୂଲ୍ୟବାନ ଖଣିଜ ଚୋରି ହେଉଥିବାବେଳେ ଖଣି ଏବଂ ଜଙ୍ଗଲ ବିଭାଗ ଗୁଡିକ ନୀରବ ରହିଛନ୍ତି କାହିଁକି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ କହିଛନ୍ତି ଜଙ୍ଗଲ ନଷ୍ଟ କରି ଲୁହାପଥର ଏବଂ ମାଙ୍ଗାନିଜ ଚୋରୀ ହେଉଥିବା ନେଇ ଅଭିଯୋଗ ମିଳିଛି । ଘଟଣାର ତଦନ୍ତ କରାଯାଇ ମାଫିଆଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଏଫଓ ବଣାଇ ଙ୍କୁ କୁହାଯାଇଛି ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦୁଝର(ଭାସ୍କର ନ୍ୟୁଜ): ସୋମବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଫାଷ୍ଟଟ୍ରାକ୍ କୋର୍ଟରେ ବିଚାରପତି ବିଜୟ କୁମାର ମିଶ୍ର ତେଲକୋଇ ଥାନା ଅନ୍ତର୍ଗତ ଧନୁର୍ଜୟପୁର ଗ୍ରାମର ଅଭିଯୁକ୍ତ ସମ୍ବାରି ଜୁଆଙ୍ଗ ୩୦ ବର୍ଷକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଗତ ତା ୧୨/୫/୨୦୨୩ ରିଖ ଦିନବେଳେ ଏକ ଶାରିରୀକ ଅକ୍ଷମ ନାବାଳିକା(୧୫) ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଆସାମୀ ଘରେ ପଶି ଜୋର ଜବରଦସ୍ତ ଦୁଷ୍କର୍ମ କରୁଥିବା ସମୟରେ ପୀଡିତାର ବାପା ପହଞ୍ଚି ଯିବାରୁ ଆସାମୀ ଦୌଡି ପଳାଇଥିଲା ଏବଂ ପୀଡିତା ବାପାକୁ ଘଟଣା ବିଷୟରେ କହିବାରୁ ପୀଡିତାର ବାପା ତା ୧୩/୫/୨୦୨୩ ରିଖ ସକାଳେ ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ତେଲକୋଇ ଥାନା କେଶ ରୁଜୁ ହୋଇ ୧୪ରେ ଆସାମୀକୁ ଦଫା ୪୫୦/୩୭୬/୫୦୬ ଓ ପୋକ୍ସ ଧାରା ୬ ରେ ଗିରଫ କରି କୋର୍ଟଚାଲାଣ କରିଥିଲା । ଫାଷ୍ଟଟ୍ରାକ୍ କୋର୍ଟରେ ବିଚାରପତି ବିଜୟ କୁମାର ମିଶ୍ର ୧୮ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତକୁ ଭିତ୍ତି କରି ଆସାମୀକୁ ଉପରୋକ୍ତ ଦଣ୍ଡ ଶୁଣାଇବା ସହ ପୀଡିତାକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମକଦ୍ଦମା ପରିଚାଳନା କରୁଥିଲେ ।

## ସ୍ୱାମୀକୁ ଅପହରଣ ନେଇ ସ୍ତୀର ଅଭିଯୋଗ

କଣାସ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ବ୍ଲକ ଗଡିଶାଗୋଡା ଥାନା ପରିସରଭୁକ୍ତ ବଡଓରା ଗ୍ରାମର ପ୍ରଭାସ କୁମାର ସାମନ୍ତରାୟଙ୍କୁ ଗତ ୨୧ ତାରିଖ ଅପରାହ୍ନରେ ଜମିରୁ କାମକରି ଫେରୁଥିବା ସମୟରେ ହରିପୁର ଗ୍ରାମ କଲର୍ଭଟ ନିକଟରେ ଧନେଶ୍ୱର ଲେଙ୍କା, ଚିତରଞ୍ଜନ ରଣସିଂହ, ବିକ୍ରମଜିତ ମଙ୍ଗରାଜ, ପ୍ରକାଶ ମଙ୍ଗରାଜ ଚାରି ଜଣ ବ୍ୟକ୍ତି ପ୍ରଭାସ କୁମାର ସାମନ୍ତରାୟଙ୍କୁ ଅପହରଣ କରି ନେଇଥିବା ପ୍ରଭାସଙ୍କ ପତ୍ନୀ ଯମୁନା ସାମନ୍ତରାୟ ଗଡିଶାଗୋଡା ଥାନାରେ ଗତ ୨୧ ତାରିଖ ସଂଧ୍ୟାରେ ଏତଲା ଦେବାପରେ ଗଡିଶାଗୋଡା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ଗଡିଶାଗୋଡା ଥାନା କେସ ନମ୍ବର ୨୮/୨୦୨୫ରେ ଏକ ମକଦମା ରୁଜ କରି ତଦନ୍ତ କରିବା ପରେ ଖୁଣ୍ଟିଆବାଣପୁର ଗ୍ରାମରୁ ପୁଲିସ ଉଧାର କରିବା ପରେ ଚିକିତ୍ସା ପାଇଁ କଣାସ ଡାକ୍ତରଖାନା ପଠାଇଥିଲେ । ସେଠାରୁ ଅଧିକ ଚିକିତ୍ସା ପାଇଁ ପୁରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ଡାକ୍ତରଖାନାରୁ ପ୍ରଭାସ ଫେରିବା ପରେ ପତ୍ନୀ ଯମୁନା ସ୍ୱାମୀଙ୍କ ଠାରୁ ସମସ୍ତ ଖବର ଶୁଣି କିପରି ଜମିରୁ ଫେରୁଥିବା ଅବସ୍ଥାରେ କେଉଁମାନେ ଜୋରଜବରଦସ୍ତ ଅପହରଣ କରିନେଲେ ଅପହରଣ ସମୟରେ କେଉଁ ବାଇକ ବ୍ୟବହାର କରିଥିଲେ ସେ ସଂପର୍କରେ ପୁନଃଶ୍ଚ ଯମୁନା ଗଡିଶାଗୋଡା ଥାନାରେ ଦ୍ୱିତୀୟ ଏତଲା ଦେଇଥିଲେ । ଦୀର୍ଘଦିନ ଧରି ଏହିପରି ବଡଓରା ଗ୍ରାମରେ କେତେକ ପରିବାରେ ବିବାଦ ଲଗି ରହିଥିବାରୁ ଗଡିଶାଗୋଡା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ଚଳାଇଥିବା ପ୍ରକାଶ କରିଛନ୍ତି

## ଅଭିଯୁକ୍ତର ଘର କାନ୍ଥରେ ଝାଡଖଣ୍ଡ ପୋଲିସର ଉଦ୍‌ଘୋଷଣା ନୋଟିସ୍



ରଗଡି(ଭାସ୍କର ନ୍ୟୁଜ): କୋରାଇ ଥାନା ଅନ୍ତର୍ଗତ କନ୍ତୋର ପଞ୍ଚାୟତ ପୂର୍ବକୋଟ ତେଲେଙ୍ଗା ବସ୍ତିର କାଳି ଦାସ ଓରଫ କାଳି ରାଓଙ୍କ ପୁଅ ରାହୁଲ ଦାସ ଓରଫ ରାହୁଲ ରାଓ ଓ ମହେଶ ଦାସ ଓରଫ ମହେଶ ରାଓଙ୍କ ପୁଅ ଚିରଞ୍ଜୀବ ଦାସ ଓରଫ ଚିରଞ୍ଜୀବ ରାଓଙ୍କ କାନ୍ଥରେ ସୋମବାର ଝାଡଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମି ଜିଲ୍ଲା ଚକୁଳିଆ ଥାନା ପୋଲିସ କର୍ମଚାରୀ ସେମାନଙ୍କୁ ପଳାତକ ଦର୍ଶାଇ ଭାରତୀୟ ଦଣ୍ଡବିଧି ଆଇନ ୮୨ରେ କୋର୍ଟରେ ହାଜର ହେବାକୁ ଉଦଘୋଷଣା ନୋଟିସ ଲଗାଇଛନ୍ତ । ଝାଡ଼ଖଣ୍ଡ ଘାଟଶିଳାର ଏସଡିଜେଏମ୍ କୋର୍ଟ ପକ୍ଷରୁ ପୋଲିସକୁ ଏହି ନିର୍ଦ୍ଦେଶ ଦିଆଯାଇଥିଲା । ଅଭିଯୁକ୍ତଙ୍କ ନାମରେ ଅପରାଧିକ କାର୍ଯ୍ୟ ଅଭିଯୋଗରେ ଚକୁଳିଆ ଥାନାରେ କେସ ନଂ ୧୨/୨୦୨୧ ଜିଆର ୯୭/୨୦୨୨(୫) ସେକ୍ସନ ୩୯୨ରେ ମାମଲା ରୁଜୁ ହୋଇଥିଲା । ଆସନ୍ତା ୨୯/୩/୨୦୨୫ ସୁଦ୍ଧା ଉକ୍ତ କୋର୍ଟରେ ହାଜର ହେବାକୁ ଉଭୟଙ୍କୁ କୋର୍ଟ ପକ୍ଷରୁ ଜାରି ହୋଇଥିବା ନୋଟିସ୍‌ରେ ନିର୍ଦ୍ଦେଶ ରହିଛି । ସେମାନେ ଯଦି ଧାର୍ଯ୍ୟ ସମୟ ମଧ୍ୟରେ କୋର୍ଟରେ ହାଜର ନହେବେ ତାହାଲେ ଭାରତୀୟ ଦଣ୍ଡ ବିଧି ଆଇନ ୮୩ରେ ଅଭିଯୁକ୍ତଙ୍କ ସମସ୍ତ ସ୍ଥାବର ଆସ୍ଥାବର ସମ୍ପତ୍ତି ଜବତି ହେବ ବୋଲି କୋର୍ଟ ଦର୍ଶାଇଛନ୍ତି । କୋରାଇ ପୋଲିସ ସହାୟତାରେ ଚକୁଳିଆ ଥାନା ପୋଲିସ ବସ୍ତିକୁ ଯାଇ ଅଭିଯୁକ୍ତଙ୍କ କାନ୍ଥରେ ଏହି ନୋଟିସ ଜାରି କରିଛନ୍ତି ।

### ସରକାରୀ ଚାକିରିଆଙ୍କ ପରେ ଆୟକରଦାତାଙ୍କୁ ରାସନ ଛାଟ

## କଟିଯିବା ଭୟରେ ଯୋଗାଣ ନିରୀକ୍ଷିକାଙ୍କ କାର୍ଯ୍ୟାଳୟରେ ଲମ୍ବା ଦରଖାସ୍ତ

ଗୋପ(ଭାସ୍କର ନ୍ୟୁଜ): ରାସନକାର୍ଡ କଟିଯିବା ତାତି ଏବେ ଯୋର ଧରିଛି । ଚାକିରିଆଙ୍କ ପରେ ଏବେ ଆୟକରଦାତାଙ୍କ ଉପରେ ଆରମ୍ଭ ହୋଇଛି ରାସନକାର୍ଡ ପ୍ରହାର । ଗୋପ ବ୍ଲକରେ ରାସନକାର୍ଡ ହାତାଇଥିବା ୧୦୫୩ ଜଣ ଆୟକରଦାତାଙ୍କ ପାଖକୁ ବ୍ଲକ ପ୍ରଶାସନ ପକ୍ଷରୁ ନୋଟିସ ଜାରି ହେବା ପରେ କିଭଳି ଭାବେ ରାସନ କାର୍ଡକୁ ବଂଚାଇ ରଖିବେ ସେଥି ନିମନ୍ତେ ଦରଖାସ୍ତ ଦେବା ପାଇଁ ଆଜି ବ୍ଲକ ଯୋଗାଣ ନିରୀକ୍ଷିକାଙ୍କ କାର୍ଯ୍ୟାଳୟରେ ଲମ୍ବା ଲାଇନ ଲାଗିଥିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ରାସନକାର୍ଡ ଛାଟ୍ ପାଇଁ ଅଭାବୀ ପରିବାରକୁ ଏବେ ଜଟିଳ ସମସ୍ୟାର ସମ୍ମୁଖିନ ହେବାକୁ ପଡିଛି । ଅନେକ ବେକାର ଯୁବକ ଯୁବତୀ ଚାକିରି ନପାଇ ବ୍ୟବସାୟ କରିବା ପାଇଁ ବ୍ୟାଙ୍କରୁ ଋଣ କରିଛନ୍ତି । ତେବେ ଋଣ ପାଇଁ ସେମାନେ ନିଜ ଆୟଠାରୁ ବହୁ ଅଧିକ ଆୟ ଦର୍ଶାଇ ସେ ସଂର୍ପିକିତ ମିଛ ଦସ୍ତାବିଜ୍ ଦାଖଲ କରିଛନ୍ତି । ବ୍ୟାଙ୍କରୁ ଋଣ ଆବେଦନ ବେଳେ ୩ ବର୍ଷର ଆୟକର ପୈଠ ଏବଂ ଅଧିକ ଋଣ ପାଇଁ ଅଧିକ ଆୟ ରହିଥିବା ଆବଶ୍ୟକ । ତେଣୁ ବହୁ ଯୁବକ ଯୁବତୀ ନିଜ ଆୟକୁ ଅଧିକ ଦର୍ଶାଇ ଆୟକର ଦସ୍ତାବିଜ୍ ବ୍ୟାଙ୍କରେ ଦାଖଲ କରିଛନ୍ତି । ଅପରପକ୍ଷରେ ଆୟକରଦାତା ହୋଇଥିବାରୁ ଏବେ ସେମାନଙ୍କ ପରିବାରର ରାସନକାର୍ଡ କଟିଯାଉଛି । ଏହି ମିଛ ଦସ୍ତାବିଜ୍ ଯୋଗୁଁ ଅନେକ ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀ ହେବାକୁ ଯୋଗ୍ୟ ହୋଇଥିଲେ ବି ଆୟକର ନିୟମ ପାଇଁ ଅଯୋଗ୍ୟ ଘୋଷିତ ହୋଇ ଏବେ ଚିନ୍ତାରେ ପଡିଯାଇଛନ୍ତି । ଯାହାକୁ ନେଇ ଏହି ରାସନକାର୍ଡକୁ ବଂଚାଇ ରଖିବା ପାଇଁ ବ୍ଲକ କାର୍ଯ୍ୟାଳୟରେ ଭିଡ ପରିଲିକ୍ଷିତ ହୋଇଥିଲା । ଆଜି ପ୍ରାୟ ୧ ଶହରୁ ଉର୍ଦ୍ଧ ବ୍ୟକ୍ତି ଯୋଗାଣ ନିରୀକ୍ଷିକାଙ୍କ ପାଖରେ ଦରଖାସ୍ତ ଦେଇଥିବା ଜଣାପଡିଛି । ଏସଂପର୍କରେ ଯୋଗାଣ ନିରୀକ୍ଷିକା ରଚିତା ପଣ୍ଡା କହିଛନ୍ତି ସରକାରଙ୍କ ନିୟମାନୁଯାୟୀ ୧୦୫୩ ଜଣ ଆୟକରଦାତାଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ନୋଟିସ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଆଜି ଶତାଧିକ ବ୍ୟକ୍ତି ଦରଖାସ୍ତ ଦେଇଛନ୍ତି । ସରକାରଙ୍କ ନିୟମାନୁଯାୟୀ ସେଗୁଡିକୁ ପୁନଃ ଯାଂଚ କରାଯାଇ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏଠାରେ ସୂଚନାଥାଉକି ବେଆଇନ ଭାବେ ହାତାଇଥିବା ପୂର୍ବରୁ ୫୭ ଜଣ ଚାକିରିଆ ସେମାନଙ୍କ ରାସନକାର୍ଡ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି ।

## ଆସିକା ୬ ନଂ ୱାର୍ଡ଼ରେ ଦୁଇବର୍ଷର ଅଣ୍ଡା ବଣ୍ଟନ



ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର ଆସିକା ସହରର କେନ୍ଦ୍ର ସ୍ଥଳୀରେ ଥିବା ୬ ନମ୍ବର ୱାର୍ଡ଼ରେ ବିଭିନ୍ନ ସମସ୍ୟା ନେଇ ଏହି ଅଙ୍ଗନବାଡିରେ ଦୁଇବର୍ଷ ହେଲା କେନ୍ଦ୍ରରେ ଅଣ୍ଡା ବଣ୍ଟନ ହୋଇନଥିଲା। ଆସିକା ବିଧାୟକଙ୍କ ପ୍ରତିନିଧି ସଙ୍ଗୀତ ପାଢ଼ୀଙ୍କ ଉଦ୍ୟମ ଓ ହସ୍ତକ୍ଷେପ ପରେ ଶିଶୁ, ଗର୍ଭବତୀ, ପ୍ରସୂତି ଓ କିଶୋରୀଙ୍କୁ ଦୁଇବର୍ଷର ଅଣ୍ଡା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଭଡ଼ା ଗୃହରେ ଏହି ଅଙ୍ଗନବାଡି କେନ୍ଦ୍ର ଦୀର୍ଘବର୍ଷ ହେଲା ଚାଲୁଛି । ସ୍ୱଳ୍ପ ସମୟ ମଧ୍ୟରେ ନିଜସ୍ୱ ଗୃହ ଦେବାକୁ ସଙ୍ଗୀତ ପାଢ଼ୀ ପ୍ରତିଶୃତି ଦେଇଛନ୍ତି। ଦୀର୍ଘ ବର୍ଷ ପରେ ସମସ୍ତ ହିତାଧିକାରୀଙ୍କୁ ବକେୟା ଥିବା ଅଣ୍ଡା ମିଳିଥିବା ଯୋଗୁଁ ହିତାଧିକାରୀଙ୍କ ମନରେ ଖୁସିର ଲହରୀ ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ବିଜୟ ସ୍ୱାଇଁ, କେ.ରବି ଆଚାରୀ, ନଗର ସଭାପତି ଭିକି ପାତ୍ର, ଜିଲ୍ଲା ପ୍ରତିନିଧି ବାବୁ ଆଚାରୀବୋଥ ସଭାପତି ପପୁ ମାହାନ୍ତି, ସଞ୍ଜିତ କୁମାର ମୁନୀ, ପ୍ରଶାନ୍ତ କୁମାର ମୁନୀ, ଟୁଲୁ ମାହାରଣା ସହ ୱାର୍ଡ଼ବାସୀ, ଏବଂ ଅଙ୍ଗନବାଡ଼ି ଦିଦି ବି.ଅରୁଣା ଅଚାରୀ, ସାହାୟକ ପୂଜା କୁମାର ବେହେରା, ଆଶା ଦିଦି ସୋନମ ପାଣିଗ୍ରାହୀ ସହଯୋଗ କରିଥିଲେ।

### *ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୁର୍ନୀତି*

## ଶିକ୍ଷକଙ୍କ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍, କାର୍ଯ୍ୟାନୁଷ୍ଠାନରେ ଶିଥିଳତା

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଶିକ୍ଷକମାନଙ୍କ ଲକ୍ଷ ଲକ୍ଷ ତାଲିମ ଅର୍ଥ ହଡପ କରିଥିବାର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଉପରେ ତଦନ୍ତ କରାଯାଇଥିଲା। ମାତ୍ର ତଦନ୍ତ ପରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଏହାକୁ ଚାପି ଦିଆଯାଇଥିବା ଶିକ୍ଷକ ମହଲରେ ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ କ୍ଲଷ୍ଟର ଓ ବିଦ୍ୟାଳୟରେ ସର୍ବଶିକ୍ଷା ଓ ସମଗ୍ର ଶିକ୍ଷା ଯୋଜନାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗତ ୨୦୧୭ରୁ ୨୦୨୪ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇଥିଲା। ମାତ୍ର ତାଲିମ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ବାବଦ ଅର୍ଥ ସରକାର ପ୍ରଦାନ କରିଥିଲେ ମଧ୍ୟ ବାସ୍ତବରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ତାଲିମ ବାବଦ ଅର୍ଥ ପ୍ରଦାନ କରାଯାଇ ନଥିବା ଅଭିଯୋଗ ହୋଇଥିଲା। ଏସମ୍ପର୍କରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷକନେତା ଲିଖିତ ଅଭିଯୋଗ କରିଥିଲେ। ମାତ୍ର କାର୍ଯ୍ୟାଳୟ ତରଫରୁ ଦାୟିତ୍ୱ ନେଇଥିବା କେତେକ ଅସାଧୁ କର୍ମଚାରୀ ସରକାରୀ କାଗଜକଲମରେ ତାଲିମ ପ୍ରାପ୍ୟ ପ୍ରଦାନ କରାଯାଇଥିବା ଦର୍ଶାଇଛନ୍ତି। ଏହି ଅଭିଯୋଗର ଶିକ୍ଷା ବିଭାଗ ତରଫରୁ ତଦନ୍ତ କରାଯାଇଥିଲା। ମାତ୍ର ତଦନ୍ତ ରିପୋର୍ଟ ନରସିଂହପୁର ମଣ୍ଡଳ ଶିକ୍ଷାଧିକାରୀ ପ୍ରଦାନ କରିଥିଲେ। କିନ୍ତୁ ତଦନ୍ତ ରିପୋର୍ଟକୁ କାର୍ଯ୍ୟାଳୟ ତରଫରୁ ଚାପି ଦିଆଯାଇଥିବାର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ ବାବଦ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା କାର୍ଯ୍ୟାଳୟର ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ପ୍ରଶାସନ ତରଫରୁ ଘଣ୍ଟ ଘୋଡାଯାଉଥିବା ଅଭିଯୋଗ ହୋଇଛି। ତେବେ ଏହି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୁଦ୍ଧରେ ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଶିକ୍ଷକ ମହଲରେ ଦାବି ହୋଇଛି।

## ଜିଲ୍ଲାସ୍ତରୀୟ କିଷାନ ସମ୍ମାନ ସମାରୋହ, ୧,୫୯,୫୪୦ କୃଷକଙ୍କୁ ୧୯ତମ କିସ୍ତି

ଭଦ୍ରକ(ଭାସ୍କର ନ୍ୟୁଜ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପି.ଏମ୍ କିଷାନ୍ ଯୋଜନାରେ ୧୯ ତମ କିସ୍ତି ହସ୍ତାନ୍ତର କରାଯିବା ଅବସରରେ ଭଦ୍ରକ ଜିଲ୍ଲାସ୍ତରୀୟ କିଷାନ ସମାରୋହ ଦିବସ ପାଳନ କାର୍ଯ୍ୟକ୍ରମ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଅନ୍ୟତମ ସମ୍ମାନିତ ଅତିଥି ବିଧାୟକ ସିତାଂଶୁ ଶେଖର ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ସଞ୍ଜୟ କୁମାର ମହାନ୍ତି, ସଂଯୋଜକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ପ୍ରମୁଖ ପି.ଏମ୍ କିଷାନ ଭଳି ଜନକଲ୍ୟାଣକାରୀ ଯୋଜନାର ଆଭିମୁଖ୍ୟ ଓ ଉପାଦେୟତା ସମ୍ବନ୍ଧରେ ପ୍ରକାଶ କରିଥିଲେ। ଭାଗଲପୁରରେ ପ୍ରଧାନମନ୍ତ୍ରୀଙ୍କ କରକମଳରେ ଉଦ୍‌ଘାଟିତ ଶହୀଦ ସ୍ମୃତି ଭବନରେ ଋଷୀ, ହିତାଧିକାରୀ, ଜନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ବିଭାଗୀୟ ସଂପୃକ୍ତ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଇଥିଲା। ପି.ଏମ୍. କିଷାନ ଯୋଜନା ଏକ କେନ୍ଦ୍ରୀୟ ଯୋଜନା। ଏହା ୨୦୧୮ ମସିହା ଡିସେମ୍ବର ୧ ତାରିଖରୁ କାର୍ଯ୍ୟକାରୀ କରାଯାଇଅଛି।

### ତିହିଡ଼ି ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର

## ୧୧୭ ଅଭିଯୋଗ ଆଗତ, ୩୧ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ



ଭଦ୍ରକ(ଭାସ୍କର ନ୍ୟୁଜ): ଚଳିତ ଫେବୃୟାରୀ ମାସର ଶେଷ ସୋମବାରରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ତିହିଡ଼ି ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଭଦ୍ରକ ଏସ୍ପି.. ମାଡ଼କର ସନ୍ଦୀପ ସମ୍ପତ ଏହି ଶିବରରେ ଯୋଗଦେଇ ସମୁଦାୟ ୧୧୭ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ୮୬ଟି ବ୍ୟକ୍ତିଗତ, ୨୬ଟି ଗ୍ରାମ ସମ୍ବନ୍ଧୀୟ ଓ ୫ଟି ରେଡ଼କ୍ରସ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା। ସମୁଦାୟ ୨୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଭଦ୍ରକ ଜିଲ୍ଲା ପରିଷଦର ଅଧ୍ୟକ୍ଷ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ପ୍ରାକ୍ତନ ବି.ଡ଼ି.ଓ. ଜ୍ୟୋତିର୍ମୟ କର ଏବଂ ନୂତନ ଭାବେ ଯୋଗଦେଇଥିବା ବି.ଡ଼ି.ଓ. ନିରଞ୍ଜନ ବାରିକ୍ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଜନାଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ରେଡ଼କ୍ରସ ସମ୍ବନ୍ଧୀୟ ୫ ଜଣ ଆବେଦନକାରୀଙ୍କୁ ଆର୍ଥିକ ସହାୟତା ବାବଦକୁ ସମୁଦାୟ ୩୧ ହଜାର ଟଙ୍କା ପ୍ରଦାନ କାରାଯିବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ।

### ୬ ବର୍ଷ ପୂର୍ତ୍ତି ଅବସରରେ କିଷାନ ସମ୍ମାନ ସମାରୋହ

# ଜିଲ୍ଲାର ମୋଟ ୧,୨୧,୪୦୧ ଚାଷୀ ଲାଭାନ୍ୱିତ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାର ରାଜ୍ୟର ଭାଗଲପୁର ସହରଠାରେ ଆୟୋଜିତ ପିଏମ କିସାନ ସମ୍ମାନନିଧିର ୬ ବର୍ଷ ପୂର୍ତ୍ତି ସମାରୋହରେ ଦେଶର ୯କୋଟି ୮ ଲକ୍ଷ ଚାଷୀଙ୍କୁ ୨୨ ହଜାର କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି ଓ ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ କିସାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ପ୍ରମୁଖ ମଞ୍ଚାସୀନ ଥିଲେ ଓ ମନ୍ତ୍ରୀ ଶିକ୍ଷ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କୃଷକ ମାନଙ୍କ ବିକାଶରେ ଏକ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି କହିଥିଲେ। ଜିଲ୍ଲାରେ ମାଛ ଚାଷ କିପରି ଭାବେ ବୃଦ୍ଧି ପାଇବ, ବନ୍ଦର, ପର୍ଯ୍ୟଟନ ସ୍ଥଳୀ,ଶିଳ୍ପର ବିକାଶ ସାଧନ କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜିଲ୍ଲା ପ୍ରଶାସନର ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ମାଧ୍ୟମରେ ଦେଶର ଅର୍ଥନତିକ ଅଭିବୃଦ୍ଧି ସହ ସାମଗ୍ରିକ ବିକାଶ ଦୁଇ ଗୁଣିତ ହେବ ବୋଲି କହିଥିଲେ।ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ଭାଗଲପୁରଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ। ଜଗତସିଂହପୁର ଜିଲ୍ଲାର ମୋଟ ୧,୨୧,୪୦୧ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଓ ଏଠାରେ ସୂଚନାଥାଉ କି, କୃଷକଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପି-ଏମ କିଷାନ ଯୋଜନା ଏକ କଲ୍ୟାଣକାରୀ ଯୋଜନା। ଏହି ଯୋଜନାରେ ଚାଷୀଙ୍କୁ ସହାୟତା ରାଶି ଭାବରେ ବର୍ଷକୁ ୬୦୦୦ ଟଙ୍କା ତିନି ଗୋଟି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇଥାଏ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, କେ.ଭି.କେ ବୈଜ୍ଞାନିକ, କୃଷି ଜିଲ୍ଲା ଅଧିକାରୀ, ଜଗତସିଂହପୁର, ତିର୍ତ୍ତୋଲ ବ୍ଲକ୍ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କଣାସ ବ୍ଲକ୍‌ରେ ନୂତନ ବିଡିଓଙ୍କ ଯୋଗଦାନ



କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ପୂର୍ବତନ ବିଡିଓ ନାରାୟଣ ସାହୁଙ୍କର ବାଲେଶ୍ୱର ଜିଲ୍ଲା ଖଇରିଆ ବ୍ଲକକୁ ବିଡିଓ ଭାବେ ବଦଳି ହେବାରୁ କଣାସ ବ୍ଲକ ବିଡିଓ ପଦବୀ କିଛିଦିନ ହେଲା ଖାଲି ପଡିଥିଲା । ଆଜି ସୋନପୁର ବ୍ଲକରେ କାର୍ଯ୍ୟ କରୁଥିବା ସୌମ୍ୟରଞ୍ଜନ ସ୍ୱାଇଁ କଣାସ ବ୍ଲକ ବିଡିଓ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ବିଡିଓ ଦାୟିତ୍ୱରେ ଥିବା କଣାସ ତହସିଲଦାର ହିମାଂଶୁ ଶେଖର ଗିରି ତାଙ୍କୁ ପ୍ରଦାନ କରିଥିଲେ । ବ୍ଲକର କର୍ମଚାରୀମାନେ ଓ କେତେକ ଲୋକପ୍ରତିନିଧି ମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ ଓ ଅସହାୟ ଲୋକମାନଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନା କିପରି ଅସହାୟ ଓ ଗରିବ ଲୋକମାନେ ପାଇପାରିବେ ସେଥି ପାଇଁ ପ୍ରଥମେ ମୁଁ ଚେଷ୍ଟା କରିବି ବୋଲି କାର୍ଯ୍ୟଭାର ଗ୍ରହଣ କରିବା ପରେ ବିଡିଓ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ ।

## କାନ୍ତକବିଙ୍କ ପୂଣ୍ୟ ତିଥିରେ ଜିଲ୍ଲାପାଳଙ୍କ ଦ୍ୱାରା ମାଲ୍ୟାର୍ପଣ କାର୍ଯ୍ୟକ୍ରମ



ଭଦ୍ରକ(ଭାସ୍କର ନ୍ୟୁଜ): ସାରସ୍ୱତ ଦୁନିଆରେ ପ୍ରାତଃ ସ୍ମରଣୀୟ ଭଦ୍ରକ ମାଟିର ଗର୍ବ ଗୌରବ, ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ"ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀଧର ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲିପ ରାଉତରାଏ ଏହି ପୁଣ୍ୟତିଥି ଅବସରରେ ଭଦ୍ରକ ସହରର ଚନ୍ଦବାଲି ବାଇପାସ୍ ଛକରେ ଅବସ୍ଥାପିତ କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତିହିଡ଼ି ବ୍ଲକର ତାଳପଦା ସ୍ଥିତ କାନ୍ତକବି ଜନ୍ମପୀଠକୁ ଗସ୍ତ କରି ସେଠାରେ ତାଙ୍କର ସମାଧିପୀଠ ଓ ସ୍ମୃତିକୁଟୀରରେ ଅବସ୍ଥାପିତ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କାଙ୍କ ସଂଯୋଜନାରେ ଆୟୋଜିତ ଉଭୟ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତ୍ୟାଗଭୂମି ମହୋତ୍ସବର ପ୍ରତିଷ୍ଠାତା ଅଜୟ ନାୟକ, ସାହିତ୍ୟିକା ରାଧାରାଣୀ ମହାପାତ୍ର ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ତାଳପଦାରେ ଜିଲ୍ଲାପରିଷଦ ସଦସ୍ୟ ଚିନ୍ତାମଣି ଦାସ, ଚିତ୍ରକର ଜୟନ୍ତ ନାୟକ, ତିହିଡ଼ି ବ୍ଲକ୍ କଳା ସଂସ୍କୃତି ସଂଘର ଉପସଭାପତି ଭାଗୀରଥି ଦତ୍ତ ଓ ଅନ୍ୟ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ। ସେହିପରି ଚନ୍ଦବାଲି ବାଇପାସ୍ ଛକ ଭଦ୍ରକ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ବିଶିଷ୍ଟ ବ୍ୟକ୍ତି ଶିକ୍ଷାବିତ ରାମଚନ୍ଦ୍ର ପଣ୍ଡା, ଅଟଳବିହାରୀ ନାୟକ, ସମାଜସେବୀ ଏସ୍.ଏମ୍.ଫାରୁକ୍, ଲକ୍ଷ୍ମୀକାନ୍ତ ବାରିକ୍, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଅଶୋକ କୁମାର ଦାସ ଓ ହୃଷିକେଶ ମହାନ୍ତି, ପୌରପାଳିକା ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ, ସାମ୍ବାଦିକ ରବିନାରାୟଣ ଖିଲାର, ସର୍ବୋଦୟ ମଣ୍ଡଳର ସଭାପତି ଅମର ପାଣିଗ୍ରାହୀ, ଶିକ୍ଷାବିତ୍ କମଳାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗୀତଗୁରୁ ରାମନାରାୟଣ ମହାନ୍ତି "ବନ୍ଦେ ଉତ୍କଳ ଜନନୀ" ସଂଗୀତ ପରିବେଷଣ କରିଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଓ ଆଦର୍ଶ ସେବା,ସମର୍ପଣ ଓ ତ୍ୟାଗ ଶିକ୍ଷା ଦିଏ ।ତାଙ୍କ ଭଲ ମଣିଷ ହୁଅର ଆହ୍ୱାନ ପ୍ରତ୍ୟେକ ମଣିଷ ଚରିତ୍ର କୁ ସବୁଦିନ ସଂସ୍କାରିତ କରି ଚାଲିଥିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ମତବ୍ୟକ୍ତ କରିଛନ୍ତି । ଆଜି ଅପରାହ୍ନରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ,କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ,ପୁରୀ ଓ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ପକ୍ଷରୁ ଆଚାର୍ଯ୍ୟ ହରିହର ଙ୍କ ୧୪୬ ତମ ଜୟନ୍ତୀ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଆଚାର୍ଯ୍ୟ ହରିହରଙ୍କ ବାଗ୍ମୀତା, ମେଧା ଓ ବୁଦ୍ଧିମତା ଅନନ୍ୟ ବୋଲି କହିବା ସହ ତାଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମଗ୍ର ମାନବ ଜାତିର ପ୍ରେରଣା ର ଉତ୍ସ ବୋଲି କହିଥିଲେ ।ଜଣେ ଜ୍ଞାନୀ, ଗୁଣୀ ହୋଇ ମଧ୍ୟ ସେ ଅତି ସାଧାରଣ ଜୀବନ ଯାପନ କରିବା ସହ ଛୁଆଁ ଅଛୁଆଁ ଭେଦଭାବ ବିରୋଧରେ ସଂଗ୍ରାମ କରିଥିଲେ ।ତାଙ୍କ ଆଚରଣ ଓ ଉଚ୍ଚାରଣରେ ପ୍ରଭେଦ ନ ଥିଲା ବୋଲି ଶ୍ରୀ ବେହେରା କହିଥିଲେ । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ସଦାଶିବର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ଆଚାର୍ଯ୍ୟ ହରିହରଙ୍କ ଜୀବନ ଓ ଜୀବନ ଚର୍ଯ୍ୟା ଅତ୍ୟନ୍ତ ସରଳ ଓ ନିରାଡମ୍ବର ରହିଥିଲା ସତ ହେଲେ ତାଙ୍କ ଆଦର୍ଶ ଓ ଚରିତ୍ର ଉଚ୍ଚ ମୂଲ୍ୟବୋଧ ର ପ୍ରତୀକ ଥିଲା ବୋଲି କହିଥିଲେ । ଶିକ୍ଷାବିତ ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହ ରେ ପୁରୀ ମୁନିସିପାଲ୍ଟିର ଏନଫୋର୍ସମେଣ୍ଟ ଅଫିସର ଲିପ୍ସା ରାୟ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ପଙ୍କୋଦ୍ଧାର ଏକାଦଶୀ ପାଇଁ ଶ୍ରୀଲୋକନାଥ ମନ୍ଦିର ଚଳଚଞ୍ଚଳ

ପୁରୀ (ଭାସ୍କର ନ୍ୟୁଜ) : ପବିତ୍ର ପଙ୍କୋଦ୍ଧାର ଏକାଦଶୀ ପାଇଁ ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର ଚଳଚଞ୍ଚଳ ହୋଇଉଠିଛି । ବର୍ଷକରେ ଏହି ଗୋଟିଏ ଦିନ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିବାର ସୁଯୋଗ ମିଳୁଥିବାରୁ ପଙ୍କୋଦ୍ଧାର ଏକାଦଶୀଙ୍କୁ ଭକ୍ତ ଅପେକ୍ଷା କରିଥା'ନ୍ତି । ଏହି ଦିନ ଗମ୍ଭୀରା ଭିତରକୁ ଯାଇ ଦର୍ଶନ ହେଉଥିବାରୁ ଭକ୍ତଙ୍କ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି ।ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳାର ସହ ଦର୍ଶନ କରିପାରିବେ, ସେନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି । ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ ବୋଲି ନୀତିକାନ୍ତି ଚୂଡ଼ାନ୍ତ ହୋଇଛି । ପଙ୍କୋଦ୍ଧାର ଏକାଦଶୀ ପାଇଁ ରାତି ୧୨ଟା ୩୦ରେ ପହୁଡ଼ ଦ୍ୱାର ଖୋଲିଛି । ଏହାପରେ ମଙ୍ଗଳ ଆଳତି, ଅବକାଶ ନୀତି ହେବ । ଭୋର ୪ଟା ମଧ୍ୟରେ ମଧ୍ୟାହ୍ନ ଧୂପ ସରିବା ପରେ ଭୋର ୪ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା ସର୍ବସାଧାରଣ ଦର୍ଶନ ଓ ରାତ୍ର ୧୦ଟାରୁ ରାତ୍ର ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡସିଂହାର ବେଶ ଅନୁଷ୍ଠିତ



ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ।ପଙ୍କୋଦ୍ଧାର ଏକାଦଶୀରେ ୪,୦୦୦ ସ୍ୱତନ୍ତ୍ର ଦର୍ଶନ ଟିକଟ୍ କରାଯାଇଛି । ପ୍ରତ୍ୟେକ ଟିକଟର ଦାମ୍ ୧୦୦ଟଙ୍କା ରହିଛି । ଦର୍ଶନ ଟିକଟଧାରୀ ମା' ପାର୍ବତୀଙ୍କ ମନ୍ଦିର ଦେଇ ନାଟାମ୍ବର ବୃଷଭ ବଖରା ବାଟେ ଗମ୍ଭୀରାକୁ ଦର୍ଶନ ପାଇଁ ଯିବେ । ଦର୍ଶନ ସାରି ବଉଳଗଛ ଦ୍ୱାର ଦେଇ ବାହାରିବେ । ସେବାୟତ ପରିବାର ସଦସ୍ୟ ବାଙ୍କ ଖ୍ଲଣ ଦ୍ୱାର ଦେଇ ଜାଲି ଗେଟ୍ ?ରେ ପ୍ରବେଶ କରି ହରିହର ପାଖ ଦେଇ ଗମ୍ଭୀରାକୁ ପ୍ରବେଶ କରିବେ । ଦର୍ଶନ ପରେ ବଉଳ ଗଛ ଦେଇ ବାହାରକୁ ବାହାରିବେ । ସେହିପରି ସର୍ବସାଧାରଣ ଭକ୍ତ ଲକ୍ଷ୍ମୀଙ୍କ ଦ୍ୱାରରେ ପ୍ରବେଶ କରି ଗମ୍ଭୀରାରେ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରି ବଉଳ ଗଛ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ବ୍ୟବସ୍ଥା ହୋଇଛି । ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ସମାରୋହ




ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାଗୃହରେ ଶ୍ରୀରାମ ଚନ୍ଦ୍ର ସାହିତ୍ୟ ସଂସଦର ୧୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ଅନୁଷ୍ଠାନର ପୂର୍ବତନ ସଭାପତି ସ୍ୱର୍ଗତ ଶ୍ରୀନିବାସ ପ୍ରଧାନଙ୍କୁ ଶ୍ରଦ୍ଧାଂଜଳି ଦେବାପରେ କାର୍ଯ୍ୟକ୍ରମ ଆରଂଭ ହୋଇଥିଲା । ଅନୁଷ୍ଠାନର ସଭାପତି ଡକ୍ଟର ପୁଷ୍ପା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ଡଃ ହରିଶଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କବିମାନେ ସବୁବେଳେ ଜୀବନର କଥା କହିଆସୁଛନ୍ତି ବୋଲି ଦୃଢୋକ୍ତି ପ୍ରକାଶ କରିବା ସହ ଅତୀତରେ ଏପର୍ଯ୍ୟନ୍ତ ଯେତେ ସାହିତ୍ୟ ସୃଷ୍ଟି ହୋଇଛି । ସବୁଥିରେ ମଣିଷର ଜୀବନର କଥା ସୁନ୍ଦର ଭାବେ ଆଲୋକପାତ କରିଥିଲେ ଓ କବିତାରେ ଯଦି ଆବେଗ ନରହିବ, ମଣିଷ ପ୍ରତି ଯଦି ଭଲପାଇବା ନରହିବ ସେ କବିତା ଶ୍ରୁତି ମଧୁର ନହେବା ସହ ଚିରକାଳ ପାଠକୀୟ ଆଦୃତି ପାଇପାରିବ ନାହିଁ ବୋଲି ମଧ୍ୟ ପ୍ରକାଶ କରିଥିଲେ ।ସେହିପରି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ତଥା କେନ୍ଦ୍ର ଯୁବ ସାହିତ୍ୟ ଏକାଡେମୀ ବିଜେତା ପ୍ରାବନ୍ଧିକ ଡକ୍ଟର ଶିଶିର ବେହେରା ସମ୍ମାନିତ ବକ୍ତା ଭାବେ ଯୋଗଦେଇ କହିଥିଲେ ସାହିତ୍ୟିକମାନେ ମନୋରଞ୍ଜନ ନୁହନ୍ତି । ସାହିତ୍ୟିକଟିଏ ସମାଜର ଜାଗ୍ରତ ପ୍ରହରୀ । ସେ ଲେଖୁଥିବା ସାହିତ୍ୟ ସମାଜକୁ ବଦଳେଇଦେଇପାରେ, ମଣିଷ ମନରେ ନୂଆ ଚିନ୍ତା ଚେତନା ବା ଭାବାନ୍ତର ସୃଷ୍ଟି କରିପାରେ । ମାନବିକତା ବୋଧ ଓ ନିଜର ପରମ୍ପରା ପ୍ରତି ବିଶ୍ୱାସ ଯେଉଁ ସାହିତ୍ୟରେ ଅଧିକ ସେହି ସାହିତ୍ୟ କାଳଜୟୀ ହୁଏ । ଏହା ସହ ସେ ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କ ସାମଗ୍ରିକ ଜୀବନରେ ମଣିଷ ପଣିଆର ରାଜକୀୟ ଗରିମା ବିଷୟରେ ଆଲୋକପାତ କରିଥିଲେ । ତେବେ ମୁଖ୍ୟବକ୍ତା ଭାବେ ଡକ୍ଟର ରତ୍ନାକର ସିଂହ ସମାଜ ପ୍ରତି ସାହିତ୍ୟିକର ଥିବା ଉତ୍ତର ଦାୟିତ୍ୱ ଉପରେ ଦୃଷ୍ଟିପାତ କରିଥିଲେ । ସ୍ନେହାଶିଷ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଦେବେନ୍ଦ୍ର ଆଚାର୍ଯ୍ୟ ବେଦ ପାଠ କରିଥିଲେ । ଏହି ଅବସରରେ ଡଃ ନିରୋଜ କୁମାର ପୋଥାଳ ଏବଂ ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ମହାନ୍ତିଙ୍କୁ ଭୂମିପୁତ୍ର ସମ୍ମାନରେ ଓ ବିଶିଷ୍ଟ ଗାଳ୍ପିକା ଡଃ ସ୍ମୃତି ପଟ୍ଟନାୟକଙ୍କୁ ଭଞ୍ଜଦୀପ' ଗଳ୍ପ ସମ୍ମାନରେ ସମ୍ମାନିତ କରାଯାଇଥିଲା ।ସଂପାଦିକା ସୁଚରିତା ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ । ମଧୁସୂଦନ ମିଶ୍ର ଏବଂ ଭାସ୍ୱତୀ ପଣ୍ଡା କବିତା ସଂଯୋଜନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ଡଃ ଉଷା ଶତପଥି, ବାସନ୍ତୀ ଲତା ମହାପାତ୍ର, ଡଃ ଅଳକା ମଞ୍ଜରୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ କବି କବିତା ପାଠ କରିଥିଲେ । ସମସ୍ତ କବିମାନଙ୍କୁ ଉତ୍ତରୀୟ ଓ ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପାର୍ଥ ସାରଥି ମହାନ୍ତି, ପ୍ରିୟଙ୍କା ଦାସ, ଖୁସି ଦାସ,ଭାସ୍କର ବାରିକ ଓ ଅନ୍ୟାନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆନ୍ତଃଜିଲ୍ଲା ଜୈବ ବିବିଧତା ମେଳା

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କିର୍ତ୍ତୀ ଆନୁକୂଲ୍ୟରେ ଅଗ୍ରଣୀ କୃଷକ ମାନଙ୍କୁ ନେଇ ଏକ ଦୁଇଦିନିଆ ଆନ୍ତଃଜିଲ୍ଲା ଦୈବ ବିବିଧତା ମେଳାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୁଳ, ମୟୂରଭଞ୍ଜ ଆଦି ଜିଲ୍ଲା ଓ ଝାଡଖଣ୍ଡ ରାଜ୍ୟର ପଶ୍ଚିମ ସିଂଭୁମ ଜିଲାରୁ ୩୦୦ରୁ ଉର୍ଦ୍ଧ ଚାଷି ଅଂଶ ଗ୍ରହଣ କରି ଚାଷର ସୁରକ୍ଷା ଓ ଜୈବ ବିବିଧତା ରକ୍ଷା କରିବା ଦିଗରେ ମାନସ ମନ୍ଥନ କରିଥିଲେ କ୍ଷ ତାଙ୍କ ଅଞ୍ଚଳରୁ ବିଭିନ୍ନ ଦେଶି ଧାନବିହନ, ଜଙ୍ଗଲ ଜାତ ଦ୍ରବ୍ୟ ଓ ଔଷଧ ଆଣି ପ୍ରଦର୍ଶନ କରିଥିଲେ । କୃଷକ ମାନେ ୧୬୩ ପ୍ରକାର ଦେଶିଧାନ୍, ୧୧ପ୍ରକାର ମିଲେଟ୍, ୧୨ପ୍ରକାର ଜଙ୍ଗଲ ଆଳୁ ଓ ଅନେକ ପ୍ରକାର ଜଙ୍ଗଲ ସାଗ ଏବଂ ଔଷଧୀୟ ବୃକ୍ଷ ଆଣି ପ୍ରଦର୍ଶନ କରିଥିଲେ । କିର୍ତ୍ତୀ ଅନୁଷ୍ଠାନର ସହଯୋଗରେ ଦିର୍ଘ ୭ବର୍ଷ ଧରି ପ୍ରତିବର୍ଷ ଜୈବବିବିଧତା ମେଳା ଆୟୋଜନ କରାଯାଉଛି । ଜଳବାୟୁ ପରିବର୍ତ୍ତନ ର ମୁକାବିଲା କରିବା ପାଇଁ କୃଷକ ମାନଙ୍କୁ ସଚେତନ କରିବା ସହ ଲୋପ ପାଇବାକୁ ବସିଥିବା ପାରମ୍ପରିକ ଜ୍ଞାନ, ପାରମ୍ପରିକ ବିହନ ର ସୁରକ୍ଷା କରିବା ଏହି ଜୈବ ବିବିଧତା ମେଳାର



ମୂଳ ଲକ୍ଷ୍ୟ ।ଜୈବ ବିବିଧତର ସୁରକ୍ଷା ଆଜି ସମସ୍ତଙ୍କ ପାଇଁ ଏକ ଆହ୍ୱାନ । ବୁଦ୍ଧିଜିବି ସମାଜସେବୀ ଓ ସମାଜର ପରିବର୍ତ୍ତନ ପାଇଁ ସଦା ଚେଷ୍ଟିତ ୪ର୍ଥ ସ୍ତମ୍ଭ ଏହି ଆହ୍ୱାନକୁ ଗ୍ରହଣ କରିନେବା ଆବଶ୍ୟକ । ଏହି ପରିପ୍ରେକ୍ଷିରେ ଉକ୍ତ ଜୈବ ବିବିଧତା ମେଳାରେ ଅଂଶ ଗ୍ରହଣ କରି ନିଜନିଜର ବକ୍ତବ ରଖିଥିବା ସମ୍ମାନୀୟ ଅତିଥିମାନଙ୍କୁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଦିଆଯାଉଛି । କିର୍ତ୍ତୀ ଅନୁଷ୍ଠାନର ସଂପାଦକ ଦୁସ୍କର ବାରିକଙ୍କ ପ୍ରତିନିଧିତ୍ୱରେ ଏବଂ ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଶରତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଧରଣୀଧର ମହାବିଦ୍ୟାଳୟର କୁଳପତି ଡଃ. ପ୍ରତାପ କୁମାର ମହାନ୍ତି ଯୋଗ ଦେଇ ପରି ବେଶର ସୁରକ୍ଷା କରିବା ସହ ବୃକ୍ଷରୋପଣ କୁ ଗୁରୁତ୍ୱ ଦେଇଥିବା ବେଳେ ପରିଦେଶ ବିତ ଡଃ ବିମ୍ବାଧର ବେହେରା ଖଣିଶିଳ୍ପକୁ ବିରୋଧ କରିଥିଲେ । ଏହିପରିପ୍ରେକ୍ଷିରେ ଡଃ ବିପିନି ବିହାରି ମହାପାତ୍ର , ଭାରତୀ ସାହୁ, ନିରଞ୍ଜନ ବାରିକ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନର କୁ ପ୍ରଭାବ ବିଷୟରେ ଆଲୋଚନା କରିଥିଲେ । ଶେଷରେ କୃଷି ଓ ଉଦ୍ୟାନ କୃଷି ବିଭାଗରୁ ଯୋଗ ଦେଇଥିବା ସମ୍ମାନୀୟ ଅତିଥି ଶ୍ରୀ ଗୋବିନ୍ଦ ଚନ୍ଦ୍ର ବେହେରା ଓ ଶ୍ରୀ ସତ୍ୟବାନ ସୋରେନ ଏବଂ ଉପସ୍ଥିତ ସମସ୍ତ ସମ୍ମାନୀୟ ଅତିଥି ବୃନ୍ଦ ଚାଷିମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଷ୍ଟଲମାନ ବୁଲି ଦେଖିଥିଲେ ।ଏଥିରେ ସମସ୍ତ ଚାଷି ମାନେ ସ୍ୱାଗତ ପୂର୍ବକ ସମ୍ମାନୀୟ ଅତିଥି ମାନଙ୍କୁ କରତାଳି ଦେଇ ସ୍ୱାଗତ କରିବା ସହ ସେମାନଙ୍କର ଯୋଗଦାନକୁ ଧନ୍ୟବାଦ ଦେଇଥିଲେ ।

# ମନ୍ଥର ଗତିରେ ଚାଲିଛି ରାସନକାର୍ଡ ଇ କେୱାଇସି

ଖଇରପୁଟ (ଭାସ୍କର ନ୍ୟୁଜ) ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ବହୁ ପରିବାର ରାସନ ପାଇବାରୁ ବଞ୍ଚିତ ହେବା ଆଶଙ୍କା ପ୍ରକାଶ ପାଇଛି । ରାସନ ଚାଉଳ ପେଟକୁ ଦାନା ଦେଉଥିବା ବେଳେ ଏଥିରେ ଇ କେୱାଇସି ବାଧକ ସାଜିଛି । ମାର୍ଚ୍ଚ ୩୧ ତାରିଖ ଇ କେୱାଇସି ର ଶେଷ ତାରିଖ ହୋଇଥିବା ବେଳେ ଆଧାର ଅପଡେଟ ଏବଂ ନେଟୱାର୍କ ସମସ୍ୟା ବାଧକ ସାଜିଛି । ଏହି ସମସ୍ୟା ପାଇଁ ଖଇରପୁଟ ବ୍ଲକ ର ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ ଶତକଡା ଲୋକ ଇ କେୱାଇସି ରୁ ବଞ୍ଚିତ ହୋଇଛନ୍ତି । ସର୍ବାଧିକ ବଣ୍ଡାଘାଟିର ମୁଦୁଲିପଡ଼ା ପଞ୍ଚାୟତ ର ୩୯ ଶତକଡା ଏବଂ ଅଣ୍ଡ୍ରାହାଲ ପଂଚାୟତ ର ୩୩ ଶତକଡା ଲୋକ ବଞ୍ଚିତ ଥିବା ବେଳେ ବଡଡୁରାଲ ପଞ୍ଚାୟତର ୨୫ ପ୍ରତିଶତ ରାହାସବେଡା ପଞ୍ଚାୟତ ର ୧୨ ପ୍ରତିଶତ ଲୋକ ବର୍ତ୍ତମାନ ସୁଦ୍ଧା ବଞ୍ଚିତ ଅଛନ୍ତି । ଖଇରପୁଟ ଯୋଗାଣ ନିରୀକ୍ଷକ ପ୍ରଭାକର ମଲିକଙ୍କ କହିବା ଅନୁଯାୟୀ ବହୁ ଲୋକଙ୍କ ଆଧାର କାର୍ଡ ଭୂଲ ଥିବା ଯୋଗୁଁ ଇ କେୱାଇସି ହୋଇପାରୁନାହିଁ, ଆଧାର ଅପଡେଟ ପାଇଁ ଅସ୍ଥାୟୀ କ୍ୟାମ୍ପ ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛ ।

# ହଳଦୀ ଜୟ ଡ଼ଙ୍ଗର ବୁଢା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: କୁରସୁଡ଼ ଚାମ୍ପିଅନ୍

ମୁରିବାହାଲ (ଭାସ୍କର ନ୍ୟୁଜ ) ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ଖେଳ ପଡିଆ ରେ ଚାଲିଥିବା ଜୟ ଡ଼ଙ୍ଗରବୁଢ଼ା ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇ ଯାଇଛି । ଫାଇନାଲରେ ହଳଦୀ ଦଳକୁ ଚାରି ଗୋଲରେ ହରାଇ କୁରସୁଡ଼ ଦଳ ଚାମ୍ପିୟନ ହୋଇଛି । ଏହି ଖେଳରେ ମୁଖ୍ୟଅତିଥି ଭାବରେ ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲା ଉପାଧକ୍ଷ୍ୟା ନିରୁପମା ମାଝୀ ଓ ସମ୍ମାନିତ ଅତିଥି ଭାବରେ ମୁରିବାହାଲ ବ୍ଲକ ଚେୟାରମ୍ୟାନ ହରିବନ୍ଧୁ ମେହେର, ସମିତି ସଭ୍ୟ ଟୁନାମାନୀ ମହାନନ୍ଦ, ୨୯ ନମ୍ବର ଜୋନ ର ଜିଲ୍ଲା ପରିଷଦ ଗୋପୀନାଥ ପାଣିଗ୍ରାହୀ, ସାମ୍ବାଦିକ ସଂଘ



ମୁରିବାହାଲ ସଭାପତି ସୁବ୍ରତ ମାହାକୁର, ପ୍ରେସ କ୍ଲବ କଣ୍ଟାବାଞ୍ଜି ସଭାପତି ପ୍ରଭାଜିତ ସିଂହ ସାଲୁଜା, ପ୍ରେସ କ୍ଲବ ଉପଦେଷ୍ଟା ଆଶିଷ କ୍ଷେତାନ, ସୁରଦାସ ବାଗ, ବିସିକେଶନ ମାଝୀ, କେଦାରନାଥ ବଡ଼ଜେନା, ଲକ୍ଷ୍ମୀକାନ୍ତ ଧରୁଆ, ଅମରେଶ ମାଝୀ, ଲଳିତ ବଘାର, ରମେଶ ଭୋଇ, ଗୋପବନ୍ଧୁ ଦାସ, ଆଦିକାନ୍ତ ଖମାରି, ଗୋବର୍ଧନ ନାଗ ପ୍ରମୁଖ ମଂଚାସୀନ ଥିଲେ । ଏହି ଖେଳକୁ ଆଶୀର୍ବାଦ ସା, ଆଶିଷ ସା, ଅଶ୍ୱିନୀ ଭୁକ୍ତା ଓ ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ । ଚାମ୍ପିୟାନ ଦଳକୁ ଟ୍ରଫି ସହ ସାତ ହଜାର ଟଙ୍କା ପୁରସ୍କାର ରାଶି ଓ ରନର୍ସଅପ ଦଳକୁ ଟ୍ରଫି ସହ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯାଇ ଥିଲା । ଏହି ଖେଳକୁ କମିଟିର ସଭାପତି ଯୋଶବନ୍ତ ଭୋଇ, ଉପସଭାପତି ରାଜୁ ହାତୀ, ସମ୍ପାଦକ କ୍ଷୀରସିନ୍ଧୁ ପାତ୍ର, ସହ ସମ୍ପାଦକ ସୁରଜ ଖମାରି,ସୁନୀଲ ହାତୀ, ଚିତ୍ରସେନ ହାତୀ, ରମା ପାତ୍ର, ସୁବାଷ ପଟ୍ଟନାୟକ, ଶଶୀଭୁଷଣ ପଶାୟତ, ପିଙ୍କୁ ପଶାୟତ, ଚକ୍ର ଭୋଇ, ପପୁ ବାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## କୃଷକ ସମ୍ମାନ ନିଧିର ୧୯ ତମ କିସ୍ତି ସହାୟତା



ପୁରୀ (ଭାସ୍କର ନ୍ୟୁଜ) : କୃଷି ବିଜ୍ଞାନ କେନ୍ଦ୍ର ସାକ୍ଷୀଗୋପାଳ ପରିସରରେ ପ୍ରଧାନ ମନ୍ତ୍ରୀ କୃଷକ ସମ୍ମାନ ନିଧି ର ୧୯ ତମ କିସ୍ତି ସହାୟତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସିଧାସଳଖ ପ୍ରେରଣ କାର୍ଯ୍ୟକ୍ରମ ବିହାରର ଭାଗଲପୁରରୁ ୱେବ୍ କାଷ୍ଟ ଦ୍ୱାରା ୩୦୦ ରୁ ଉର୍ଦ୍ଧ୍ୱ ଚାଷୀ ଦେଖିଥିଲେ ।ଏହି ମହୋତ୍ସବ ରେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗ ଦେଇ ଉପସ୍ଥିତ ଚାଷୀ ମାନଙ୍କୁ ଉଦବୋଧନ ଦେଇଥିଲେ । ପ୍ରାରମ୍ଭରେ କେବିକେ ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୂର୍ଯ୍ୟ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ । ପୁରୀ ଜିଲ୍ଲାରେ ମୋଟ ୧୬୧୦୨୩ ଚାଷୀଙ୍କ ଖାତାକୁ ୨୦୦୦ ଟଙ୍କା ହିସାବରେ ମୋଟ ବତିଶ କୋଟି କୋଡ଼ିଏ ଲକ୍ଷ ଛ ୟାଳିସ ହଜାର ଟଙ୍କା ଦିଆଗଲା ।ଆଗାମୀ ଦିନରେ ଅଧିକରୁ ଅଧିକ ଚାଷୀ କିଭଳି ଏହି ଯୋଜନାରେ ସହାୟତା ପାଇବେ, ସେଥିପାଇଁ ଯତ୍ନବାନ ହେବାକୁ ଅତିଥିମାନେ କୃଷି ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।କାର୍ଯକ୍ରମ ଟିକୁ ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ ମିଳିତ ଭାବେ ପରିଚାଳନା କରିଥିଲେ । ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ, ଏ ଡି ଭି ଓ ଡକ୍ଟର ରାଜେଶ କୁମାର ପାଣିଗ୍ରାହୀ, ଆସିଷ୍ଟାଣ୍ଟ ଡାଇରେକ୍ଟର, ମୃତ୍ତିକା ସଂରକ୍ଷଣ ସ୍ୱୟଂ ପ୍ରଭା ଦାସ, ସହକାରୀ ମତ୍ସ୍ୟ ଅଧିକାରୀ ସୁଶ୍ରୀ ଶିବାଙ୍ଗି ପଟ୍ଟନାୟକ ଯୋଗ ଦେଇଥିଲେ ।

# ଜାତୀୟସ୍ତରୀୟ ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ଜେଡି କ୍ଲବ୍ ଚାମ୍ପିଅନ୍



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସହରର ଫକିରାବାଦ୍ ଆଜାଦ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ଜାତୀୟ ସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆଜାଦ୍ କ୍ଲବର ସଭାପତି ହିବଜୁର ରହେମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁରର ପୂର୍ବତନ ବିଧାୟକ ତଥା ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲା ପରିଷଦ ସଭାପତି ଲିଲିତା ଦାସ, ସମାଜସେବୀ ରଞ୍ଜିତ ସାହୁ, କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ବରିଷ୍ଠ ଉପଦେଷ୍ଟା ସୟଦ ଅବଦୁଲ ସ□ାର,କ୍ଲବର ଉପସଭାପତି ମୀର ବକ୍କାଉଲ୍ଲା ଓ ସମ୍ପାଦକ ସେକ ଲିୟାକତ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ । ଫାଇନାଲ ମ୍ୟାଚରେ ଫୁଲବାଣୀର ଜେଡି କ୍ଲବ କଟକର ଟାର୍ଜନ କ୍ଲବକୁ ୧-୦ ଗୋଲରେ ହରାଇ ଚମ୍ପିୟନ ହୋଇଥିଲା । ଅତିଥିମାନେ ବିଜୟୀ ଦଳ ଫୁଲବାଣୀର ଜେଡି କ୍ଲବକୁ ୫୧ହଜାର ଟଙ୍କା ସହ ଚମ୍ପିୟନସ ଟ୍ରଫି ଓ ରନର୍ସଅପ ଦଳ କଟକର ଟାର୍ଜନ କ୍ଲବକୁ ୩୧ହଜାର ଟଙ୍କା ସହ ରନର୍ସଅପ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ଏଥିସହିତ ମ୍ୟାନ ଅଫ ଦି ମ୍ୟାଚ, ମ୍ୟାନ ଅଫ ଦି ସିରିଜ, ଟୁର୍ଣ୍ଣାମେ□ର ଶୃଙ୍ଖଳିତ ଦଳ, ଟୁର୍ଣ୍ଣାମେଣ୍ଟକୁ ସୁପରିଚାଳନା କରିଥିବା ରେଫରୀ ଓ କ୍ଲବର ସଦସ୍ୟମାନଙ୍କୁ ମଧ୍ୟ ଅତିଥିମାନେ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ । ଏହି ମ୍ୟାଚକୁ ସୁହାନୀ ରାଜପୁତ୍, ପରମିତା ଘୋଷ, ସୋମା ମୁର୍ମୁ ଓ ଦେବଜାନୀ ମଣ୍ଡଳ ପ୍ରମୁଖ ରେଫରୀ ଭାବରେ ପରିଚାଳନା କରିଥିଲେ । ସହସମ୍ପାଦକ ସେକ ସଇଫୁଲ୍ଲା ଓ ସେକ ସିରହାନ ଅଲ୍ଲୀ, ଉପଦେଷ୍ଟା ଟିକା ଖାନ୍, ମୀର ଖୁବେର, ଜାହିଦ୍ ଖାନ୍, ଜୁମା ଖାନ୍, ମୀର ୟାସିର, ଅବଦୁଲ ମଲ୍ଲିକ, ମହମ୍ମଦ ଜାକିର, ସେକ ଅକ୍ତର, କଲିମ ଖାନ୍, ନୁରୁଲ ହକ୍, ମୀର ଫାରୁକ୍, ବସ ଖାନ୍, ସୟଦ ଅହେସାନ ଅଲ୍ଲୀ, ଅବଦୁଲ ମଜିଦ, ସେକ କମିଲ, ପ୍ରଦୀପ କୁମାର ବେହେରା, ସେକ ୱସିମ, ସେକ କମିଲ, ସାଜେଦୁର ରହେମାନ, ଖାଜା ରମଜାନୀ, ଅସିଫ ଖାନ୍, ସେକ ପରୱେଜ ଅକ୍ତର, ସେକ ଅମୀର ଅହମ୍ମଦ, ଫୁରକାନ ଖାନ, ମହମ୍ମଦ ଅମୀର, ନଫିସ ଅହେମ୍ମଦ, ନୁର ଖାନ୍, ଅଝାରୁଦ୍ଦିନ ଖାଁ, ସେକ ନସିରୁଦ୍ଦିନ୍, ରହେମତ ଖାନ୍, ଲାଲାବାବୁ, ସେକ ଫରହାନ୍, ମୁନା ଖାନ୍, ବାବା ଖାନ୍, ଅସିଫ୍ ଖାନ୍, ଅହେମ୍ମଦ ଖାନ୍, ରାଜୁ ଖାନ, ଅଦିବ ଖାନ, ଉସମାନ ଖାନ, ସଫିଉର ରହେମାନ, ସାହାବାଜ୍, ସେକ ଗୁଡୁ, ରାକେଶ ମହାପାତ୍ର, ଆୱାସ, ୱସିମ୍, ମେହେବୁବ୍ ଅଲ୍ଲୀ, ଫାୟାଜ୍, ଅଲି ଖାନ, ଜସ୍ମିନ୍, ତାଜ ମହମ୍ମଦ, ଇସମାଇଲ, ରିଙ୍କୁ, କରନ, ମୋଜୋ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

### ଅନିଲ ଶର୍ମା ଏବଂ ଉପେନ୍ଦ୍ରନାଥ ପୋଲେଇ ମେମୋରିଆଲ ଏକ ଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

# ସମ୍ବଲପୁରକୁ ହରାଇ ଝାରସୁଗୁଡ଼ା ଚାମ୍ପିଅନ୍



ବ୍ରଜରାଜନଗର (ଭାସ୍କର ନ୍ୟୁଜ): ରବିବାର ଦିନ ଓରିଏଣ୍ଟ କାଗଜ କଳ ଖେଳ ପଡିଆରେ ଅନିଲ ଶର୍ମା ଏବଂ ଉପେନ୍ଦ୍ରନାଥ ପୋଲେଇ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଏକ ଦିବସୀୟ ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିଲେ । ଫାଇନାଲ ଖେଳ ଓଏମ୍‌ପି ଝାରସୁଗୁଡ଼ା ଓ ସମ୍ବଲପୁର ରେଙ୍ଗାଲି ମଧ୍ୟରେ ହୋଇଥିଲା । ଟାଇବ୍ରେକର ଜରିଆରେ ଓଏମ୍‌ପି ଝାରସୁଗୁଡା ଚାମ୍ପିଅନ ହୋଇଛି । ରେଫେରି ଟାର୍ଜନ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା କ୍ରୀଡା ସଂଘର ଉପସଭାପତି ବ୍ରିଜେଶ ଶର୍ମା, ଦେବେନ୍ଦ୍ର ବର୍ମା ଅତିଥିଭାବେ ଯୋଗ ଦେଇଥିଲେ । ସଭାପତି ବିମଳେଶ ସିଂ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ବୀରେନ୍ଦ୍ର ସିଂ ବିବରଣୀ ପ୍ରଦାନ କରିଥିଲେ । ଫୁଟ୍‌ବଲ୍ ଖେଳାଳି ସପନ ମଜୁମଦାର, ସଞ୍ଜୀବ ଘୋଷ, ବୀରେନ୍ଦ୍ର ସିଂ, ଦେବାଶିଷ ମୁଖାର୍ଜୀ, କ୍ରିକେଟର ବ୍ରିଜେଶ ଶର୍ମାଙ୍କୁ ସମ୍ମାନିତ କରାଯାଇଥିଲା । ବିଜୟୀ ଦଳକୁ ଟ୍ରଫି ସହିତ ୧୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହିତ ୭ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ରଞ୍ଜନ ସିଂ, କିରୋଟି ମୁଖୀ, ଅଶୋକ ସିଂ, ସରୋଜ ପ୍ରଧାନ, ସନ୍ତୋଷ ରାୟ, ରବୀନ୍ଦ୍ର ରାୟ, ରାକେଶ ରାୟ, ଅରବିନ୍ଦ ଯାଦବ, ଶରତ ପ୍ରଧାନ, ରବୀନ୍ଦ୍ର ରାୟ ପ୍ରମୁଖ ସହଯୋଗ କରିଥିଲେ ।

### ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବିଜେଏମ୍‌ସିସି ବିଜୟୀ



ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଓ ମୟୁରଭଞ୍ଜ ଆଥ୍ଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ ବି ର ୯ମ ମ୍ୟାଚରେ ବିଜେଏମସିସି କ୍ଲବ ଜେକେସିସି କ୍ଲବକୁ ୪୪ ରନରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ବିଜେଏମସିସି ୨୪ ଓଭରରେ ସମସ୍ତ ୱିକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଚିନ୍ମୟ ପଣ୍ଡିତ ୫୮ ଓ ଲୋକନାଥ ପୃଷ୍ଟି ୨୫ ରନ କରିଥିବା ବେଳେ ବିପକ୍ଷ ଦଳର ଅଶ୍ୱନୀ ବେହେରା ୪ଟି ଓ ପ୍ରିତମ ପଣ୍ଡା ୩ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଜେକେସିସି ୧୭. ୪ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୯୮ ରନ ସଂଗ୍ରହ କରିପାରିଥିଲେ । ଦଳ ପକ୍ଷରୁ ପ୍ରିତମ ବେହେରା ୨୭ ଓ ହୃଷିକେଶ ଦଣ୍ଡପାଟ ୧୫ ରନ କରିଥିବା ବେଳେ ବିପକ୍ଷ ଦଳର ଲୋକନାଥ ପୃଷ୍ଟି ଓ ପୁରବ ରାଜେଶ ନନ୍ଦା ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଲୋକନାଥ ପୃଷ୍ଟି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଅମିତାଭ ପଟ୍ଟନାୟକ ଓ ଦିଲ୍ଲିପ କୁମାର ଦାସ ଖେଳ ପରିଚାଳନା କରିଥିଲେ । ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ, ସମାଜସେବୀ ଅମର କୁମାର ସେଠି ଓ କ୍ରିକେଟ ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମଙ୍ଗଳବାର ଗ୍ରୁପ ବିର ଶେଷ ମ୍ୟାଚ କରଞ୍ଜିଆ ଓ ମୟୁରଭଞ୍ଜ ରେଡ ମଧ୍ୟରେ ଖେଳାଯିବ ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି ।

# ଆରଏସ୍‌ପି ପକ୍ଷରୁ ଟୁର୍ଣ୍ଣାମେଣ୍ଟ ଆୟୋଜିତ: ସ୍ୱାଧୀନ କ୍ଲବ୍ ଚାମ୍ପିଅନ୍

ରାଉରକେଲା (ଭାସ୍କର ନ୍ୟୁଜ) : ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର କାଲଟା ଲୌହ ଖଣି (କେଆଇଏମ) ଏହାର ସିଏସଆର ପ୍ରୟାସ ଅଧୀନରେ କାଲ୍ଟା ଖେଳ ପଡ଼ିଆରେ ଜାନୁଆରୀ ୧୭ ଓ ୧୮ ତାରିଖରେ ଏକ ଦୁଇ ଦିନିଆ ପାର୍ଶ୍ୱାଞ୍ଚଳ ହକି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ଏହାର ଉଦଯାପନୀ ସମାରୋହରେ ବି ଆଇଏମ-ଟି ଆଇଏମ-କେ ଆଇଏମର ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ଜିଏମ ଏନ.ସି. ପଣ୍ଡା ଅଧ୍ୟକ୍ଷତା କରି ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଜାମୁଡିହିର ସ୍ୱାଧୀନ କ୍ଲବ୍, ୩-୦ ଗୋଲରେ ରକ୍ସି ଦଳକୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟର ବିଜେତା ହୋଇଥିବା ବେଳେ କାଲଟା ହାଇସ୍କୁଲ ଦଳ ଏବଂ




ଝିରପାଣି ଡୋଲଡିହା ତୃତୀୟ ଏବଂ ଚତୁର୍ଥ ସ୍ଥାନ ହାସଲ କରିଥିଲେ । ଏଥିରେ ବିଜେତା ଦଳକୁ ୧୦ ହଜାର, ଉପ ବିଜେତା ଦଳକୁ ୮ ହଜାର ଟଙ୍କା ସହିତ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକୁ ଯଥାକ୍ରମେ ୬ ହଜାର ଓ ୪ ହଜାର ଟଙ୍କା ସହିତ ସେମାନଙ୍କୁ ଟ୍ରଫି, ହକି ଗୋଲ କିପର କିଟ୍ ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ହକି ଷ୍ଟିକ୍, ଜର୍ସି ସେଟ୍ ଏବଂ ହକି ବଲ୍ ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଞ୍ଚଳର ସମୁଦାୟ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଏ ହ ି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ ବି ଆଇ ଏମ୍-ମାଇନିଂର ଜିଏମ ପିସି ବରୁଆ । ସିଭିଲ୍ ଏବଂ ସିଏସ୍‌ଆର୍ ବିଭାଗର ଏଜିଏମ ବି. ଦତ୍ତ ଏବଂ ଜଗନ୍ନାଥ ପାତ୍ର, ସିଭିଲ ବିଭାଗର ଜୁନିୟର ମ୍ୟାନେଜର ଏସ୍ କେ ବେହେରା ତଥା ବିରଞ୍ଚି ଦାସ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।



# ଆମ କଳାହାଣ୍ଡି





### /// ପୋଢ଼ବଳି ସହ ସରିଲା ନିୟମରଜା ପରବ ///

## ୧୧୨ ଗାଁରୁ ସାମିଲ ହେଲେ ଶହ ଶହ ଡଙ୍ଗରିଆ କନ୍ଧ ପରିବାର



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି-ରାୟଗଡ଼ା ଜିଲ୍ଲା ସୀମାନ୍ତ ନିୟମଗିରି ପର୍ବତ ଶିଖରରେ ଅନୁଷ୍ଠିତ ଡଙ୍ଗରିଆ କନ୍ଧଙ୍କ ନିୟମରଜା ପରବ ପୋଢ଼ବଳି ସହିତ ଉଦ୍‌ଯାପିତ ହୋଇଯାଇଛି। ପ୍ରାକୃତିକ ସମ୍ପଦରେ ଭରପୁର ନିୟମଗିରି ପର୍ବତକୁ ନିଜର ଆରାଧ୍ୟ ଭାବେ ଆଦିବାସୀ ସମୂହ ପୂଜା କରି ଆସୁଥିବାବେଳେ ପରବର୍ତ୍ତୀ ସମୟରେ ନିୟମଗିରି ଓ ନିୟମରଜାର ସୁରକ୍ଷା ପାଇଁ ଏହି ପରବ ଏକ ଆନ୍ଦୋଳନରେ ପରିଣତ ହୋଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ତିନିଦିନ ଧରି ଏହି ପରବ ପାଳିତ ହୋଇଥିବାବେଳେ ଏହାକୁ ନେଇ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ, ରାୟଗଡା ଜିଲ୍ଲାର ବିଷମକଟକ, କଲ୍ୟାଣସିଂହପୁର, ମୁନିଗୁଡ଼ା ଆଦି ଅଞ୍ଚଳରେ ବିଶେଷ କରି ନିୟମଗିରି ଉପରେ ବସବାସ କରୁଥିବା କୁଟିଆ, ଝରଣିଆ ଓ ଡଙ୍ଗରିଆ କନ୍ଧ ଜନଜାତିଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ନିୟମଗିରି ସୁରକ୍ଷା ସମିତିର ଆବାହକତ୍ୱରେ ଆୟୋଜିତ ଏହି ପରବରେ ସମିତିର ସଭାପତି ଲଦ ସିକୋକା, ଦଧି ପୁଷିକା, ଡ୍ରେଞ୍ଜୋ ସିକୋକାଙ୍କ ସମେତ ଜନଜାତି ସମୂହ ଗାଁର ଶହଶହ ପୁରୁଷ ନାରୀ ଏହି ପରବ ପାଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରବର ଉଦ୍‌ଘାଟନୀ ଦିବସରେ ଜାନୀ, ଦିଶାରୀ, ବେଜୁ, ବେଜୁଣୀଙ୍କ ଦ୍ୱାରା ଆଦିବାସୀଙ୍କ ଦେବଦେବୀ, ପୂର୍ବ ପୁରୁଷଙ୍କ ମଶାନ, ଡୁମାଙ୍କୁ ଆବାହନ କରାଯାଇଥିଲା। କୋଡିଏରୁ ଅଧିକ ଜନଜାତି ରମଣୀଙ୍କ ଦେହରେ କାଳେସୀ ଲାଗିବା ପରେ ପରେ ଢାପ ବାଦ୍ୟର ତାଳେତାଳେ ସେମାନେ ନୃତ୍ୟ କରିଥିଲେ। ଦ୍ୱିତୀୟ ଦିନରେ ଆଦିବାସୀ ସଂସ୍କୃତି ଓ ଜୀବନଚର୍ଯ୍ୟାର ସୁରକ୍ଷାକୁ ନେଇ ବୈଠକ ଓ ଆଲୋଚନା କରାଯାଇଥିଲା। ସେହିପରି ବିଳମ୍ବିତ ରାତି ଯାଏଁ ଉଭୟ ପୁରୁଷ ଓ ମହିଳା ନିୟମରଜାଙ୍କୁ ସନ୍ତୁଷ୍ଟ କରିବାକୁ ପୂଜା ଆସ୍ଥାନ ଚାରିପଟେ ବୁଲିବୁଲି ନୃତ୍ୟ କରିଥିଲେ। ଭଲ ଫସଲ ଅମଳ ହେବା, ସୁଖ, ଶାନ୍ତି ଓ ସମୃଦ୍ଧିର କାମନା କରି ଆଦିବାସୀ ଧାଙ୍ଗଡ଼ା ଧାଙ୍ଗଡ଼ିମାନେ ଉଲ୍ଲସିତ ହୋଇ ନୃତ୍ୟ କରିଥିଲେ। ଦ୍ୱିତୀୟ ଦିନର କ୍ଳାନ୍ତି ଅପସରି ଯିବାପରେ ତା'ପର ଦିନ ସକାଳ ୭ଟା ସମୟରେ ଜାନୀ, ଦିଶାରୀ ଓ ଆୟୋଜକଙ୍କ ଉପସ୍ଥିତିରେ ନିୟମରଜାଙ୍କ ଉଦ୍ଦେଶ୍ୟରେ ପୋଢ଼ବଳି ଦିଆଯାଇଥିଲା। ନିୟମରଜାଙ୍କ ଉଦ୍ଦେଶ୍ୟରେ ସମର୍ପିତ ପୋଢ଼କୁ ସାମୁହିକ ଭାବେ ଆଘାତ କରି ଉତ୍ସର୍ଗ କରାଯାଇଥିଲା। ବଳି ପରେ ଦୂର ଦୁରାନ୍ତରରୁ ଆସିଥିବା ଆଦିବାସୀ ଯୁବକ ଯୁବତୀ ଓ ଗାଁ ଲୋକେ ପ୍ରସାଦ ଧରି ନିଜ ନିଜ ଗାଁକୁ ଫେରିଯାଇଥିଲେ। ଏହି ପରବକୁ ନେଇ ଉଭୟ କଳାହାଣ୍ଡି ଓ ରାୟଗଡ଼ା ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ଆଦିମ ଆଦିବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା। ସେହିପରି ଏହି ପରବରେ ସାମିଲ ହେବାକୁ କଳାହାଣ୍ଡି, ରାୟଗଡା ସମେତ ବଲାଙ୍ଗୀର, ବରଗଡ଼, ସମ୍ବଲପୁର ଆଦି ଜିଲ୍ଲା ଏବଂ ରାଜ୍ୟ ବାହାରୁ ମଧ୍ୟ ବହୁସଂଖ୍ୟକ ବୁଦ୍ଧିଜୀବୀ, ପରିବେଶବିତ, ଛାତ୍ରଛାତ୍ରୀ, ଗବେଷକ, ୩୦ରୁ ଊର୍ଦ୍ଧ୍ୱ ଜନ ସଂଗଠନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସମାଗମ ହୋଇଥିଲା। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ଇଜୁରୂପା ଗାଁରୁ ପାହାଡ଼ ଚଢିବା ସହିତ ପ୍ରାୟ ୪୯୦୦ ଫୁଟ ଉଚ୍ଚ ନିୟମଗିରି ଶିଖରରେ ଥିବା ନିୟମରଜାଙ୍କ ପୂଜା ଆସ୍ଥାନ ଅମଲାଭଟାରେ ଲୋକେ ରୁଣ୍ଡ ହୋଇଥିଲେ। ପରବ ଆୟୋଜକଙ୍କ ବ୍ୟତୀତ ଶହଶହ ସଂଖ୍ୟାରେ ଲୋକେ ପାହାଡ଼ ଚଢ଼ା କଷ୍ଟ ସତ୍ତ୍ୱେ ଏଥିରେ ସାମିଲ ହୋଇ ଲୁପ୍ତପ୍ରାୟ ଜନଜାତିଙ୍କ ଏହି ସଂସ୍କୃତି ଓ ପରମ୍ପରାକୁ ଅବଲୋକନ କରି ଅଭିଭୂତ ହୋଇଥିଲେ।

### ଷଷ୍ଠ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ....

## ଭବାନୀପାଟଣାର ୩ ଶିଶୁ କଳାକାର ପୁରସ୍କୃତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଅରବିନ୍ଦ ଆର୍ଟ ଓ କ୍ରାଫ୍ଟ ସ୍କୁଲର ତିନିଜଣ ଛାତ୍ରଛାତ୍ରୀ ଭୁବନେଶ୍ୱର ଠାରେ ଆୟୋଜିତ 'ଷଷ୍ଠ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ-୨୦୨୫'ରେ ପୁରସ୍କୃତ ହୋଇ କଳାହାଣ୍ଡି ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି। ଭବାନୀପାଟନା ଠାରେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ରାଜ୍ୟ ପୁରସ୍କାର ପାଇଁ ଅବସର ଗ୍ରହଣ କରିଥିବା କୃତୀ ଶିକ୍ଷକ ଗୁରୁ ମୁକୁନ୍ଦ ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଶ୍ରୀ ଅରବିନ୍ଦ ଆର୍ଟ ଓ କ୍ରାଫ୍ଟ ସ୍କୁଲରେ ପଢୁଥିବା ସର୍ଜନ ରଥ, ପ୍ରତ୍ୟୁଷା ନାୟକ ଓ ରବିଶଙ୍କର ପଣ୍ଡା ଏହି ରାଜ୍ୟସ୍ତରୀୟ ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି। ଏହି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁ, ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଶିଳ୍ପୀ ବିନୋଦ ମହାରଣା, ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଧଉଳି ସରପଞ୍ଚ ଚନ୍ଦନ କୁମାର ମଲ୍ଲିକ, ଅନୁଷ୍ଠାନର ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିଜେତା ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କଳାହାଣ୍ଡିର ଏହି ଶିଶୁ ଶିଳ୍ପୀମାନଙ୍କ କୃତିତ୍ୱ ପାଇଁ ଆର୍ଟ ଓ କ୍ରାଫ୍ଟ ସ୍କୁଲର ଅଧ୍ୟକ୍ଷ ଗୁରୁ ମୁକୁନ୍ଦ ରେଡ୍ଡି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବଣିକ ସଂଘ ସଭାପତିଙ୍କୁ ଦୁର୍ବ୍ୟବହାର ନେଇ ତୀବ୍ର ପ୍ରତିକ୍ରିୟା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଭବାନୀପାଟଣା ସହର ଏବଂ ସହରତଳି ଅଞ୍ଚଳରେ କ୍ରମାଗତଭାବେ ଚୋରି ଘଟଣା ସାଧାରଣ ଲୋକଙ୍କ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। କେବଳ ସେତିକି ନୁହେଁ ଗତ ସପ୍ତାହରେ ୭ଟି ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚୋରମାନେ ନଜର ପକାଇଥିଲେ। କେଉଁଠି ସଟର ତାଡି ଦୋକାନ ଭିତରେ ପଶୁଛନ୍ତି ତ ଅନ୍ୟ କେତେକ ଦୋକାନ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ଏମିତି କି ଦୁଇଟି ଗହଣା ଦୋକାନରୁ ଗ୍ରାହକ ରୂପେ ଆସି ଚତୁରତାର ସହିତ ସୁନା ଚୋରାଇ ଫେରାର ମାରିଛନ୍ତି ଚୋରମାନେ। ସବୁ ଚୋରି ମାମଲାର ସିସି ଟିଭି ଫୁଟେଜ ରହିଛି। ପୋଲିସରେ ଏତଲା ମଧ୍ୟ ଦିଆଯାଇଛି। ବ୍ୟବସାୟୀମାନେ ଏକ ପ୍ରକାର ଆତଙ୍କିତ ହେବାପରେ ବିଭିନ୍ନ ସମୟରେ କଳାହାଣ୍ଡି ବଣିକସଂଘ ସଭାପତି ବିଜୟ ସାହୁ ଏବଂ ଅନ୍ୟ ଚୋରି ଯାଇଥିବା ଦୋକାନୀମାନେ ଏସ୍‌ପି ଅଭିଲାଷ ଜୀଙ୍କୁ ଭେଟିଛନ୍ତି। ଗତ ଶୁକ୍ରବାର ଦିନ ପୁନର୍ବାର ଏସ୍‌ପିଙ୍କୁ ବଣିକ ସଂଘ ସଭାପତି ଓ କିଛି ବ୍ୟବସାୟୀ ଭେଟି ସେମାନଙ୍କ ଦୁଃଖ ଜଣାଇବା ପୂର୍ବରୁ ହଠାତ ଏସ୍‌ପି ଅଭିଲାଷ ଜୀ ବଣିକ ସଂଘ ସଭାପତି ବିଜୟ ସାହୁଙ୍କୁ ଦୁର୍ବ୍ୟବହାର କରିଥିବା ବିଷୟ ବ୍ୟବସାୟୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ବଣିକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସହରରେ ଚୋରି ବୃଦ୍ଧି କାରଣରୁ ଆତଙ୍କିତ ସହରବାସୀଙ୍କ ସୁରକ୍ଷା ସମ୍ପର୍କରେ ଜଣାଇଥିଲେ। ଏହା ସହିତ ସଂଘ ସଭାପତିଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କ ଅଶାଳୀନ ବ୍ୟବହାର ପ୍ରସଙ୍ଗ ମଧ୍ୟ ଗଣମାଧ୍ୟମକୁ ଜଣାଇଥିଲେ। ମୁଖ୍ୟ କଥା ହେଲା ଟାଉନ ଥାନା ସମେତ ଅଧିକାଂଶ ଥାନାର ପରିସ୍ଥିତି ଏବେ ଦିନକୁ ଦିନ ବିଗୁଡୁଛି।





ଠିକ୍ ସେ ଏତାଲା ରଖୁନାହାନ୍ତି। ଏତାଲା ରଖିଲେ ରେଜିଷ୍ଟ୍ରେସନ ହେବା ବିଳମ୍ବ ଘଟୁଛି। ଅପରାଧିମାନେ ଅପରାଧ ଘଟାଇବା ଖବର ପାଇଲେ ମଧ୍ୟ ଷ୍ଟାଫ୍ ନାହାନ୍ତି ଆଳ ଦେଖାଇ ଠିକ ସମୟରେ ପୋଲିସ ପହଞ୍ଚି ପାରୁନି ବୋଲି ଅଭିଯୋଗ ହୋଇଛି। ଲୋକଙ୍କ ପୋଲିସ ଉପରେ ଭରସା ତୁଟି ଯାଉଛି। ପ୍ରଥମ କଥାଟି ହେଲା ଥାନାରେ ପୋଲିସ ଯଦି ଉଚିତ ନ୍ୟାୟ ଦେବାରେ ସାମାନ୍ୟତମ ଉଦ୍ୟମ କରିଥାଆନ୍ତା ଏସ୍‌ପିଙ୍କ ପର୍ଯ୍ୟନ୍ତ ଯିବାକୁ ପଡିନଥାନ୍ତା। ଥାନାରେ ପୋଲିସ ଅଭିଯୋଗ ଶୁଣିବାର ଧୈର୍ଯ୍ୟ ରଖିପାରୁନଥିବା ଯେତିକି ଦୁର୍ଭାଗ୍ୟଜନକ ତାହାଠାରୁ ଅଧିକ ଅସହାୟ ପରିସ୍ଥିତି ସୃଷ୍ଟି ହେଉଛି। ତଦନ୍ତ ପ୍ରକ୍ରିୟାରେ ଶିଥିଳତାଭାବ କାରଣରୁ ଅପରାଧୀ ଧରା ପଡୁନାହାନ୍ତି। ଏଜ ମୋବାଇଲ ଦୋକାନରୁ ୫୦ଲକ୍ଷ ଟଙ୍କାର ମୋବାଇଲ ଚୋରିଯିବା ପରେ ଠିକଣା ସମୟରେ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ନଥିଲା। ପରେ ବହୁ କଷ୍ଟରେ ଝାରଖଣ୍ଡ ଅଞ୍ଚଳରୁ ଚୋରଙ୍କୁ ଧରିଥିଲା ସତ କିନ୍ତୁ ଗୋଟିଏ ବି ମୋବାଇଲ ଉଦ୍ଧାର ହୋଇପାରିଲାନି। ବରଂ ୫୦ଲକ୍ଷ ଟଙ୍କାର ଚୋରି ଘଟଣାରେ ଦୋକାନରେ ବଳକା ଥିବା ମୋବାଇଲକୁ ଜବତ କରାଯାଇଛି ବୋଲି ପୋଲିସ ଦେଖାଇବା କଥା ଦୋକାନ ମାଲିକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଆସନ୍ତା ୫ଦିନ ମଧ୍ୟରେ ସହର ତଥା ଜିଲ୍ଲାରେ ଚୋରି ଡକାୟତି ଭଳି ଅପରାଧ ଯଦି ନିୟନ୍ତ୍ରଣକୁ ନ ଆସେ ତେବେ ବଣିକ ସଂଘ ତରଫରୁ ବିଚାର କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ବଣିକ ସଂଘ ସଭାପତି ବିଜୟ ସାହୁ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି। କଳାହାଣ୍ଡି ଏସ୍‌ପି ଅଭିଲାଶ ଜୀଙ୍କୁ ଯୋଗାଯୋଗ କରିବାରେ ସେ କହିଛନ୍ତି ଯେ ଇତିମଧ୍ୟରେ ଯେତେ ଚୋରି ଘଟଣା କଥା କୁହାଯାଉଛି ସେଥିରେ କିଛି ବିଶେଷ କ୍ଷତି ହୋଇନାହିଁ। କିନ୍ତୁ ଚୋରି ଉଦ୍ୟମ କରିବା କିମ୍ବା ମୋଡ଼ ଅଫ ଅପରେସନକୁ ଦୃଷ୍ଟିରେ ରଖି ପୋଲିସ କାର୍ଯ୍ୟ କରୁଛି। ବଣିକ ସଂଘ ସଭାପତିଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗରେ ସେ କହିଲେ ଯାହା ଦୋକାନରୁ ଚୋରି ଯାଇଛି ସେମାନେ ସିଧାସଳଖ ମୋ ସହିତ ଯୋଗାଯୋଗ କରିବା ପରିବର୍ତ୍ତେ ସଂଘ ସଭାପତି ବାରମ୍ବାର ଆସିବାରୁ ମୁଁ ବାହାରକୁ ଯାଆନ୍ତୁ କହିଲି ବୋଲି ପ୍ରକାଶ କରିଥିଲେ।

## ଲକ୍ଷପତି ଦିଦି ତାଲିମ କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ ଟଙ୍କାର ଘୋଟାଲା ଅଭିଯୋଗ



ନର୍ଲା (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ୨୬ ଗୋଟି ଗ୍ରାମ ପଞ୍ଚାୟତରେ ୨୬ଟି ଜିପିଏଲ୍‌ଏଫ ରହିଛି। ପ୍ରତି ଜିପିଏଲ୍‌ଏଫରେ ଜଣେ ଲେଖାଏଁ ଏମବିକେ ନିଯୁକ୍ତି ହୋଇଛନ୍ତି। ଏହି ସବୁ ଏମବିକେ ମାନେ ଗ୍ରାମ ପଞ୍ଚାୟତ ସ୍ତରରେ ସିଆରପିସିଏମ ମାନଙ୍କୁ ନେଇ ଗ୍ରାମ ପଞ୍ଚାୟତ ସ୍ତରରେ ଗଠନ କରାଯାଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପ୍ରତ୍ୟେକ କାର୍ଯ୍ୟ ତଦାରଖ କରିବା ସହ ସମସ୍ତ ସରକାରୀ ଯୋଜନାକୁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ପାଇଁ ଏମାନଙ୍କ ଭୂମିକା ରହିଛି। କିନ୍ତୁ ନର୍ଲା ବ୍ଲକରେ କିଛି ହାତ ଗଣତି ପାଞ୍ଚ ରୁ ଛ ଜଣ ଏମ୍‌ବିକେ ଇନ୍ଦ୍ର ଚନ୍ଦ୍ର ମାନୁ ନ ଥିବା ସିଆରପିସିଏମ, ଇସି ମେମ୍ବର ଓ ସଂଘ ସହାୟକ ଗୋଷ୍ଠୀର ମହିଳା ମାନେ ଦୀର୍ଘ ଦିନ ଧରି ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ତାଙ୍କ ବିପକ୍ଷରେ କୌଣସି ପ୍ରକାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। କାରଣ ଏମାନେ ବିଭିନ୍ନ ସମୟରେ ଉପରିସ୍ଥ ଅଧିକାରୀ ଓ ଜିପିଏଲ୍‌ଏଫ ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ହାତ ବାରିଶି କରି ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ କରି ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି। ଉଦାହରଣ ସ୍ୱରୂପ ଚଳିତ ୨୦୨୪ - ୨୫ ମସିହାରେ ଲକ୍ଷପତି ଦିଦି ମାନଙ୍କୁ ତାଲିମ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ପ୍ରତି ପଞ୍ଚାୟତକୁ ପାଖାପାଖି ୨୦,୦୦୦ /- ଟଙ୍କା ଖର୍ଚ୍ଚ ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଏହି ସରକାରୀ ଅର୍ଥକୁ କିଛି ଦୁର୍ନୀତି ରାଣୀ ଏମବିକେ ମାନେ ଖର୍ଚ୍ଚ ନ କରି ମିଥ୍ୟା ବିଲ ଭାଉଚର୍ ତିଆରି କରି ଏକ ଫାଙ୍କା ଲେଖା ବିହୀନ ବିନିଯୋଗ ପତ୍ର ମାନଙ୍କରେ ସିଆରପିସିଏମ, ଇସି କର୍ମୀ, ସଂଘ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଜୋର୍ ଜବରଦସ୍ତି ଧମକ ଚମକ୍ ଦେଇ ନାଲି ଆଖି ଦେଖାଇ ଦସ୍ତଖତ କରାଇଥିବା ଅଭିଯୋଗ ହୋଇଛି। ଏପରିକି ମାଣ୍ଡେଲ ଓ ସର୍ଗିଗୁଡା ପଞ୍ଚାୟତରେ ଲେଖା ବିହୀନ ବିନିଯୋଗ ପତ୍ରରେ ଦସ୍ତଖତ ନ କଲେ ଚାକିରିରୁ ବାହାର କରି ଦିଆଯିବ ବୋଲି ଇସି ଓ ସିଆରପିସିଏମ ମାନଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ସଙ୍ଗୀନ ମାମଲା ସମଗ୍ର ବ୍ଲକରେ ଚାଲିଥିବା ବେଳେ ମାଣ୍ଡେଲ ଗ୍ରାମ ପଞ୍ଚାୟତରେ ଲକ୍ଷପତି ଦିଦି ତାଲିମ ଅର୍ଥ ଘୋଟାଲା ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଏଣୁ ନର୍ଲା ବ୍ଲକରେ ଲକ୍ଷପତି ଦିଦି ତାଲିମ ପାଇଁ ଆସିଥିବା ସରକାରୀ ଅର୍ଥକୁ କିଛି ଅଧିକାରୀ ଓ ଲାଭଖୋର ଏମବିକେ ମାନେ ମିଳିମିଶି ଚଲୁ କରିଥିବା ଅଭିଯୋଗ ହୋଇଛି। ଏଣୁ ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ସହ ହୋଇଥିବା ମହା ଘୋଟାଲାର ଭିଜିଲାନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ଅନେକ ଦୁର୍ନୀତି ଖୋର କର୍ମଚାରୀ ଓ ଅଧିକାରୀଙ୍କ ଅସଲ ମୁଖା ଲୋକ ଲୋଚନକୁ ଆସିବ ବୋଲି ସିଆରପିସି ଓ ଇସି ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : ଗୋଳାମୁଣ୍ଡା ବ୍ଲକ ଘଟିଆ ବ୍ରିଜ ନିକଟରେ ଏକ ମର୍ମନ୍ତୁକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ଭବାନୀପାଟଣା ଥାନା ଅନ୍ତର୍ଗତ ଦେପୁର ଗ୍ରାମର ସୁରେନ୍ଦ୍ର କୁମାର ଜାନି(୩୦) ବୋଲି ଜଣାପଡ଼ିଛି। ମୃତକ ଜଣକ କୌଣସି କାମରେ ଗୋଳାମୁଣ୍ଡାରୁ ଫେରୁଥିବା ବେଳେ ଘଟିଆ ନିକଟରେ ଥିବା ବ୍ରିଜ ଉପରେ ସମାନ ପଟୁ ଆସୁଥିବା ବାଇକ ଚାଳକ ଓଭରଟେକ କରିବା ସମୟ ହଠାତ ଧୋକା ହୋଇଥିଲା। ତେବେ ମୃତକ ଜଣକଙ୍କ ହୋଣ୍ଡା ସାଇନ ଗାଡି ନମ୍ବର ଓ ଆର ଡି ପି -୧୭୬୬ ଭାରସାମ୍ୟ ହରାଇ ଥିବା ବେଳେ ମୃତ ସୁରେନ୍ଦ୍ର ବ୍ରିଜ ବାଡ଼ ରେ ଛିଟିକି ପଡି ଥିଲେ। ଘଟଣା ସ୍ଥଳରେ ହିଁ ସୁରେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଓ ଡି ୦୮ଙ୍ଗ୮୨୯୬ ବାଇକ ଚାଳକ କିର୍କାକାନି ଗ୍ରାମର ସୁଦାମ ଗୁରୁ ଗୁରୁତର ଆଘାତ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଡାକ୍ତର ଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳ କୁ ଆସି ମୃତ ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରୁଛି।

## ନାହାନ୍ତି ବ୍ଲକ କନିଷ୍ଠ ଯନ୍ତ୍ରୀ: ହୋଇପାରୁନି ଗ୍ରାମାଞ୍ଚଳ ଉନ୍ନତୀ ମୂଳକ କାର୍ଯ୍ୟ

କେସିଙ୍ଗା, ( ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଜିଲ୍ଲାର ପ୍ରମୁଖ ବ୍ଲକ ମଧ୍ୟରୁ ଅନ୍ୟତମ। ଏଠାରେ ବ୍ଲକ ପରିସରରେ ବିଡ଼ିଓଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ରହିବା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଘର ନିର୍ମାଣ କରିଛନ୍ତି। ସମୁଦାୟ ପରିସରରେ ୧୩ ଗୋଟି ଘର ଥିଲେ ମଧ୍ୟ ୭ ରୁ ୮ ଘରରେ ତାଲା ପଡିଛି । ବାହାରେ କୁକୁର ମାନେ ଶୋଇ ରହୁଛନ୍ତି । ନିଜେ ବିଡ଼ିଓ ବ୍ଲକ ପରିସରରେ ରହୁଥିବା ବେଳେ ବ୍ଲକର ଜେଇ ମାନେ କେସିଙ୍ଗା ବ୍ଲକ ପରିସରରେ ଥିବା କ୍ୱାର୍ଟରରେ ନ ରହି କିଏ ଭଡାଘରେ ତ କିଏ ସୁଦୂର ୩୫ କିମି ଦୂର ଭବାନୀପାଟଣାରେ ରହୁଛନ୍ତି। ଯିଏ ଭବାନୀପାଟଣାରେ ରହୁଛନ୍ତି ସେମାନେ କେବେ ବ୍ଲକକୁ ଆସୁଛନ୍ତି ତ କେବେ ଆସୁନାହାନ୍ତି ଫୋନ୍ କଲେ କେବଳ ଶୁଣିବାକୁ ମିଳୁଛି ସାଇଡରେ ଅଛୁ। ସମସ୍ତ ସୁବିଧା ଥାଇ କନିଷ୍ଠ ଯନ୍ତ୍ରୀ ମାନେ କେସିଙ୍ଗାରେ ନ ରହି ବାହାନା କରି ଭବାନୀପାଟଣାରେ ରହିବା ନିହାତି ପକ୍ଷେ ଚିନ୍ତାର ବିଷୟ ହୋଇଥିବା ବେଳେ ଜଣେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ୫ ରୁ ୬ ପଞ୍ଚାୟତର ଦାୟୀତ୍ୱ ଦିଆଯାଇଛି। ଭବାନୀପାଟଣାରେ ରହି ଏତେ ଗୁଡ଼ାଏ ପଞ୍ଚାୟତର କାମ କିପରି ଚାଲିଛି ତାହା ବର୍ତ୍ତମାନ ଜିଜ୍ଞାସାର ବିଷୟ। ଉଦାହରଣର ବିଷୟ କିଛିଦିନ ତଳେ ତୂର୍ଲା ଖମନ୍ ଗ୍ରାମର କୁଇକଟା ଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଏକ ଗାଧୁଆ ତୁଠ ନିର୍ମାଣ କରିଥିଲେ । ହେଲେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଦିନେ ହେଲେ ଉକ୍ତ କାର୍ଯ୍ୟରେ ଉପସ୍ଥିତ ହେଲେ ନାହିଁ । ଫଳରେ ଠିକାଦାର ଜାଣି ଶୁଣି କାର୍ଯ୍ୟକୁ ନିମ୍ନମାନର କାର୍ଯ୍ୟ କରିଥିଲେ । ପର ମୁହୂର୍ତରେ ସେହି ଗାଧୁଆ ତୁଠ ଭୁଶୁଡ଼ି ଗଲା । ଏଥିପାଇଁ ଦାୟୀ କିଏ ? ତେଣୁ ଉକ୍ତ ବିଷୟ ଉପରେ କେସିଙ୍ଗା ବିଡ଼ିଓ ସିଦ୍ଧେଶ୍ୱର ମେହେରଙ୍କ ମତାମତ ନେବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ହୋଇ ପାରିନଥିଲା।

## ବସନ୍ତ ଆଗମନର ବାର୍ତ୍ତାବହ ପଳାସ ଫୁଲ !



ଧର୍ମଗଡ଼, (ଭାସ୍କର ନ୍ୟୁଜ) : ମହକ ନଥିଲେ ବି ଏହାର ଲୋଭନୀୟତା ବେଶି। ସୁନ୍ଦର ଯେତିକି ଗୁଣବତା ବି ସେତିକି ରହିଛି। ପଳାସ ଫୁଲ ସାଧାରଣ ଭାବେ ତିନି ପ୍ରକାର ପ୍ରଜାତି ରହିଛି। ହଳଦିଆ, ନାରଙ୍ଗୀ, ଗାଢ଼ ନାରଙ୍ଗୀ। ହେଲେ ହଳଦିଆ ଓ ଗାଢ଼ ନାରଙ୍ଗୀ ରଙ୍ଗ ଫୁଲ ଆଉ ଦେଖିବାକୁ ମିଳୁନାହିଁ। କେବଳ ସାଧାରଣ ଭାବେ ନାରଙ୍ଗୀ ରଙ୍ଗ ଏବେ ସବୁଠି ଦେଖିବାକୁ ମିଳେ। ଗଛଟି ମଧ୍ୟମ ଆକାର ହୋଇଥାଏ। ଏହି ଫୁଲ ସହ ଧରିତ୍ରୀରେ ବସନ୍ତ ଋତୁ ଆଗମନ ସାମଞ୍ଜସ୍ୟ ଥିବା କୁହାଯାଏ। ପଳାସ ଫୁଲ ଫୁଟିବା ମାତ୍ରକେ ବସନ୍ତ ଋତୁ ଆଗମନ ହୋଇଥିବା ସୂଚନା ମିଳେ। ଋତୁ ମଧ୍ୟରେ ବସନ୍ତ ଋତୁ ଶ୍ରେଷ୍ଠ ଥିବାବେଳେ ଧରଣୀକୁ ଆଗମନ ପୂର୍ବରୁ ପଳାସ ଫୁଲ ଓ ସେମେଲ ଫୁଲ ସ୍ୱାଗତ କରିବା ସୂଚନା ଦେଉଥିବା କୁହାଯାଏ। ତେବେ ପଳାସ ଫୁଲକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଏ। କୁହାଯାଏ ଶିବଙ୍କ ବରଦାନରେ ସୃଷ୍ଟି ପଳାସ ଫୁଲ। ଶିବ ଧ୍ୟାନ ମଗ୍ନ ଥିବାବେଳେ କାମଦେବ ଫୁଲବାଣ ମାରିଥିଲେ। ଏହି ସମୟରେ ଶିବ ନିଜ ତ୍ରିନେତ୍ର ଖୋଲି ଥିଲେ ଯାହାଫଳରେ କାମଦେବ ଭସ୍ମୀଭୂତ ହୋଇଥିବା ପୁରାଣରେ ବର୍ଣ୍ଣିତ ହୋଇଥିବା ଅନେକ ମତ ଦିଅନ୍ତି। ସେତେବେଳେ କାମଦେବ ପଳାସ ଗଛ ତଳେ ଥିଲେ। ସେଥିପାଇଁ ଶିବଙ୍କ ନେତ୍ରରେ କାମଦେବ ଭସ୍ମିଭୂତ ହେବାସହିତ ପଳାସ ଗଛ ମଧ୍ୟ ପୋଡ଼ିଯାଇଥିଲା। କିନ୍ତୁ ଗଛର କିଛି ଅଂଶ ରହିଯାଏ। ଗଛଟି ଆକୁତି ମିନତି ସହ ପ୍ରଭୁଙ୍କୁ ବଞ୍ଚିବାକୁ ଗୁହାରି କରେ। ପ୍ରଭୁଙ୍କୁ ଦୟା ଆସେ ଓ ଆଜି ଠୁ ମୋ ନେତ୍ର ଭଳି ତୋ ଆକାର ମଧ୍ୟ ତ୍ରିସ୍ତମ୍ଭ ଭଳି ହେବ। ଏପରିକି ତ୍ରିରଙ୍ଗ ବର୍ଣ୍ଣ ଶୋଭିତ ଧରଣୀରେ ଶୋଭା ପାଇବ। ତୋ ଆଗମନରେ ଦେବାଦେବୀଙ୍କ ମନରେ ଉତ୍ସାହ ଦେଖା ଦେବା ସହ ତୋତେ ଆଦର ସହ ନିଜ ପୂଜାର୍ଚ୍ଚନାରେ ଗ୍ରହଣ କରିବେ ବୋଲି ଶିବ ବରଦାନ ଦେଇଥିବା କୁହାଯାଏ। ଅନ୍ୟପଟେ ଅନେକ ଲୋକଙ୍କ କହିବା ମତରେ ପଳାସ ଫୁଲର ଆଗମନ ଦେଖି କୋଇଲି ଉତ୍ସାହିତ ହୋଇଉଠେ ଓ ଗୀତଗାଇବା ସେହି ଦିନରୁ ଆରମ୍ଭ କରିଥାଏ ବୋଲି ଲୋକେ କୁହନ୍ତି। ସେଭଳି ବସନ୍ତ ଋତୁରେ ଦେବାଦେବୀ ମାନେ ପଳାସ ଗଛ ତଳେ ରାତିରେ ଆଶ୍ରୟ ନେଇଥାନ୍ତି। ବିଶେଷ କରି ପ୍ରେତର ଆଶ୍ରୟ ସ୍ଥଳୀ ହୋଇଥିବା କୁହାଯାଉଥିବା ବେଳେ ଏବେ ବି ଅଧିକାଂଶ ପଳସା ଗଛ ତଳେ ଦେବାଦେବୀଙ୍କୁ ପ୍ରାୟ ପୂଜାର୍ଚ୍ଚନା କରିବା ଦେଖିବାକୁ ମିଳେ। ପଳାସ ଫୁଲର ଗୁଣବତା କହିଲେ, ଏହି ଫୁଲରେ ଚର୍ମରୋଗ ଦୂର ହେବା ବେଳେ ଔଷଧ ମଧ୍ୟ ଏଥିରୁ ତିଆରି ହୋଇଥାଏ। ବିଶେଷ ଭାବେ ଏହି ଫୁଲକୁ ଘର ଭିତରେ ରଖିଲେ ବସନ୍ତ ରୋଗ ପ୍ରବେଶ କରିପାରୁନଥିବା ବିଶ୍ୱାସ ରହିଛି। ଅନ୍ୟପଟେ ଏହାର ଚାହିଦା ବି ଢେର ବେସି ରହିଛି। ଏହି ଫୁଲକୁ ଲୋକେ ବିକ୍ରି କରି ଦି ପଇସା ପାଇଥାନ୍ତି। ତେବେ ସୁଗନ୍ଧ ବିହୀନ ହୋଇଥିଲେ ବି ପଳାସ ଫୁଲ ମହାନତା ଅତି ଲୋଭନୀୟ ଏଥିରେ ଦ୍ୱିଧା ନାହିଁ।

## ରାଶିଫଳ

**ମଙ୍ଗଳବାର, ୨୫ ଫେବୃଆରୀ ୨୦୨୫**



**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ। ଅଫିସ୍ କିମ୍ବା କାର୍ଯ୍ୟକ୍ଷେତ୍ରରେ ଏକ ଚାପଗ୍ରସ୍ତ ପରିସ୍ଥିତି ହୋଇପାରେ।



**ବୃଷ:** ଶୀଘ୍ର କୈଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ଭ୍ରମଣ ଯୋଗ ମଧ୍ୟ ଅଛି।



**କର୍କଟ:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ।



**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ। ଗଣ୍ଠି ଯନ୍ତ୍ରଣା ମଧ୍ୟ ଆପଣଙ୍କୁ କଷ୍ଟ ଦେଇପାରେ ।



**ତୁଳା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ। ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିପାରିବ।



**ବିଛା:** ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ସନ୍ଧ୍ୟାରେ ଅତିଥିମାନଙ୍କ ଆଗମନ ସହିତ ଘରର ପରିବେଶ ମଧ୍ୟ ସୁଖଦ ରହିବ। ଅଟକିଯାଇଥିବା ଟଙ୍କା ହଠାତ୍ ଫେରସ୍ତ ହୋଇପାରେ।



**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ ।



**ମକର:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ। କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହୋଇପାରିବ। ବିବାହିତ ଲୋକମାନେ ସୁଖ ପାଇପାରିବେ। ପ୍ରେମ ବଢ଼ିବ।



**କୁମ୍ଭ:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



ପ୍ରସ୍ତୁତି


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯